বিশেষাঙ্ক

ବିଶେଷାଙ୍କ

ISSN-0971-8397

# ଯୋଜନା

ଅକ୍ଟୋବର ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା

150 YEARS OF CELEBRATING THE MAHATMA



## ଅମୂଲ୍ୟ ଐତିହ୍ୟ

ସ୍ୱଦେଶୀ ଓ ସ୍ୱରାଜର ଆଗାମୀ ସମ୍ଭାବନା
ସୁଦର୍ଶନ ଆୟେଙ୍ଗର

ବିକଳ୍ପ ଦୃଷ୍ଟିଭଙ୍ଗୀ
ଏମ.ପି. ମାଥାଇ

ନିଃସ୍ୱାର୍ଥପର ଚେତନା
ପ୍ରେମ ଆନନ୍ଦ ମିଶ୍ର

ଫୋକସ୍
ଜନଶକ୍ତି ମାଧ୍ୟମରେ ପରିବର୍ତ୍ତନ
ପି.ଏ ନଜରେଥ

ବିଶେଷ ପ୍ରସଙ୍ଗ
ଜଳୁଛି ସ୍ୱଚ୍ଛାଗ୍ରହର ସଳିତା
ଅକ୍ଷୟ ରାଉତ

# ଭାରତର ରାଷ୍ଟ୍ରପତିଙ୍କ ଚୟନିତ ଭାଷଣ ସମ୍ପର୍କିତ ପୁସ୍ତକ ବିମୋଚନ କଲେ ଉପରାଷ୍ଟ୍ରପତି




*ନୂଆଦିଲ୍ଲୀଠାରେ ସେପ୍ଟେମ୍ବର ୬ ତାରିଖ ୨୦୧୯ ଦିନ ଭାରତର ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ଚୟନିତ ଭାଷଣ ସମ୍ବଳିତ ଦୁଇଟି ପୁସ୍ତକକୁ ଉପରାଷ୍ଟ୍ରପତି ଶ୍ରୀ ଏମ୍. ଭେଙ୍କେୟା ନାଇଡୁ ବିମୋଚିତ କରିଥିଲେ ।*

ଭାରତର ରାଷ୍ଟ୍ରପତିଙ୍କ ଚୟନିତ ଭାଷଣ ସମ୍ବଳିତ ଦୁଇଟି ପୁସ୍ତକକୁ ଭାରତର ଉପରାଷ୍ଟ୍ରପତି ଶ୍ରୀ ଏମ୍. ଭେଙ୍କେୟା ନାଇଡୁ ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଭାରତୀୟ କେନ୍ଦ୍ର ଠାରେ ଗତ ସେପ୍ଟେମ୍ବର ୬ ତାରିଖ ଦିନ ବିମୋଚିତ କରିଥିଲେ । ପୁସ୍ତକ ଦୁଇଟି ହେଉଛି– 'ଦ ରିପବ୍ଲିକାନ୍ ଏଥିକ୍ (ଭଲ୍ୟୁମ୍–୨)' ଓ 'ଲୋକତନ୍ତ୍ର କେ ସ୍ୱର (ଖଣ୍ଡ–୨)' । ପର୍ଯ୍ୟାବରଣ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର, ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଥୱାରଚାନ୍ଦ ଗେହଲଟ୍, ସୂଚନା ଓ ପ୍ରସାରଣ ସଚିବ ଶ୍ରୀ ଅମିତ୍ ଖାରେ, ପ୍ରକାଶନ ବିଭାଗର ପ୍ରଧାନ ମହାନିର୍ଦ୍ଦେଶକ ଡକ୍ଟର ସାଧନା ରାଉତ ଓ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ । ସୌନ୍ଦର୍ଯ୍ୟବୋଧ ସହିତ ପୁସ୍ତକ ଦୁଇଟିର ପ୍ରକାଶନ କରିଥିବାରୁ ଉପରାଷ୍ଟ୍ରପତି, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓ ପ୍ରକାଶନ ବିଭାଗକୁ ସାଧୁବାଦ ଦେଇଥିଲେ । ଏହି ଅବସରରେ ଉପରାଷ୍ଟ୍ରପତି କହିଥିଲେ ଯେ ସାର୍ବଜନୀନ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ପାଇଁ ମୂଲ୍ୟବୋଧର ପ୍ରାସଙ୍ଗିକତା ଯଥେଷ୍ଟ ଅଧିକ । ସେ ଆହୁରି କହିଥିଲେ ଯେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଓ ସେ ନିଜେ ଏକଥାକୁ ଦୃଢ଼ ସମର୍ଥନ କରନ୍ତି । ତଥା ଉଭୟେ ଅନେକ ଜାତୀୟସ୍ତରୀୟ ଅଗ୍ରାଧିକାର ବିଷୟ ଯଥା– ସ୍ୱଚ୍ଛ ଭାରତ, ଶିକ୍ଷିତ ଓ କୁଶଳ ଭାରତ, ଅଭିନବ ଭାରତ, ସୁସ୍ଥ ଭାରତ ଓ ସୁସଂହତ ଶକ୍ତିଶାଳୀ ଓ ସଶକ୍ତ ଭାରତକୁ ନେଇ ଏକମତ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଥୱାରଚାନ୍ଦ ଗେହଲଟ୍ କହିଥିଲେ ଯେ ରାଷ୍ଟ୍ରପତି ସାମାଜିକ ନ୍ୟାୟ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି, ଯାହା ଏହି ପସ୍ତକରେ ସମାହିତ ତାଙ୍କ ଭାଷଣରୁ ପ୍ରତିଫଳିତ । ସେ କହିଥିଲେ ଯେ ଶ୍ରୀ ରାମନାଥ କୋବିନ୍ଦ ହେଉଛନ୍ତି ଜନସାଧାରଣଙ୍କ ରାଷ୍ଟ୍ରପତି । ନିଜ ଭାଷଣରେ ରାଷ୍ଟ୍ରପତି ଗୁରୁତ୍ୱ ଦେଇଥିବା ଶିକ୍ଷା, ନାରୀ ସଶକ୍ତିକରଣ, ସୁଶାସନ, ସମାବେଶୀ ବିକାଶ, ଦାରିଦ୍ର୍ୟ ଦୂରୀକରଣ ଆଦି ବିଷୟ ସମ୍ପର୍କରେ ଶ୍ରୀ ଗେହଲଟ୍ ଆଲୋକପାତ କରିଥିଲେ । ସେ ଆଉ ମଧ୍ୟ ରାଷ୍ଟ୍ରପତିଙ୍କ ସଂଘର୍ଷମୟ ଜୀବନ ଓ ସେଥିରେ ତାଙ୍କର ବିଜୟ ଉପରେ ମଧ୍ୟ ଆଲୋକପାତ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର, ପ୍ରତ୍ୟେକ ନାଗରିକଙ୍କ ପାଇଁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ସକାଶେ ରାଷ୍ଟ୍ରପତିଙ୍କ ନିଷ୍ଠାକୁ ରେଖାଙ୍କିତ କରିଥିଲେ । ଭାରତର ଭବିଷ୍ୟତକୁ ନେଇ ଶ୍ରୀ କୋବିନ୍ଦଙ୍କ ନିର୍ଦ୍ଦିଷ୍ଟ ଦୃଷ୍ଟିଭଙ୍ଗୀ ଓ ସଚେତନତା ତଥା ଭବିଷ୍ୟତ ଅନୁକୂଳ ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ନେଇ ତାଙ୍କର ବିଶେଷ ଆଗ୍ରହ ସମ୍ପର୍କରେ ମଧ୍ୟ ଶ୍ରୀ ଜାଭାଡ଼େକର ମତବ୍ୟକ୍ତ କରିଥିଲେ । ଏଭଳି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ପ୍ରକାଶ ପାଇଁ ପ୍ରକାଶନ ବିଭାଗର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ଏହି ଅବସରରେ ସାଂସଦ, ବିଭିନ୍ନ ମନ୍ତ୍ରଣାଳୟର ସଚିବଙ୍କ ସମେତ ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଅକ୍ଟୋବର ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା

ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ରାଜେନ୍ଦ୍ର ଭଟ୍ଟ

ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

**ସପ୍ତବିଂଶ ବର୍ଷ** | **ପ୍ରଥମ ସଂଖ୍ୟା**

## ଏ ସଂଖ୍ୟାରେ...

| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ସ୍ୱଦେଶୀ ଓ ସ୍ୱରାଜର ଆଗାମୀ ସମ୍ଭାବନା<br>*ସୁଦର୍ଶନ ଆୟେଙ୍ଗର* | ୫ |
| ବିକଳ୍ପ ଦୃଷ୍ଟିଭଙ୍ଗୀ<br>*ଏମ୍.ପି. ମାଥାଇ* | ୧୩ |
| ନିଃସ୍ୱାର୍ଥପର ଚେତନା<br>*ପ୍ରେମ ଆନନ୍ଦ ମିଶ୍ର* | ୧୮ |
| ଫୋକସ୍:<br>ଜନଶକ୍ତି ମାଧ୍ୟମରେ ପରିବର୍ତ୍ତନ<br>*ପି.ଏ ନଜରେଥ* | ୨୩ |
| ବିଶେଷ ପ୍ରସଙ୍ଗ:<br>ଜଳୁଛି ସ୍ୱଚ୍ଛାଗ୍ରହର ସଳିତା<br>*ଅକ୍ଷୟ ରାଉତ* | ୩୨ |
| ମୋ ଜୀବନ ହିଁ ମୋ ବାର୍ତ୍ତା<br>*ୱାଇ ପି ଆନନ୍ଦ* | ୪୦ |
| ଅନ୍ୟ ଦୁଃଖରେ ଦୁଖୀ<br>*ଡକ୍ଟର ଜନ୍ ଚେଲ୍ଲାଦୁରାଇ* | ୪୪ |
| ସାମ୍ୟବାଦୀ ସମାଜ ଆଡକୁ<br>*ରାମଚନ୍ଦ୍ର ପ୍ରଧାନ* | ୪୯ |
| ଜାତୀୟ ପୁନଃର୍ଜାଗରଣ ପାଇଁ ରାସ୍ତା<br>*ଏ. ଆନ୍ନାମଲ୍ଲାଇ* | ୫୩ |
| ସାମୁହିକ ଉତ୍ପାଦନ ନୁହଁ, ସମୂହ ଦ୍ୱାରା ଉତ୍ପାଦନ<br>*ନିମିଷା ଶୁକ୍ଳା* | ୫୮ |
| ଭୋକିଲା ପେଟକୁ ଖାଦ୍ୟ<br>*ବିନୟ କୁମାର ସାକ୍ସେନା* | ୬୧ |
| ନାରୀ ଦୃଷ୍ଟିରେ ଗଠନମୂଳକ କାର୍ଯ୍ୟକ୍ରମ<br>*ଅପର୍ଣ୍ଣା ବାସୁ* | ୬୪ |
| ଆପଣ ଜାଣନ୍ତି କି ? | ୬୮ |
| ସାମ୍ପ୍ରତିକୀ | ୭୨ |


*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ବିଶ୍ୱାସର ପୁନଃସ୍ଥାପନ




ମହାନ ବିଭୂତିମାନଙ୍କର ଜନ୍ମବାର୍ଷିକୀ ହେଉଛି ବ୍ୟକ୍ତିବିଶେଷ, ସମାଜ ଓ ଦେଶ ପାଇଁ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । କାରଣ ଆମକୁ ସେହି ମହାମନିଷୀମାନଙ୍କ ବାର୍ତ୍ତା, ସେମାନଙ୍କ ସମସାମୟିକ ଉପଯୋଗିତାକୁ ଭଲରୂପେ ମୂଲ୍ୟାୟନ କରି ଏକ ଉନ୍ନତ ଭବିଷ୍ୟତଆଡ଼କୁ ଆମର ଯାତ୍ରା ସୁଗମ କରିବା ପାଇଁ ଆମକୁ ଏକ ବିଶେଷ ସୁଯୋଗ ମିଳିଥାଏ ।

କିନ୍ତୁ ଏଭଳି ମୂଲ୍ୟାୟନ ପାଇଁ ଆମେ କେତେଦୂର ଯୋଗ୍ୟ ? ଅବଶ୍ୟ ଏକ ସାମଗ୍ରିକ ମୂଲ୍ୟାୟନ ସକାଶେ ସର୍ବକାଳୀନ ଉପସ୍ଥିତି ଆବଶ୍ୟକ । ତେଣୁ ଗାନ୍ଧିଜୀଙ୍କ ମୂଲ୍ୟାୟନ କଲାବେଳେ ଜଣଙ୍କୁ ଲବଣ ସତ୍ୟାଗ୍ରହର ଉଚ୍ଛ୍ୱାସ, ଦେଶ ବିଭାଜନ ପୂର୍ବବର୍ତ୍ତୀ ନିରାଶାବୋଧକୁ ଆଉଥରେ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବାକୁ ପଡ଼ିବ । ମାନବ ଭାବରେ ଆମର ସେହି କ୍ଷମତା ନାହିଁ । ତେଣୁ ଆମେ ଏହି ମୂଲ୍ୟାୟନ କାର୍ଯ୍ୟରେ ସଫଳ ହୋଇପାରିବା ନାହିଁ । ଗାନ୍ଧିଜୀଙ୍କ ଆଶୀର୍ବାଦ ପ୍ରାପ୍ତିର ଆନନ୍ଦ ଓ ତାଙ୍କ ଅନୁପସ୍ଥିତିରେ ଇତିହାସର ଗତିପଥର ଅନିଶ୍ଚିତତାକୁ ଆମେ ଆକଳନ କରିପାରିବା ନାହିଁ । ତେବେ ଏଭଳି ଜନ୍ମବାର୍ଷିକୀ ମାଧ୍ୟମରେ ଆମେ ସେହି ମହାନ ବିଭୂତିମାନଙ୍କୁ ସ୍ମରଣ କରି ଆମ ଜୀବନକୁ ଆହୁରି ଉନ୍ନତ ଭାବେ ଗଢ଼ିତୋଳିବାକୁ ପ୍ରୟାସ ନିଶ୍ଚୟ କରିପାରିବା । ଏହି ସଂସ୍କରଣର ପରବର୍ତ୍ତୀ ପୃଷ୍ଠାଗୁଡ଼ିକରେ ଗାନ୍ଧିଜୀଙ୍କ ପ୍ରତି ଦେଶବାସୀଙ୍କ ଆଦର ଓ ସମ୍ମାନ ଉଦ୍ଦେଶ୍ୟରେ ଆମର ଏହି କ୍ଷୁଦ୍ର ଅବଦାନ ପ୍ରତିଫଳିତ ହୋଇଛି ।

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ତତ୍କାଳୀନ ବିଶ୍ୱର ସର୍ବଶକ୍ତିଶାଳୀ ସାମ୍ରାଜ୍ୟ ବିରୋଧରେ ପ୍ରେମ, ସତ୍ୟ ଓ ଅହିଂସା ବଳରେ ଗାନ୍ଧିଜୀ ସଫଳ ସଂଗ୍ରାମ କରିଥିଲେ । ତେବେ ସେହି ଏକା ସମୟ ଭିତରେ ବିଶ୍ୱବାସୀଙ୍କୁ ଦୁଇ ଦୁଇଟି ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ନିଜେ ମହାତ୍ମା ଗାନ୍ଧୀଙ୍କୁ ମଧ୍ୟ ଗୁଳିଖାଇ ପ୍ରାଣତ୍ୟାଗ କରିବାକୁ ପଡ଼ିଥିଲା । ତାଙ୍କ ପରେ ଆମକୁ ଏଭଳି ଅନେକ ଚାପଗ୍ରସ୍ତ ଘଟଣାଗୁଡ଼ିକ ମଧ୍ୟ ଦେଇ ଗତି କରିବାକୁ ପଡ଼ିଥିଲା । ଯେଉଁଥିରେ ଶୀତଳ ଯୁଦ୍ଧଠୁ ଆରମ୍ଭ କରି ୯/୧୧ ଭଳି ଘଟଣାଗୁଡ଼ିକ ସାମିଲ୍ ଥିଲା । ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅନ୍ୟାୟ, ଅତ୍ୟାଚାର, ବିମୁଖତା, ଅବିଶ୍ୱାସ ଓ ଭେଦଭାବର ଘଟଣାଗୁଡ଼ିକ ମଧ୍ୟ ଘଟି ଚାଲିଥିଲା । ଏସବୁ ଥିଲା ଗାନ୍ଧିଜୀଙ୍କ ନୀତି ବିରୁଦ୍ଧ ।

ତେବେ ସଂଗ୍ରାମ ଜାରି ରହିଛି । ତା’ ସହିତ ବଳବତ୍ତର ରହିଛି ସତ୍ୟ ସ୍ଥାପନର ଆଶା । ଭୂ-ପୃଷ୍ଠରେ ଜୀବନର ଅନବିରତ ହେବା ଯେତିକି ସତ ଏହି ଆଶା ପୋଷଣ କରିବା ମଧ୍ୟ ସେତିକି ସତ । ବୋଧହୁଏ ଏଇଆ ହିଁ ଗାନ୍ଧିଜୀଙ୍କ ଉପଯୋଗିତାର ମୂଳ ବିଷୟ ।

ଈଶ୍ୱର ବିଭିନ୍ନ ଭାବରେ ନିଜକୁ ପ୍ରତିପାଦିତ କରିଥାନ୍ତି । ଗାନ୍ଧିଜୀଙ୍କ ବାର୍ତ୍ତା କେବଳ ରାଜନୈତିକ ନଥିଲା । ଏହା ମାନବର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ ଥିଲା । ରାଜନୀତି, ସମାଜ ଶାସ୍ତ୍ର, ଅର୍ଥନୀତି, ସତ୍ୟାଗ୍ରହ, ଗଠନମୂଳକ କାର୍ଯ୍ୟକ୍ରମ, ଟ୍ରଷ୍ଟିସିପ୍, ସ୍ୱଦେଶୀ, ଖଦୀ, ମୌଳିକ ଶିକ୍ଷା, ସତ୍ୟ ଓ ଅହିଂସା, ୧୧ଟି ଶପଥ, ଶାନ୍ତି ଓ ମାନବ ସମାଜର ନିରନ୍ତରତା- ଏସବୁ ହେଉଛି ଗାନ୍ଧିଜୀଙ୍କ ସ୍ୱପ୍ନର ସମାଜର ଗୋଟିଏ ଗୋଟିଏ ଉପାଦାନ । ଆଗାମୀ ପୃଷ୍ଠାଗୁଡ଼ିକରେ ଆମେ ଏହିସବୁ ଦିଗଗୁଡ଼ିକୁ ଆକଳନ କରିବାର ଏକ ବିନମ୍ର ପ୍ରୟାସ କରିଛୁ ।

ଆରମ୍ଭରୁ ଆମେ କହିଛୁ ଯେ ଏଭଳି ମାଇଲଖୁଣ୍ଟଗୁଡ଼ିକ ଆମକୁ ନିଜକୁ ନିଜେ ତର୍ଜମା କରିବା ପାଇଁ, ଆତ୍ମ ଅନୁଶୀଳନ ପାଇଁ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସୁଯୋଗ ଦେଇଥାନ୍ତି । ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ପ୍ରକାଶିତ ‘ଯୋଜନା’ର ଏହି ବିଶେଷ ସଂସ୍କରଣ ହେଉଛି ଏକ କ୍ଷୁଦ୍ର ପ୍ରଚେଷ୍ଟା । ଜାତିର ଜନକ ସେହି ମହାନ ଆତ୍ମାଙ୍କ ଦ୍ୱାରା ଅନୁପ୍ରାଣିତ ଆମର ବିଶ୍ୱାସ ହେଉଛି ଯେ ଆମେ ଶାନ୍ତିରେ ବସବାସ କରିବୁ ଓ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିବୁ ।

# ସ୍ୱଦେଶୀ ଓ ସ୍ୱରାଜର ଆଗାମୀ ସମ୍ଭାବନା

ସୁଦର୍ଶନ ଆୟେଙ୍ଗର

ସରକାର ଏବଂ କର୍ପୋରେଟ୍ ଜଗତର ଏକ ଚର୍ଚ୍ଚିତ ଶବ୍ଦ ହେଉଛି ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) ଅର୍ଥାତ୍ କର୍ପୋରେଟ୍ ସୋସିଆଲ ରେସ୍‌ପନ୍‌ସିବିଲିଟି। ଉଭୟ ବ୍ୟବସାୟ ଓ ସାଧାରଣରେ କେତେକଙ୍କର ଏକ ଧାରଣା ରହିଆସିଛି ଯେ, ସରକାର ସମସ୍ତ ଉଦ୍ୟୋଗୀଙ୍କ ଲାଗି ଏକ ଆଇନଗତ ବ୍ୟବସ୍ଥା କରିଛନ୍ତି। ଉଦ୍ୟୋଗୀମାନେ ସେମାନଙ୍କ ସଂସ୍ଥାର ୨ ପ୍ରତିଶତ ଲାଭାଂଶ ସାମାଜିକ ଉନ୍ନତିମୂଳକ କାର୍ଯ୍ୟ ଲାଗି ବିନିଯୋଗ କରିବେ। ଗାନ୍ଧୀଙ୍କ ନ୍ୟାସୀତତ୍ତ୍ୱ (ଟ୍ରଷ୍ଟିସିପ୍) ଚିନ୍ତନରୁ ଏହା ଆରମ୍ଭ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଗାନ୍ଧୀଙ୍କ ସେଦିନର ବିଚାର ଆଜି କୁଆଡେ ସିଏସଆର ନାଁରେ ପରିଚିତ। ତେବେ ଗାନ୍ଧୀଙ୍କ ଚିନ୍ତାଧାରା ଏବାବଦରେ ଅଧିକ ଗଭୀର ଥିଲା। ଗାନ୍ଧୀ ବ୍ୟବସାୟରେ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉଥିଲେ। ଯେଉଁମାନେ ବାଣିଜ୍ୟ ଓ ବ୍ୟବସାୟିକ କ୍ଷେତ୍ରରେ କାମ କରୁଛନ୍ତି ସେମାନେ ରାଷ୍ଟ୍ର ଗଠନ ଓ ବିକାଶ ସହ ଏକ ଅହିଂସାତ୍ମକ ସମାଜ ଗଠନ ଲାଗି ଆର୍ଥିକ ସହଯୋଗ ତଥା ସହାୟତା ଦେବା ଉପରେ ଗାନ୍ଧୀ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀ ଏବାବଦରେ ସେତେବେଳେ ଉଦ୍ୟୋଗ ଜଗତକୁ ସ୍ପଷ୍ଟ ବାର୍ତ୍ତା ଦେଇ ସୁସ୍ଥ ଓ ବିକାଶମୁଖୀ ସମାଜ ଗଠନରେ ସେମାନଙ୍କ ଭୂମିକାକୁ ସ୍ପଷ୍ଟ କରିଥିଲେ। ୨୯ ଜୁନ୍ ୧୯୧୯ ମସିହାରେ ଅହମ୍ମଦାବାଦର ଏକ ଅନାଥାଶ୍ରମ 'ବନିତା ବିଶ୍ରାମ'ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ କହିଥିଲେ- "ଏଠାରେ ଏକ ଅଭିଯୋଗ କରାଯାଇପାରେ ଯେ, ଅହମ୍ମଦାବାଦରେ ଅତ୍ୟଧିକ କୁଶଳ ବଣିକ ରହିଛନ୍ତି। ଜଣେ ବଣିକର ଚତୁରତା ସହିତ କାର୍ଯ୍ୟ କୁଶଳତା, ଦକ୍ଷତା, ଜ୍ଞାନ, ସେବା ଲାଗି ପ୍ରସ୍ତୁତିଭାବ ରହିବା ଉଚିତ। ରାଷ୍ଟ୍ରକୁ ସମ୍ପଦ ପ୍ରଦାନ କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ବାଣିଜ୍ୟ ଲାଗି ଯିଏ ଉତ୍ତମ ଦକ୍ଷତା ଓ ପାରଦର୍ଶିତା ପ୍ରଦାନ କରିପାରେ ସେ ହେଉଛି ଶ୍ରେଷ୍ଠ ବଣିକ(ବ୍ୟବସାୟୀ)। ଧର୍ମର ପ୍ରକୃତ ଅର୍ଥ ନ ଜାଣିଲେ ରାଷ୍ଟ୍ରଭକ୍ତିର ଭାବନା ଆସିପାରିବନି। ଶ୍ରୀମଦ୍ ଭଗବତ୍ ଗୀତା ଯେଉଁ କରୁଣାର କଥା ଶିକ୍ଷାଦେଇଛି, ସେଥିରୁ ମୁଁ କେବଳ ଏତିକି ବୁଝିଛି ଯେ, ଆମେ ଆମ ଦେହ, ମନ ଓ ଅକ୍ତିଆରରେ ଥିବା ସମସ୍ତ ସମ୍ପଦକୁ ସଂପୂର୍ଣ୍ଣ ରୂପେ ଉତ୍ସର୍ଗ କରିବା ଉଚିତ। ଯାହାଫଳରେ ଆମ ଚାରିପାଖରେ ଥିବା ଦୁଃସ୍ଥ, ଅସହାୟ ଏବଂ ନିଷ୍ପେଷିତଙ୍କ ଯନ୍ତ୍ରଣା କମ୍ ହୋଇପାରିବ।"

ଗାନ୍ଧିଜୀ ଅନ୍ୟତ୍ର କହିଥିଲେ- "ସାଧାରଣତଃ ଏକ ବିଶ୍ୱାସ ରହିଛି ଯେ, ବାସ୍ତବ ବ୍ୟାପାର ହେଉ କିମ୍ବା ବ୍ୟାବସାୟ, ଅଧ୍ୟାତ୍ମିକ ଅନୁସନ୍ଧାନ ହେଉ ଅଥବା ଧର୍ମ, ଏସବୁ ପରସ୍ପରଠାରୁ ଅଲଗା ଓ ଅସଂଗତ। ଧର୍ମକୁ



*ଜମନ୍‌ଲାଲ୍ ବଜାଜ୍‌ଙ୍କ ସହ, ଦିଲ୍ଲୀ (୧୯୪୦)*

ବ୍ୟବସାୟରେ ପ୍ରବେଶ କରାଇବା ଏକ ପାଗଳାମୀ କୁହାଯାଏ। ଯଦି ଏହି ଧାରଣା ମିଛ ନୁହେଁ; ତେବେ ଆମ ସମସ୍ତଙ୍କ ଲାଗି ଆଉ କୌଣସି ଆଶା ନାହିଁ ବୋଲି କହିପାରିବା। କାରଣ ବାସ୍ତବ କ୍ଷେତ୍ର ଓ ଜୀବନରୁ ଆମେ ଧର୍ମକୁ କଦାପି ବାହାର କରିପାରିବା ନାହିଁ। ଜୀବନ ସହ ଧର୍ମ ଯୋଡ଼ି ହୋଇରହିଛି। ଧର୍ମର ପ୍ରକୃତ ଅର୍ଥକୁ ନ ବୁଝିଥିବା ବ୍ୟକ୍ତି ଏଭଳି ଅସ୍ପଷ୍ଟ ବିଚାର ରଖିଥାନ୍ତି।”

ପୁଞ୍ଜିବାଦ ଓ ସାମ୍ୟବାଦର ବିକଳ୍ପ ଭାବେ ଗାନ୍ଧୀ ନ୍ୟାସୀତତ୍ତ୍ୱ(ଟ୍ରଷ୍ଟିସିପ୍)ର ଥେସିସ୍ (ନିବନ୍ଧ)କୁ ବିକଶିତ କରିଛନ୍ତି। ୧୯୯୦ ପରଠାରୁ ବିଶ୍ୱରେ ପରିବର୍ତ୍ତନ ଘଟିଛି। ଏଭଳି ଏକ ବଦ୍ଧମୂଳ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ପୁଞ୍ଜିବାଦ ହିଁ ମାନବତାର ରକ୍ଷାକାରୀ। ଏହାବ୍ୟତୀତ ଅନ୍ୟ ବିକଳ୍ପ ନାହିଁ! ଏହି ପ୍ରସଙ୍ଗରେ ଗାନ୍ଧୀଙ୍କ ଆଭିମୁଖ୍ୟ ଓ ବିଚାର ଅତି ସ୍ପଷ୍ଟ ତଥା ଗୁରୁତ୍ୱପୂର୍ଣ୍ଣ, ଆଉ ତାହା ହେଉଛି ନ୍ୟାସୀତତ୍ତ୍ୱ (ଟ୍ରଷ୍ଟିସିପ୍)। ଯେତେବେଳେ ଗାନ୍ଧୀ ଏହି ଚିନ୍ତାଧାରାକୁ ବିକଶିତ କରିଥିଲେ, ସେତେବେଳେ ଏହାର ଆବଶ୍ୟକତାକୁ ବୁଝାଇବାକୁ ସେ ଭିନ୍ନ ଉଦାହରଣ ରଖୁଥିଲେ।

**ମୌଳିକ ଯୁକ୍ତି**

ଗାନ୍ଧୀଙ୍କ ମୌଳିକ ଯୁକ୍ତି ହେଉଛି, ପୁଞ୍ଜିବାଦ ଏବଂ ସାମ୍ୟବାଦ ଉଭୟ ହିଂସା ଉପରେ ପ୍ରତିଷ୍ଠିତ। ପୁଞ୍ଜିବାଦ ହେଉଛି ହିଂସାତ୍ମକ ଉପାୟରେ ସମ୍ପତ୍ତି ସୃଷ୍ଟି କରିବା। ସାମ୍ୟବାଦ ସମାନତାର କଥା କହୁଥିଲେ ମଧ୍ୟ ଏହା ହିଂସାକୁ ଅନୁମୋଦନ କରିଥାଏ। ଉଭୟ ବିଚାର ବିରୋଧରେ ମୂଳ ବ୍ୟବସ୍ଥାଟି ହେଉଛି ନ୍ୟାସୀତତ୍ତ୍ୱର ଅହିଂସାତ୍ମକ ନୀତି। ନ୍ୟାସୀତତ୍ତ୍ୱ ଉଦ୍ୟମ ଜରିଆରେ ସମାଜରେ ହିଂସାରହିତ ସମାନତା ହାସଲ କରିହେବ। ଏକ ଦୀର୍ଘସ୍ଥାୟୀ ସମାଜ ଗଠନ ପ୍ରସଙ୍ଗରେ ଗାନ୍ଧୀଙ୍କ ମତ ହେଉଛି ନ୍ୟାସୀତତ୍ତ୍ୱ ହିଁ ଥିଓରିଟିକାଲ ସ୍ତରରେ ଏକ ଉତ୍ତମ ସୁଯୋଗ। ଏହାକୁ ଅଜିତ୍ ଦାସଗୁପ୍ତା ଅତି ମଜାଦାର ଢଙ୍ଗରେ ଉପସ୍ଥାପନ କରିଛନ୍ତି। ତାଙ୍କ ଦୃଷ୍ଟିରେ ନ୍ୟାସୀତତ୍ତ୍ୱ ଭିତ୍ତିରେ ଗଠିତ ସମାଜଟି ହେଉଛି- ‘ଧନୀ ଲୋକଟି ଅନ୍ୟ ଅଭାବୀ ଲୋକଙ୍କୁ ସହାୟତା ଓ ସୁଖ ପ୍ରଦାନ କରିବା ଲାଗି ନିଜ ସମ୍ପତ୍ତିକୁ ଦାନ କରିବ। ନିଜ ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ ସମ୍ପତ୍ତି ରଖି ବଳକା ଅଂଶକୁ ନ୍ୟାସକୁ ଦେଇ ଆତ୍ମସନ୍ତୋଷ ଲାଭ କରିବ। ତଦନୁଯାୟୀ ନ୍ୟାସୀତତ୍ତ୍ୱ ଜରିଆରେ ଏହି ସମ୍ପତ୍ତିର ଉତ୍ତମ ଉପଯୋଗ କରାଯାଇ ଏକ ସୁସ୍ଥ, ଅହିଂସାଯୁକ୍ତ ଓ ସମାବେଶୀ ସମାଜ ଗଠନ କରାଯାଇପାରିବ।’

ନ୍ୟାସୀର ସାଧୁତା ଓ ସଚ୍ଚୋଟତା ହେଉଛି ଏହି ବ୍ୟବସ୍ଥାର ସବୁଠୁ ମୂଳପୁଞ୍ଜି ଓ ଆବଶ୍ୟକତା। ଅନ୍ୟାୟ ଓ ଜୋରଜବରଦସ୍ତ ଅନ୍ୟଠୁ ସମ୍ପତ୍ତି ଆଣିବାର ଆଭିମୁଖ୍ୟ ଏଥିରେ ନଥିବାରୁ ଏହି ବ୍ୟବସ୍ଥାରେ ହିଂସା ପ୍ରବେଶ କରି ନଥାଏ। ଅନେକ ସମାଲୋଚକ ଏହି ଯୁକ୍ତିକୁ ଗ୍ରହଣ କରନ୍ତି। ପ୍ରଫେସର ଦାନ୍ତେୱାଲା ଜଣେ ଲୋକପ୍ରିୟ ବୁଦ୍ଧିଜୀବୀ। ତାଙ୍କ ମତରେ ନ୍ୟାସୀତତ୍ତ୍ୱର ନୈତିକ ନୀତି ଏବଂ ଅର୍ଥନୈତିକ ବିକାଶ ବ୍ୟବସ୍ଥା ତଥା ବ୍ୟବସାୟ ପରିଚାଳନା ମଧ୍ୟରେ ରହିଥିବା ଆବଶ୍ୟକ ପ୍ରଭେଦଟିକୁ ତର୍କ ଜରିଆରେ ଅଲଗା କରିବାକୁ ପଡ଼ିବ। ଅନ୍ୟ ଅର୍ଥରେ କହିଲେ, ନ୍ୟାସୀତତ୍ତ୍ୱ ହେଉଛି ଏଭଳି ଏକ ଥିଓରୀ ଯେଉଁଠାରେ ଜଣେ ବ୍ୟକ୍ତି ନିଜର ସମ୍ପତ୍ତିକୁ ହସି ହସି ଅନ୍ୟର ଅଭାବ ପୂରଣ ଲାଗି ଦାନ କରିବ ଏବଂ ଏଥିପାଇଁ ବ୍ୟବସ୍ଥା ତାଙ୍କୁ ବାଧ୍ୟ କରିଥିବା ଅଭିଯୋଗ ଉଠାଇବନାହିଁ। ଏହାକୁ ବହୁ ଖ୍ୟାତନାମା ଶିକ୍ଷାବିତ୍ ଗୁରୁତ୍ୱର ସହ ଅନୁଧ୍ୟାନ କରିଛନ୍ତି। ନ୍ୟାସୀତତ୍ତ୍ୱ ଏକ ଅପରିବର୍ତ୍ତନଶୀଳ ସିଦ୍ଧାନ୍ତ ନୁହେଁ; ଏହା ସ୍ଥାନ, କାଳ ଓ ସମାଜର ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ହୋଇପାରେ। ଦାନ୍ତେୱାଲା ଅନ୍ୟ ବୁଦ୍ଧିଜୀବୀଙ୍କଠାରୁ ଭିନ୍ନମତ ରଖନ୍ତି। ତାଙ୍କ ମତରେ ନ୍ୟାସୀ ନୀତି ଅପରିବର୍ତ୍ତନୀୟ; କିନ୍ତୁ ଏହାର ପ୍ରୟୋଗ ଭିନ୍ନ ଭିନ୍ନ ପ୍ରକାରେ କରାଯାଇପାରେ। ଯାହା ପରିବର୍ତ୍ତନଶୀଳ କୁହାଯାଉଛି ସେଇଟି ହେଲା ରାଜନୈତିକ/ଅର୍ଥନୈତିକ ବ୍ୟବସ୍ଥାଟି ନୈତିକ ଦର୍ଶନ ଆଧାରରେ ନିଆଯିବା ଲାଗି କାର୍ଯ୍ୟଖସଡ଼ା ପ୍ରସ୍ତୁତି କରିବା। କୌଣସି ଥିଓରୀକୁ ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ ‘ଥିଓରୀ ଲାଗି ଥିଓରୀ’ ଉପରେ ଅନୁଧ୍ୟାନ କରାଯିବା ଦରକାର। ଅନେକ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଦାର୍ଶନିକ ଗାନ୍ଧୀଙ୍କ ଏହି ନ୍ୟାସୀତତ୍ତ୍ୱ କାର୍ଯ୍ୟକାରୀ କରିବା ସମ୍ଭବନୁହେଁ ବୋଲି ମତ ରଖିଛନ୍ତି; ମାତ୍ର ଗାନ୍ଧୀ କେବେ ନ୍ୟାସୀତତ୍ତ୍ୱର କାର୍ଯ୍ୟକାରିତାକୁ ନେଇ କୌଣସି ଯୁକ୍ତି ବାଢ଼ିନାହାନ୍ତି; ବରଂ ତାଙ୍କ ଦୃଷ୍ଟିଭଙ୍ଗୀରେ ନ୍ୟାସୀତତ୍ତ୍ୱ ଏକ ଉତ୍ତମ ଥିଓରୀ। ନ୍ୟାସୀତତ୍ତ୍ୱ ଏକ ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଓ ନୈତିକତା ଉପରେ ଆଧାରିତ; ଯାହାକି ଭାରତୀୟ ପରମ୍ପରାର ଅଂଶବିଶେଷ। ବ୍ୟକ୍ତି ଜୀବନରେ ଏହା ‘ଅପରିଗ୍ରହ’ ଅର୍ଥାତ୍ ଅନ୍ୟ ସମ୍ପତ୍ତିକୁ ଆହରଣ କରିବାର ଲାଳସା ନଥିବା ଭାବନା। ନିଜର ଆବଶ୍ୟକତା ଅନୁଯାୟୀ ଅର୍ଥ ରଖି ଅବଶିଷ୍ଟ ସମାଜର ଅନ୍ୟ ଦୁର୍ବଳ ଓ ଅଭାବୀବର୍ଗଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ବିନିଯୋଗ କରିବାର ଏକ ମହାନ ମନ୍ତ୍ର ହେଉଛି ଅପରିଗ୍ରହ। ଅପରିଗ୍ରହ ହେଉଛି ନ୍ୟାସୀ ତତ୍ତ୍ୱ ଚିନ୍ତନର ମୂଳଦୁଆ। ଏହା ଦ୍ୱାରା ନୈତିକ ଓ ସକାରାତ୍ମକ ଅର୍ଥନୀତି ସୃଷ୍ଟି ହୋଇଥାଏ। ଅପରିଗ୍ରହ ହେଉଛି ମାନବିକ ବ୍ୟବହାରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜଣେ ଅର୍ଥନୀତିକ ବ୍ୟକ୍ତି ପାଇଁ ଏହା ଏକ ମାନବିକ ବ୍ୟବହାରର ଅଂଶବିଶେଷ। ଗାନ୍ଧୀ ପାରମ୍ପରିକ ସକାରାତ୍ମକ ଅର୍ଥନୀତିଜ୍ଞଙ୍କଠାରୁ କେତେକ ପ୍ରସଙ୍ଗରେ ନିଜକୁ ଦୂରେଇ ରଖିଛନ୍ତି। ତାଙ୍କ ମତରେ ଜଣେ ଆର୍ଥିକ ବ୍ୟକ୍ତି ସାଧାରଣ ଉପଯୋଗକାରୀ ହେବା ଦରକାର। ଯାହାକି ଗୁଣାତ୍ମକ ଓ ତୁଳନାତ୍ମକ ଦୃଷ୍ଟିରୁ ହୋଇଥିବା ଉଚିତ। ସେପରି ବ୍ୟକ୍ତିଙ୍କୁ ‘ଅପରିଗ୍ରହୀ’ କୁହାଯାଇପାରେ। ଅପରିଗ୍ରହୀ କହିଲେ ଯେଉଁ ବ୍ୟକ୍ତି ଅଧିକ ସମ୍ପତ୍ତି ଅର୍ଜନ କରି ମଧ୍ୟ ଏହା ଠୁଳ ନକରି ବିଭିନ୍ନ ସମାଜ ମଙ୍ଗଳ କାମରେ ବିନିଯୋଗ କରିଥାନ୍ତି। ଏଭଳି କେତେକ ବ୍ୟକ୍ତିଙ୍କୁ ସକାରାତ୍ମକ ଅର୍ଥନୀତିଜ୍ଞମାନେ ଗ୍ରହଣ କରିଥାନ୍ତି। ମାତ୍ର ଅନ୍ୟଏକ ବର୍ଗ ରହିଛନ୍ତି ଯେଉଁମାନେ ନିଜ ସୁଖ, ଆତ୍ମସନ୍ତୋଷ, ନିଜର ଆବଶ୍ୟକତା ଲାଗି ଅର୍ଥ ଖର୍ଚ୍ଚ କରିଥାନ୍ତି। ଅର୍ଥ ବିନିଯୋଗର ଏହା ଗୋଟିଏ ଦିଗ। ତେବେ ଅନ୍ୟ ଉପାୟରେ ବିନିଯୋଗ କରାଯାଉଥିବା ଦିଗଟି ହେଉଛି ଅନ୍ୟମାନଙ୍କ ସୁଖ ସୁବିଧା ଲାଗି ନିଜ ଅର୍ଜିତ ଧନ ବିନିଯୋଗ କରି ଖୁସି ଓ ଆନନ୍ଦ ପାଇବାର ମାନସିକତା। ଏହି କ୍ଷେତ୍ରରେ ଧନୀବ୍ୟକ୍ତିଟିଏ ନିଜ

ପରିବାର ସଦସ୍ୟ, ସଂପର୍କୀୟ, ପଡୋଶୀ ଓ ସମାଜ ତଥା ସର୍ବୋପରି ବିଶ୍ୱକୁ ଏକ ପରିବାର ବିଚାର କରି ଏଥିପାଇଁ ଅର୍ଜିତ ସମ୍ପତ୍ତିକୁ ବିନିଯୋଗ କରିଥାଏ। ଅପରିଗ୍ରହର ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ବହୁମୁଖୀ ବିନିଯୋଗ ଚିନ୍ତନ। ପୂର୍ବାପେକ୍ଷା ଏହି ଚିନ୍ତାଧାରା ପ୍ରକୃତରେ ଭିନ୍ନ ଓ ଗୁଣାତ୍ମକମାନର ବୋଲି କୁହାଯାଇପାରେ। ସନ୍ତୋଷର ସର୍ବାଧିକ ପରିଣାମ ଦାନରେ ରହିଛି। ଜଣେ ଧନୀ ବ୍ୟକ୍ତିଙ୍କ ଆନ୍ଥ୍ରୋପସେଣ୍ଟ୍ରିକ୍ ବ୍ୟବହାର ବ୍ୟକ୍ତିଗତ ବିନିଯୋଗକୁ ଅଧିକ ଗୁରୁତ୍ୱ ଦେଇଥାଏ; ହେଲେ ଏକ୍ଷେତ୍ରରେ ବହୁ ଶୃଙ୍ଖଳିତ ବିନିଯୋଗକୁ ବିଚାର କରାଯିବା ଆବଶ୍ୟକ। ଯଦି ଏଭଳି ଅପରିଗ୍ରହ ସ୍ୱଭାବର ମଣିଷକୁ ଅର୍ଥନୈତିକ ଅନୁଶୀଳନର ମୁଖ୍ୟସ୍ରୋତରେ ସାମିଲ କରାଯାଏ ଏବଂ ତାଙ୍କର ଅପରିଗ୍ରହୀତାକୁ ଅଧିକ ପ୍ରଭାବୀ କରାଯାଇପାରେ ତାହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେବ। ଗାନ୍ଧୀଙ୍କ ଦୃଷ୍ଟିରେ ଅପରିଗ୍ରହର ମୂଲ୍ୟବୋଧ ଭାରତୀୟ ସଂସ୍କୃତିରେ ଆରମ୍ଭରୁ ରହିଆସିଛି।

ସଂପ୍ରତି କର୍ପୋରେଟ୍ ପରିବେଶରେ ସକାରାତ୍ମକ ପ୍ରଭାବର ଅର୍ଥନୀତିକ ଗ୍ରହଣୀୟତା ମୂଲ୍ୟବୋଧର ବହିର୍ଜାତ ପ୍ରକୃତି ଉପରେ ପ୍ରତିଫଳିତ ହୋଇଥାଏ। ଅର୍ଥାତ୍ ଏହି ମୂଲ୍ୟବୋଧକୁ ବାହାରେ ଓ ଭିନ୍ନ ରୂପେ ବେଶ୍ ଗୁରୁତ୍ୱ ଦିଆଯାଇଥାଏ। ଏହା ସତ୍ୟ ନୁହେଁ; କିନ୍ତୁ ଏଭଳି ବାସ୍ତବ ବ୍ୟବହାର ମାନବିକ ମୂଲ୍ୟବୋଧ ବ୍ୟବସ୍ଥା ଲାଗି ପ୍ରିୟ ହୋଇପାରୁନି। ବଜାର ବିଫଳତାର ସଙ୍କେତ ଜଣେ ଅର୍ଥନୀତିକ ମଣିଷର ବିଫଳତାକୁ ପ୍ରଭାବିତ କରେ। ବାସ୍ତବରେ କିନ୍ତୁ ଏଭଳି ଧାରଣା ଅଲଗା ରହିଥାଏ ଏବଂ ସେ ବ୍ୟକ୍ତିଟି ସବୁବେଳେ ପୁସ୍ତକର ବିଶ୍ୱ ଭିତରେ ଏକାକୀ ନିଜକୁ ସମୀକ୍ଷା କରେ। ପ୍ରାକ୍ଟିକାଲ ଅପେକ୍ଷା ଥିଓରୀକୁ ସବୁଠି ପ୍ରୟୋଗ କରିବାକୁ ଚିନ୍ତା କରୁଥାଏ।

କର୍ପୋରେଟ୍ ବ୍ୟବସ୍ଥାରେ ମୂଲ୍ୟବୋଧ ଅପେକ୍ଷା ଲାଭର ମନୋବୃତ୍ତି ପ୍ରବେଶ କରିଛି। ଯଦି ମୂଲ୍ୟବୋଧ ପାଇଁ ସୁଯୋଗ ସୃଷ୍ଟି କରାଯାଏ, ତେବେ ଅପରିଗ୍ରହ ଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଲାଗି ମଧ୍ୟ ସ୍ଥାନ ମିଳିବ। ଏହି ପରିସର ଲାଗି ଟ୍ରଷ୍ଟିସିପ୍ ହିଁ ସୃଷ୍ଟି ହେବ।



ଜଣେ ଏହି ବ୍ୟବସ୍ଥାର ବାସ୍ତବ ପ୍ରୟୋଗକୁ ବୁଝିପାରିବ। ଯଦି ଅପରିଗ୍ରହ ଭାବନାରେ ଆତ୍ମସାତ୍ ଉଦ୍ଦେଶ୍ୟ ରହିଥାଏ, ତେବେ ଉତ୍ପାଦନ ବ୍ୟବସ୍ଥାର ଦୃଶ୍ୟପଟ ଅଲଗା ହୋଇଯିବ। ଉତ୍ପାଦନ ବ୍ୟବସ୍ଥାରେ ପ୍ରସଙ୍ଗ ହେଉଛି କ'ଣ ଉତ୍ପାଦନ କରୁଛେ ଓ କେତେ ପରିମାଣର କରିବା ଦରକାର ଉଭୟକୁ ଏକ ଭିନ୍ନ ପରିପ୍ରେକ୍ଷୀରେ ନିୟନ୍ତ୍ରଣ କରିବା। ଲୋକମାନଙ୍କର ସମ୍ପତ୍ତି ବା ଧନପ୍ରାପ୍ତିର ଲାଳସାକୁ ହ୍ରାସ କରିବା ଏବେ ସମାଜର ଆବଶ୍ୟକତା। ଅପରିଗ୍ରହ ଭଳି ନୈତିକ ମୂଲ୍ୟବୋଧକୁ ଶିକ୍ଷା ଜରିଆରେ ଲୋକଙ୍କ ଭିତରେ ପ୍ରବେଶ କରାଇବା ହେଉଛି ସମସ୍ୟାର ସମାଧାନ ସୂତ୍ର। ତେବେ ଏହା ଏକ ଦୀର୍ଘ ପ୍ରକ୍ରିୟା। ତଥାପି ଏହାହିଁ ବିକଳ୍ପ।

**ଅଂହିସା ପର୍ଯ୍ୟବସିତ ନ୍ୟାସୀ ତତ୍ତ୍ୱ**

ସାଧାରଣ ଭାବେ କହିଲେ- ଅଂହିସା ଉପରେ ହିଁ ନ୍ୟାସୀତତ୍ତ୍ୱ ପର୍ଯ୍ୟବଶିତ। ଅଂହିସାର ପ୍ରାକୃତିକ ପରିଣାମ ହିଁ ହେଉଛି ସତ୍ୟାଗ୍ରହ। ଯଦି ଧନୀବ୍ୟକ୍ତି ଓ ପୁଞ୍ଜିପତିମାନେ ନିଜ ଅତିରିକ୍ତ ସମ୍ପତ୍ତିକୁ ସ୍ୱେଚ୍ଛାକୃତ

ଭାବେ ଦାନ ନ କରନ୍ତି, ସେତେବେଳେ ସତ୍ୟାଗ୍ରହ ରୂପକ ଅସ୍ତ୍ରକୁ ପ୍ରୟୋଗ କରାଇଥାଏ। ସେଇଥିପାଇଁ ଗାନ୍ଧିଜୀ ବାରମ୍ବାର ନ୍ୟାସୀତତ୍ତ୍ୱ ଉପରେ ଗୁରୁତ୍ୱାରୋପ କରୁଥିଲେ। ଏଥିରୁ ନିବୃତ୍ତ ବ୍ୟକ୍ତିଙ୍କୁ ବାରମ୍ବାର ଏଦିଗରେ ପ୍ରବର୍ତ୍ତାଇବା ଓ  ଅନ୍ୟାନ୍ୟ କ୍ଷେତ୍ରରେ ଅସହଯୋଗ କରିବା ହିଁ ଥିଲା ଗାନ୍ଧିଜୀଙ୍କ ବିକଳ୍ପ। ସେ ଏହା ମଧ୍ୟ କହିଥିଲେ ଯେ ଯଦି ଟ୍ରଷ୍ଟି ତା'ର ବ୍ୟବହାର ଓ ଆଚରଣରେ ବିଫଳ ହୁଏ ତେବେ କ'ଣ ତାଙ୍କୁ ବାହାର କରିଦେବା ଉଚିତ ହେବକି? ଏଭଳି ପ୍ରଶ୍ନ ଉପରେ ଗାନ୍ଧୀ 'ହଁ' ବୋଲି କହିଥିଲେ। ମୂଳ କଥା ହେଉଛି ରାଷ୍ଟ୍ର ଯଦି ଏ ଦିଗରେ ସାମାନ୍ୟ ହିଂସା ଆଚରଣ କରି ସମସ୍ତ ସମ୍ପତ୍ତି ଓ ବସ୍ତୁ ସେମାନଙ୍କଠାରୁ ନେଇଯାଇଥାଏ ଏବଂ ମୋ ଦୃଷ୍ଟିରେ ଏହା ଯଥାର୍ଥ ବୋଲି ଗାନ୍ଧିଜୀ କହିଛନ୍ତି। ଏକ ମଜାଦାର ଘଟଣା ହେଉଛି, ଗାନ୍ଧୀ ମଧ୍ୟ ରାଷ୍ଟ୍ରର ଭୂମିକା ସଂପର୍କରେ ଚିନ୍ତା କରିଥିଲେ। ସମାଜରେ ବ୍ୟକ୍ତିଗତ ନୈତିକ ମୂଲ୍ୟବୋଧକୁ ଏକ୍ଷେତ୍ରରେ ପ୍ରତିଷ୍ଠା କରିବାକୁ ହେବ। ଏଥିପାଇଁ ଏକ ଦୀର୍ଘ ପଦ୍ଧତି ଦେଇ ଗତି କରିବାକୁ ପଡିବ ବୋଲି ଗାନ୍ଧୀ କହିଛନ୍ତି। ସମାଜର ଭୂମିକା କେବଳ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ରହିଛି। ଦାନ୍ତେୱାଲା କିନ୍ତୁ ଏହି ଆଭିମୁଖ୍ୟକୁ ସଠିକ୍ ଭାବେ ଚିହ୍ନଟ କରିଛନ୍ତି। ତାଙ୍କ ମତରେ ଯଦି ରାଜ୍ୟର ବାସ୍ତବ ଚରିତ୍ର ବାବଦରେ ଆମେ ସ୍ପଷ୍ଟ ନୁହେଁ, ଯଦି ରାଜ୍ୟର ସ୍ୱଭାବ ନିର୍ଯାତନା, ଲୁଣ୍ଠନ ଓ ଦମନର ରହିଥାଏ, ତାହେଲେ ସାଧାରଣ ଘଟଣାରେ ସମାଜ ଏକ ପୁଞ୍ଜିବାଦ ମଡେଲ ଆଡ଼କୁ ଚାଲିଯିବ।

ଏକ ଭିନ୍ନ ଟ୍ରଷ୍ଟିସିପ୍ (ନ୍ୟାସୀତତ୍ତ୍ୱ) ସ୍ୱାଧୀନତା ପରେ ବିନୋବା ଭାବେଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ବିଶେଷକରି ଜମି କ୍ଷେତ୍ରରେ ଏହା 'ଭୂଦାନ' ନାଁରେ ପରିଚିତ। ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପାଇବା ପରେ ତେଲେଙ୍ଗାନାରେ ଜମିଦାରମାନଙ୍କୁ ହତ୍ୟାକରି ବାମପନ୍ଥୀ ଚରମପନ୍ଥୀମାନେ ହିଂସାତ୍ମକ ରୂପେ ସେମାନଙ୍କଠାରୁ ଜୋର ଜବରଦସ୍ତ ଜମି ଛଡାଇ ଆଣିବା ଆରମ୍ଭ କରିଥିଲେ। ଏହି ସମୟରେ ଭାରତ ସରକାର ଭୂ-ସଂସ୍କାର ସଂକ୍ରାନ୍ତରେ କେତେକ ପଦକ୍ଷେପ ଗ୍ରହଣ କରିବା ଆରମ୍ଭ କଲେ। ସେଥିମଧ୍ୟରେ ଜମିଦାରୀ ଉଚ୍ଛେଦ ଆଇନ ଏବଂ 'ଦ ଲ୍ୟାଣ୍ଡ ଟେନାନ୍ସି ଆଣ୍ଡ ଲ୍ୟାଣ୍ଡ ସିଲିଂ ଆକ୍ଟ' ଭଳି ଆଇନ ଆଣିଲେ। ତେବେ ହତ୍ୟା ଭଳି ହିଂସାତ୍ମକ ଉପାୟରେ ଏଭଳି ଜମିଦାରଙ୍କଠାରୁ ଜମିଦଖଲ ଓ ବାଜ୍ୟାପ୍ତି କରିବା ବ୍ୟବସ୍ଥାକୁ ବିନୋବା ପସନ୍ଦ କରୁ ନଥିଲେ। ଏଭଳି ଆଇନ ଦ୍ୱାରା ସମାଜରେ ହିଂସାତ୍ମକ ଘଟଣା ବଢିବାକୁ ଲାଗିଥିଲା। ବିନୋବା ଏଭଳି ସ୍ଥିତିରେ ଜମିହୀନ ଚାଷୀମାନଙ୍କ ପାଇଁ ଜମିଦାର ତଥା ଧନୀକ ଶ୍ରେଣୀର ଲୋକଙ୍କଠାରୁ ସ୍ୱଇଚ୍ଛାରେ ଭୂମିଦାନ କରିବାକୁ ନିବେଦନ କରିଥିଲେ। ସ୍ୱଇଚ୍ଛାରେ ଯେଉଁମାନେ ଚାହିଁବେ ଭୂଦାନ କରିପାରିବେ ବୋଲି ବିନୋବା ଘୋଷଣା କଲେ। ଏଥିପାଇଁ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରାଇ ଜମି ସଂଗ୍ରହ କଲେ। କରୁଣା ଓ ନୈତିକତା ଆଧାରରେ ଗରିବଙ୍କ ଲାଗି ଧନୀ ଲୋକ କିଛି କିଛି ତ୍ୟାଗ କରିବାକୁ ସେ ପ୍ରବର୍ତ୍ତାଇଲେ। ଏଠାରେ ସୂଚନା ଦିଆଯାଇପାରେ ଯେ, କରୁଣାଠାରୁ ମଧ୍ୟ ଅଧିକ ଉପରକୁ ଉଠି କାର୍ଯ୍ୟ କରିବାକୁ କେତେକ କ୍ଷେତ୍ରରେ ଗାନ୍ଧିଜୀ ପରାମର୍ଶ ଦେଇଥିଲେ। ଯଦି ଜମିଦାରମାନେ କରୁଣା ପ୍ରଦର୍ଶନ ନ କରନ୍ତି; ତାହେଲେ ସେମାନେ କର୍ତ୍ତବ୍ୟ ଭାବି ଜମିଦାନ କରନ୍ତୁ ବୋଲି ଗାନ୍ଧୀ କହୁଥିଲେ। ଆଉ ଏହା ସତ୍ୟାଗ୍ରହ ମାଧ୍ୟମରେ କରିବାକୁ ସେ ପ୍ରୋତ୍ସାହନ ଦେଉଥିଲେ। ୧୯୫୦ ଦଶକର ପ୍ରଥମ ଭାଗରେ କୃଷି ହିଁ ମୋଟ ଜାତୀୟ ଆୟ(ଜିଡିପି)କୁ ସର୍ବାଧିକ ରାଜସ୍ୱ ଦେଉଥିଲା। କୃଷି କ୍ଷେତ୍ରରୁ ସର୍ବାଧିକ ଆୟ ଆସୁଥିଲା। ଉତ୍ପାଦନର ମୁଖ୍ୟ ସ୍ରୋତ ଥିଲା ଜମି। ପରିବାର ପ୍ରତିପୋଷଣ ଓ ଜୀବିକାର୍ଜ୍ଜନର ଗୁରୁତ୍ୱପୂର୍ଣ୍ଣ ଉତ୍ସ ଥିଲା ଜମିର ମାଲିକାନା। ଜମି ମାଲିକାନାର ଅସମାନ ବଣ୍ଟନ ଯୋଗୁଁ ସମାଜର ଏକ ନିର୍ଦ୍ଦିଷ୍ଟ ବର୍ଗଙ୍କ ହାତରେ ସମ୍ପତ୍ତି ଓ ଆୟ ଠୁଳ ହୋଇ ରହିଥିଲା। ଜମିଦାରମାନେ ଥିଲେ ସର୍ବାଧିକ ଧନୀ ଓ ପ୍ରତିପତ୍ତିଶାଳୀ (କ୍ଷମତାଶାଳୀ) ଶ୍ରେଣୀର। ଦେଶର ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କୁ ପ୍ରଭାବଶାଳୀ ରୂପେ ବିଚାର କରାଯାଉଥିଲା।

ନ୍ୟାସୀର ସାଧୁତା ଓ ସଙ୍କୋଚତା ହେଉଛି ଏହି ବ୍ୟବସ୍ଥାର ସବୁଠୁ ମୂଳପୁଞ୍ଜି ଓ ଆବଶ୍ୟକତା। ଅନ୍ୟାୟ ଓ ଜୋରଜବରଦସ୍ତ ଅନ୍ୟଠୁ ସମ୍ପତ୍ତି ଆଣିବାର ଆଭିମୁଖ୍ୟ ଏଥିରେ ନଥିବାରୁ ଏହି ବ୍ୟବସ୍ଥାରେ ହିଂସା ପ୍ରବେଶ କରି ନଥାଏ। ଅନେକ ସମାଲୋଚକ ଏହି ଯୁକ୍ତିକୁ ଗ୍ରହଣ କରନ୍ତି। ପ୍ରଫେସର ଦାନ୍ତେୱାଲା ଜଣେ ଲୋକପ୍ରିୟ ବୁଦ୍ଧିଜୀବୀ। ତାଙ୍କ ମତରେ ନ୍ୟାସୀତତ୍ତ୍ୱର ନୈତିକ ନୀତି ଏବଂ ଅର୍ଥନୈତିକ ବିକାଶ ବ୍ୟବସ୍ଥା ତଥା ବ୍ୟବସାୟ ପରିଚାଳନା ମଧ୍ୟରେ ରହିଥିବା ଆବଶ୍ୟକ ପ୍ରଭେଦଟିକୁ ତର୍କ ଜରିଆରେ ଅଲଗା  କରିବାକୁ ପଡିବ। ଅନ୍ୟ ଅର୍ଥରେ କହିଲେ, ନ୍ୟାସୀତତ୍ତ୍ୱ ହେଉଛି ଏଭଳି ଏକ ଥିଓରୀ ଯେଉଁଠାରେ ଜଣେ ବ୍ୟକ୍ତି ନିଜର ସମ୍ପତ୍ତିକୁ ହସି ହସି ଅନ୍ୟର ଅଭାବ ପୂରଣ ଲାଗି ଦାନ କରିବ ଏବଂ ଏଥିପାଇଁ ବ୍ୟବସ୍ଥା ତାଙ୍କୁ ବାଧ୍ୟ କରିଥିବା ଅଭିଯୋଗ ଉଠାଇବନାହିଁ। ଏହାକୁ ବହୁ ଖ୍ୟାତନାମା ଶିକ୍ଷାବିତ୍ ଗୁରୁତ୍ୱର ସହ ଅନୁଧ୍ୟାନ କରିଛନ୍ତି। ନ୍ୟାସୀତତ୍ତ୍ୱ ଏକ ଅପରିବର୍ତ୍ତନଶୀଳ ସିଦ୍ଧାନ୍ତ ନୁହେଁ; ଏହା ସ୍ଥାନ, କାଳ ଓ ସମାଜର ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ହୋଇପାରେ। ଦାନ୍ତେୱାଲା ଅନ୍ୟ ବୁଦ୍ଧିଜୀବୀଙ୍କଠାରୁ ଭିନ୍ନମତ ରଖନ୍ତି। ତାଙ୍କ ମତରେ ନ୍ୟାସୀ ନୀତି ଅପରିବର୍ତ୍ତନୀୟ; କିନ୍ତୁ ଏହାର ପ୍ରୟୋଗ ଭିନ୍ନ ଭିନ୍ନ ପ୍ରକାରେ କରାଯାଇପାରେ। ଯାହା ପରିବର୍ତ୍ତନଶୀଳ କୁହାଯାଉଛି ସେଇଟି ହେଲା ରାଜନୈତିକ/ ଅର୍ଥନୈତିକ ବ୍ୟବସ୍ଥାଟି ନୈତିକ ଦର୍ଶନ ଆଧାରରେ ନିଆଯିବା ଲାଗି କାର୍ଯ୍ୟଖସଡ଼ା ପ୍ରସ୍ତୁତି କରିବା। କୌଣସି ଥିଓରୀକୁ ପ୍ରତ୍ୟାଖ୍ୟାନ କରିବା ପୂର୍ବରୁ 'ଥିଓରୀ ଲାଗି ଥିଓରୀ' ଉପରେ ଅନୁଧ୍ୟାନ କରାଯିବା ଦରକାର।

ତେବେ ଶିଳ୍ପବିପ୍ଳବ ପରେ ଉଦ୍ୟୋଗଜଗତ (କର୍ପୋରେଟ୍ ୱାର୍ଲ୍ଡ) ସାମ୍ନାକୁ ଆସିଛି। ଯଦି କର୍ପୋରେଟ୍ ଜଗତ ଟ୍ରଷ୍ଟି ରୂପେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେବନାହିଁ ସେଥିପାଇ 'ସତ୍ୟାଗ୍ରହ' ଜରିଆରେ ସେମାନଙ୍କୁ ନୈତିକତା ଆଧାରରେ ପ୍ରବର୍ତ୍ତାଇବା ଦରକାର। ଏହାହିଁ ବାସ୍ତବତା ଓ ଗୁରୁତ୍ୱପୂର୍ଣ୍ଣ ବୋଲି ଗାନ୍ଧୀ କହିଛନ୍ତି। ପରିସ୍ଥିତିକୁ ସୁଧାରିବାରେ ବିଫଳ ହେବାରୁ କର୍ପୋରେଟ୍ କ୍ଷେତ୍ର ନିରଙ୍କୁଶ ଭାବେ ଆଗକୁ ବଢିଚାଲିଲା। ଫଳରେ ସମାଜରେ ଅସମାନତା ବୃଦ୍ଧି ଘଟିଲା; ଯାହାକି ପରବର୍ତ୍ତୀ ସମୟରେ ଗୁରୁତର ପରିସ୍ଥିତି ସୃଷ୍ଟି କରିବାରେ ଲାଗିଲା। ହିଂସାତ୍ମକ ଉପାୟରେ ସମ୍ପତ୍ତି ଅଧିଗ୍ରହଣ ଓ ବାଜ୍ୟାପ୍ତି କରିବାର ପ୍ରକ୍ରିୟା ଚାଲିଲା। ଯଦି ଉଦ୍ୟୋଗ କ୍ଷେତ୍ର ଏହାକୁ ରୋକିବା ସହ ଏକ ନ୍ୟାସୀତତ୍ତ୍ୱକୁ କାର୍ଯ୍ୟକାରୀ କରିବା ଆରମ୍ଭ ନ କରନ୍ତି, ତେବେ ସମାଜରେ ଅସମାନତା ଦୂର ସମ୍ଭବପର ହୋଇପାରିବନି। ହିଂସା ଓ ହତ୍ୟାକାଣ୍ଡ ବିରୋଧରେ ଗାନ୍ଧୀଙ୍କ ନ୍ୟାସୀତତ୍ତ୍ୱର ଆଭିମୁଖ୍ୟ ବିଶେଷକରି କର୍ପୋରେଟ୍ କ୍ଷେତ୍ର ଲାଗି ଅତ୍ୟନ୍ତ ଗ୍ରହଣୀୟ। ଟ୍ରଷ୍ଟି ଜରିଆରେ କାର୍ଯ୍ୟ କରିବା ସହ କମ୍ପାନୀର ଲାଭାଂଶକୁ ସମସ୍ତଙ୍କ ମଙ୍ଗଳ ଲାଗି ସିଏସଆର ଜରିଆରେ ବିନିଯୋଗ କରିବାର ନୀତି ଗାନ୍ଧୀ ହିଁ ଦେଇଛନ୍ତି।

### ସମ୍ପତ୍ତି ସୃଷ୍ଟିକୁ ଅନୁମୋଦନ ଦେଇଥାଏ ନ୍ୟାସୀତତ୍ତ୍ୱ

ନ୍ୟାସୀତତ୍ତ୍ୱ (ଟ୍ରଷ୍ଟିସିପ୍) ଶିଖାଏ କିଭଳି ଓ କେତେ ସମ୍ପତ୍ତି ଆହରଣ କରିବ। ସମ୍ପତ୍ତି ସୃଷ୍ଟି ଓ ଆହରଣ ବିରୋଧରେ ଏହା କୁହାଯାଉନି। ସମ୍ପତ୍ତି ସୃଷ୍ଟି ଓ ରଖିବାର ଯଥାର୍ଥତା ହିଁ ନ୍ୟାସୀତତ୍ତ୍ୱର ନୀତିରେ ରହିଛି। ଗାନ୍ଧୀ ଅହମ୍ମଦାବାଦକୁ ପ୍ରତ୍ୟାବର୍ତ୍ତନ କଲେ, ସେତେବେଳେ ସେ ଏକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସମସ୍ୟାଟି ଥିଲା ସେଠାକାର ଟେକ୍ସଟାଇଲ ମିଲ୍‌ରେ ଚାଲିଥିବା ଧର୍ମଘଟ। ସେତେବେଳେ ବିଶ୍ୱର ସମଗ୍ର ଶିଳ୍ପଜଗତ ଓ ଶ୍ରମିକ ସଂଗଠନ ଗୁଡିକ ଏକ ଉତ୍ତମ ସ୍ଥିତିକୁ ଚାଲିଆସିଥିଲେ। କର୍ମଚାରୀ ଓ ଲୁଗା କାରଖାନା ମାଲିକଙ୍କ ମଧ୍ୟରେ ଆଲୋଚନା ଚାଲିଲା; ମାତ୍ର ପରସ୍ପର ସେତେବେଳେ

> ସଂପ୍ରତି କର୍ପୋରେଟ୍ ପରିବେଶରେ ସକାରାତ୍ମକ ପ୍ରଭାବର ଅର୍ଥନୀତିକ ଗ୍ରହଣୀୟତା ମୂଲ୍ୟବୋଧର ବହିର୍ଜାତ ପ୍ରକୃତି ଉପରେ ପ୍ରତିଫଳିତ ହୋଇଥାଏ। ଅର୍ଥାତ୍ ଏହି ମୂଲ୍ୟବୋଧକୁ ବାହାରେ ଓ ଭିନ୍ନ ରୂପେ ବେଶ୍ ଗୁରୁତ୍ୱ ଦିଆଯାଇଥାଏ। ଏହା ସତ୍ୟ ନୁହେଁ; କିନ୍ତୁ ଏଭଳି ବାସ୍ତବ ବ୍ୟବହାର ମାନବିକ ମୂଲ୍ୟବୋଧ ବ୍ୟବସ୍ଥା ଲାଗି ପ୍ରିୟ ହୋଇପାରୁନି। ବଜାର ବିଫଳତାର ସଙ୍କେତ ଜଣେ ଅର୍ଥନୀତିକ ମଣିଷର ବିଫଳତାକୁ ପ୍ରଭାବିତ କରେ। ବାସ୍ତବରେ କିନ୍ତୁ ଏଭଳି ଧାରଣା ଅଲଗା ରହିଥାଏ ଏବଂ ସେ ବ୍ୟକ୍ତିଟି ସବୁବେଳେ ପୁସ୍ତକର ବିଶ୍ୱ ଭିତରେ ଏକାକୀ ନିଜକୁ ସମୀକ୍ଷା କରେ। ପ୍ରାକ୍ଟିକାଲ ଅପେକ୍ଷା ଥିଓରୀକୁ ସବୁଠି ପ୍ରୟୋଗ କରିବାକୁ ଚିନ୍ତା କରୁଥାଏ। କର୍ପୋରେଟ୍ ବ୍ୟବସ୍ଥାରେ ମୂଲ୍ୟବୋଧ ଅପେକ୍ଷା ଲାଭର ମନୋବୃତ୍ତି ପ୍ରବେଶ କରିଛି। ଯଦି ମୂଲ୍ୟବୋଧ ପାଇଁ ସୁଯୋଗ ସୃଷ୍ଟି କରାଯାଏ, ତେବେ ଅପରିଗ୍ରହ ଭଳି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଲାଗି ମଧ୍ୟ ସ୍ଥାନ ମିଳିବ। ଏହି ପରିସର ଲାଗି ଟ୍ରଷ୍ଟିସିପ୍ ହିଁ ସୃଷ୍ଟି ହେବ। ଜଣେ ଏହି ବ୍ୟବସ୍ଥାର ବାସ୍ତବ ପ୍ରୟୋଗକୁ ବୁଝିପାରିବ। ଯଦି ଅପରିଗ୍ରହ ଭାବନାରେ ଆତ୍ମସାତ୍ ଉଦ୍ଦେଶ୍ୟ ରହିଥାଏ, ତେବେ ଉତ୍ପାଦନ ବ୍ୟବସ୍ଥାର ଦୃଶ୍ୟପଟ ଅଲଗା ହୋଇଯିବ। ଉତ୍ପାଦନ ବ୍ୟବସ୍ଥାରେ ପ୍ରସଙ୍ଗ ହେଉଛି କ'ଣ ଉତ୍ପାଦନ କରୁଛେ ଓ କେତେ ପରିମାଣର କରିବା ଦରକାର ଉଭୟକୁ ଏକ ଭିନ୍ନ ପରିପ୍ରେକ୍ଷୀରେ ନିୟନ୍ତ୍ରଣ କରିବା। ଲୋକମାନଙ୍କର ସମ୍ପତ୍ତି ବା ଧନପ୍ରାପ୍ତିର ଲାଳସାକୁ ହ୍ରାସ କରିବା ଏବେ ସମାଜର ଆବଶ୍ୟକତା। ଅପରିଗ୍ରହ ଭଳି ନୈତିକ ମୂଲ୍ୟବୋଧକୁ ଶିକ୍ଷା ଜରିଆରେ ଲୋକଙ୍କ ଭିତରେ ପ୍ରବେଶ କରାଇବା ହେଉଛି ସମସ୍ୟାର ସମାଧାନ ସୂତ୍ର। ତେବେ ଏହା ଏକ ଦୀର୍ଘ ପ୍ରକ୍ରିୟା। ତଥାପି ଏହାହିଁ ବିକଳ୍ପ।

ନିଜକୁ ପ୍ରତିଦ୍ୱନ୍ଦ୍ୱୀ ମଣୁଥିଲେ। ଗୋଟିଏ ପକ୍ଷ ଅନ୍ୟ ପକ୍ଷକୁ ବିରୋଧ କରୁଥିବାରୁ ଆଲୋଚନାରୁ କୌଣସି ସୁଫଳ ମିଳିପାରିନଥିଲା। ଏଭଳିସ୍ଥିତିରେ ଗାନ୍ଧୀ ନ୍ୟାସୀତତ୍ତ୍ୱ କାର୍ଯ୍ୟକାରୀ କରିବାକୁ ଉଭୟଙ୍କୁ ପ୍ରସ୍ତାବ ଦେବା ସହ ଏହାକୁ ସେଠାରେ ପ୍ରୟୋଗ କଲେ। ଗାନ୍ଧୀ କହିଲେ ମାଲିକମାନେ ପ୍ରଥମେ ସମସ୍ତ ସମ୍ପତ୍ତି ଓ ଲାଭାଂଶକୁ ଗୋଟିଏ ଟ୍ରଷ୍ଟ ଗଢି ରଖନ୍ତୁ। ଆଉ ଏହି ଟ୍ରଷ୍ଟର ମୂଳ ଉଦ୍ଦେଶ୍ୟ ରହିବ କାରଖାନାର ବହୁବିଧ ବିକାଶ ଓ ଏଥିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ଉନ୍ନତି ଓ କଲ୍ୟାଣ। ଟ୍ରଷ୍ଟର ସହଯୋଗୀ ଅଂଶୀଦାର ଭାବେ ଶ୍ରମିକ ସଂଗଠନ ରହୁ। ଯେ ପର୍ଯ୍ୟନ୍ତ କର୍ମଚାରୀ ଏହା ତାଙ୍କର ସଂସ୍ଥା ଓ ସମ୍ପତ୍ତି ବୋଲି ନ ବିଚାରିବେ ସେ ପର୍ଯ୍ୟନ୍ତ ଶ୍ରମିକ ଅଶାନ୍ତି ବଢିବା ସହ କାରଖାନାର ସର୍ବାଙ୍ଗୀନ ଉନ୍ନତି ଘଟିବନାହିଁ। ଯେଉଁ ଶ୍ରମିକଙ୍କ ଶ୍ରମ ଓ ସ୍ୱେଦରେ କାରଖାନା ଲାଭ କରୁଛି ତାହାର ଅଂଶ ଏମାନଙ୍କ ଲାଗି ବିନିଯୋଗ ହେଲେ ସେମାନେ ମଧ୍ୟ ସଂସ୍ଥା ପ୍ରତି ଅନୁରକ୍ତ ରହିବେ ଏବଂ ଅଧିକ ପରିଶ୍ରମ କରିବେ ବୋଲି ଗାନ୍ଧୀ ବାର୍ତ୍ତା ଦେଇଥିଲେ। ଗାନ୍ଧୀଙ୍କ ଟ୍ରଷ୍ଟିସିପ୍ ଚିନ୍ତନ ବଳରେ ସମସ୍ୟାର ସମାଧାନ ହେଲା ଓ ଭବିଷ୍ୟତରେ ଆଉ ସେଠାରେ ଶ୍ରମିକ ଧର୍ମଘଟ ଦେଖାଯାଇ ନଥିଲା। ଆଜି ଦିନରେ କର୍ପୋରେଟ୍ ଜଗତ ହୁଏତ ଏଥିପ୍ରତି ରାଜି ହୋଇନପାରେ। ଶ୍ରମିକମାନଙ୍କ ଦାୟିତ୍ୱହୀନ ବ୍ୟବହାର, ହିଂସାତ୍ମକ କାର୍ଯ୍ୟକଳାପ କିମ୍ବା ଏକ୍‌ଜିଟ୍ ପଲିସିକୁ ଆଳ କରି ନ୍ୟାସୀତତ୍ତ୍ୱକୁ ଗ୍ରହଣ କରି ନପାରେ। ଆଜିର କର୍ପୋରେଟ୍ ଜଗତ ତା'ର ଶ୍ରମିକମାନଙ୍କୁ ମାନବିକତା ଆଧାରରେ ଗ୍ରହଣ କରିବାକୁ ନାରାଜ। କେବଳ ଉତ୍ପାଦନ ଲାଗି ତାଙ୍କର ଶ୍ରମଦାନ ଏକମାତ୍ର ଆବଶ୍ୟକତା ବୋଲି କର୍ତ୍ତୃପକ୍ଷ ବିଚାରୁଛନ୍ତି। ଫଳରେ ଅଧିକାଂଶ ଶିଳ୍ପସଂସ୍ଥାରେ ଶ୍ରମିକ ଅଶାନ୍ତି ବଢିବାରେ ଲାଗିଛି। ଏହା କାରଖାନାର ଉତ୍ପାଦନଶୀଳତାକୁ ପ୍ରଭାବିତ କରିବା ସହ କାର୍ଯ୍ୟକ୍ଷେତ୍ରକୁ ଗୁରୁତର କ୍ଷତି ପହଞ୍ଚାଉଛି। ଏପରିକି ଏହି ଅଶାନ୍ତି ଯୋଗୁଁ ଶିଳ୍ପସଂସ୍ଥାର ଲୋକପ୍ରିୟତା ଓ ଭାବମୂର୍ତ୍ତି ମଧ୍ୟ ନଷ୍ଟ ହେଉଛି।

ନିଓକ୍ଲାସିକାଲ ଇକୋନମିକ୍ (ନବଶାସ୍ତ୍ରୀୟ ଅର୍ଥଶାସ୍ତ୍ର)ରେ ଶ୍ରମିକଙ୍କ ମୂଲ୍ୟ ପରୋକ୍ଷରେ ଗୁରୁତ୍ୱ ହରାଇଛି। ଅଳ୍ପଖର୍ଚ୍ଚରେ କିଭଳି ଅଧିକ ସମୟ ସେମାନଙ୍କୁ ଖଟାଇ ପାରିବେ ତାହା ଉପରେ ଶିଳ୍ପସଂସ୍ଥା ଗୁଡ଼ିକ ଏବେ ପ୍ରାଥମିକତା ଦେଉଥିବାରୁ ଶ୍ରମିକମାନେ ମଧ୍ୟ ଦାୟିତ୍ୱହୀନ ହୋଇପଡୁଛନ୍ତି। ଏଭଳି ସ୍ଥିତିରେ ଉତ୍ପାଦନ ବଢ଼ାଇବା ଲାଗି ଶ୍ରମିକଙ୍କଠାରୁ ଦକ୍ଷତା, ପ୍ରତିଶ୍ରୁତିବଦ୍ଧତା ଆଶା କରିବା ଠିକ୍ ନୁହେଁ। ଯଦି ଶ୍ରମିକମାନଙ୍କର ଉତ୍ପାଦନ ବୃଦ୍ଧି ଯୋଗୁଁ ସେମାନଙ୍କୁ କୌଣସି ଆର୍ଥିକ ଲାଭ ତଥା କୌଣସି ଅଂଶ ଦିଆ ନଯାଏ, ତାହେଲେ ଉତ୍ପାଦନ ୟୁନିଟ୍ ଓ ଏହାର କାର୍ଯ୍ୟ ପରିବେଶ ବିଗିଡ଼ି ଯାଇଥାଏ। ଶ୍ରମିକମାନେ ଏହି ବ୍ୟବସ୍ଥାରୁ ନିଜ ନିଜକୁ ଦୂରେଇ ରଖନ୍ତି। ଉପଯୁକ୍ତ ପ୍ରାପ୍ୟ ନଦେବା ଯୋଗୁଁ ଶ୍ରମିକମାନଙ୍କ ଭିତରେ କ୍ଷୋଭ ସୃଷ୍ଟି ହୋଇଥାଏ। ଉତ୍ପାଦନତାରେ ଏହା ନକାରାତ୍ମକ ଅବସ୍ଥା ସୃଷ୍ଟି କରେ। ଆଉ ଏହି ନକାରାତ୍ମକ ବାହ୍ୟପଣକୁ ଏବେ ସମାଜ ଓ ରାଜ୍ୟରେ ଜୋର ଜବରଦସ୍ତ ଲାଗୁ କରାଯାଉଛି। ଯଦି ନ୍ୟାସୀତତ୍ତ୍ୱ ଚିନ୍ତନକୁ ଏହି ପରିସ୍ଥିତିରେ ଲାଗୁ କରାଯାଇ ନ୍ୟାସୀ ନିଯୁକ୍ତ କରାଯାଏ, ତେବେ ଏଥିରୁ ଉଭୟ ଉଦ୍ୟୋଗୀ ଓ କର୍ମଚାରୀଙ୍କୁ ଫାଇଦା ମିଳିପାରିବ। ଉଦ୍ୟୋଗ କ୍ଷେତ୍ରର ଉତ୍ପାଦନକାରୀ ଏଥିରେ କାମ କରୁଥିବା କର୍ମଚାରୀଙ୍କୁ ଯଦି ଉତ୍ପାଦନର ଅଂଶୀଦାର ଭାବେ ଗ୍ରହଣ କରନ୍ତି ଏବଂ କର୍ମଚାରୀଙ୍କ ଜୀବନ ଧାରଣର ମାନବୃଦ୍ଧି ଲାଗି ପଦକ୍ଷେପ ଗ୍ରହଣ କରନ୍ତି, ତାହେଲେ ସେଠାରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ଗାନ୍ଧୀ କହିଛନ୍ତି। ଜୀବନଧାରଣ ମାନର ଉନ୍ନତି ଅର୍ଥ ଏଠାରେ ଖାଦ୍ୟ, ବସ୍ତ୍ର, ବାସଗୃହ ସହ ଶିକ୍ଷା ତଥା ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସୁଯୋଗ ପ୍ରଦାନର କଥା କୁହାଯାଉଛି। ଏଭଳି ବ୍ୟବସ୍ଥା କେବଳ ଟ୍ରଷ୍ଟିସିପ୍ ଗଠନ ଦ୍ୱାରା ହିଁ ସମ୍ଭବପର ହୋଇପାରିବ। ଅର୍ଥନୀତିର ଶବ୍ଦାବଳୀକୁ ବିଚାରକୁ ନେଇ ଏତିକି କୁହାଯାଇପାରେ ଯେ, ବାହ୍ୟପଣକୁ ଦୂର କରି ପାରସ୍ପରିକ ସଂପର୍କ ବୃଦ୍ଧି, ମାଲିକ-ଶ୍ରମିକର ଦୂରତା ହ୍ରାସ ଓ ପ୍ରଦେଶ ମାନସିକତା ଦୂର କରିପାରିଲେ କର୍ପୋରେଟ୍‌ଜଗତ ଅଧିକ ଗ୍ରହଣଶୀଳ ହୋଇପାରିବ।

ଅଧୁନା ବଜାର, ଯୋଗାଣ ଓ ଚାହିଦା ଏବେ କତିପୟ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଛି। ବ୍ୟକ୍ତିଗତ ଫାର୍ମ ହେଉ କିମ୍ବା ସଂପୂର୍ଣ୍ଣ ଶିଳ୍ପଜଗତ କେହି ବି ଏହାର ସମାଧାନ ଲାଗି ଆଗ୍ରହ ଦେଖାଉନାହାନ୍ତି। ଏଥିପାଇଁ ସମାଜ ଓ ରାଷ୍ଟ୍ରକୁ ଦୋଷ ଠେଲୁଛନ୍ତି। ଉଭୟ ସମାଜ ଓ ରାଷ୍ଟ୍ର ଏହାକୁ ନିମ୍ନସ୍ତରର ବୋଲି ଧରିନେଇଛନ୍ତି। ବିକଳ୍ପ ହେଉ କିମ୍ବା କାର୍ଯ୍ୟାନ୍ୱୟନ, ସବୁଥିରେ ଦେଖାଯାଉଛି ଦୁର୍ନୀତି। କର୍ପୋରେଟ୍ ଜଗତ ଏବେ ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆଇ) ନୀତିରେ ଯାହା ଉଲ୍ଲେଖ କରୁଛି ତାହା କେବଳ ଆର୍ଥିକ ଲାଭାଂଶରୁ ସାମାଜିକ କାର୍ଯ୍ୟକ୍ରମ ଲାଗି ବିନିଯୋଗର କଥା; ମାତ୍ର ଅସଲ ବିନିଯୋଗଟିକୁ ସେମାନେ ଭୁଲିଯାଇଛନ୍ତି। କେବଳ ଆର୍ଥିକ କ୍ଷେତ୍ର ନୁହେଁ; ବରଂ ସିଏସ୍‌ଆର କ୍ଷେତ୍ର ଉଭୟ ସାମାଜିକ, ମୂଲ୍ୟବୋଧ କ୍ଷେତ୍ରର ବିକାଶ ଲାଗି ମଧ୍ୟ ସାମିଲ କରିବା ଦରକାର। ଏହାହିଁ ଗାନ୍ଧୀଙ୍କ ନ୍ୟାସୀତତ୍ତ୍ୱ। ଏହା ଉଦ୍ୟୋଗ କ୍ଷେତ୍ରକୁ କେବଳ ଆର୍ଥିକ ଲାଭ ଦେବନି; ବରଂ ସମ୍ପତ୍ତି ଓ ମାନବିକତା ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବ।

**ନ୍ୟାସୀତତ୍ତ୍ୱ ଓ ପ୍ରକୃତି**

ଉତ୍ପାଦନର ଅନ୍ୟତମ ନିବେଶ ବସ୍ତୁ ହେଉଛି ପ୍ରକୃତି। ପ୍ରାକୃତିକ ସମ୍ପଦର ଅବକ୍ଷୟ ଓ ହ୍ରାସ ଏବେ ଏକ ସାଧାରଣ ଘଟଣା ପାଲଟିଛି। ପ୍ରାକୃତିକ ସମ୍ପଦ ଓ ନିବେଶ ବସ୍ତୁ ହିଁ ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ହୋଇଥାଏ। ଉଦ୍ୟୋଗ କ୍ଷେତ୍ରରେ ପ୍ରାକୃତିକ ସମ୍ପଦର ଉତ୍ତୋଳନ କିମ୍ବା ପରିବହନ ଅଥବା ଅନ୍ୟାନ୍ୟ ସଙ୍କଟଜନିତ ଖର୍ଚ୍ଚ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯିବା ଉଚିତ। କର୍ପୋରେଟ୍ ଫ୍ରେମ୍‌ଓ୍ୱାର୍କ ଭିତରେ ପ୍ରାକୃତିକ ସମ୍ପଦର ଭିତରି ମୂଲ୍ୟକୁ କେହି ମୂଲ୍ୟାୟନ କରନ୍ତିନି। ଅନେକଙ୍କ ମନରେ ଏଭଳି ଏକ ଧାରଣା ରହିଆସିଛି ଯେ, କେବଳ ଆମେ ବ୍ୟବହାର କରୁଥିବା ପ୍ରାକୃତିକ ସମ୍ପଦ ମୂଲ୍ୟବାନ ଓ ମଣିଷ ବ୍ୟତୀତ ଅନ୍ୟମାନେ ବ୍ୟବହାର କରୁଥିବା ପ୍ରାକୃତିକ ସମ୍ପଦ ଗୁଡ଼ିକର କିଛି ଗୁରୁତ୍ୱନାହିଁ। ଏଭଳି ଧାରଣା ଠିକ୍ ନୁହେଁ। ଯେଉଁ ସବୁ ପ୍ରାକୃତିକ ସମ୍ପଦକୁ ଆମେ ସିଧାସଳଖ ଉପଯୋଗ ନ କରୁଛେ ସେସବୁର ଗୁରୁତ୍ୱ ଆମର ଅସ୍ତିତ୍ୱ ତଥା ଆମକୁ ପୃଥିବୀରେ ତିଷ୍ଠି ରହିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ମାତ୍ର ଆମେ ଏବେ ଏହାର ଗୁରୁତ୍ୱକୁ ବୁଝିପାରୁନେ। ଏସବୁ ସମ୍ପଦର ମୂଲ୍ୟାୟନ କରିବାରେ ଶିଳ୍ପଜଗତ ବିଫଳ ହୋଇଛି। ତେବେ ଏହି ବାହ୍ୟକାରକକୁ ଶିଳ୍ପଜଗତ ସମାଜ, ରାଷ୍ଟ୍ର ଓ ପ୍ରକୃତି ଉପରେ ଛାଡ଼ି ଦେଇଛି। ତେବେ ଏସବୁ ଉତ୍ପାଦନ ପଦ୍ଧତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଉଦାହରଣ ସ୍ୱରୂପ ଜଙ୍ଗଲକୁ ନିଆଯାଉ। କାଠ ପାଇଁ ଚାହିଦା ପ୍ରକାରାନ୍ତରେ ଜଙ୍ଗଲର ଆବଶ୍ୟକତାକୁ ଦର୍ଶାଉଛି। କାଠ ପାଇଁ ଆମେ ଦେଉଥିବା ଅର୍ଥ କେବଳ ଏହାର କାଟିବା ଓ ପରିବହନ ଖର୍ଚ୍ଚ ମାତ୍ର। କାଠର ଏହା ପ୍ରକୃତ ମୂଲ୍ୟ ନୁହେଁ। ଗୋଟିଏ ଗଛକୁ କାଟିବା ଅର୍ଥ ଜଙ୍ଗଲର ଏକ ଅଂଶକୁ ଧ୍ୱଂସ କରିବା। ଏ ସମସ୍ତ ଅଂଶ ଉକ୍ତ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କ ପରିବାର ଲାଗି ସଂପୂର୍ଣ୍ଣ ପରିସଂସ୍ଥା ଓ ଜୀବନ ଜୀବିକା ସହ ଜଡ଼ିତ। ତେବେ ପରିସଂସ୍ଥା ଜଙ୍ଗଲ ଜରିଆରେ ଯୋଗାଉଥିବା ସେବାକୁ କ'ଣ କାଠ କିଣୁଥିବା ଉପଭୋକ୍ତା ଅର୍ଥ ପ୍ରଦାନ କରେ କି ? ଏହି ବାହ୍ୟକାରକ କ୍ଷତିକୁ ଆମେ ରାଷ୍ଟ୍ର ଓ ସମାଜ ଉପରେ ଛାଡ଼ି ଦେଉଛେ ଏବଂ ଏହା ବ୍ୟକ୍ତିଗତ ଜୀବନକୁ ପରୋକ୍ଷରେ ଓ ସାମୁହିକ ସମାଜକୁ ପ୍ରତ୍ୟକ୍ଷରେ କ୍ଷତି ଘଟାଉଛି। ଅର୍ଥାତ୍ ଜଙ୍ଗଲ କ୍ଷତିଜନିତ ବିପର୍ଯ୍ୟୟ ଯଥା- ଜଳସ୍ତର ହ୍ରାସ, ପରିବେଶ ପ୍ରଦୂଷଣ, ମୃତ୍ତିକା କ୍ଷୟ ଆଦି ସମସ୍ୟା ପ୍ରତି ଉଦ୍ୟୋଗଜଗତ ଦାୟବଦ୍ଧତା ରଖେନାହିଁ। ପାଲଟା ଏହି ସମସ୍ୟା ସ୍ଥାନୀୟ ଲୋକେ ଭୋଗନ୍ତି ଏବଂ ଏହାର ଉତ୍ତରଦାୟିତ୍ୱ ରାଷ୍ଟ୍ର ଓ ସମାଜ ଉପରେ ଛାଡ଼ିଦିଆଯାଏ। ଗାନ୍ଧୀଙ୍କ ନ୍ୟାସୀତତ୍ତ୍ୱ ଥିଓରୀ ଦୃଷ୍ଟିରୁ ପ୍ରକୃତି ପରିଚାଳନା ଓ ଜଣେ ନିଜର ଉତ୍ପାଦନ ବ୍ୟବସ୍ଥା ବଢ଼ାଇବା ଲାଗି ପ୍ରକୃତିକୁ ଭିନ୍ନ ରୂପେ ଉପଯୋଗ କରିଥାଏ। ବୋଧହୁଏ ଏଇଥିପାଇଁ ଏବେ ପରିବେଶକୁ ଅଧିକ ସଂରକ୍ଷଣ ଓ ସୁରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ଯଦି ସମଗ୍ର ଶିଳ୍ପଜଗତ

ଏକାଠି ହୋଇ ପ୍ରକୃତିର ଉପଯୁକ୍ତ ମୂଲ୍ୟଦେବାକୁ ନିଷ୍ପତ୍ତି ନିଅନ୍ତେ ତାହେଲେ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ବଢାଇ ଦିଅନ୍ତେ। ତେବେ ଆମର ଚାହିଦା ମଧ୍ୟ ଆମେ ହ୍ରାସ କରାନ୍ତେ ଏବଂ ଏଥିଯୋଗୁଁ ସମାଜ ଓ ପରିବେଶକୁ ବହୁମୂଲ୍ୟ ପ୍ରଦାନ କରିବାକୁ ପଡନ୍ତାନାହିଁ। ଏହି କ୍ଷେତ୍ରରେ କାର୍ବନ୍ ଟ୍ରେଡିଂର ସମସ୍ୟା କମିଯାଆନ୍ତା। ଦରକାର ପଡ଼ିଲେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟନ୍ତାନାହିଁ। ତୃତୀୟ ପ୍ରସଙ୍ଗଟି ହେଉଛି ପ୍ରଦୂଷଣ। ଉତ୍ପାଦନ ପରେ ହିଁ ସୃଷ୍ଟି ହୋଇଥାଏ ପ୍ରଦୂଷଣ। ତେବେ ଏନେଇ ନ୍ୟାସୀ ବ୍ୟବସ୍ଥାକୁ ଆପଣାଇ ପ୍ରଦୂଷଣ ରୋକିବା ପାଇଁ ଉପଯୁକ୍ତ ଟେକ୍ନୋଲୋଜି ବ୍ୟବହୃତ ହୋଇପାରନ୍ତା। ତେଣୁ ଉତ୍ପାଦନ କ୍ଷେତ୍ରରେ ଏହି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ଉପରେ ଗାନ୍ଧୀ ମତବ୍ୟକ୍ତ କରିଛନ୍ତି।

ଗାନ୍ଧୀଙ୍କ ଯନ୍ତ୍ରପାତି ଓ କଳକବ୍ଜା ବ୍ୟବହାରର ବିରୋଧୀ ଥିବା ଅନେକ ଜାଣନ୍ତି। ଗାନ୍ଧିଜୀ ଅତ୍ୟଧିକ ଓ ଅବିଚାରିତ ମେସିନ୍‌ର ବ୍ୟବହାର ତଥା ଟେକ୍ନୋଲୋଜି ପ୍ରୟୋଗର ପରିପନ୍ଥୀ ଥିଲେ। ସାଂପ୍ରତିକ ସମୟରେ ଟେକ୍ନୋଲୋଜିର ଆବଶ୍ୟକତା ଯେତିକି ତା'ର ବ୍ୟବହାର ସେତିକିରେ ସୀମୀତ ରଖିବା ଦରକାର। ଏହା ପରିବେଶ ସନ୍ତୁଳିତ ଟେକ୍ନୋଲୋଜି ବୋଲି ଗ୍ରହଣ କରାଯାଇପାରିବ। ଏହାକୁ ପ୍ରକାରାନ୍ତରେ ନ୍ୟାସୀତତ୍ତ୍ୱ କୁହାଯାଇପାରିବ। ଅତଏବ ଉତ୍ପାଦନ କ୍ଷେତ୍ରରେ ନ୍ୟାସୀତତ୍ତ୍ୱ ଆପଣାଇବା ଲାଗି ବ୍ୟାପକ ସୁଯୋଗ ରହିଥିବା ଗାନ୍ଧୀ କହିଛନ୍ତି।

**ଉପଭୋକ୍ତା କ୍ଷେତ୍ରରେ ନ୍ୟାସୀତତ୍ତ୍ୱ**

ସମ୍ପତ୍ତି ଓ ସାମଗ୍ରୀ ଉତ୍ପାଦନ ପରେ ଏହାର ଉପଭୋଗ ପ୍ରସଙ୍ଗ ଆସିଛି। ବିଲ୍ ଗେଟ୍‌ସ ଏବଂ ୱାରେନ୍ ବଫେଟ୍‌ଙ୍କ ଉଦାହରଣ କିଏ ବା ନ ଜାଣେ। ଲୋକ ଉପକାର ନାଁରେ ଏକ ନୂତନ ଚିନ୍ତନ ସିଏସଆର(କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି) ଲୋକପ୍ରିୟ ହୋଇଛି। ଏହା ଭାରତୀୟ ସଂସ୍କୃତିରେ ବି ରହିଛି। ଲୋକଉପକାର ବା ଦାନ ଲୋକଙ୍କ ମନରେ ଇଚ୍ଛା ଓ ଅଭିଳାଷାରୁ ଆସିଛି। ସମ୍ପତ୍ତି ଅର୍ଜନ ପରେ ଭାରତୀୟ ସଂସ୍କୃତି ଶିକ୍ଷା ଦେଇଛି ଯେ ଏହାକୁ କିଭଳି ଅଧିକରୁ ଅଧିକ ଲୋକଙ୍କୁ ବିତରଣ କରି ସମାଜରେ ପ୍ରତିଷ୍ଠା ଲାଭ କରିବ। ବିଲ୍ ଗେଟ୍ସ ଏବଂ ୱାରେନ ବଫେଟ୍‌ଙ୍କ ନାମ ଉପରେ ଆଲୋଚନା କରିବାବେଳେ ଜଣେ ବି କେହି 'ବ୍ରହ୍ମ ଶାହା'ଙ୍କ ସଂକ୍ରାନ୍ତରେ ଆଲୋଚନା କରନ୍ତିନି। ବ୍ରହ୍ମ ଶାହା ରାଜା ମହାରାଣା ପ୍ରତାପଙ୍କର ଜଣେ ସେନାଧିକାରୀ ଓ ମନ୍ତ୍ରୀ ଥିଲେ। ସେ ଜଣେ ଶ୍ରେଷ୍ଠ ଓ ମହାଜନ। ତାଙ୍କ ଜୀବନକାଳରେ ସଂଞ୍ଚିତ ସମସ୍ତ ସମ୍ପତ୍ତିକୁ ରାଜା ରାଣାପ୍ରତାପଙ୍କ ସାମ୍ରାଜ୍ୟର ଦୁର୍ଦ୍ଦିନ ଓ ବିପଦକାଳରେ ଲୋକମାନଙ୍କ ଲାଗି ଉତ୍ସର୍ଗ କରିଥିଲେ। ଭୋକରେ ଆଉଟୁ ପାଉଟୁ ଓ ଅନାହାର ମୃତ୍ୟୁରେ ରାଜ୍ୟ ପ୍ରଜା ଜର୍ଜରିତ ଥିବାବେଳେ ବ୍ରହ୍ମ ଶାହା ରାଣାପ୍ରତାପଙ୍କୁ ଜନକଲ୍ୟାଣ ଲାଗି ନିଜର ସମସ୍ତ ସମ୍ପତ୍ତି ଉତ୍ସର୍ଗ କରିଥିଲେ। ଅତୀତରେ ଭାରତ ଏଭଳି ଧରଣର ଏକାଧିକ ଲୋକଉପକାର ଓ ନ୍ୟାସୀତତ୍ତ୍ୱର ସଫଳତାକୁ ହାସଲ କରିପାରିଛି। ଏହି ଦୃଷ୍ଟିରୁ ଗାନ୍ଧୀଙ୍କ ମତ ଓ ମନ୍ତବ୍ୟର ଗୁରୁତ୍ୱ ଆଜି ବି ରହିଛି। ସେ ଭାରତୀୟ ସଂସ୍କୃତିରେ ଏଭଳି ସଫଳତାକୁ ସେଇଥିପାଇଁ ଜାବୋଡି ଧରିଛନ୍ତି। ତେବେ ଏହି ଚିନ୍ତନର ଦ୍ୱିତୀୟ ଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଉ ତାହା ହେଲା ଉପଭୋକ୍ତାବାଦ ଭିତରେ ନ୍ୟାସୀତତ୍ତ୍ୱ।

ଉପଭୋକ୍ତାବାଦର ଦୁଇଟି ସ୍ତର ରହିଛି। ଗୋଟିଏ ବ୍ୟକ୍ତିଗତ ଏବଂ ଅନ୍ୟଟି ସାମାଜିକ। ବ୍ୟକ୍ତିଗତ ସ୍ତରରେ ନ୍ୟାସୀତତ୍ତ୍ୱ ବ୍ୟକ୍ତିର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ସମ୍ପଦ ଉପଭୋଗ ନିର୍ଭର କରେ। ଅପରିଗ୍ରହ ଥିଓରି ଓ ଅର୍ଜନଶୀଳତା ବ୍ୟକ୍ତିକୁ ଅନାବଶ୍ୟକ ସାମଗ୍ରୀର ବ୍ୟବହାର ଲାଗି ବାରଣ କରିଥାଏ। ଏସବୁ ଅଯୋଗ୍ୟ ତଥା ଅନାବଶ୍ୟକ ସାମଗ୍ରୀ କେବଳ ବିଳାସ ବ୍ୟସନଯୁକ୍ତ ବୋଲି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗାନ୍ଧୀ ବ୍ୟକ୍ତିଗତ ଚାହିଦା ଓ ଆବଶ୍ୟକତାକୁ ସୀମାବଦ୍ଧ ତଥା ସଂକୁଚିତ କରିବାକୁ ପରାମର୍ଶ ଦେଇଛନ୍ତି। ଜଣେ ବିବେକାନୁମୋଦୀ ନ୍ୟାସୀ ନିଜର ଦୈନନ୍ଦିନ ବ୍ୟବହାର, ଚାହିଦାକୁ ନିୟନ୍ତ୍ରଣରେ ରଖିଥାନ୍ତି। ତେବେ ଏହାର ଅର୍ଥ ନୁହେଁ କି ଦାରିଦ୍ର୍ୟ ଓ ଅଭାବ ଅନଟନ ମଧ୍ୟରେ ଜୀବନ ବିତାଇବା। କାରଣ ଗାନ୍ଧୀ କେବେ ବି ଉତ୍କଟ ଦାରିଦ୍ର୍ୟର ପକ୍ଷଧର ନଥିଲେ। ଏକ ସମ୍ମାନଜନକ, ସରଳ ତଥା ନିରାଡମ୍ବର ଜୀବିକାର୍ଜନ

> ଯେଉଁମାନେ ବାଣିଜ୍ୟ ଓ ବ୍ୟବସାୟିକ କ୍ଷେତ୍ରରେ କାମ କରୁଛନ୍ତି ସେମାନେ ରାଷ୍ଟ୍ର ଗଠନ ଓ ବିକାଶ ସହ ଏକ ଅଂହିସାତ୍ମକ ସମାଜ ଗଠନ ଲାଗି ଆର୍ଥିକ ସହଯୋଗ ତଥା ସହାୟତା ଦେବା ଉପରେ ଗାନ୍ଧୀ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀ ଏବାବଦରେ ସେତେବେଳେ ଉଦ୍ୟୋଗ ଜଗତକୁ ସ୍ୱଷ୍ଟ ବାର୍ତ୍ତା ଦେଇ ସୁସ୍ଥ ଓ ବିକାଶମୁଖୀ ସମାଜ ଗଠନରେ ସେମାନଙ୍କ ଭୂମିକାକୁ ସ୍ୱଷ୍ଟ କରିଥିଲେ। ୨୯ ଜୁନ୍ ୧୯୧୯ ମସିହାରେ ଅହମ୍ମଦାବାଦର ଏକ ଅନାଥାଶ୍ରମ 'ବନିତା ବିଶ୍ରାମ'ର ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ କହିଥିଲେ- "ଏଠାରେ ଏକ ଅଭିଯୋଗ କରାଯାଇପାରେ ଯେ, ଅହମ୍ମଦାବାଦରେ ଅତ୍ୟଧିକ କୁଶଳ ବଣିକ ରହିଛନ୍ତି। ଜଣେ ବଣିକର ଚତୁରତା ସହିତ କାର୍ଯ୍ୟ କୁଶଳତା, ଦକ୍ଷତା, ଜ୍ଞାନ, ସେବା ଲାଗି ପ୍ରସ୍ତୁତିଭାବ ରହିବା ଉଚିତ। ରାଷ୍ଟ୍ରକୁ ସମ୍ପଦ ପ୍ରଦାନ କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ବାଣିଜ୍ୟ ଲାଗି ଯିଏ ଉତ୍ତମ ଦକ୍ଷତା ଓ ପାରଦର୍ଶିତା ପ୍ରଦାନ କରିପାରେ ସେ ହେଉଛି ଶ୍ରେଷ୍ଠ ବଣିକ(ବ୍ୟବସାୟୀ)। ଧର୍ମର ପ୍ରକୃତ ଅର୍ଥ ନ ଜାଣିଲେ ରାଷ୍ଟ୍ରଭକ୍ତିର ଭାବନା ଆସିପାରିବନି। ଶ୍ରୀମଦ୍ ଭଗବତ୍ ଗୀତା ଯେଉଁ କରୁଣାର କଥା ଶିକ୍ଷାଦେଇଛି, ସେଥିରୁ ମୁଁ କେବଳ ଏତିକି ବୁଝିଛି ଯେ, ଆମେ ଆମ ଦେହ, ମନ ଓ ଅକ୍ତିଆରରେ ଥିବା ସମସ୍ତ ସମ୍ପଦକୁ ସଂପୂର୍ଣ୍ଣ ରୂପେ ଉତ୍ସର୍ଗ କରିବା ଉଚିତ। ଯାହାଫଳରେ ଆମ ଚାରିପାଖରେ ଥିବା ଦୁଃସ୍ଥ, ଅସହାୟ ଏବଂ ନିଷ୍ପେସିତଙ୍କ ଯନ୍ତ୍ରଣା କମ୍ ହୋଇପାରିବ।"

ସପକ୍ଷରେ ଗାନ୍ଧୀଙ୍କ ଯୁକ୍ତି ରହିଥିଲା। ଅଧିକ ବା ଅତିରିକ୍ତ ସମ୍ପତ୍ତିକୁ ସମାଜିକ ସେବା ଓ ବହୁବିଧ ଉନ୍ନତି ଲାଗି ବିନିଯୋଗ କରିବାକୁ ସେ ପରାମର୍ଶ ଦେଉଥିଲେ। ଏଭଳିସ୍ଥିତିରେ ଆଉ ଏକ ପ୍ରଶ୍ନ ଗାନ୍ଧୀଙ୍କ ବାବଦରେ ଉଠିଥାଏ, ଆଉ ପ୍ରଶ୍ନଟି ହେଉଛି- ଗାନ୍ଧୀ ଲୋକଉପକାର (ଫିଲାନ୍‌ଥ୍ରୋପି) ବିରୋଧୀ ଥିଲେ। ତେବେ ଫିଲାନ୍‌ଥ୍ରୋପି ଓ 'ମହାଜନ' ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। 'ମହାଜନ' ଶବ୍ଦଟି ବିଶେଷକରି ଗୁଜରାଟ ଓ ରାଜସ୍ଥାନରୁ ସୃଷ୍ଟି ହୋଇଛି। ମହାଜନ ଅର୍ଥ ଟ୍ରଷ୍ଟି (ନ୍ୟାସୀ); ଯିଏକି ତା'ର ଆବଶ୍ୟକତାଠାରୁ ଅର୍ଜନ କରିଥିବା ଅତିରିକ୍ତ ସମ୍ପତ୍ତିକୁ ଜଗତକଲ୍ୟାଣ ଲାଗି ବିନିଯୋଗ କରେ। ଧନ ସଞ୍ଚୟର ପ୍ରକୃତ ଅର୍ଥକୁ ସେ ବୁଝିଥାଏ। ସେ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରେ। ଆଉ ବଳକା ଅର୍ଥ ସାମାଜିକ ଉତ୍ପାଦନକ୍ଷମ ଆବଶ୍ୟକତା ବାବଦରେ ବିନିଯୋଗ କରିଥାଏ। ମହାଜନ ନିଜର ଷ୍ଟାଟସ୍ ବଢାଇବା ଆଶା ରଖି ଏଭଳି ପୂର୍ଣ୍ଣ କରେନି; ବରଂ ଏଭଳି ସାମାଜିକ କ୍ଷେତ୍ରରେ ତା'ର ସଞ୍ଚିତ ତଥା ବଳକା ସମ୍ବଳ ବିନିଯୋଗ କରିବା ନିଜର ଦାୟିତ୍ୱ ତଥା କର୍ତ୍ତବ୍ୟ ବୋଲି ସେ ଭାବିଥାଏ। ଯାହାକି ଫିଲାନ୍‌ଥ୍ରୋପିଷ୍ଟ କ୍ଷେତ୍ରରେ ଦେଖାଯାଇ ନଥାଏ। ଫିଲାନ୍‌ଥ୍ରୋପି ପଶ୍ଚିମୀ ସଭ୍ୟତାରୁ ସୃଷ୍ଟ ଏକ ଶବ୍ଦ; ଯାହାର ଆତ୍ମିକ ଉଦ୍ଦେଶ୍ୟ ମହାଜନ ଭଳି ନୁହେଁ।

ଗାନ୍ଧୀ ଏଇ ପୃଥିବୀ ଓ ଏଥିରେ ବସବାସ କରୁଥିବା ଲୋକଚରିତ୍ରକୁ ନେଇ ଚିନ୍ତିତ। ଟ୍ରଷ୍ଟି କେବଳ ବଳକା ସମ୍ବଳ ସାମାଜିକ କଲ୍ୟାଣ ଲାଗି ବିନିଯୋଗ କରିପାରିବ। ତେବେ ସିଏସ୍‌ଆର କ୍ଷେତ୍ରରେ ଏବେ ଭାଷା ବଦଳି ଯାଇଛି। କିଛି ଲୋକ ବ୍ୟକ୍ତିଗତ ସ୍ତରରେ ଟ୍ରଷ୍ଟ ଗଢି ଏହି ସିଏସଆର ପାଣ୍ଠିର ଦୁରୁପଯୋଗ କରୁଛନ୍ତି। ପ୍ରଥମେ ଟ୍ରଷ୍ଟ ଜରିଆରେ ବିଭିନ୍ନ ଶିକ୍ଷା ଓ ସ୍ୱାସ୍ଥ୍ୟାନୁଷ୍ଠାନ ଖୋଲି ସେଥିରେ ମାଗଣା ଶିକ୍ଷାଦାନ ତଥା ଦାତବ୍ୟ ଚିକିତ୍ସା ସୁବିଧା ଯୋଗାଉଛନ୍ତି; ମାତ୍ର ପରେ ଏହାକୁ ଧୀରେ ଧୀରେ ଏକ ଲାଭଜନକ ସଂସ୍ଥା ତଥା ବ୍ୟବସାୟରେ ପରିଣତ କରିଦେଉଛନ୍ତି। ପରେ ଏହି ଟ୍ରଷ୍ଟ ଗୁଡିକ ଘରୋଇ ମାଲିକାନାରେ ଚାଲୁଛି ଓ ଏହାର ମୁନାଫା ସେମାନେ ଲୁଟିବାରେ ଲାଗିଛନ୍ତି। ଏହି ସଂସ୍ଥା ଗୁଡିକ ମଧ୍ୟ ନିଜ ଟିକସ ଫାଙ୍କିବା ଲାଗି କିଛି ସିଏସଆର କାର୍ଯ୍ୟକରି ତାହାକୁ ବଢାଇ ଚଢାଇ ପ୍ରଦର୍ଶନ କରୁଛନ୍ତି। ଅଧିକ ଅଂଶକୁ ଜନକଲ୍ୟାଣରେ ଲଗାଇ ଅଳ୍ପ ଅଂଶରେ ଖୁସି ରହିବା ସିଏସଆର ନୀତିର ମୂଳଲକ୍ଷ୍ୟ ଥିଲା; ମାତ୍ର ଏବେ ଲାଗୁଛି ତାହା ଉକ୍ତ ଧାରାରୁ ବିଚ୍ୟୁତ ହୋଇସାରିଛି। ତେବେ ଏ କ୍ଷେତ୍ରରେ ମହାଜନ ପରମ୍ପରା ଭିନ୍ନ। ମହାଜନ ପ୍ରକୃତିକୁ ସର୍ବନିମ୍ନ ଆଘାତ ଦେଇଥାଏ। ପ୍ରାକୃତିକ ସମ୍ପଦର କମ୍ ବିନିଯୋଗ କରିଥାଏ। ଏବେ କିନ୍ତୁ କର୍ପୋରେଟ୍ ଜଗତ ସିଏସ୍‌ଆର ବାବଦରେ ଯାହା ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ବିନିଯୋଗ କରନ୍ତି, ତାହା ଅପେକ୍ଷା କାହିଁ କେତେ ଗୁଣ ଅଧିକ ପ୍ରାକୃତିକ ସମ୍ପଦ ଓ ଶ୍ରମଶକ୍ତିକୁ ଦୁରୁପଯୋଗ କରିଥାନ୍ତି। ସେମାନଙ୍କ ଉଦ୍ଦେଶ୍ୟ ହେଉଛି କିଭଳି ଅଧିକରୁ ଅଧିକ ଲାଭ କରିବା। ଆଉ ଏକ୍‌ଜିଟ୍ ପଲିସି ପାଇଁ କର୍ପୋରେଟ୍ ଜଗତ ଏଭଳି କରିଥାନ୍ତି। ଏହି ନୀତିରେ କର୍ମଚାରୀଙ୍କ ସଂଖ୍ୟା କମାଇ, ସେମାନଙ୍କ ହକ୍‌କୁ ମାରିଥାନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଏହି ପ୍ରକ୍ରିୟାରେ ଉଦ୍ୟୋଗଜଗତକୁ ଛାଡି ଶ୍ରମିକ ଓ ପ୍ରକୃତି କ୍ଷତିଗ୍ରସ୍ତ ହୋଇଥାନ୍ତି। ଏହି କ୍ଷତିକୁ ହ୍ରାସ କରିବା ଲାଗି ସିଏସ୍‌ଆର ପଦ୍ଧତିରେ ଥିବା ଅନାବଶ୍ୟକ କାରକକୁ ବାହାର କରିଦିଆଯିବା ଜରୁରୀ। ଉତ୍ପାଦନ ଲାଗି ଆବଶ୍ୟକ ଶ୍ରମଶକ୍ତି ଓ ପ୍ରକୃତି ପ୍ରତି ଅଧିକ ଦୟାଶୀଳ ଓ କରୁଣାଭାବ କମ୍ପାନୀ କର୍ତ୍ତୃପକ୍ଷ ପ୍ରଦର୍ଶନ କରିବା ଉଚିତ। ଗାନ୍ଧୀଙ୍କ ନ୍ୟାସୀତତ୍ତ୍ୱ ବ୍ୟବସ୍ଥାକୁ ଉଦ୍ୟୋଗ ଜଗତର ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) କ୍ଷେତ୍ରରେ ଲାଗୁ କରିବାକୁ ହେଲେ, ଟ୍ରଷ୍ଟି ନିଜେ ତା'ର ନିଜର ଆବଶ୍ୟକତା, ଚାହିଦା, ଇଚ୍ଛା ଓ ଅଭିଳାଷକୁ ନିୟନ୍ତ୍ରଣରେ ରଖିବାକୁ ପଡିବ। ନ୍ୟାସୀ ଏଭଳି କରିପାରିଲେ ତାହା ଅନ୍ୟମାନଙ୍କ ଉପରେ ମଧ୍ୟ ଏନେଇ ସକାରାତ୍ମକ ପ୍ରଭାବ ପକାଇବ। ଏହାଫଳରେ ସାମାଜିକ ସ୍ତରର ଚାହିଦା ଓ ଇଚ୍ଛାକୁ ମଧ୍ୟ ନିୟନ୍ତ୍ରିତ କରାଯାଇପାରିବ। ଏହା ପରୋକ୍ଷରେ ପ୍ରକୃତିର ସୁରକ୍ଷା କରିବା ସହ ଏକ ସକାରାତ୍ମକ ପ୍ରଭାବ ପକାଇବ। ପ୍ରାକୃତିକ ସମ୍ବଳର ଅଯଥା ଅପଚୟକୁ ମଧ୍ୟ ରୋକାଯାଇପାରିବ। ପ୍ରକୃତି ଉପରେ ପଡୁଥିବା ଚାପ ଏହାଦ୍ୱାରା ହ୍ରାସ ପାଇପାରିବ।

ମୌଳିକ ନୀତି 'ଅପରିଗ୍ରହ' ଜରିଆରେ ଏଭଳି ବ୍ୟବସ୍ଥାକୁ ଆରମ୍ଭ କରାଯାଇପାରିବ। ଜୀବନରେ ଅଧିକ ସମ୍ବଳ ଆହରଣର ଇଚ୍ଛା ନ୍ୟାସୀକୁ ହିଁ ପ୍ରଥମେ ପ୍ରଶମିତ କରିବାକୁ ପଡିବ। ମୌଳିକ ଆବଶ୍ୟକତା ବାଦ୍ ବଳିପଡୁଥିବା ସମ୍ପଦକୁ ସମାଜର ଅନ୍ୟ ଦୁର୍ବଳ ଓ ଗରିବ ବର୍ଗଙ୍କ ଲାଗି ବିନିଯୋଗ କରିପାରିଲେ ଏହାର ସକାରାତ୍ମକ ପ୍ରଭାବ ପୂରା ସମାଜ ଉପରେ ପଡିବ। ଫଳରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ଲାଗି ବଢୁଥିବା ଲାଳସା ହ୍ରାସ କରାଯାଇପାରିବ। ଏପରିକି ଆବଶ୍ୟକ ଓ ଅନାବଶ୍ୟକ ଜ୍ଞାନକୌଶଳ ପରସ୍ପର ଆପେ ନିୟନ୍ତ୍ରିତ ହୋଇପାରିବ। ଦୂରଦୃଷ୍ଟି ଓ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ଗାନ୍ଧୀଙ୍କ ନ୍ୟାସୀତତ୍ତ୍ୱ ଆଜିର ସମାଜରେ ପ୍ରୟୋଗର ସର୍ବାଧିକ ଆବଶ୍ୟକତା ରଖେ। ଏହାର ଉପାଦେୟତା ଏକ ଦୂରଦୃଷ୍ଟି ସଂପନ୍ନ ଓ ଅହିଂସାତ୍ମକ ସମାଜ ଗଠନରେ ବିଶେଷ ସହାୟକ ହୋଇପାରିବ। ସ୍ୱଦେଶୀ ନୀତି ଜରିଆରେ ଅର୍ଥନୀତିର ବିକେନ୍ଦ୍ରୀକରଣ ହୋଇପାରିବ। ବ୍ୟକ୍ତି ଆତ୍ମଶାସିତ ହେଲେ ସ୍ୱରାଜ ସ୍ଥାପନ ସମ୍ଭବ ହେବ। ମହାତ୍ମା ଗାନ୍ଧୀ ତାଙ୍କ ନ୍ୟାସୀତତ୍ତ୍ୱରେ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ।


**ଲେଖକ ହେଉଛନ୍ତି ଅହମ୍ମଦାବାଦ୍‌ସ୍ଥିତ ଗୁଜରାଟ ବିଦ୍ୟାପୀଠର ପୂର୍ବତନ କୁଳପତି**

**Email ID: sudarshan54@gmail.com**

# ବିକଳ୍ପ ଦୃଷ୍ଟିଭଙ୍ଗୀ

ଏମ.ପି. ମାଥାଇ

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଗାନ୍ଧୀ ବିଚାର ଓ ଗାନ୍ଧୀ ଦର୍ଶନକୁ ନେଇ ଜୋରଦାର ଚର୍ଚ୍ଚା ଆଲୋଚନା ହେଉଛି। ଅନେକ ବକ୍ତା, ଗାନ୍ଧୀ ବିଚାରବାଦୀ ବ୍ୟକ୍ତିତ୍ୱ 'ଗାନ୍ଧୀଙ୍କ ପାଖକୁ ଫେରିଚାଲ' ଏବେ ସମୟର ଆହ୍ୱାନ ବୋଲି ମତ ରଖୁଛନ୍ତି। 'ଗାନ୍ଧୀଙ୍କ ପାଖକୁ ଫେରିଚାଲ' ଏକ ପରିପ୍ରକାଶ। ମହାତ୍ମା ଗାନ୍ଧୀଙ୍କ ଉପରେ ବିତର୍କ, ଆଲୋଚନା ବେଳେ ଏହି ପରିପ୍ରକାଶ ପ୍ରତ୍ୟେକଙ୍କ ପାଟିରୁ ବାହାରିଥାଏ। ସାଂପ୍ରତିକ ସ୍ଥିତିକୁ ସମୀକ୍ଷା କଲାବେଳେ କେବଳ ସମାଲୋଚନାକାରୀ ପ୍ରଶଂସକ ନୁହଁନ୍ତି; ବରଂ ଗାନ୍ଧୀ ଚିନ୍ତନରେ ବିଶେଷ ରୁଚି ରଖୁଥିବା ଛାତ୍ରଛାତ୍ରୀ ମଧ୍ୟ 'ଗାନ୍ଧୀଙ୍କ ପାଖକୁ ଫେରିଚାଲ' ଆପ୍ତବାକ୍ୟ ପ୍ରୟୋଗରୁ ବାଦ୍ ପଡୁନାହାନ୍ତି। ମାନବ ସଭ୍ୟତା ଆଜି ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି, ତାହାର ସମାଧାନ ସୂତ୍ର ଗାନ୍ଧୀ ଦର୍ଶନରେ ରହିଛି। 'ଗାନ୍ଧୀଙ୍କ ପାଖକୁ ଫେରିଚାଲ'ର ଅର୍ଥ ଏଠାରେ ପୂର୍ବସ୍ଥିତି ଓ ସଭ୍ୟତାର କଥାକୁ ହିଁ ଦୋହରାଉଛି। ପୂର୍ବରୁ ଆମେ ଯେଉଁ ଅବସ୍ଥାରେ ଥିଲେ ସେହି ପରିବେଶକୁ ଫେରିବା କିମ୍ବା ପୂର୍ବରୁ ଯେଉଁ ସ୍ଥିତି ରହିଥିଲା ତାହାକୁ ଏବେ କାର୍ଯ୍ୟକାରୀ କରିବା ହିଁ ଏଠାରେ 'ଫେରିବା' ଅର୍ଥକୁ ବୁଝାଉଛି। 'ଫେରିବା' ଶବ୍ଦ ଏଥିପାଇଁ ଉପଯୁକ୍ତ ପ୍ରୟୋଗ ନୁହେଁ ବୋଲି କୁହାଯାଇପାରେ। ତେବେ ଗାନ୍ଧୀଙ୍କ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ହେଉଛି 'ସ୍ୱରାଜ' ଏବଂ 'ସର୍ବୋଦୟ' ହାସଲ। ଯାହାର ସାର୍ବଜନୀନ ଅର୍ଥ ମାନବଜାତିର ସର୍ବାଙ୍ଗୀଣ ବିକାଶ। ଗାନ୍ଧୀଙ୍କ ନୀତି ଓ କାର୍ଯ୍ୟଧାରାକୁ ଅନୁଶୀଳନ କଲେ ଜାଣିହେବ ସେ କିଭଳି ସଂସ୍କାରଧର୍ମୀ ଥିଲେ। ଏକ ଦୂରଦୃଷ୍ଟି ସଂପନ୍ନ ଲକ୍ଷ୍ୟ ତାଙ୍କର ମାର୍ଗଦର୍ଶନ ଥିଲା। ଏହି ଆଭିମୁଖ୍ୟକୁ ନେଇ ଆମର କର୍ତ୍ତବ୍ୟ ସହ ଆଗକୁ ବଢିବା। ତାଙ୍କ ଦୂରଦୃଷ୍ଟିକୁ ଗ୍ରହଣ କରିବା। ଏକ ସତ୍ୟ ଓ ଦୀର୍ଘସ୍ଥାୟୀ ସଭ୍ୟତା ଗଠନ ଲାଗି ସେ ଯେଉଁ ଆତ୍ମଚିନ୍ତନର ଅନୁଭବ କରିଥିଲେ ତାହାକୁ ଆମେ କାର୍ଯ୍ୟରେ ପରିଣତ କରିବା।




ଜନ୍ ରସ୍‌କିନ୍

ଆମେ ଜାଣୁ, ଆଜିର ଦିନରେ ମାନବିକତା ଏକ ସନ୍ଧିକ୍ଷଣ ଦେଇ ଗତି କରୁଛି। ମାନବିକତା ତା'ର ଅସ୍ତିତ୍ୱ ବଜାୟ ଲାଗି ଆଜି ସବୁଠୁ ଦୁର୍ଭାଗ୍ୟଜନକ ସଂଘର୍ଷ କରୁଛି। ଏହା କିଭଳି ବଞ୍ଚିରହିବ ତାହା ଆମ ସମସ୍ତଙ୍କର ଦାୟିତ୍ୱ। ସମକାଳୀନ ସମାଜ ଥିଲା ଜ୍ଞାନଭିତ୍ତିକ। ମାତ୍ର ଆଜିର ସମାଜ ହେଉଛି ତଥ୍ୟ, ସୂଚନା ଓ ଜ୍ଞାନର ବିସ୍ଫୋରଣ ଭିତ୍ତିକ। ଇଣ୍ଟରନେଟ୍ ସଂଯୋଗ ଯୋଗୁଁ ମଣିଷ ସବୁକିଛି ଜ୍ଞାନ ହାସଲ କରୁଛି। ସୂଚନା ଓ ଜ୍ଞାନଗ୍ରହଣର ଏତେ ସହଜ ତଥା ବିସ୍ତାରିତ ବ୍ୟବସ୍ଥା ଆମ ଦୈନନ୍ଦିନ ଜୀବନରେ ବିକଶିତ ହୋଇସାରିଛି। ଦୈନିକ ଆମେ ଅନେକ ପ୍ରାକୃତିକ ଘଟଣା ଓ ଦୁର୍ଘଟଣାକୁ ଦେଖୁଛେ; ଯାହା ଆମ ଚିନ୍ତାଚେତନାରୁ ବାହାରେ, ଅବର୍ଣ୍ଣନୀୟ ତଥା ଅଧିକାଂଶ ନାଗରିକଙ୍କ ମଗଜରେ ନପଶିବା ଭଳି ଘଟଣା। ପ୍ରସିଦ୍ଧ ବୈଜ୍ଞାନିକ ମିଚିଓ କାକୁ କ୍ୱାଣ୍ଟମ୍ ମେକାନିକ୍ସ, ବାଓ ଜେନେଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ତିନିଟି ବୈଜ୍ଞାନିକ ଅଭ୍ୟୁତ୍ଥାନ ସଂପର୍କରେ ସୂଚନା ଦେଇଛନ୍ତି। କିଭଳି ଏହି ତିନିଟି ପ୍ରମୁଖ ବୈଜ୍ଞାନିକ ବିପ୍ଳବ ସକାରାତ୍ମକ ଭାବେ ମାନବତାର ଭାଗ୍ୟ ଓ ଭବିଷ୍ୟତକୁ ନାଟକୀୟ ଢଙ୍ଗରେ ପୁନଃରୂପ ଦେଉଛି ତାହା ଉପରେ ବିଷଦ୍ ତଥ୍ୟ ରଖିଛନ୍ତି। ତେବେ ଏହି ସମୟରେ ଆମ ବିଶ୍ୱବ୍ରହ୍ମାଣ୍ଡ ଓ ତା' ଭିତରେ ଥିବା ଆମ ବୌଦ୍ଧିକ ଜୀବନର ସ୍ଥିତି କ'ଣ ହେବ ସେ ସଂପର୍କରେ ସେମାନେ ନିଶ୍ଚିତ ନାହାନ୍ତି। ଯଦିଓ ଆଷ୍ଟ୍ରୋଫିଜିସିଷ୍ଟ (ଖଗୋଳବିତ୍)ମାନେ

ଏହି ବିଶ୍ୱବ୍ରହ୍ମାଣ୍ଡର ପରିଧି ଅତ୍ୟନ୍ତ ବ୍ୟାପକ ତଥା ବିସ୍ତାରିତ ହେବ ବୋଲି ପୂର୍ବରୁ କହିସାରିଛନ୍ତି; ତଥାପି ସଂପ୍ରତି ବୈଜ୍ଞାନିକଗଣ ପରବର୍ତ୍ତୀ ସ୍ଥିତି ନେଇ କୌଣସି ପ୍ରକାରେ ନିଶ୍ଚିତ ନୁହଁନ୍ତି। ଗୋଟିଏ ଆଶଙ୍କା ରହିଛି ଯେ, ହୁଏତ ପୃଥିବୀ ଅଥବା ବ୍ରହ୍ମାଣ୍ଡ ଏକ ବଡ଼ ଧକ୍କା ବା ଦୁର୍ଘଟଣାର ସମ୍ମୁଖୀନ ହେବ। ଫଳରେ ପ୍ରଚଣ୍ଡ ଅଗ୍ନି କିମ୍ବା ଭୟଙ୍କର ଥଣ୍ଡା ଯୋଗୁଁ ଏହା ଧ୍ୱଂସ ପାଇଯିବ। ସମୁଚ୍ଚୟ ପୃଥିବୀ ବରଫରେ ପୋତି ହୋଇଯାଇପାରେ। କ୍ୱାଣ୍ଟମ୍ ଫିଜିକ୍ସ ଯାହା ଆମକୁ କୁହେ ତାହାହେଉଛି- ହୁଏତ ବ୍ରହ୍ମାଣ୍ଡ ଓ ବୌଦ୍ଧିକ ଜୀବନ ଏହିପରି ଧ୍ୱଂସ ପାଇପାରେ। ବିଶ୍ୱର ସବୁଠୁ ବୁଦ୍ଧିମାନ ଜୀବ କୁହାଯାଉଥିବା ମଣିଷ ହୁଏତ ସମାଜର ଚତୁର୍ଥ ଅଙ୍ଗ ରୂପେ ପରିଚିତ ବିଜ୍ଞାନର ପ୍ରୟୋଗକରି ମହାକାଶ ସମୟକୁ ନିରନ୍ତର ଚଳାଇ ରଖିପାରେ। ଅନ୍ୟାନ୍ୟ ମହାଜାଗତିକ ପିଣ୍ଡ ଗୁଡିକରେ ଛୋଟ ଛୋଟ ସୂକ୍ଷ୍ମକୃମୀ ଭଳି ଗର୍ତ୍ତ ରହିଛି। ଏହାଦ୍ୱାରା ବ୍ରହ୍ମାଣ୍ଡର ଅନ୍ୟାନ୍ୟ ଅଂଶକୁ ସଂଯୋଗ କରି ମଣିଷ ମୃତ୍ୟୁକୁ ମର୍ତ୍ତ୍ୟରୁ ଦୂରେଇ ଦେବା ଭଳି ଅନୁସନ୍ଧାନରେ ଲାଗି ପଡିଛନ୍ତି। ବହୁ ଦୂର ଦୂରାନ୍ତରରେ ପ୍ରତୀକ୍ଷାରତ ଏକ ସୁନ୍ଦର ଭବିଷ୍ୟତଟିଏ ଆମକୁ ଅପେକ୍ଷା କରିଛି ବୋଲି ବୈଜ୍ଞାନିକଗଣ ଅନୁମାନ କରୁଛନ୍ତି। ସାଧାରଣ ବ୍ୟକ୍ତିଟିଏ ତା' ସାମ୍ନାରେ ଆଜି କ'ଣ ଘଟୁଛି ତାହାକୁ ନେଇ ଚିନ୍ତିତ ତଥା ଆତଙ୍କିତ ରହିଛି। ଏହି ପରିବର୍ତ୍ତନ କିଭଳି ତା'ର ଜୀବନ ଓ ଜୀବନରକ୍ଷାକାରୀ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ନକାରାତ୍ମକ ପ୍ରଭାବ ପକାଉଛି ତାହାକୁ ନେଇ ସାଧାରଣ ନାଗରିକଟିଏ ଚିନ୍ତିତ। ଅଥଚ ବୈଜ୍ଞାନିକଗଣ କୋଟି କୋଟି ବର୍ଷ ପରେ ବ୍ରହ୍ମାଣ୍ଡର ଭବିଷ୍ୟତ ସ୍ଥିତିକୁ ନେଇ ଚାଲିଥିବା ଏହା ଅନୁସନ୍ଧାନ ବୋଲି କହୁଛନ୍ତି।

ଆଜି ଆମେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛେ ତାହା ମନୁଷ୍ୟକୃତ ସଂକଟ। ପୃଥିବୀ ମାତା ଓ ଏଥିରେ ବସବାସ କରୁଥିବା ଦୁର୍ବଳ ଶ୍ରେଣୀର ଲୋକଙ୍କ ଉପରେ ମୁଷ୍ଟିମେୟ ପ୍ରଭାବଶାଳୀ ମଣିଷ ଯେଉଁଭଳି ଭାବେ ଭୟଙ୍କର ନିର୍ଯ୍ୟାତନା ଚଳାଇଛନ୍ତି ତାହାର ପ୍ରାକୃତିକ ପ୍ରତିଫଳନ ହିଁ ବିଭିନ୍ନ ସମୟର ବିପର୍ଯ୍ୟୟ। ତେବେ ଆମେ ଏହା ମଧ୍ୟ ଜାଣୁ ଯେ ସପ୍ତଦଶ ଶତାବ୍ଦୀରେ ଯେଉଁ ବିଜ୍ଞାନଭିତ୍ତିକ ବିପ୍ଳବ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ୟୁରୋପୀୟ ଜ୍ଞାନୋଦୟ ଘଟିଲା ତାହା ମଣିଷର ଅସ୍ତିତ୍ୱକୁ ନେଇ ଏକ ବଡ଼ ପଟ୍ଟ ପରିବର୍ତ୍ତନ କରିଥିଲା। ବିଶ୍ୱପ୍ରେକ୍ଷାପଟରେ ଯେଉଁ ପାରମ୍ପରିକ ମାର୍ଗଦର୍ଶନ ମଣିଷ ସମାଜକୁ ମିଳୁଥିଲା ତାହା ଏବେ ତଥାକଥିତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ରୂପାନ୍ତରିତ ହୋଇଯାଇଛି। ଉଦାହରଣ ସ୍ୱରୂପ ପାରମ୍ପରିକ ଅଥବା ପୂର୍ବଜ୍ଞାନ ପରିପ୍ରେକ୍ଷୀରେ ଆଧ୍ୟାତ୍ମିକ ଦର୍ଶନକୁ ଗୁରୁତ୍ୱ ଦିଆଯାଉଥିଲା। ମଣିଷ ଜୀବନର ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ରଖିଛି। ଏହି ଜୀବସତ୍ତା ଏକ ଈଶ୍ୱର ଆଦେଶ ନେଇ ଧରାବତରଣ କରିଛି। ମନୁଷ୍ୟର ଅସ୍ତିତ୍ୱ ପଛରେ ଏକ ଈଶ୍ୱରାଦେଶ ରହିଛି ବୋଲି ବିଚାର କରାଯାଉଥିଲା। ପୃଥିବୀକୁ ଏକ ଗ୍ରହ ନୁହେଁ; ବରଂ ଖୋଦ୍ ଏହା ଏକ ଜୀବସତ୍ତା ଏବଂ ମଣିଷ ଜୀବନକୁ ଏକ ସଂଗଠିତ ଜୀବାତ୍ମା ରୂପେ ଗ୍ରହଣ କରାଯାଇଥିଲା। ପୃଥିବୀ-ମଣିଷ ଭିତରେ ପାରସ୍ପରିକ ବୁଝାମଣା, ସହଯୋଗ, ସମ୍ମାନବୋଧ, ଭଲ ପାଇବା ରହିଥିଲା। ପ୍ରକୃତିର ପ୍ରତ୍ୟେକଟି ନିୟମକୁ ସମ୍ମାନର ସହ ମଣିଷ ସମାଜ ପାଳନ କରୁଥିଲା। ଏପରିକି ପ୍ରକୃତିର ନିୟମ ଆଧାରରେ ଜୀବନ ଜୀଉଁଥିଲା। ମାତ୍ର ପଦାର୍ଥ ବିଜ୍ଞାନ ମଣିଷକୁ ପ୍ରକୃତିର ନିୟମ ଓ ପରିବର୍ତ୍ତନ ସଂପର୍କରେ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ସକ୍ଷମ ହେବା ପରେ ମଣିଷର ବ୍ୟବହାର ନାଟକୀୟ ଢଙ୍ଗରେ ଅତର୍କିତ ପରିବର୍ତ୍ତନ ହୋଇଛି। ନୂତନ ଯନ୍ତ୍ରପାତି, ସାଧନ ଜରିଆରେ ନୂତନଜ୍ଞାନକୁ ନେଇ ମଣିଷ ଭିତରେ ଅହଂକାର ବଢିଯାଇଛି। ଫଳରେ ପ୍ରକୃତିକୁ ଅଣଦେଖା କରିବା ସହ ମଣିଷ ସମାଜ ବସୁମାତାକୁ ଅପବିତ୍ର କରିବାରେ ଲାଗିଛି। ପୃଥିବୀ ଏକ ବୃହତ୍ ମେସିନ୍ ଏବଂ ଭୂ-ଆଭ୍ୟନ୍ତରରେ ସଂରକ୍ଷିତ ପ୍ରାକୃତିକ ସମ୍ପଦ ମଣିଷର ବ୍ୟବହାର ଲାଗି ଉପଲବ୍ଧ, ଏଭଳି ଏକ ଧାରଣା ଆସିଛି। ମଣିଷ ବିଜ୍ଞାନ ଓ ଆଧୁନିକ ଜ୍ଞାନକୌଶଳ ଜରିଆରେ ପ୍ରକୃତି ଉପରେ ନିଜ ହୁକୁମାତି ଜାହିର, ନିୟନ୍ତ୍ରଣ ଏବଂ ଏହାର ମନଇଚ୍ଛା ଅପବ୍ୟବହାର କରିପାରିବ ବୋଲି ଏକ ବଦ୍ଧମୂଳ ଧାରଣା ସୃଷ୍ଟି କରିସାରିଛି। ଫଳରେ ମଣିଷ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପରିବର୍ତ୍ତିତ ହୋଇଯାଇଛି। ବିଳାସପୂର୍ଣ୍ଣ ଚଳଣି ଓ ଭୌତିକ କଲ୍ୟାଣକୁ ଅଧିକ ଗୁରୁତ୍ୱ ଦିଆଯିବା ହିଁ ମଣିଷ ଅସ୍ତିତ୍ୱର ନୂତନ ପରିଭାଷା ପାଲଟିଛି। ବସ୍ତୁବାଦର ଏକ ବ୍ରାଣ୍ଡ ସୃଷ୍ଟି ହୋଇଛି। ଆଉ ଏବେ ଧର୍ମ ଓ ଅଧ୍ୟାତ୍ମିକତାର ସ୍ଥାନ ନେଇଛି ଏହି ବସ୍ତୁବାଦୀ ଜୀବନର ବ୍ରାଣ୍ଡ। ଅତୀତରେ ଜ୍ଞାନକୁ ସେବାର ଏକ ସହଯୋଗୀ ଉପାଦାନ ଭାବେ ବିଚାର କରାଯାଉଥିଲା; ମାତ୍ର ଆଜି କ୍ଷମତା ହାସଲ ଓ ପ୍ରଭୁତ୍ୱ ଜାହିର ଲାଗି ଏହାକୁ ଏକ ଅସ୍ତ୍ର ରୂପେ ଅପବ୍ୟବହାର



*ସେବାଗ୍ରାମସ୍ଥିତ ବାପୁ କୁଟୀରରେ ଗାନ୍ଧିଜୀଙ୍କ କୋଠରୀ*



ଲିଓ ଟଲ୍ଷ୍ଟଏ


କରାଯାଉଛି। ବିଶିଷ୍ଟ ବିଦେଶୀ ପ୍ରାବନ୍ଧିକ ସାର୍ ଫ୍ରାନ୍ସିସ୍ ବ୍ୟାକନ୍ ସଂକ୍ଷେପରେ କହିଥିଲେ- ନଲେଜ୍ ଇଜ୍ ପାୱାର (ଜ୍ଞାନ ହିଁ କ୍ଷମତା)। ନୂତନ ବିଜ୍ଞାନଭିତ୍ତିକ ଧର୍ମନିରପେକ୍ଷ ସଭ୍ୟତା ଭୋଗବାଦୀ ଜୀବନ ଓ ଇନ୍ଦ୍ରିୟସୁଖ ଲାଗି ଜ୍ଞାନ ଓ କ୍ଷମତାକୁ ଦୁରୁପଯୋଗ କରୁଛି। ଫଳରେ ବ୍ୟକ୍ତି ଓ ସାମାଜିକ ଜୀବନରେ ନୈତିକତା ଓ ଆଧାତ୍ମିକତାର ସ୍ଖଳନ ଦେଖାଯାଉଛି। ସମାଜ ବ୍ୟବସ୍ଥା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ନୈତିକତା ଏବଂ ଅଧାତ୍ମ ମୂଲ୍ୟବୋଧକୁ ଉପଭୋକ୍ତାବାଦର ଚଦର ଘୋଡାଇ ଦେଇଛି। ଅତୀତର ଏସବୁ କଥା ଓ ବିଚାରଧାରା କୁଆଡେ ଅନ୍ଧବିଶ୍ୱାସ ବୋଲି ଯୁକ୍ତି ବାଢି ନୈତିକତା ଓ ଅଧାତ୍ମିକତାକୁ ଆଜି ଦିନରେ କୋଣଠେସା କରାଯାଇଛି।

ମାତ୍ରାଧିକ ଭୌତିକ ବିଳାସ ଓ ଇନ୍ଦ୍ରିୟାସକ୍ତ ମନୋରଞ୍ଜନ ଏବେ ଏତେ ପ୍ରବଳ ହୋଇପଡିଛି ଯେ ତାହାକୁ ବିକାଶୀଳତାର ଏକ ନୂତନ ପରିଭାଷା କୁହାଯାଉଛି। ଯେକୌଣସି ପରିସ୍ଥିତିରେ, ସବୁକିଛି ମୂଲ୍ୟଦେଇ ବିକାଶ କରିବା ହିଁ ଆଧୁନିକ ସଭ୍ୟତାର ସିଦ୍ଧାନ୍ତ ପାଲଟିଯାଇଛି। ଭିନ୍ନ ଭିନ୍ନ ରାଷ୍ଟ୍ର ଓ ଭିନ୍ନ ରାଜନୈତିକ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ସମସ୍ତେ ଏହି ତଥାକଥିତ ବିକାଶମୁହାଁ ହୋଇଛନ୍ତି। ବିକାଶଶୀଳତାକୁ ନେଇ ଏପରି ରାଜନୈତିକ ଉଡ଼ାଣ ଆରମ୍ଭ ହୋଇଛି ଯେ ଅଧିକାଂଶ ଧର୍ମ ଅନ୍ଧବିଶ୍ୱାସ କବଳିତ ଏବଂ ମୌଳବାଦ ହୋଇପଡିଛି।

ଶେଷ ଶତାବ୍ଦୀର ଆରମ୍ଭରେ ପରିସ୍ଥିତି ଏଭଳି ନଥିଲା। ଏକବିଂଶ ଶତାବ୍ଦୀର ଏ ଦଶନ୍ଧିର ଏ ଦୂରବସ୍ଥାକୁ ଦେଖିଲେ ସମକାଳୀନ ସଭ୍ୟତାରେ ପ୍ରକୃତି କେତେ ପ୍ରଳୟଙ୍କରୀ ଥିଲା ତାହା ସ୍ପଷ୍ଟ ଦିବାଲୋକ ଭଳି ଜଳ ଜଳ ଦିଶୁଛି। ତେବେ ପ୍ରକାରାନ୍ତରେ କହିଲେ ଆଧୁନିକ ସମାଜ କେବଳ ଭୌତିକ ବିଳାସ ଓ ଇନ୍ଦ୍ରିୟାସକ୍ତ ଭୋଗବାଦର ଏକକ ରାସ୍ତାରେ ଚାଲିଛି। ପଶ୍ଚିମ ଭୂ-ଭାଗରୁ ଏହି ସଭ୍ୟତା କ୍ରମେ ପୂର୍ବ ଓ ପୃଥିବୀର ଅନ୍ୟାନ୍ୟ କୋଣ ଅନୁକୋଣକୁ ବିସ୍ତାରିତ ହେବାରେ ଲାଗିଛି। ଧନୀକ ଶ୍ରେଣୀ ତଥା ବଡବଡ଼ିଆ ଗୋଷ୍ଠୀ ଏହାକୁ ଏକ ଆଦର୍ଶ ଜୀବନ କହି ଏହାର ମହନୀୟତା ବଖାଣୁଛନ୍ତି। ଇଡୱାର୍ଡ କାରପେଣ୍ଟର, ଲିଓ ଟଲଷ୍ଟୟ, ଜନ୍ ରସ୍କିନ୍ (ଆମେରିକାର ହେନେରୀ ଡାଭିଡ୍ ଥୋରେଉ ଏବଂ ରାଲ୍ଫ ୱାଲଡୋ ଏମରସନ୍ ଆଦି)ଙ୍କ ଭଳି ପଶ୍ଚିମୀ ଭୂଖଣ୍ଡର କେତେକ ବୌଦ୍ଧିକ ଗୋଷ୍ଠୀ ପ୍ରାଚୀନ ଧର୍ମ, ଦର୍ଶନ, ସଭ୍ୟତା ଓ ବିଚାରଧାରାର ଥିଲେ ସମାଲୋଚକ। ସଭ୍ୟତାକୁ ସେମାନେ ଏକ ରୋଗ ବୋଲି ଅଭିହିତ କରିଥିଲେ। ଗାନ୍ଧୀ ଏମାନଙ୍କ ମଧ୍ୟରୁ ଅନେକଙ୍କ ସହ ବ୍ୟକ୍ତିଗତ ଭାବେ ପରିଚିତ ହେବା ସହ ପୂର୍ବରୁ ସେମାନଙ୍କ ରଚନାକୁ ମଧ୍ୟ ପଢିବାର ସୁଯୋଗ ପାଇଥିଲେ। ୧୮୮୮-୧୮୯୧ ମଧ୍ୟରେ ସେ ଲଣ୍ଡନରେ ଛାତ୍ର ଥିବାବେଳେ ଏହି ବୌଦ୍ଧିକ ଚିନ୍ତକଙ୍କ ଲେଖା ସବୁ ପଢିଥିଲେ। ପରବର୍ତ୍ତୀ ସମୟରେ ଏମାନଙ୍କ ସହ ତାଙ୍କର ପରିଚୟ ଓ ଭାବ ଆଦାନପ୍ରଦାନ ହୋଇଥିଲା। ଗାନ୍ଧୀ ତାଙ୍କ ପ୍ରଥମ ପୁସ୍ତକ 'ହିନ୍ଦ୍ ସ୍ୱରାଜ' ଅର୍ଥାତ୍ 'ଇଣ୍ଡିଆନ୍ ହୋମ୍ ରୁଲ୍'ରେ ଭାରତର ପ୍ରାଚୀନ ସଭ୍ୟତା ସଂପର୍କରେ ଉଲ୍ଲେଖ କରିଥିଲେ। କିଭଳି ଏନେଇ ଏକ ବୈଶ୍ୱିକ ଦୃଷ୍ଟି ରଖାଯାଇପାରେ ତାହା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ଦର୍ଶନ ସଂକ୍ରାନ୍ତ ଅନେକ କର୍ମଶାଳା ଓ ଆଲୋଚନାଚକ୍ରରେ ଗାନ୍ଧୀଙ୍କ ରଚିତ ପୁସ୍ତକର ସମୀକ୍ଷା ତଥା ଗାନ୍ଧୀବାଦ ତତ୍ତ୍ୱକୁ ବିଶେଷ ପ୍ରାଧାନ୍ୟ ଦିଆଯାଏ।

ଅନେକେ ଜାଣନ୍ତି ପଶ୍ଚିମୀ ସଭ୍ୟତାକୁ ସମାଲୋଚନା କରୁଥିବା ଜଣେ ସମୀକ୍ଷକ ଗାନ୍ଧୀଙ୍କ 'ହିନ୍ଦ୍ ସ୍ୱରାଜ'ର କେତେକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆଧୁନିକ ସଭ୍ୟତାର ଭୟଙ୍କର ରୋଗର ମୂଳ କାରଣ 'ହିଂସା' ବୋଲି ସେ ଅଭିହିତ କରିଥିଲେ। ଆଜିର ସମାଜରେ ଏବେ ହିଂସା ଭରିରହିଛି। ଏହା ପ୍ରତ୍ୟକ୍ଷ ରୂପେ ପ୍ରବେଶ କରିବା ସହ ହିଂସା ଦ୍ୱାରା ତିଷ୍ଠି ରହିଛି। ବ୍ୟବସ୍ଥାରେ ଏହା ଏପରି ପ୍ରବେଶ କରିଛି ଯେ କ୍ରମେ ଅଧିକରୁ ଅଧିକ ହିଂସା ଓ ଉତ୍ତେଜନା ସୃଷ୍ଟି କରିବାରେ ଲାଗିଛି। ପଶ୍ଚିମୀ ସଭ୍ୟତାର ଅନ୍ୟ ବିପଜ୍ଜନକ ସ୍ଥିତିକୁ ଗାନ୍ଧୀ ତାଙ୍କ ପୁସ୍ତକରେ ଚିହ୍ନଟ କରିଛନ୍ତି। ଏଭଳି ସଭ୍ୟତାରେ ଧର୍ମ ଓ ନୈତିକତା ନଥିବା ସେ ଦର୍ଶାଇଛନ୍ତି। ଉକ୍ତ ସଭ୍ୟତା ମଣିଷ ଜୀବନର ଧର୍ମ ଓ ନୈତିକତାକୁ ପ୍ରତ୍ୟାଖ୍ୟାନ କରି ତା' ସ୍ଥାନରେ ବିଳାସ ଓ ଆରାମପ୍ରଦ ଜୀବନକୁ ଗୁରୁତ୍ୱ ଦେଇଛି। ଯାହାକି ଅଦରକାରୀ ଏବଂ ଏହାକୁ ଗାନ୍ଧୀ 'ଶାରୀରିକ ସୁଖଭୋଗ' ବୋଲି

ଅଭିହିତ କରିଛନ୍ତି। ଏଭଳି ଜୀବନର ଅନ୍ତିମ ଲକ୍ଷ୍ୟ ହିଁ କେବଳ ଇନ୍ଦ୍ରିୟ ସୁଖ। ମାର୍କ୍ସୀୟ ପରିପ୍ରେକ୍ଷୀରେ, ମାନବ ସଭ୍ୟତାର ମାନଦଣ୍ଡ ହେଉଛି ପ୍ରଯୁକ୍ତିବିଦ୍ୟାର ଦକ୍ଷତା। ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ଜରିଆରେ ପ୍ରକୃତି ଉପରେ ଅଧିକାର ଜାହିର ସହ ଏହାକୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାକୁ ଗୁରୁତ୍ୱ ଦିଆଯିବା ହିଁ ଆଧୁନିକ ସଭ୍ୟତାର କାର୍ଯ୍ୟଧାରା ରହିଛି। ଗାନ୍ଧୀ ତାଙ୍କ ପୁସ୍ତକ 'ହିନ୍ଦ୍ ସ୍ୱରାଜ'ରେ ଆଧୁନିକ ସଭ୍ୟତାର ଏଭଳି କାର୍ଯ୍ୟଧାରାକୁ ନେଇ ସତର୍କ କରାଇଛନ୍ତି। ଆଧୁନିକ ସଭ୍ୟତା ବିଳାସ ଓ ଭୋଗବାଦକୁ ଯେଭଳି ଗୁରୁତ୍ୱ ଦେଉଛି ତାହା ପ୍ରକୃତି ଓ ମାନବିକତାର ଖୁବ୍‌ଶୀଘ୍ର ଅପମୃତ୍ୟୁ ଘଟାଇବ ବୋଲି ଗାନ୍ଧୀ ଉଲ୍ଲେଖ କରିଛନ୍ତି। ମାନବିକତାର ଏହି ବିଲୁପ୍ତିକୁ ରୋକିବା ଲାଗି ବ୍ୟବସ୍ଥାର ସମୀକ୍ଷା ଓ ସଂଶୋଧନ ଲୋଡ଼ା ବୋଲି ପରାମର୍ଶ ଦିଆଯାଇଛି। 'ହିନ୍ଦ୍ ସ୍ୱରାଜ' ପରବର୍ତ୍ତୀ ସମୟ, ଅନୁଭୂତି ଓ ଅଭିଜ୍ଞତା ଆଧାରରେ ଗାନ୍ଧୀ ଉକ୍ତ ପୁସ୍ତକ ରଚନା କରିଥିଲେ। ଏପରିକି ଜବାହରଲାଲ ନେହେରୁଙ୍କ ସମେତ ଅନେକ ବ୍ୟକ୍ତିବିଶେଷ ଗାନ୍ଧୀଙ୍କ 'ହିନ୍ଦ୍ ସ୍ୱରାଜ'ରେ ପ୍ରକାଶିତ କେତେକ ତଥ୍ୟ ଓ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ। ଏହା ବିଜ୍ଞାନସମ୍ମତ ନୁହେଁ, ପୁରୁଣାକାଳିଆ ବିଚାରଧାରା ବୋଲି କହି ସମାଲୋଚନା କରିଥିଲେ। ଏପରିକି ନେହେରୁ ହିନ୍ଦ୍ ସ୍ୱରାଜର ଏହି ଚିନ୍ତନକୁ ପରିବର୍ତ୍ତନ କରିବା ଲାଗି ଗାନ୍ଧୀଙ୍କୁ ଚିଠି ଲେଖିଥିଲେ; ମାତ୍ର ନେହରୁ ଓ ଅନ୍ୟ ସମାଲୋଚକଙ୍କ ପ୍ରଶ୍ନର ଉତ୍ତର ଗାନ୍ଧୀ ୧୯୪୫ ରେ ଲେଖିଥିବା ଚିଠିରେ ଦେଇଥିଲେ। ଗାନ୍ଧୀ ତାଙ୍କ ପୁସ୍ତକରେ ଉଲ୍ଲେଖିତ ମତବାଦ ଉପରେ ଦୃଢ଼ ରହିବା ସହ ଏଥିରେ କୌଣସି ପ୍ରକାର ସଂଶୋଧନର ଆବଶ୍ୟକତା ନଥିବା ସ୍ପଷ୍ଟ କରିଥିଲେ। 'ହିନ୍ଦ ସ୍ୱରାଜ'ରେ ଗାନ୍ଧିଜୀଙ୍କ ବିଚାରଧାରା ଉପରେ ଦେଶବିଦେଶର ବହୁ ସମୀକ୍ଷକ, ସମାଲୋଚକ ଗଭୀର ଅନୁଶୀଳନ କରିଛନ୍ତି। ଏଥିରେ ପ୍ରକୃତି ପୂଜା ଓ ବିକଳ୍ପ ମାନବ ସଭ୍ୟତା ସଂପର୍କରେ ମର୍ମସ୍ପର୍ଶୀ ଆଲେଖ୍ୟ ରହିଛି। ଗାନ୍ଧୀଙ୍କ ଏହି ପୁସ୍ତକକୁ ବହୁ ଗବେଷକ, ଐତିହାସିକ, ସମାଲୋଚକ, ସମୀକ୍ଷକ ଅତୀତରେ ଭୂୟସୀ ପ୍ରଶଂସା କରିଛନ୍ତି। ଏପରିକି ଏଭଳି କାଳଜୟୀ ସୃଷ୍ଟି ଲାଗି ଗାନ୍ଧିଙ୍କ ପ୍ରତି ଅନୁଗୃହୀତ ହୋଇଥିବା ଅନେକ ସମାଲୋଚକ ଉଲ୍ଲେଖ କରିଛନ୍ତି। ରାଚେଲ କାର୍ସନ ତାଙ୍କ ପୁସ୍ତକ 'ଦ ସାଇଲେଣ୍ଟ ସ୍ପ୍ରିଙ୍ଗ୍(୧୯୬୨), ମେରିଲିନ୍ ଫର୍ଗୁସନ୍‌ଙ୍କ 'ଦ ଆକ୍ୟୁଆରିଆନ୍ କନ୍‌ସ୍ପିରେସି'(୧୯୮୦), ଡେନିସ୍ ମିଡୋଜ୍, ଡୋନେଲା ମିଡୋଜ୍ ଏବଂ ଜୋରଜେନ୍ ରାଣ୍ଡର୍ସଙ୍କ 'ଦ ଲିମିଟ୍‌ସ ଟୁ ଗ୍ରୋଥ୍'(୧୯୭୨), ଇ.ଏଫ ଶୁମାଚର୍‌ଙ୍କ 'ସ୍ମଲ୍ ଇଜ୍ ବିଉଟିଫୁଲ' (୧୯୭୩), 'ଏ ଗାଇଡ୍ ଫର୍ ଦ ପେରପ୍ଲେକ୍ସଡ୍'(୧୯୭୭), ଆଲଭିନ୍ ଟୋଫଲର୍‌ଙ୍କ 'ଦ ଥାର୍ଡ ୱେଭ୍' (୧୯୮୦) ଆଦି ଅନେକ



ଲୋକପ୍ରିୟ ପୁସ୍ତକ ପରବର୍ତ୍ତୀ ସମୟରେ ମାନବ ସଭ୍ୟତାରେ ଘଟିଥିବା ଭୟଙ୍କର ଘଟଣାର ବର୍ଣ୍ଣନା କରିଛନ୍ତି। ମଣିଷ କିଭଳି ପ୍ରକୃତି ଉପରେ ଅମାନବିକ ହିଂସା ଘଟାଇଚାଲିଛି ତାହା ଉପରେ ଏସବୁ ପୁସ୍ତକରେ ଆଲୋକପାତ କରାଯାଇଛି। ଫଳରେ ମଣିଷ ଜୀବନର ଅସ୍ତିତ୍ୱକୁ ନେଇ ମଧ୍ୟ ସଂକଟ ଘନେଇଛି। କିଭଳି ବିଶ୍ୱରେ ଧ୍ୱଂସର ଏକ ଭୟଙ୍କର ପରିସ୍ଥିତି ଉପୁଜିଛି ଏବଂ ସେହି ରାସ୍ତାରେ ସମସ୍ତେ ଚାଲିଛନ୍ତି ସେ ସଂପର୍କରେ ସତର୍କ ସୂଚନା ପ୍ରଦାନ କରାଯାଇଛି। ତେବେ ଏସବୁ ସ୍ଥିତିରୁ ମୁକୁଳିବା ଲାଗି ମଧ୍ୟ କେତେକ ସମାଧାନର ବିକଳ୍ପ ସୂତ୍ର ପ୍ରଦାନ କରାଯାଇଛି। ଏହିସବୁ ବିକଳ୍ପ ଗାନ୍ଧୀଙ୍କ ବିକଳ୍ପ ସୂତ୍ର ସହ ତାଳ ଖାଉଛି। ଯଦି ଆମେ ଚାଲୁଥିବା ବିପଜ୍ଜନକ ରାସ୍ତାରୁ ନିଜକୁ ଦୂରେଇ ରଖିବା ସହ ପୂର୍ବ ନିର୍ଦ୍ଧାରିତ ମାର୍ଗରେ ନ ଚାଲିବା ତେବେ ସଭ୍ୟତା ଓ ପ୍ରକୃତି ଉଭୟ ଧ୍ୱଂସ ପାଇଯିବ ବୋଲି ଲେଖକ ସଚେତନ କରାଇଛନ୍ତି। ଦୀର୍ଘସ୍ଥାୟୀ ଲକ୍ଷ୍ୟ, ଅହିଂସା, ନ୍ୟାୟ ଓ ଶାନ୍ତିକୁ ମୂଳନୀତି ରୂପେ ଗ୍ରହଣ କରି ପୁନର୍ବାର ଏକ ବିକଳ୍ପ ବିଶ୍ୱର ରାସ୍ତା ବାଛିବାକୁ ପଡିବ। ଗାନ୍ଧୀଙ୍କ ଦୃଷ୍ଟିରେ ନଚେତ୍ ଏ ଆଧୁନିକ ସଭ୍ୟତାର ଗତି କେତେବେଳେ ତାସ୍‌ଘର ଭଳି ଖସିପଡିବ କହିହେବନି।

ଏବେ ରୋଗର ନିଦାନ ବେଶ୍ ସ୍ପଷ୍ଟ। ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ, ବଢୁଥିବା ଅବସାଦଜନିତ ଆତ୍ମହତ୍ୟା ଓ ଇନ୍ଦ୍ରିୟ ସୁଖଭୋଗ ଲାଗି ପ୍ରକୃତି ସହ ଖେଳିବା ଭଳି ଏକାଧିକ ଅସଲ ବିପଦ ଏବେ ମାନବ ସମାଜ ଲାଗି ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏସବୁ ସଂପର୍କରେ ଆମକୁ ପୁନର୍ବିଚାର କରିବାକୁ ପଡିବ। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରୁ ସୃଷ୍ଟି ହେଉଥିବା ଭୟଙ୍କର ବିପଦ ପ୍ରସଙ୍ଗରେ ଏବେ ଜାତିସଂଘ ଆଲୋଚନା କରୁଛି। ଏହାର ମୁକାବିଲା ଲାଗି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ଉପରେ ଗୁରୁତ୍ୱାରୋପ କରୁଛି। ଉକ୍ତ ସମ୍ମିଳନୀରେ ଅନେକ ବିଶ୍ୱନେତା ଗାନ୍ଧୀଙ୍କ ଚିନ୍ତନ, ଦର୍ଶନ ଓ ବିଚାରଧାରାକୁ ଗୁରୁତ୍ୱ ଦେଇ ତଦନୁଯାୟୀ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଜୋର ଦେଉଛନ୍ତି। ଲକ୍ଷ୍ୟ ହେଉଛି ଏକ ଦୀର୍ଘସ୍ଥାୟୀ ବିକଳ୍ପ ସଭ୍ୟତା ଗଠନ ଲାଗି ଯୋଜନା ପ୍ରସ୍ତୁତ କରିବା। ଜାତିସଂଘ ଘୋଷଣାନାମା ତଥ୍ୟରେ ଏସଂପର୍କରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରମାନେ '୫-ପି' (ପିପୁଲ-ଜନତା, ପ୍ଲାନେଟ୍-ପୃଥିବୀ, ପ୍ରସ୍ପରିଟି-ସମୃଦ୍ଧି, ପିସ୍-ଶାନ୍ତି ଏବଂ ପାର୍ଟନରସିପ୍-ସହଭାଗିତା) ଉପରେ ଗୁରୁତ୍ୱ ଦେଇ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ରୂପରେଖ ପ୍ରସ୍ତୁତ କରିବାକୁ ଜାତିସଂଘ ଘୋଷଣାନାମାରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହାହିଁ ଥିଲା ଗାନ୍ଧୀଙ୍କ ଗାନ୍ଧୀବାଦ ଓ ଭବିଷ୍ୟତ କାର୍ଯ୍ୟପନ୍ଥା। ଅନେକ ଘଟଣାକ୍ରମରେ ଗାନ୍ଧୀ ଅତୀତରେ ଏହି ୫-ପି ଉପରେ ଗୁରୁତ୍ୱ ଦେଇଆସିଥିଲେ। ପୃଥିବୀକୁ ଆମ ତଥାକଥିତ ଆଧୁନିକ ସଭ୍ୟତା ଯେଉଁଳି ଏକ ବିପଜ୍ଜନକ ସ୍ଥିତିକୁ ଠେଲିଦେଇଛି ଏହାର ସୁରକ୍ଷା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିବାକୁ ପଡିବ। ଜାତିସଂଘ ପରିଷଦର ସମସ୍ତ ସଭ୍ୟ ରାଷ୍ଟ୍ରଙ୍କୁ ଏନେଇ ଦୀର୍ଘସ୍ଥାୟୀ ମିଳିତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।

ତେବେ ଦୁର୍ଭାଗ୍ୟର କଥା ଅନେକ ସମୃଦ୍ଧ ରାଷ୍ଟ୍ର ଅଦ୍ୟାବଧି ମଧ୍ୟ ଏଦିଗରେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି। ସବୁଜଘର ଜରିଆରେ ବାୟୁମଣ୍ଡଳରେ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନକୁ ହ୍ରାସ କରି ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ୧୯୯୭ ମସିହାରେ ବିଶ୍ୱର ୮୪ଟି ରାଷ୍ଟ୍ର ଏକାଠି ହୋଇଥିଲେ। ଏହି ସମ୍ମିଳନୀରେ ୧୯୯୨ ଜାତିସଂଘ ଫ୍ରେମ୍‌ୱାର୍କ କନ୍‌ଭେନ୍‌ସନ୍ ଅନୁଯାୟୀ ଏକ ଅନ୍ତର୍ଜାତୀୟ ରାଜିନାମାରେ କ୍ୟାଟୋ ପ୍ରୋଟୋକଲ (ଚୁକ୍ତି) ସ୍ୱାକ୍ଷରିତ ହୋଇଥିଲା। ବିଶ୍ୱ ଉତ୍ତାପନ ବୃଦ୍ଧିକୁ ରୋକିବା ଲାଗି ଚୁକ୍ତିବଦ୍ଧ ରାଷ୍ଟ୍ରମାନେ କଳକାରଖାନା, ଗାଡିମୋଟର ଓ ଅନ୍ୟାନ୍ୟ ଉତ୍ସରୁ ସୃଷ୍ଟ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ ହ୍ରାସ କରିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏଭଳି ଚୁକ୍ତିକୁ ସମୃଦ୍ଧ ରାଷ୍ଟ୍ର ତଥାକଥିତ ଶିଳ୍ପବିକାଶ ପ୍ରଭାବିତ ହେବା ଦର୍ଶାଇ ଲାଗୁ କରି ନଥିଲେ।

ଆଧୁନିକ ସଭ୍ୟତା ତା'ର ଚାକଚକ୍ୟ ଓ ଆକର୍ଷଣ ବଜାୟ ରଖିବା ଲାଗି ସାଧାରଣ ଲୋକଙ୍କୁ ଲୋଭ ଦେଖାଇ ଚାଲିଛି। ଅଧିକାଂଶ ମଣିଷ ଆଜିର ଦିନରେ ବି ଏହି ବନ୍ଧନ ଭିତରେ ଏଭଳି ଛନ୍ଦି ହୋଇପଡିଛନ୍ତି ଯେ ସେମାନଙ୍କ ଆଖିରେ ବନ୍ଧା ଯାଇଥିବା ଅନ୍ଧପୁଟୁଳି ଖୋଲିବା ସହଜ ନୁହେଁ। ଗାନ୍ଧୀଙ୍କ ଭାଷାରେ ଏଭଳି କ୍ଷଣିକ ତଥା ସାମୟିକ ସୁଖଭୋଗ ଲାଗି ସଂପୂର୍ଣ୍ଣ ସୃଷ୍ଟି ଓ ସଭ୍ୟତାକୁ ରସାତଳଗାମୀ କରିବା ଉଚିତ ନୁହେଁ। ଯାହାକି ଏବେ ଜାତିସଂଘ ସ୍ପଷ୍ଟ ଉଲ୍ଲେଖକରି ଆଗାମୀ ଦିନରେ ପୃଥିବୀ ସମ୍ମୁଖୀନ ହେବାକୁ ଯାଉଥିବା ସଂକଟକୁ ନେଇ ଗଭୀର ଚିନ୍ତାପ୍ରକାଶ କରିଛି। ଆମ ସାମ୍ନାରେ ଉଭା ହୋଇଥିବା ପ୍ରଶ୍ନ ଅତି ସହଜ ଓ ସ୍ପଷ୍ଟ। ଦୂର ଦିଗ୍‌ବଳୟରେ ଉଦ୍ଭାସିତ ଭୟଙ୍କର ଚିତ୍ରକୁ ଆମେ ଦେଖିବାକୁ ପ୍ରସ୍ତୁତ କି ନୁହେଁ? ଆଉ ତାହାର ସମାଧାନ ଲାଗି ଏକ ଦୀର୍ଘସ୍ଥାୟୀ ଲକ୍ଷ୍ୟରେ ଆମେ ଜୀବନଚର୍ଯ୍ୟାରେ ଏବେ ପରିବର୍ତ୍ତନ ଆଣିବା କି ନାହିଁ ତାହା ଏବେ ସମସ୍ତଙ୍କ ଲାଗି ଏକ ବଡ଼ ଆହ୍ୱାନ। ଗାନ୍ଧୀଙ୍କ 'ହିନ୍ଦ୍ ସ୍ୱରାଜ'କୁ ସଂକ୍ଷିପ୍ତରେ କହିଲେ, ଦୀର୍ଘସ୍ଥାୟୀ ସଭ୍ୟତା ଗଠନ ଲାଗି ପ୍ରସ୍ତୁତ ନୀତି। ଆମ ଉତ୍ତରଦାୟିତ୍ୱ ହେଉଛି ଏହି ନୀତିକୁ ବାସ୍ତବରେ ପରିଣତ କରିବା। ଆଉ ଏହାହିଁ ହେବ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ଲେଖକ ହେଉଛନ୍ତି ଗୁଜରାଟ ବିଦ୍ୟାପୀଠର ଜଣେ ଅନୁବନ୍ଧିତ ପ୍ରଫେସର ଏବଂ ଗାନ୍ଧୀ ମାର୍ଗର ସଂପାଦକ**

**Email ID: mpmathaie@gmail.com**

# ନିଃସ୍ୱାର୍ଥପର ଚେତନା

ପ୍ରେମ ଆନନ୍ଦ ମିଶ୍ର

ସାମୃତିକ ସମାଜରେ ତୃଣମୂଳ ସ୍ତରରୁ ବୃହତ୍ତର କ୍ଷେତ୍ର ପର୍ଯ୍ୟନ୍ତ ହିଂସାର ବହୁମୁଖୀ କୁପ୍ରଭାବ ଏକ ପ୍ରମୁଖ ଆହ୍ୱାନ ସୃଷ୍ଟି କରିଛି। ସାଧାରଣ ଭାବେ ହିଂସା ଏକପ୍ରକାର ଆଇନସିଦ୍ଧ ହୋଇପଡିଛି। ହିଂସାର ଜଟିଳତାକୁ ଆଇନଗତ ରୂପେ ପ୍ରାୟ ସଂକୀର୍ଣ୍ଣ କରିଦିଆଯାଇଛି। ହିଂସା ହେଉଛି ଏକ ଦଣ୍ଡନୀୟ ଅପରାଧ। ଆଇନରେ ମଧ୍ୟ ଏହା କୁହାଯାଇଛି। ଏମ. ଫୋକଲ୍ଟ ତାଙ୍କ ପୁସ୍ତକ 'ଦ ପଲିଟିକ୍ସ ଅଫ୍ ଟ୍ରୁଥ୍'ରେ କହିଛନ୍ତି ଯେ, ଯାହା ଆମମାନଙ୍କୁ ସାଧାରଣରେ ଦିଶେ, ବାସ୍ତବରେ ତାହା ସେୟା ନୁହେଁ। ହିଂସା କ୍ଷେତ୍ରରେ ଏହି ଉକ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ। କେହି କେହି ହିଂସା ସଂପର୍କରେ ଫୋକଲ୍ଟଙ୍କ ମତକୁ ନେଇ ବିତର୍କ କରିପାରନ୍ତି; ମାତ୍ର ହିଂସାକୁ ନେଇ ପ୍ରତ୍ୟକ୍ଷ ଓ ସ୍ୱଷ୍ଟ ମତ ରହିବା ଦରକାର; ମାତ୍ର ଏବେ ଏହାକୁ ଦ୍ୱନ୍ଦ୍ୱଯୁକ୍ତ ଓ ବିବାଦୀୟ କରାଯାଇଛି। ଏ ପ୍ରସଙ୍ଗରେ ଏ.ଇ.ଷ୍ଟାଙ୍କୋଙ୍କ ପୁସ୍ତକ 'ଦ ମିନିଂ ଅଫ୍ ଭାଓଲେନ୍ସ'ର ଅନୁଧ୍ୟାନକୁ ଅନୁଶୀଳନ କରାଯାଇପାରେ। ତାଙ୍କ ମତରେ 'ହିଂସାର ଅର୍ଥ ହେଉଛି ଏହା ସବୁବେଳେ ତରଳ। କେବେ ସ୍ଥିର ତଥା ନିର୍ଦ୍ଦିଷ୍ଟ ନୁହେଁ। ଏଭଳି ବୈଚାରିକ ସମସ୍ୟା ସତ୍ତ୍ୱେ ବିଶିଷ୍ଟ ଲେଖକ ଜୋହାନ ଗାଲଟୁଙ୍ଗ୍ଙ୍କ 'ପିସ୍ ବାଇ ପିସ୍‌ଫୁଲ ମିନ୍ସ' ପୁସ୍ତକରୁ ହିଂସାର ସଂଜ୍ଞାକୁ ଯେକେହି ସହଜରେ ବୁଝାଇପାରେ। ଗାଲଟୁଙ୍ଗ୍ଙ୍କ'ଙ୍କ କହିବାନୁଯାୟୀ, ହିଂସା ହେଉଛି ତିନି ପ୍ରକାର ଯଥା- ପ୍ରତ୍ୟକ୍ଷ (ଡାଇରେକ୍ଟ), ସ୍ତରୀକୃତ(ଷ୍ଟ୍ରକ୍‌ଚ୍ୟୁରାଲ)



*ନୂଆଖାଲି ଠାରେ ମହାତ୍ମା ଗାନ୍ଧୀ, (ନଭେମ୍ବର ୧୯୪୬)*

ଏବଂ ସାଂସ୍କୃତିକ (କଲଚ୍ୟୁରାଲ)। ଏବେ ଦେଖିବା ଗାନ୍ଧିଜୀଙ୍କ ଅଂହିସା କିଭଳି ସାଂପ୍ରତିକ ସମୟରେ ହିଂସା ଦ୍ୱାରା ଦେଖାଯାଉଥିବା ସମସ୍ୟା ଗୁଡିକର ମୁକାବିଲା କରିପାରିବ।

**ପ୍ରତ୍ୟକ୍ଷ ହିଂସା ଓ ଗାନ୍ଧୀଙ୍କ ସମାଧାନ**

ଗାନ୍ଧୀଙ୍କ ଅଂହିସା ନୀତି ଗୁଡିକ ଅଦ୍ୱୈତ ଉପରେ ପର୍ଯ୍ୟବସିତ। ଗାନ୍ଧୀ ନିଜ ଓ ଅନ୍ୟମାନଙ୍କ ଭିତରେ କୌଣସି ଫରକ୍ ତଥା ଭିନ୍ନତା ଦେଖୁ ନଥିଲେ। ଅଦ୍ୱୈତକୁ ଅନୁସରଣ କରି ଅଂହିସାର ଅର୍ଥ କେବଳ ନିଜେ; ଅନ୍ୟ କେହି ନୁହେଁ ବୋଲି କହିଛନ୍ତି। ତେଣୁ ଅନ୍ୟମାନଙ୍କ ବିରୋଧରେ ହିଂସା ଆଚରଣ ହେଉଛି ବାସ୍ତବରେ ନିଜ ପ୍ରତି ହିଂସା କରିବା। ପ୍ରତ୍ୟକ୍ଷ ହେଉ କିମ୍ବା ବ୍ୟକ୍ତିଗତ ହିଂସା, ସଂଗଠିତ ହେଉ ବା ଅତର୍କିତ; ଯାହାକି ସମକାଳୀନ ସମାଜରେ ଓ ରାଜନୀତିରେ ଘଟୁଛି। ଜଣେ ଅନ୍ୟ ଉପରେ ଅଧିକ କ୍ଷମତାଶାଳୀ ଭାବେ ଆଚରଣ କରିବା ସହ ଅନ୍ୟମାନଙ୍କୁ ସମ୍ପୂର୍ଣ୍ଣ ବାହାରର ବୋଲି ବିଚାର କରୁଛି। ଗାନ୍ଧୀ ଏଭଳି ବିଚାରଧାରା ଓ ଧାରଣାକୁ ଚାଲେଞ୍ଜ କରିଛନ୍ତି। ଗାନ୍ଧୀଙ୍କ ଦୃଷ୍ଟିରେ ଅନ୍ୟମାନେ ହେଉଛନ୍ତି ନିଜ ଭିତରର ଜଣେ ଜଣେ। ନିଜ ସହିତ ଅନ୍ୟର ଆତ୍ମିକ ସଂପର୍କ ରହିଛି। ନିଜେ ତ୍ୟାଗ କରିବା ଅର୍ଥ ଅନ୍ୟମାନଙ୍କ ଲାଗି ଆତ୍ମୋତ୍ସର୍ଗ କରିବା ସହ ସମାନ; ଯାହାକି ବଳିଦାନ ତଥା ତ୍ୟାଗର ଶ୍ରେଷ୍ଠତମ ଉପଲବ୍ଧି। 'ହିନ୍ଦ୍ ସ୍ୱରାଜ'ରେ ଗାନ୍ଧୀ କହିଛନ୍ତି ଯେ ଅନ୍ୟମାନଙ୍କ ତ୍ୟାଗ ଅପେକ୍ଷା ନିଜର ତ୍ୟାଗ ହେଉଛି ଅପରିସୀମ। ତାଙ୍କ ଦୃଷ୍ଟିରେ ଉଭୟ ନିଜେ ଓ ଅନ୍ୟମାନେ ଉତ୍ତରଦାୟିତ୍ୱର ଗୋଟିଏ ସଂପର୍କରେ ବନ୍ଧା। ଏହି ଉତ୍ତରଦାୟିତ୍ୱ ହେଉଛି ମୂଲ୍ୟବୋଧଭିତ୍ତିକ। ଅଂହିସା ହେଉଛି ଏହାର ପ୍ରକୃତି। ଯାହାକି ପରସ୍ପରକୁ ସମାଜ ଓ ରାଜନୀତିର ବିଭିନ୍ନ କ୍ଷେତ୍ରରେ ସତ୍ୟ ସହ ପରଚିତ କରାଏ। ସତ୍ୟ ଅବଧାରିତ ମାର୍ଗଦର୍ଶନ ହିଁ ମୁକ୍ତ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଏ। ସେହି ଦୃଷ୍ଟିରୁ ସାଂପ୍ରତିକ ସମୟରେ ପ୍ରତ୍ୟକ୍ଷ ହିଂସା ଆମ ସମାଜ ଲାଗି ଏକ ଆହ୍ୱାନ ସୃଷ୍ଟି କରିଛି। ଜଣେ ବ୍ୟକ୍ତି ନିଶ୍ଚିତ ରୂପେ ଅଂହିସା ସଂପର୍କରେ ତାଲିମ ନେବା ଜରୁରୀ।



କେବଳ ତାଲିମ ନୁହେଁ, ବ୍ୟକ୍ତିଗତ ଭାବେ ପୀଡ଼ାକୁ ବୁଝିବା ଓ ସହ୍ୟ କରିବା ଦରକାର। ଏପରିକି ଆବଶ୍ୟକତା କାଳରେ ନିଜେ ପୀଡ଼ା ସହି ଅନ୍ୟମାନଙ୍କ ଲାଗି ତ୍ୟାଗ କରିବା ଉଚିତ। ବ୍ୟକ୍ତିର ଏଭଳି ଅଂହିସା ଆଚରଣ ତା'ର ଆତ୍ମଶୁଦ୍ଧି କରାଇଥାଏ। ଫଳରେ ବ୍ୟକ୍ତିଟିର ସାମର୍ଥ୍ୟ ବୃଦ୍ଧି ସହ ସମାନୁପାତିକ ଭାବେ ଅଂହିସାତ୍ମକ ଶକ୍ତି ମଧ୍ୟ ବଢିଥାଏ।

ଗାନ୍ଧୀଙ୍କ ପ୍ରଶ୍ନ ହେଉଛି ଯେ, ଆଜି ସମସ୍ୟାର ସମାଧାନ ଲାଗି କାହିଁକି ହିଂସାବଳର ପ୍ରୟୋଗ କରାଯାଉଛି ? ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଏହାକୁ ପରିହାର କରିବା ଉଚିତ। ପ୍ରଥମତଃ ହିଂସାକୁ କେହି କୌଣସି ଅତ୍ୟାବଶ୍ୟକ ଗରିମା ବୋଲି ସ୍ୱୀକାର କରେନି। ଦ୍ୱିତୀୟତଃ ହିଂସାର କୌଣସି ସୀମା ସରହଦ ନାହିଁ। ଏହା ଯେକୌଣସି ଖରାପ ପରିସ୍ଥିତି ଆଡ଼କୁ ବ୍ୟକ୍ତିକୁ ନେଇଯାଇଥାଏ। ଶେଷରେ ହିଂସା ନିଜକୁ ନିଜେ ଯଥାର୍ଥ ବୋଲି ପ୍ରମାଣିତ କରିବାକୁ ଅପଚେଷ୍ଟା କରେ। ସେହି କାରଣରୁ ହିଂସା ଖୋଦ୍ ଦାବି କରେ ଯେ, କେଉଁଟି ଠିକ୍। ଏପରିକି ଭୁଲ୍‌କୁ ସେ ପରଖି ପାରୁଛି ଏବଂ ତଦନୁଯାୟୀ କିଏ ମୁକୁଳିବ ଓ କାହାକୁ ଦଣ୍ଡ ଦିଆଯିବା ଉଚିତ ତା'ର ନିଷ୍ପତ୍ତି ଜଣେ ହିଂସାତ୍ମକ ବ୍ୟକ୍ତି ନେଉଛି। ଯେତେବେଳେ ହିଂସା ଆଚରଣ ଅଭ୍ୟାସଗତ ଏବଂ ଆନୁଷ୍ଠାନିକ ହୋଇଯାଏ, ସେତେବେଳେ ସମାଜ ଯେ କୌଣସି ସମସ୍ୟା ଓ ଦ୍ୱନ୍ଦ୍ୱର ସମାଧାନ ଲାଗି ଏହି ପଦ୍ଧତିକୁ ପ୍ରୟୋଗ କରେ। ତେବେ ଦୀର୍ଘ ଯାତ୍ରାପଥରେ ହିଂସା ବ୍ୟାପକ କ୍ଷତି କରେ ଏବଂ ଏଥିରେ ଉଭୟ ବ୍ୟକ୍ତି ଓ ସମାଜର ଅଧୋପତନ ଘଟେ। ଅତଏବ ଦୈନନ୍ଦିନ ବ୍ୟକ୍ତିଗତ ଜୀବନରେ ଅଂହିସା ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି ଗାନ୍ଧୀ। ଏହାକୁ ଜୀବନରେ ଏକ ସଫଳ ପ୍ରୟୋଗ ଓ ପରୀକ୍ଷା ରୂପେ ଆମେ ଗ୍ରହଣ କରିବା ଜରୁରୀ। ଜଣେ ଅଂହିସାମାର୍ଗୀ ହେବାକୁ ହେଲେ ଯୁକ୍ତି ଉଠେ ଯେ, ସେ ବିପଦ ଓ ମୃତ୍ୟୁକୁ ଆଦୌ ଡରେନା, ରକ୍ତମାଂସର ଶରୀର ପ୍ରତି ଭ୍ରୂକ୍ଷେପ କରେନା ଏବଂ ସମସ୍ତ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ତା' ପାଖରେ ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ଥାଏ। ଅତଏବ ଅଂହିସା କେବଳ ଏକ ଦର୍ଶନ କିମ୍ବା ବୌଦ୍ଧିକ ଅନୁସନ୍ଧାନ ନୁହେଁ; ବରଂ ଏହା ବ୍ୟକ୍ତିଗତ ସ୍ତରରେ ଦୃଢତାର ସହ ପଦକ୍ଷେପ ନେବାର ସମର୍ଥ୍ୟ ମଧ୍ୟ ରଖିଥାଏ।


ଏହା ମଧ୍ୟ ଆମକୁ ସ୍ମରଣ ରଖିବାକୁ ହେବ ଯେ, ଗାନ୍ଧୀଙ୍କ ଅଂହିସା କେବଳ ଜଣେ ବ୍ୟକ୍ତିର ଧର୍ମ ବା ବ୍ୟକ୍ତିଗତ ବ୍ୟବହାର ଭିତରେ ସୀମୀତ ନୁହେଁ। ଗାନ୍ଧୀ

ବିଚାର କରିଛନ୍ତି ଯେ, ଅଂହିସା ହେଉଛି 'ଆମମାନଙ୍କ ଲାଗି ଏକ ନିୟମ। ଏହାର ପ୍ରୟୋଗ ସମାଜର ସବୁ ବର୍ଗବିଶେଷ ଲାଗି ଉପଯୋଗୀ। ପରିବାର, ରାଜନୀତି, ଅର୍ଥନୀତି ଏବଂ ଶିକ୍ଷା ଆଦି କ୍ଷେତ୍ରରେ ଏହାକୁ ଲାଗୁ କରାଯିବା ଉଚିତ। ସାଂପ୍ରତିକ ସମାଜରେ ହିଂସା ସବୁଠି ପ୍ରବେଶ କରିସାରିଛି। ଏହାକୁ ଦୂର କରିବା ଲାଗି ଗାନ୍ଧୀଙ୍କ ବାର୍ତ୍ତା ଅତି ସ୍ପଷ୍ଟ। ଆଉ ତାହା ହେଲା- ମାନବିକ ସଂପର୍କର ପ୍ରତିଟି କ୍ଷେତ୍ର ଓ ସ୍ତରରେ ଅଂହିସାର ପ୍ରୟୋଗ । ତାଙ୍କ ଭାଷାରେ- "ମୁଁ ଅଂହିସାକୁ କେବଳ ଏକ ବ୍ୟକ୍ତିଗତ ଗୁଣ ତଥା ଧର୍ମ ଭାବେ ଗ୍ରହଣ କରିନି। ଏହା ଏକ ସାମାଜିକ ଗୁଣ; ଯାହାକି ଅନ୍ୟାନ୍ୟ ସଦ୍‌ଗୁଣର ବିକଶିତ କରାଏ। ସମାଜ ଅଧିକାଂଶ ରୂପେ ପାରସ୍ପରିକ ସହଯୋଗ ଓ ଅଂହିସାତ୍ମକ ପରିପ୍ରକାଶ ଦ୍ୱାରା ନିୟନ୍ତିତ ହୋଇଥାଏ। ଯାହା ମୁଁ କହୁଛି ତାହା ଅଂହିସାର ଏକ ବୃହତ୍ତର, ଜାତୀୟ ଓ ଅର୍ନ୍ତଜାତୀୟ ଦୃଷ୍ଟି। ଏହାର ବ୍ୟାପକତା ବେଶ୍ ଅଧିକ।" ଜଣେ ବ୍ୟକ୍ତି ବା ସମାଜ ଅଂହିସା ଉପରେ ବିଶ୍ୱାସ ରଖେ ଏବଂ ଏଥିରେ ହିଁ ମୌଳିକ ମୂଲ୍ୟବୋଧ ନିହିତ ରହିଛି ବୋଲି ବୁଝିପାରେ। ତାହେଲେ ଯାଇ ମଣିଷ ସମାଜ ନିଶ୍ଚିତ ତିଷ୍ଠିପାରିବ ବୋଲି ଗାନ୍ଧୀଙ୍କ ମତ।

## ସାମାଜିକ/ବ୍ୟବସ୍ଥାଗତ ସ୍ତରରେ ହିଂସାର ମୁକାବିଲା

ଆଧୁନିକ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ସଂଗଠିତ ହିଂସା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। କ୍ଷମତା ଠୁଳ ହେବା, ବ୍ୟାପକ ସଂଖ୍ୟାରେ ଉଦ୍ୟୋଗୀକରଣ ଏବଂ ଗୋଟିଏ ଗୋଷ୍ଠୀ ଉପରେ ଅନ୍ୟ ଗୋଷ୍ଠୀର ଉତ୍ପୀଡ଼ନ ବଢ଼ିବାରେ ଲାଗିଛି। ଏଭଳି ହିଂସାକୁ ସ୍ତରୀକୃତ ବା ସଂଗଠିତ ହିଂସା ବୋଲି ଅଂହିସାବାଦୀ ତଥା ଶାନ୍ତିବାଦୀ ବ୍ୟକ୍ତିମାନେ କହିଥାନ୍ତି। ଗାନ୍ଧୀଙ୍କ ଦୃଷ୍ଟିରେ ଏସବୁ ନୈତିକ ନୀତିର ଉଲ୍ଲଙ୍ଘନର ପରିପ୍ରକାଶ। ଯାହାକୁ ସମକାଳୀନ ସମାଜ ଅଣଦେଖା କରୁଛି। ଗାନ୍ଧୀଙ୍କ 'ଅପରିଗ୍ରହ'(ନିଜ ଦଖଲରେ ନ ରଖିବା) ଏବଂ ଏହା ନ୍ୟାସୀ (ଟ୍ରଷ୍ଟିସିପ୍) ଭଳି ପ୍ରତିଷ୍ଠାନ ଗଠନ କରି ଚଳାଇବା ଦ୍ୱାରା ସମ୍ପତ୍ତି ଓ କ୍ଷମତା ପ୍ରତି ବ୍ୟକ୍ତି ଅଧିକ ନିୟନ୍ତ୍ରିତ ହୋଇଥାଏ। ଆଜି ଏହି ଟ୍ରଷ୍ଟିସିପ୍ ଅଧିକ ଉପକାରୀ। ଗାନ୍ଧୀଙ୍କ ମତରେ ଆଧୁନିକ ସମସ୍ୟା ଓ ଜଟିଳତାକୁ ଏହି ଭଳି ଅନୁଷ୍ଠାନ ଜରିଆରେ ସମାଧାନ କରିହେବ। ଏସବୁ ପ୍ରତିଷ୍ଠାନ ନିୟମତଃ ଅଂହିସା ନୀତି ଉପରେ ପର୍ଯ୍ୟବସିତ ରହି କାର୍ଯ୍ୟ କରୁଥିବା ଦରକାର। କ୍ଷମତା, ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଗୋଟିଏ ହାତରେ ଠୁଳ ହେବା ଦ୍ୱାରା ହିଂସା ବଢ଼ିଥାଏ। ତେଣୁ ଗାନ୍ଧୀ ସବୁବେଳେ କ୍ଷମତାର ବିକେନ୍ଦ୍ରୀକରଣ କଥା ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜନୈତିକ କ୍ଷେତ୍ରରେ ପଞ୍ଚାୟତିରାଜ ଏବଂ ଅର୍ଥନୈତିକ କ୍ଷେତ୍ରରେ ଗ୍ରାମ୍ୟ ସ୍ୱରାଜ ହିଁ ସମାଜ ବ୍ୟବସ୍ଥାରେ ବଢୁଥିବା ବ୍ୟବସ୍ଥାଗତ ହିଂସାକୁ ହ୍ରାସ କରିପାରିବ ବୋଲି ଗାନ୍ଧୀ ଦୃଢ଼ ମତ ରଖିଛନ୍ତି। ସାମାଜିକ ଓ ରାଜନୈତିକ ଦାୟିତ୍ୱ ଏଭଳି ନୈତିକତା ଥିବା ନେତୃତ୍ୱ ଉପରେ ନ୍ୟସ୍ତ ରହିବା ଉଚିତ ବୋଲି ଗାନ୍ଧୀ ଚାହୁଁଥିଲେ। ବିଭିନ୍ନ ସ୍ତରରେ ଏଥିପାଇଁ ନୀତିବାନ, ନିଷ୍ଠାବାନ ଓ ଉଦ୍ୟମୀ ନେତୃତ୍ୱ ସୃଷ୍ଟି କରିବା ତାଙ୍କ ଲକ୍ଷ୍ୟ ଥିଲା। ଗାନ୍ଧୀ ଯେଉଁ ନୈତିକ ନେତୃତ୍ୱର ଆହ୍ୱାନ ଦେଇଥିଲେ ତାହା ଏକ ଉତ୍ପୀଡ଼ନମୁକ୍ତ ସମାଜ ଗଠନ କରିବାରେ ସହାୟକ ହେବ। ସମାଜର ଦୁର୍ବଳ, ଗରିବ ଲୋକଙ୍କ ଉପରେ ହିଂସା ଏହାଦ୍ୱାରା କମିପାରିବ। ସମାଜର ବିଭିନ୍ନ ସ୍ତରରେ ସୃଷ୍ଟି ହେଉଥିବା ହିଂସା କମାଯାଇପାରିବ। କେହି ଯେଭଳି ଅନ୍ୟର ଇଚ୍ଛା ବିରୋଧରେ କୌଣସି ବାଧ୍ୟବାଧକତାକୁ ଲଦିପାରୁ ନଥିବେ। ସମସ୍ତଙ୍କୁ ନିଜର ଭାବିବା ସହ ପ୍ରତିଷ୍ଠାନକୁ ହିଂସା ଓ ଦୁର୍ନୀତିମୁକ୍ତ ରଖିବା ଲାଗି ନୈତିକତାର ସହ କାର୍ଯ୍ୟ କରୁଥିବା ନେତୃତ୍ୱ ଉପରେ ସେ ଗୁରୁତ୍ୱ ଦେଉଥିଲେ।

ସମକାଳୀନ ସମାଜରେ ଘଟୁଥିବା ସାମାଜିକ-ରାଜନୈତିକ ଅନ୍ୟାୟ, ଅର୍ଥନୈତିକ ଅସମାନତା ବିରୋଧରେ ପ୍ରତିବାଦର ନୂଆ ସୂତ୍ର ଦେଇଛନ୍ତି ଗାନ୍ଧୀ। ଆଉ ତାହା ହେଉଛି ଅଂହିସା ଉପାୟରେ ସତ୍ୟାଗ୍ରହ କରିବା। ଏହା ସକ୍ରିୟ ତଥା ସପ୍ରେମ ନୀତି ଉପରେ ପର୍ଯ୍ୟବସିତ। ବିଭିନ୍ନ ପରିସ୍ଥିତିରେ ତାଙ୍କର ଏହି ସତ୍ୟାଗ୍ରହ ଭିନ୍ନ ଭିନ୍ନ ରୂପରେ କରାଯାଇଥିଲା। ଆଇନ ଅମାନ୍ୟ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ ଏହାର ଦୁଇଟି ଉଦାହରଣ ମାତ୍ର। ଏସବୁ ଅଂହିସାତ୍ମକ ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ଥିଲା କାହାର କିଛି କ୍ଷତି ନକରି ଭୁଲ୍ କରୁଥିବା ବ୍ୟକ୍ତିବିଶେଷ ବା କ୍ଷମତାଧାରୀଙ୍କ ମନରେ ନ୍ୟାୟ ଲାଗି ଏକ ଭାବନା ଜାଗ୍ରତ କରାଇବା। ତେବେ ଏହି ପଦ୍ଧତି କେବଳ ଆତ୍ମଶୁଦ୍ଧ, ନିର୍ଭୟ ଓ ସ୍ୱନିୟନ୍ତ୍ରିତ ବ୍ୟକ୍ତିମାନେ କରିପାରିବେ ବୋଲି ଗାନ୍ଧୀ ଆଶା ରଖିଥିଲେ।



ଆଧୁନିକ ସମାଜରେ ଯେଉଁଠି ମଣିଷ ଜାତି କିମ୍ବା ରାଜନୀତିକ ଦ୍ୱନ୍ଦ୍ୱ ଅତି ସାଧାରଣ, ସେଠାରେ ଗାନ୍ଧୀଙ୍କ ଏହି ସତ୍ୟାଗ୍ରହ ନୀତି ବେଶ୍ ଗ୍ରହଣୀୟ ହୋଇପାରନ୍ତା। ବିବାଦ ଓ ଦ୍ୱନ୍ଦ୍ୱର ଏକ ସକାରାତ୍ମକ, ସୃଜନାତ୍ମକ ଓ ଶାନ୍ତିପୂର୍ଣ୍ଣ ସମାଧାନ ସତ୍ୟାଗ୍ରହ ପଦ୍ଧତିରେ କରାଯାଇ ଉଭୟ ପକ୍ଷଙ୍କ ମଧ୍ୟରେ ଥିବା ମନାନ୍ତର ଓ ମତାନ୍ତର ଦୂର କରିହେବ।


ଆଧୁନିକ ରାଜନୀତିରେ କ୍ରମବର୍ଦ୍ଧିଷ୍ଣୁ ହିଂସା ଉଭୟ ବ୍ୟକ୍ତି ବା ରାଷ୍ଟ୍ର ପାଇଁ ଆଣିଛି ଏକ ପ୍ରମୁଖ ଆହ୍ୱାନ। ଏଭଳି କ୍ଷେତ୍ରରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱର ପରିମାର୍ଜନକୁ ଗାନ୍ଧୀ ହିଁ ପ୍ରମୁଖତା ଦେଇଛନ୍ତି। ବ୍ୟକ୍ତିର କର୍ତ୍ତୃତ୍ୱ ସହ ମୂଲ୍ୟବୋଧ ରହିଲେ ଏଭଳି ହିଂସାକୁ କମାଯାଇପାରିବ। ଗାନ୍ଧୀଙ୍କ ମତରେ ରାଷ୍ଟ୍ର ଏବଂ ସରକାର ତାଙ୍କ ଅସ୍ତିତ୍ୱ ଓ କ୍ଷମତା ବ୍ୟକ୍ତିଠାରୁ ପାଇଥାନ୍ତି। ସେ ଲୋକମାନଙ୍କୁ ସ୍ମରଣ କରାଇଦେଇଛନ୍ତି ଯେ ଜନତାଙ୍କ ସହଯୋଗ ଓ ସମର୍ଥନ ବିନା ସରକାର ଓ ନେତୃତ୍ୱ ମୁହୂର୍ତ୍ତେ ବି ତିଷ୍ଠି ରହିପାରିବନି। ତେଣୁ ଯେତେବେଳେ ଏକ ରାଷ୍ଟ୍ର ଓ ଶାସନ ବ୍ୟବସ୍ଥା ଲୋକଙ୍କୁ ନିର୍ଯାତନା ଦେବ, ସେମାନଙ୍କ ପ୍ରଗତିକୁ ରୋକିବ ସେତେବେଳେ ଜନତାଙ୍କର ପବିତ୍ର କର୍ତ୍ତବ୍ୟ ହେଉଛି ଏଭଳି ସରକାର ଓ ଶାସନଠାରୁ ସମର୍ଥନ ପ୍ରତ୍ୟାହାର କରିନେବା। ନୈତିକ ଶକ୍ତି ହାତରେ ଦେଶର ଭାଗ୍ୟଡୋରକୁ ପ୍ରଦାନ କରିବା ଜନତାଙ୍କ ଧର୍ମ ଓ କର୍ତ୍ତବ୍ୟ। ଏଇଥିପାଇଁ ଗାନ୍ଧୀ ସବୁବେଳେ କହିଛନ୍ତି- ଜନତାଙ୍କ ରାଜନୈତିକ ପରିପକ୍ୱତା ଅଧିକ ବିଚକ୍ଷଣ, ସ୍ୱଚ୍ଛ ଏବଂ ନୈତିକତାଯୁକ୍ତ ହେବା କଥା। ନୈତିକ ଶୃଙ୍ଖଳା ନଥିବା ଏବଂ ସମ୍ପତ୍ତି, କ୍ଷମତା ଲାଗି ବ୍ୟାକୁଳିତ ରହୁଥିବା ବ୍ୟକ୍ତି ବା ରାଷ୍ଟ୍ର କେବେ ବି ସମାଜରେ ପ୍ରଗତି କରିପାରେନା।

**ସାଂସ୍କୃତିକ ହିଂସାକୁ ନେଇ ଗାନ୍ଧୀଙ୍କ ପ୍ରତିକ୍ରିୟା**

ଗାନ୍ଧୀଙ୍କ ମତରେ ହିଂସା କେବଳ ପ୍ରତ୍ୟକ୍ଷ ରୂପରେ ରହିଛି ତା' ନୁହେଁ; ସମକାଳୀନ ସମାଜରେ ହିଂସାର ବିଭିନ୍ନ ଦିଗ ଓ ରୂପ ରହିଛି। ନିର୍ଯ୍ୟାତିତ କିମ୍ବା ବଞ୍ଚିତଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଏହାର ଏକ ଉଦାହରଣ।

> ଗାନ୍ଧୀଙ୍କ ପ୍ରଶ୍ନ ହେଉଛି ଯେ, ଆଜି ସମସ୍ୟାର ସମାଧାନ ଲାଗି କାହିଁକି ହିଂସାବଳର ପ୍ରୟୋଗ କରାଯାଉଛି ? ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଏହାକୁ ପରିହାର କରିବା ଉଚିତ। ପ୍ରଥମତଃ ହିଂସାକୁ କେହି କୌଣସି ଅତ୍ୟାବଶ୍ୟକ ଗରିମା ବୋଲି ସ୍ୱୀକାର କରେନି। ଦ୍ୱିତୀୟତଃ ହିଂସାର କୌଣସି ସୀମା ସରହଦ ନାହିଁ। ଏହା ଯେକୌଣସି ଖରାପ ପରିସ୍ଥିତି ଆଡ଼କୁ ବ୍ୟକ୍ତିକୁ ନେଇଯାଇଥାଏ। ଶେଷରେ ହିଂସା ନିଜକୁ ନିଜେ ଯଥାର୍ଥ ବୋଲି ପ୍ରମାଣିତ କରିବାକୁ ଅପଚେଷ୍ଟା କରେ। ସେହି କାରଣରୁ ହିଂସା ଖୋଦ୍ ଦାବି କରେ ଯେ, କେଉଁଟି ଠିକ୍। ଏପରିକି ଭୁଲ୍‌କୁ ସେ ପରଖି ପାରୁଛି ଏବଂ ତଦନୁଯାୟୀ କିଏ ମୁକୁଳିବ ଓ କାହାକୁ ଦଣ୍ଡ ଦିଆଯିବା ଉଚିତ ତା'ର ନିଷ୍ପତ୍ତି ଜଣେ ହିଂସାତ୍ମକ ବ୍ୟକ୍ତି ନେଉଛି। ଯେତେବେଳେ ହିଂସା ଆଚରଣ ଅଭ୍ୟାସଗତ ଏବଂ ଆନୁଷ୍ଠାନିକ ହୋଇଯାଏ, ସେତେବେଳେ ସମାଜ ଯେ କୌଣସି ସମସ୍ୟା ଓ ଦ୍ୱନ୍ଦ୍ୱର ସମାଧାନ ଲାଗି ଏହି ପଦ୍ଧତିକୁ ପ୍ରୟୋଗ କରେ। ତେବେ ଦୀର୍ଘ ଯାତ୍ରାପଥରେ ହିଂସା ବ୍ୟାପକ କ୍ଷତି କରେ ଏବଂ ଏଥିରେ ଉଭୟ ବ୍ୟକ୍ତି ଓ ସମାଜର ଅଧୋପତନ ଘଟେ। ଅତଏବ ଦୈନନ୍ଦିନ ବ୍ୟକ୍ତିଗତ ଜୀବନରେ ଅହିଂସା ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି ଗାନ୍ଧୀ। ଏହାକୁ ଜୀବନରେ ଏକ ସଫଳ ପ୍ରୟୋଗ ଓ ପରୀକ୍ଷା ରୂପେ ଆମେ ଗ୍ରହଣ କରିବା ଜରୁରୀ। ଜଣେ ଅହିଂସାମାର୍ଗୀ ହେବାକୁ ହେଲେ ଯୁକ୍ତି ଉଠେ ଯେ, ସେ ବିପଦ ଓ ମୃତ୍ୟୁକୁ ଆଦୌ ଡରେନା, ରକ୍ତମାଂସର ଶରୀର ପ୍ରତି ଭ୍ରୂକ୍ଷେପ କରେନା ଏବଂ ସମସ୍ତ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ତା' ପାଖରେ ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ଥାଏ।

ଉପନିବେଶବାଦ ଭାରତରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ ଗୋଷ୍ଠୀ ବିରୋଧରେ ବହୁମୁଖୀ ହିଂସା କିଭଳି ଘଟୁଥିଲା ତାହାକୁ ସେ ଉଲ୍ଲେଖ କରିଛନ୍ତି। ହିଂସାର ବହୁବିଧ ରୂପକୁ ନେଇ ଡଗଲସ୍ ଆଲେନ୍ ତାଙ୍କ ପୁସ୍ତକ 'କମ୍ପାରେଟିଭ୍ ଫିଲୋସଫି ଆଣ୍ଡ ରିଲିଜିୟନ୍ ଇନ୍ ଟାଇମ୍ସ ଅଫ୍ ଟେରର୍'ରେ ସୂଚାଇଛନ୍ତି ଯେ, ସମାଜରେ କିଭଳି ମନସ୍ତାତ୍ତ୍ୱିକ, ସାମାଜିକ-ରାଜନୈତିକ, ଭାଷାଗତ, ଆର୍ଥିକ ସ୍ତରରେ ଥିବା ଦୁର୍ବଳ ସମାଜ ତଥା ବଞ୍ଚିତ ଗୋଷ୍ଠୀଙ୍କ ଉପରେ ପ୍ରକାରାନ୍ତରେ ହିଂସା ଆଚରଣ କରାଯାଉଛି। ଏହି ଗୋଷ୍ଠୀ ତଥା ସମାଜ ବୃହତ୍ ସମାଜର ସ୍ତରୀକୃତ ବ୍ୟବସ୍ଥାରୁ ଅଲଗା ହୋଇ ନଥିଲେ ମଧ୍ୟ ସେମାନଙ୍କୁ ଅନ୍ୟର ଅତ୍ୟାଚାର ସହିବାକୁ ପଡୁଛି। ଆଉ ଯେତେବେଳେ ସାଂସ୍କୃତିକ, ରାଜନୈତିକ କିମ୍ବା ଧାର୍ମିକ ଲଢେଇର ସୁଯୋଗ ପାଏ, ସେତେବେଳେ ଏହି ହିଂସା ଅଧିକ ଭୟଙ୍କର ପରିପ୍ରକାଶ କରିଥାଏ। ଗାନ୍ଧୀଙ୍କ ଦୃଷ୍ଟିରେ ହିଂସା କେବଳ ଏକ ଭୟଙ୍କର କାର୍ଯ୍ୟକଳାପ ନୁହେଁ; ଏହା ସାମାଜିକ-ରାଜନୈତିକ ଏବଂ ଅର୍ଥନୈତିକ ବିକାଶରୁ ଦୁର୍ବଳ, ଶୋଷିତ ଶ୍ରେଣୀ ତଥା ଗୋଷ୍ଠୀକୁ ବଞ୍ଚିତ ରଖିଥାଏ। ଅତଏବ ଗାନ୍ଧୀଙ୍କ ମତରେ ସାମାଜିକ, ରାଜନୈତିକ, ଆର୍ଥିକ ସ୍ତରର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ତଥା ସମ୍ପ୍ରଦାୟ ଉପରେ ପ୍ରଭାବ ବିସ୍ତାର କରିବା ଲାଗି ହିଂସାକୁ ହିଁ ରାସ୍ତା ରୂପେ ବଛାଯାଉଛି। ଏହାକୁ ସମ୍ଭାଳିବା କିମ୍ବା ସ୍ୱତନ୍ତ୍ର ଭାବେ ଏହାର ସମାଧାନ କରିବା ଲାଗି ମଧ୍ୟ ଆଉ ଏକ ବଡ଼ ଧରଣର ହିଂସାକୁ ପ୍ରୟୋଗ କରାଯାଉଛି। ସମଷ୍ଟିଗତ ଭାବେ ହିଂସାକୁ ସମୀକ୍ଷା ଓ ଯାଞ୍ଚ କଲେ ବିଶ୍ୱର ସାଂପ୍ରତିକ ପରିସ୍ଥିତି ବୁଝିହେବ। ହିଂସା ସଂପର୍କରେ ସମକାଳୀନ ବିଚାର ଆଲୋଚନା କଲେ ସ୍ୱାଭାବିକ ପୃଥିବୀର ଦୃଶ୍ୟପଟ୍ଟ ଓ ଏହାର ପ୍ରକୃତି ନେଇ କୌଣସି ପ୍ରଶ୍ନ ଉଠାଯାଏନି। ଏହା ଆମର ସ୍ୱାଭାବିକ ଦୃଷ୍ଟିଭଙ୍ଗୀକୁ ଦର୍ଶାଏ, ଯାହାକି ଚୂଡ଼ାନ୍ତ, ନିର୍ଦ୍ଦିଷ୍ଟ ଏବଂ ପ୍ରଶ୍ନାତୀତ। ଏହି ପରିପ୍ରେକ୍ଷୀରେ ଜଣେ ଯୁକ୍ତି କରିପାରେ ଯେ, ସ୍ୱାଭାବିକ ବିଶ୍ୱ ପରିପ୍ରେକ୍ଷୀରେ ହିଂସା ବ୍ୟାପକ ପ୍ରଭାବ ପକାଏ। ଆଲେନ୍‌ଙ୍କ ଯୁକ୍ତି ହେଲା-



*ଲଣ୍ଡନରେ ଅବସ୍ଥାନ କାଳରେ କିଙ୍ଗସ୍‌ଲେ ହଲ୍‌ରେ ମହାତ୍ମା ଗାନ୍ଧୀ*

‘ ଆମ ସ୍ୱାଭାବିକ ପୃଥିବୀର ଦୃଷ୍ଟିଭଙ୍ଗୀ ବି ହିଂସାତ୍ମକ ପ୍ରକୃତିର। ଆମେ ସବୁ ଏଭଳି ଭାବେ ସାମାଜିକ ଓ ଶିକ୍ଷିତ ହୋଇଛେ ଯେ, ପରସ୍ପରକୁ ଓ ପ୍ରକୃତିକୁ ହିଂସାତ୍ମକ ବୋଲି ଗ୍ରହଣ କରୁଛେ। ବିଶ୍ୱ ସଂପର୍କରେ ଏଭଳି ଦୃଷ୍ଟିଭଙ୍ଗୀ ବେଳେବେଳେ ବାହାରେ ଘଟୁଥିବା ଘଟଣାକୁ ଲୁଚାଇ ଦିଏ। ଆଉ ଏହି ହିଂସାତ୍ମକ ରୂପର ସବୁଠୁ ଭୟଙ୍କର ପର୍ଯ୍ୟାୟ ହେଉଛି ଆତଙ୍କବାଦ। ଗାନ୍ଧୀ ଏଭଳି ହିଂସାତ୍ମକ ସ୍ୱାଭାବିକ ଦୃଷ୍ଟିଭଙ୍ଗୀକୁ ଏକ ଆହ୍ୱାନ ବୋଲି କହିଛନ୍ତି। ଆମେ ଆମ ବିଶ୍ୱର ଅସ୍ତିତ୍ୱକୁ ନେଇ ଏକ ଅଂହିସାତ୍ମକ ଦୃଷ୍ଟିଭଙ୍ଗୀ ରଖିବାକୁ ପଡିବ। ତଦନୁଯାୟୀ ବିଶ୍ୱ ପରିପ୍ରେକ୍ଷୀକୁ ସମୀକ୍ଷା କରିବାକୁ ପଡିବ। ଅନେକେ ଭିତରେ ହିଂସାତ୍ମକ ଅଥଚ; ବାହାରକୁ ସ୍ୱାଭାବିକ ଭଳି ପ୍ରଦର୍ଶିତ କରାଉଛନ୍ତି। ତେଣୁ ଏକ ଅଂହିସାତ୍ମକ ବିଶ୍ୱ ଦୃଶ୍ୟପଟ୍ଟ ଲାଗି ଗାନ୍ଧୀ ସ୍ୱଦେଶୀ ଜରିଆରେ ଏକ ନୂତନ ଧରଣର ସମାଜବାଦ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମାଜରେ ଏକ ନୂତନ ଶିକ୍ଷାବ୍ୟବସ୍ଥା ‘ନଇତାଲିମିନ୍’ ଲାଗୁ କରିବାକୁ ପଡିବ। ତାଙ୍କ ଦୃଷ୍ଟିରେ ଅଂହିସା ଭିତ୍ତିକ ନୂଆ ନୂଆ ଧାରଣାକୁ ପୋଷଣ ଏବଂ ପାଳନ କରିବାକୁ ପଡିବ। ଏହାଫଳରେ ଆମ ପୃଥିବୀ ଅଧିକ ମାନବ ମୂଲ୍ୟବୋଧ ଭିତ୍ତିକ ହୋଇପାରିବ।

ପ୍ରକୃତି ବିରୋଧରେ ହିଂସାକୁ ଆମେ ପରିବେଶ ସଂକଟ କହିଥାଉ। ଏହା ଆମମାନଙ୍କ ପାଇଁ ସାଂପ୍ରତିକ ସ୍ଥିତିରେ ସବୁଠୁ ବଡ଼ ଆହ୍ୱାନ। ବର୍ତ୍ତମାନ ପରିବେଶ ସଂକଟ କେବଳ ଏକ ସମସ୍ୟା ନୁହେଁ; ବରଂ ମଣିଷ ଓ ପ୍ରକୃତି ଭିତରେ ଥିବା ସଂପର୍କରେ ଏକ ଭୟାନକ ତ୍ରୁଟିର ପ୍ରାମାଣିକ ଦୃଶ୍ୟପଟ୍ଟ। ଆମେ ପ୍ରକୃତିକୁ ଆମଠାରୁ ଅଲଗା ବୋଲି ଭାବୁଛେ ଏବଂ ଦେଖୁଛେ। ଗାନ୍ଧୀଙ୍କ ମତରେ ଆମେ ମଣିଷ ସମାଜ ଓ ଅନ୍ୟ ଜୀବଜଗତ ପ୍ରତି ସଂପର୍କକୁ ଅଧିକ ଜୀବନ୍ତ କରିବା। ମଣିଷ ନିଜ ସୁଖସ୍ୱାଚ୍ଛନ୍ଦ ଲାଗି ପ୍ରକୃତିକୁ ଶୋଷଣ କରିବା ପରିବର୍ତ୍ତେ ମଣିଷ ଓ ପ୍ରକୃତି ପରସ୍ପର ମଧ୍ୟରେ ସଦ୍‌ଭାବ ରଖିବାକୁ ଗାନ୍ଧୀ ପରାମର୍ଶ ଦେଇଛନ୍ତି।

ସଂପ୍ରତି ବିପର୍ଯ୍ୟସ୍ତ ପରିସଂସ୍ଥାର ମୂଳ କାରଣକୁ ଦୂର କରିବା ଲାଗି ଅଂହିସାମୁଖୀ ପଦକ୍ଷେପ ଲୋଡ଼ା। ଏଥିପାଇଁ ସେ ମାନବ ପରିସଂସ୍ଥା(ହ୍ୟୁମାନ୍ ଇକୋଲୋଜି)କୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ହ୍ୟୁମାନ୍ ଇକୋଲୋଜି ସଂପର୍କରେ ଜନ୍.ଏସ. ମୋଲାକାଇଁ ତାଙ୍କ ପୁସ୍ତକ ‘ ଗାନ୍ଧୀ ଆଜ୍ ଏ ହ୍ୟୁମାନ୍ ଇକୋଲୋଜିଷ୍ଟ’ ପୁସ୍ତକରେ ଯୁକ୍ତି ବାଢିଛନ୍ତି ଯେ, ଯାହା ମଣିଷ କରୁଛି ତାହାର ପ୍ରଭାବ କିପରି ପରିସଂସ୍ଥା ଉପରେ ପଡୁଛି ସେଥିପ୍ରତି ଚିନ୍ତାପ୍ରକଟ କରିବା। “ଆମେ ମଣିଷ ଜାତି ସମ୍ବଳ ଉତ୍ପାଦନ ଓ ଦୀର୍ଘସ୍ଥାୟୀ ବିନିଯୋଗ, ଅନୁକୂଳ ଅଭିବୃଦ୍ଧି ଏବଂ ମାନବ ସମାଜର ବିକାଶ ଲାଗି ଆଗ୍ରହୀ। ଏସବୁ ଏଭଳି ଏକ ପରିବେଶରେ ଘଟିଥାଏ ଯେଉଁଠି ମଣିଷ ଓ ପ୍ରକୃତି ମଧ୍ୟରେ ଥାଏ ପାରସ୍ପରିକ ସଂଯୋଗ। ଏଠି ମଣିଷ ଚିହ୍ନେ ପ୍ରକୃତିକୁ ଆଉ ପ୍ରକୃତି ବି ମଣିଷ ଲାଗି ସମର୍ପିତ ଭାବ ରଖେ। ସତେଯେମିତି ପ୍ରକୃତି ଏବଂ ଭବିଷ୍ୟତ ପିଢି କେହି ଯେମିତି କାହାର କ୍ଷତି କରିବାକୁ ଚାହାନ୍ତିନି।” ଏକୁଟିଆ କେହି ପରିବେଶ ସମସ୍ୟା ସୃଷ୍ଟି କରି ନଥାଏ। ପରିବେଶ ଓ ଅନ୍ୟ ଜୀବଜଗତରେ ସଂକଟ ସୃଷ୍ଟି ଲାଗି ମଣିଷର ଆଚରଣ, ଉଚ୍ଚାରଣ ଓ ବିଭିନ୍ନ ପ୍ରତିଷ୍ଠାନର ନୀତି, ଅର୍ଥନୀତି, ସ୍ୱାସ୍ଥ୍ୟ ଓ ବିକାଶର ପଦ୍ଧତି ଏବଂ ସର୍ବୋପରି ଏସବୁ କ୍ଷେତ୍ରରେ ଏକ ଅତ୍ୟାବଶ୍ୟକ ପରିବର୍ତ୍ତନ ହିଁ ଦାୟୀ। ଏଥିପାଇଁ ଗାନ୍ଧୀ ‘ଗ୍ରୀନ୍ ଥଟ୍’ (ସବୁଜ ଚିନ୍ତାଧାରା) ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଆମ ଅର୍ଥନୀତି ହେଉ କି ବିକାଶର ନୂଆ ମଡେଲ ଅଥବା ଦୈନନ୍ଦିନ ଜୀବନ, ସବୁଠି ଏହି ଗ୍ରୀନ୍ ଥଟ୍ ବିଚାରଧାରାକୁ ଗୁରୁତ୍ୱ ଦେବାକୁ ହେବ। ନିୟମିତ ଜୀବନଚର୍ଯ୍ୟାରେ ଏହି ନୂତନ ଚିନ୍ତାଧାରାକୁ ପ୍ରୟୋଗ କରିବାକୁ ପଡିବ। ତା’ହେଲେ ଯାଇ ଆମେ ଆମ ପ୍ରକୃତି, ପରିବେଶ ଓ ପରିସଂସ୍ଥାକୁ ସୁରକ୍ଷିତ ରଖିପାରିବା; ନଚେତ୍ ପ୍ରଳୟ ଆସିବା ଅବସମ୍ଭାବୀ !

**ଲେଖକ ହେଉଛନ୍ତି ଗାନ୍ଧୀଆନ୍ ଷ୍ଟଡିଜ୍ ଗୁଜରାଟ ବିଦ୍ୟାପୀଠ, ଅହମ୍ମଦାବାଦ, ଗୁଜରାଟର ଜଣେ ପ୍ରଫେସର**

**Email ID: premmishra93@yahoo.com**



ଫୋକସ୍

# ଜନଶକ୍ତି ମାଧ୍ୟମରେ ପରିବର୍ତ୍ତନ

ପି.ଏ ନଜରେଥ

ଗାନ୍ଧିଜୀ ମୁଖ୍ୟତଃ ଅହିଂସାର ଦୂତ, ରାଷ୍ଟ୍ରପିତା, ଶାନ୍ତିର ପ୍ରତୀକ ଏବଂ ଅହିଂସା ଉପାୟରେ ବିବାଦର ସମାଧାନକାରୀ ଭାବେ ଉପସ୍ଥାପିତ ହୋଇଆସୁଛନ୍ତି। ଏସବୁ ବାହାରେ ପରିଚାଳନା (ମ୍ୟାନେଜମେଣ୍ଟ) ଓ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ତାଙ୍କର ବ୍ୟୁତ୍ପତ୍ତି ଓ ଦକ୍ଷତା ବିଷୟରେ କ୍ୱଚିତ୍ ଆଲୋଚନା ହୁଏ। ଗାନ୍ଧିଜୀ କାର୍ଯ୍ୟ ପରିଚାଳନାର ଜଣେ ଅସାମାନ୍ୟ ଗୁରୁ ଥିଲେ। ଏ କ୍ଷେତ୍ରରେ ତାଙ୍କର ନୀତି ଓ ଆଦର୍ଶ ଉଚ୍ଚକୋଟୀର। ପ୍ରଖ୍ୟାତ ଲେଖକ ଆଲାନ୍ ଆକ୍‌ସେଲରଡ୍ ଗାନ୍ଧିଜୀଙ୍କ ପରିଚାଳନା କଳା ଓ ଦକ୍ଷତା ଉପରେ ଏକ ଚମତ୍କାର ପୁସ୍ତକ ରଚନା କରିଛନ୍ତି। ସେ ବହିଟିର ନାମ "ଗାନ୍ଧୀ ସିଇଓ : ଫର୍ଟିନ୍ ପ୍ରିନ୍ସିପଲ୍ସ ଟୁ ଗାଇଡ୍ ଆଣ୍ଡ ଇନ୍‌ସ୍ପାୟାର ମଡର୍ଣ୍ଣ ଲିଡର୍ସ"। ସେଇ ପୁସ୍ତକରେ ସେ ଦୃଢ଼ତାର ସହ କହିଛନ୍ତି, "ଗାନ୍ଧୀ ଜଣେ ଭଲ ଲୋକ ଓ ଅତ୍ୟନ୍ତ

ଧର୍ମପରାୟଣ ବ୍ୟକ୍ତି ଥିଲେ ଏଥିରେ ସନ୍ଦେହ ନାହିଁ। ଏହା ସହିତ ସେ ଜଣେ ଉତ୍ତମ ପରିଚାଳକ ଓ କାର୍ଯ୍ୟନିର୍ବାହୀ ଥିଲେ। ପରିଚାଳନା କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସେ ଥିଲେ ଜଣେ ମହାନ୍ ବାସ୍ତବବାଦୀ ନେତା।" ଏହି ଲେଖକ ରାଣୀ ଏଲିଜାବେଥ-୧, ଉଇନଷ୍ଟନ୍ ଚର୍ଚ୍ଚିଲ ଏବଂ ଜେନେରାଲ ଜର୍ଜ ପ୍ୟାଟନଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିଙ୍କ ଜୀବନୀ ପୁସ୍ତକ ରଚନା କରିଛନ୍ତି।

ଗାନ୍ଧୀଙ୍କ ଉପରେ ଆକ୍ସେଲରଡ୍ ଯେଉଁ ପୁସ୍ତକ ଲେଖିଛନ୍ତି ସେଥିରେ ୧୪ଟି ଅଧ୍ୟାୟ ରହିଛି। ପ୍ରତ୍ୟେକ ଅଧ୍ୟାୟ ଗାନ୍ଧିଜୀଙ୍କ ଉଦ୍‌ଘୋଷିତ ୧୪ଟି ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଗୋଟିଏ ନୀତି ଉପରେ ରଚନା କରାଯାଇଛି। ସେଥିମଧ୍ୟରୁ ଲେଖକ ଗୋଟିଏ ନୀତି ବା ସିଦ୍ଧାନ୍ତକୁ ଅଗ୍ରପ୍ରାଧାନ୍ୟ ଦେଇଛନ୍ତି। ସେଇଟି ହେଲା "ଦୟାଳୁ ଓ ଲୋକଭିତ୍ତିକ ଦୃଷ୍ଟିକୋଣ"। ଏହା ଗାନ୍ଧୀଙ୍କ ଡେଉଁରିଆ ବା ତାବିଜ ତତ୍ତ୍ୱକୁ ଭିତ୍ତିକରି ରଚିତ ହୋଇଛି। ଏଥିରେ ସେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ, ଦକ୍ଷତା ଓ ଅନ୍ତିମ ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଲେଖକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ସିଇଓମାନଙ୍କୁ ଗାନ୍ଧୀଙ୍କ ପରିଚାଳନା ନୀତି ଅବଲମ୍ବନ କରି ସଫଳତା ଲାଭ କରିବାକୁ ପରାମର୍ଶ ଦେଇଛନ୍ତି। ନିଷ୍ପତ୍ତିଗ୍ରହଣ, ଦାୟିତ୍ୱ ପରିଚାଳନା ଓ ନିର୍ବାହ ତଥା ନେତୃତ୍ୱ କ୍ଷେତ୍ରରେ ଗାନ୍ଧୀଙ୍କ ଏହି ସିଦ୍ଧାନ୍ତକୁ ଏକ ମାର୍ଗଦର୍ଶିକା ଭାବେ ଗ୍ରହଣ କରିବାକୁ କହିଛନ୍ତି। ଲେଖକଙ୍କ ମତରେ ନେତୃତ୍ୱ ଏକ ଖୋଲା ପୁସ୍ତକ ସଦୃଶ; କାରଣ ବନ୍ଦ ବହିର କିଛି ଅର୍ଥ ନାହିଁ ଓ ଏହାର ଉପାଦେୟତା ସ୍ୱଚ୍ଛ। ସିଇଓମାନେ ଏହି ନୀତିରେ କାମ କରି କାମରେ ସ୍ଥିରତା, ପରିପକ୍ୱତା ଦେଖାଇବା ସହ ମାଧ୍ୟମ ଓ ଲକ୍ଷ୍ୟ ପ୍ରତି ସମାନ ଗୁରୁତ୍ୱ ଦେଲେ ନିଜକୁ ଆଦର୍ଶସ୍ଥାନୀୟ କରିପାରିବେ।

ଗାନ୍ଧିଜୀଙ୍କ ପାଣ୍ଡିତ୍ୟ ଓ ଗଭୀର ଅନ୍ତଃଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରି ସେ ଲେଖିଛନ୍ତି ଯେ ଅତ୍ୟାଚାରୀ ଶାସକ ମଧ୍ୟ ଶାସନ କରିବାର କର୍ତ୍ତୃତ୍ୱ ଶାସିତମାନଙ୍କଠାରୁ ସ୍ୱେଚ୍ଛାକୃତ ଅବା ବାଧ୍ୟବାଧକତାରେ ହାସଲ କରିଥାନ୍ତି। ତେଣୁ ସିଇଓମାନେ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ; କାରଣ ବ୍ୟାପାର ଜବରଦସ୍ତ ଚାଲିପାରିବ ନାହିଁ। ତେଣୁ ସିଇଓମାନେ ନିଜର କର୍ମଚାରୀ, ସମ୍ପୃକ୍ତ ପକ୍ଷଙ୍କ ବିଶ୍ୱାସ ଓ ସମର୍ଥନ ଜିତି କାମ କରିବାର ଆବଶ୍ୟକତା ରହିଛି। ସେମାନେ ମଧ୍ୟ ଭିନ୍ନମତକୁ ସ୍ୱାଗତ କରିବା ଉଚିତ; କାରଣ ଯଦି "ସମସ୍ତେ ଏକ ପ୍ରକାର ଭାବୁଥାନ୍ତି, ତା'ର ଅର୍ଥ କେଇ କିଛି ଭାବୁ ନାହାନ୍ତି।"

ଗାନ୍ଧିଜୀ ଆଇନ ପଢ଼ିଥିଲେ ଏବଂ ଅର୍ଥନୀତି କିମ୍ବା ପରିଚାଳନା ବିଦ୍ୟାର ଛାତ୍ର ସେ ନ ଥିଲେ। ଏହା ସତ୍ତ୍ୱେ ସେ ପରିଚାଳନା କ୍ଷେତ୍ରର ବିଚାର, ଦକ୍ଷତା ଓ କୌଶଳ କେଉଁଠୁ ହାସଲ କଲେ ତାହା ଲେଖକ ଆଲାନ୍ ଆକ୍ସେଲରଡ୍‌ଙ୍କୁ ଚକିତ କରିଛି। ଗାନ୍ଧିଜୀଙ୍କ ପାରଙ୍ଗମତାକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି। ଏହାର ଉତ୍ତରଟି ହେଲା - ସତ୍ୟ ପ୍ରତି ଗାନ୍ଧିଜୀଙ୍କ ଗଭୀର ନିଷ୍ଠା। ଏହା ତାଙ୍କୁ ସବୁ ପ୍ରସଙ୍ଗକୁ ବିଚାର କରି ଦେଖିବାର ପ୍ରବୃତ୍ତି ଶିଖାଇଥିଲା। ଏପରିକି ସତ କଥାଟିକୁ ସତ ବୋଲି ଗ୍ରହଣ କରିବା ପୂର୍ବରୁ ସେ ଭଲ ଭାବେ ଏହାର ପରୀକ୍ଷା ନିରୀକ୍ଷା କରୁଥିଲେ। ଗାନ୍ଧିଜୀ ନିଜ ଆତ୍ମଜୀବନୀର ନାମ ରଖିଥିଲେ "ସତ୍ୟର ପ୍ରୟୋଗ" ବା "ମାଏଁ ଏକ୍ସପେରିମେଣ୍ଟ ଉଇଥ ଟ୍ରୁଥ୍"। ସେ ସ୍ୱତନ୍ତ୍ର ଭାବେ ଠାଏ ଲେଖିଛନ୍ତି "ସତ୍ୟର ଖଣିରେ ଗଭୀର ଅନ୍ୱେଷଣ ବଳରେ ପୋତି ହୋଇରହିଥିବା ମାଣିକ୍ୟ ଅଧିକ ମିଳିବ।"

ଭାରତର ଉତ୍କଟ ଦାରିଦ୍ର୍ୟ ଦ୍ୱାରା ଗାନ୍ଧୀଙ୍କ ଆର୍ଥିକ ଓ ପରିଚାଳନା ବିଚାର ପୋଖତ ହୋଇଛି। ଦେଶର ନୈତିକ ଓ ସଭ୍ୟତାଗତ ମୂଲ୍ୟବୋଧ ଏହାର ଢାଞ୍ଚା ତିଆରି କରିଛି। ତାଙ୍କ ମତରେ "ଯେଉଁ ଅର୍ଥନୀତି ଜଣେ ବ୍ୟକ୍ତିର ନୈତିକ ସ୍ତରରେ ଆଘାତ ଦିଏ ବା ଏକ ଦେଶର କ୍ଷତି ପହଞ୍ଚାଏ ତାହା ଅନୈତିକ ଏବଂ ଅଗ୍ରହଣୀୟ।" ସେହିଭଳି, "ଯେଉଁ ଅର୍ଥନୀତି ଅନ୍ୟ ଦେଶକୁ ଶୋଷଣ କରି ସମୃଦ୍ଧ ହୁଏ ତାହା ମଧ୍ୟ ଗ୍ରହଣୀୟ ନୁହେଁ। ବାସ୍ତବ ଅର୍ଥରେ ସଭ୍ୟତା ହେଲା ଉଦ୍ଦେଶ୍ୟମୂଳକ ଓ ସ୍ୱେଚ୍ଛାକୃତ ଭାବେ ନିଜର ସ୍ୱାର୍ଥପର ଭାବକୁ ହ୍ରାସ କରିବା ଏବଂ ଅନ୍ୟକୁ ଶୋଷଣ ନ'କରିବା।"

ଗାନ୍ଧିଜୀଙ୍କ ତାବିଜରେ ଏହି ଆର୍ଥିକ ଓ ପରିଚାଳନା ବିଚାରର ସାରାଂଶ ଲିପିବଦ୍ଧ। ଭାରତୀୟ ନେତାମାନଙ୍କୁ ସେ ଏହି ତାବିଜ ଦେଇଥିଲେ। ସେଥିରେ ସେ କହିଛନ୍ତି,



*କୋଚ୍ରାବ, ଅହମ୍ମଦାବାଦସ୍ଥିତ ଆଶ୍ରମ (୧୯୧୫)*

"ତୁମେ ଯେତେବେଳେ ଦ୍ୱନ୍ଦ୍ୱରେ ପଡ଼ିବ ସେତେବେଳେ ତୁମେ ଦେଖିଥିବା ଦରିଦ୍ରତମ ଲୋକଟିର ମୁହଁକୁ ମନେ ପକାଅ ଏବଂ ନିଜକୁ ପଚାର, ତୁମେ ଯେଉଁ ପଦକ୍ଷେପ ନେବାକୁ ଯାଉଛି ତାହା ସେ ଲୋକଟିର କିଛି କାମରେ ଲାଗିବ କି?

ଗାନ୍ଧିଜୀ ଗ୍ରାମସ୍ତରରୁ ଦାରିଦ୍ର୍ୟ ଦୂରୀକରଣ ଓ ଅର୍ଥନୈତିକ ବିକାଶ ଚାହୁଁଥିଲେ। କାରଣ ଏହି ସ୍ତରରେ ଦରିଦ୍ରରୁ ଦରିଦ୍ରତମ ଏବଂ ନିଯୁତ ନିଯୁତ ମୂକ ଜନତା ବାସ କରନ୍ତି। ଏହା ବ୍ୟତୀତ ସେ ଜନଗଣଙ୍କ ଦ୍ୱାରା ଉତ୍ପାଦନରେ ବିଶ୍ୱାସ କରୁଥିଲେ, ଗଣ (ବିପୁଳ) ଉତ୍ପାଦନରେ ବିଶ୍ୱାସ କରୁ ନ ଥିଲେ। ଏଥିରେ ସେ ଲୋକଙ୍କ ଅନ୍ତର୍ନିହିତ ପ୍ରତିଭାର ଉପଯୋଗ, ପାରମ୍ପରିକ ପେସା, ସ୍ଥାନୀୟ ଭାବେ ମିଳୁଥିବା ପୁନଃଭରଣୀୟ ପ୍ରାକୃତିକ ସମ୍ପଦର ବିନିଯୋଗ ଚାହୁଁଥିଲେ। ଗାନ୍ଧୀଙ୍କ ବିଚାରରେ କୌଣସି ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉତ୍ପାଦନ ପାଇଁ ଗ୍ରାମର ସାମର୍ଥ୍ୟଠାରୁ ଯଦି ଅଧିକ ପୁଞ୍ଜି ନିବେଶର ଆବଶ୍ୟକତା ପଡ଼େ ତେବେ ସେଇ କାରଖାନା ନିକଟବର୍ତ୍ତୀ ସହରାଞ୍ଚଳରେ ପ୍ରତିଷ୍ଠା କରାଯିବା ଉଚିତ। ଏହାଦ୍ୱାରା ସେଠାରେ ଯେଉଁମାନେ କାମ କରିବାକୁ ଚାହିଁବେ ସେମାନେ ନିଜ ଗାଁରେ ପରିବାର ସହ ରହିବାର ସୁବିଧା ପାଇବେ ଏବଂ ସହରରେ ରହି ଘରଭଡ଼ା ଓ ଅନ୍ୟାନ୍ୟ ଖର୍ଚ୍ଚରୁ ମୁକ୍ତ ହେବେ। ସେଇଭଳି ସଂପୃକ୍ତ କାରଖାନା କର୍ତ୍ତୃପକ୍ଷ ଗ୍ରାମାଞ୍ଚଳର ଶ୍ରମିକଙ୍କୁ ଶସ୍ତାରେ କାମ ଧନ୍ଦା ପାଇଁ ପାଇବେ। ଏହାଛଡ଼ା ଏହି ବ୍ୟବସ୍ଥା ଦ୍ୱାରା ସମ୍ପୃକ୍ତ ସହର କିମ୍ବା ଆଖପାଖର ଗାଁର ଲୋକ ନିଜର ସାଧାରଣ ଆବଶ୍ୟକତା ପାଇଁ ଦୂର ଦୂରାନ୍ତ ସ୍ଥାନ ଉପରେ ନିର୍ଭରଶୀଳ ହେବେ ନାହିଁ।

ଗାନ୍ଧୀ ଉଭୟ ପୁଞ୍ଜିବାଦୀ ଓ ସାମ୍ୟବାଦୀ ଅର୍ଥନୀତିର ବିରୋଧୀ ଥିଲେ। ତାଙ୍କ ମତରେ ପୁଞ୍ଜିବାଦ ଲାଭ ଅନ୍ୱେଷଣର ଏକ ନିଷ୍ଠୁର ପ୍ରୟାସ। ସାମ୍ୟବାଦୀ ଅର୍ଥନୀତିରେ ଶ୍ରେଣୀଗତ ଘୃଣା ଓ ବିଦ୍ୱେଷ ପ୍ରାଧାନ୍ୟ ଲାଭ କରିଥାଏ। ଏହା ସମ୍ପତ୍ତି ଅଧିକାର ଉଚ୍ଛେଦ ଓ ଅପହରଣ ତଥା ହିଂସାରେ ବିଶ୍ୱାସ କରେ। ସେ ମଧ୍ୟ ଅର୍ଥନୀତି ଉପରେ ରାଷ୍ଟ୍ରୀୟ ନିୟନ୍ତ୍ରଣର ପକ୍ଷପାତି ନ'ଥିଲେ। ବ୍ୟକ୍ତି ସ୍ୱାଧୀନତା ସବୁ ବିକାଶର ମୂଳ ବୋଲି ଗାନ୍ଧୀ କହୁଥିଲେ।

ଗଣତନ୍ତ୍ର ସମ୍ପର୍କରେ ଗାନ୍ଧିଜୀଙ୍କ ବିଚାର ହେଲା - ଏଥିରେ ଉଭୟ ଅତି ଦୁର୍ବଳ ଓ ସର୍ବଶକ୍ତିଶାଳୀ, ଉଭୟଙ୍କୁ ସମାନ ସୁଯୋଗ ସୁବିଧା ମିଳେ। ସ୍ୱଳ୍ପ କେତେକ ଲୋକଙ୍କ ହାତରେ କର୍ତ୍ତୃତ୍ୱ ରହିଲେ ପ୍ରକୃତ ସ୍ୱରାଜ ଆସିବ ନାହିଁ। କ୍ଷମତାର ଦୁରୁପଯୋଗ କରୁଥିବା ସ୍ୱଳ୍ପ ଲୋକଙ୍କୁ ପ୍ରତିରୋଧ ତଥା କ୍ଷମତାଚ୍ୟୁତ କରିବାର ଅଧିକାର ଯେତେବେଳେ ଅଧିକ ଲୋକଙ୍କ ହାତରେ ରହିବ ସେତେବେଳେ ଯାଇ ଯଥାର୍ଥ ସ୍ୱରାଜ ଆସିବ।

ଅର୍ଥନୀତିର ପରିଚାଳନା କ୍ଷେତ୍ରରେ ତାଙ୍କର ବିଚାର ଥିଲା ସ୍ୱଷ୍ଟ। ଗାନ୍ଧିଜୀ ବାଧ୍ୟବାଧକତା ପରିବର୍ତ୍ତେ ନୈତିକ ପ୍ରତ୍ୟାୟନ (ପ୍ରବୋଧନ) ମାଧ୍ୟମରେ ଆର୍ଥିକ ପରିଚାଳନା ଚାହୁଁଥିଲେ। ଏଥିରେ ସେ 'ନ୍ୟାସ'ବ୍ୟବସ୍ଥା ବା ଟ୍ରଷ୍ଟିସିପ୍ ଉପରେ ଗୁରୁତ୍ୱ ଦେଉଥିଲେ। ଏହା ଫଳରେ ଯେଉଁମାନଙ୍କ ପାଖରେ ଅର୍ଥ, ସମ୍ପତ୍ତି ଅଛି ସେମାନେ ଏହାର ମାଲିକ ନ' ଭାବି ଗରିବଙ୍କ ଧନର ନ୍ୟାସୀ ଭାବେ ନିଜକୁ ଉଚିତ ବୋଲି ମଣିବା ସେ ଚାହୁଁଥିଲେ। ଏହି ବିଚାରର ଉଦ୍ଦେଶ୍ୟ ଥିଲା ପୁଞ୍ଜିବାଦୀ ଓ କମ୍ୟୁନିଷ୍ଟ ବ୍ୟବସ୍ଥାରେ ଥିବା ଶୋଷଣ ଓ ଅତ୍ୟାଚାର ମନୋଭାବ ଦୂର କରି ଏକ ଦୟାଳୁ, ନ୍ୟାୟବନ୍ତ ସମାଜ କଲ୍ୟାଣକାରୀ, ସହଯୋଗ ଭିତ୍ତିକ ବ୍ୟବସ୍ଥା ସୃଷ୍ଟି କରିବା। ଏହି ବ୍ୟବସ୍ଥାକୁ ସେ ସର୍ବୋଦୟର ଆଖ୍ୟା ଦେଇଛନ୍ତି, ଯେଉଁଠି ପ୍ରତ୍ୟେକ ବ୍ୟକ୍ତିର ସର୍ବାଙ୍ଗୀଣ ବିକାଶର ସମ୍ଭାବନା ସେ ଦେଖିଛନ୍ତି।

ଗାନ୍ଧିଜୀଙ୍କ ବିଚାରରେ ଶ୍ରମର ମର୍ଯ୍ୟାଦା ପୁଞ୍ଜିଠାରୁ ବହୁ ଉଚ୍ଚରେ। ଶ୍ରମ ବିନା ସୁନା, ରୁପା ଓ ତମ୍ବା ଆଦି ମୂଲ୍ୟହୀନ ବୋଝ। ଶ୍ରମିକ ଶ୍ରମଦ୍ୱାରା ହିଁ ଏସବୁ ଧାତୁକୁ ଖଣିରୁ ଉତ୍ତୋଳନ କରି ମୂଲ୍ୟ ମିଶାଇ ଏହାକୁ ମୂଲ୍ୟବାନ କରିଥାଏ। ଅତଏବ ସୁନା ନୁହେଁ, ଶ୍ରମ ହିଁ ଅମୂଲ୍ୟ। ସେ ଶ୍ରମ ଓ ପୁଞ୍ଜି ମଧ୍ୟରେ ଏକ ସମନ୍ୱୟ ଚାହୁଁଥିଲେ। ଏଦୁଇର ସହଯୋଗରେ ଚମତ୍କାର ସୃଷ୍ଟି ହୋଇପାରିବ ବୋଲି କହୁଥିଲେ।

ଗାନ୍ଧୀଙ୍କ ଉପରେ ଆକ୍‌ସେଲରଡ୍ ଯେଉଁ ପୁସ୍ତକ ଲେଖିଛନ୍ତି ସେଥିରେ ୧୪ଟି ଅଧ୍ୟାୟ ରହିଛି। ପ୍ରତ୍ୟେକ ଅଧ୍ୟାୟ ଗାନ୍ଧିଜୀଙ୍କ ଉଦ୍‌ଘୋଷିତ ୧୪ଟି ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଗୋଟିଏ ନୀତି ଉପରେ ରଚନା କରାଯାଇଛି। ସେଥିମଧ୍ୟରୁ ଲେଖକ ଗୋଟିଏ ନୀତି ବା ସିଦ୍ଧାନ୍ତକୁ ଅଗ୍ରପ୍ରାଧାନ୍ୟ ଦେଇଛନ୍ତି। ସେଇଟି ହେଲା "ଦୟାଳୁ ଓ ଲୋକଭିତ୍ତିକ ଦୃଷ୍ଟିକୋଣ"। ଏହା ଗାନ୍ଧୀଙ୍କ ତେଉଁରିଆ ବା ତାବିଜ ତତ୍ତ୍ୱକୁ ଭିତ୍ତିକରି ରଚିତ ହୋଇଛି। ଏଥିରେ ସେ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ, ଦକ୍ଷତା ଓ ଅନ୍ତିମ ସଫଳତା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଲେଖକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ସିଇଓମାନଙ୍କୁ ଗାନ୍ଧୀଙ୍କ ପରିଚାଳନା ନୀତି ଅବଲମ୍ବନ କରି ସଫଳତା ଲାଭ କରିବାକୁ ପରାମର୍ଶ ଦେଇଛନ୍ତି। ନିଷ୍ପତ୍ତିଗ୍ରହଣ, ଦାୟିତ୍ୱ ପରିଚାଳନା ଓ ନିର୍ବାହ ତଥା ନେତୃତ୍ୱ କ୍ଷେତ୍ରରେ ଗାନ୍ଧୀଙ୍କ ଏହି ସିଦ୍ଧାନ୍ତକୁ ଏକ ମାର୍ଗଦର୍ଶିକା ଭାବେ ଗ୍ରହଣ କରିବାକୁ କହିଛନ୍ତି। ଲେଖକଙ୍କ ମତରେ ନେତୃତ୍ୱ ଏକ ଖୋଲା ପୁସ୍ତକ ସଦୃଶ; କାରଣ ବନ୍ଦ ବହିର କିଛି ଅର୍ଥ ନାହିଁ ଓ ଏହାର ଉପାଦେୟତା ସ୍ୱଳ୍ପ। ସିଇଓମାନେ ଏହି ନୀତିରେ କାମ କରି କାମରେ ସ୍ଥିରତା, ପରିପକ୍ୱତା ଦେଖାଇବା ସହ ମାଧ୍ୟମ ଓ ଲକ୍ଷ୍ୟ ପ୍ରତି ସମାନ ଗୁରୁତ୍ୱ ଦେଲେ ନିଜକୁ ଆଦର୍ଶସ୍ଥାନୀୟ କରିପାରିବେ। ଗାନ୍ଧିଜୀଙ୍କ ପାଣ୍ଡିତ୍ୟ ଓ ଗଭୀର ଅନ୍ତଃଦୃଷ୍ଟିକୁ ଉଚ୍ଚ ପ୍ରଶଂସା କରି ସେ ଲେଖିଛନ୍ତି ଯେ ଅତ୍ୟାଚାରୀ ଶାସକ ମଧ୍ୟ ଶାସନ କରିବାର କର୍ତ୍ତୃତ୍ୱ ଶାସିତମାନଙ୍କଠାରୁ ସ୍ୱେଚ୍ଛାକୃତ ଅବା ବାଧ୍ୟବାଧକତାରେ ହାସଲ କରିଥାନ୍ତି।



*ଜୋହନ୍ସବର୍ଗ, ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ (୧୯୦୮)*

ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଆତ୍ମପ୍ରଚୋଦିତ ନ୍ୟାସୀ (ଟ୍ରଷ୍ଟିସିପ୍) ବ୍ୟବସ୍ଥାର ଏକ ଭଲ ଉଦାହରଣ।

ସାତଟି ଶ୍ରମିକ ସଂଘର ମିଶ୍ରଣରେ ଅହମଦାବାଦ ଲୁଗାକଳ ଶ୍ରମିକ ମହାସଂଘ ୧୯୧୮ରେ ଗଠିତ ହୋଇଥିଲା। ଶ୍ରମ ଓ ପୁଞ୍ଜି ମଧ୍ୟରେ ଉତ୍ତମ ସମନ୍ୱୟ ଓ ସମ୍ପର୍କ ରକ୍ଷାର ଏହା ଏକ ଉତ୍ତମ ଉଦାହରଣ। ୧୯୩୯ ସୁଦ୍ଧା ଏହାର ସଭ୍ୟ ସଂଖ୍ୟା ୨୫ ହଜାରରେ ପହଞ୍ଚିଥିଲା।

ଗାନ୍ଧିଜୀ ନିଜର ଆର୍ଥିକ ବିଚାର ସମ୍ପର୍କରେ ଅନେକ କିଛି କହିଥିଲେ ଓ ଲେଖିଥିଲେ; ତେବେ ଏହାକୁ ଏକ ସୁସଂହତ ଆର୍ଥିକ ତତ୍ତ୍ୱରେ ପରିଣତ କରି କାର୍ଯ୍ୟକାରୀ କରିବା ପାଇଁ ତାଙ୍କ ପାଖରେ ସମୟ ଓ ପ୍ରଶିକ୍ଷଣ ବ୍ୟବସ୍ଥା ନ ଥିଲା। ଏବେ ଯାହା 'ଗାନ୍ଧିବାଦୀ ଅର୍ଥନୀତି' ଭାବେ ପରିଚିତ, ତାହା ଗାନ୍ଧିଜୀଙ୍କ ସମର୍ପିତ ଅନ୍ତରଙ୍ଗ ଶିଷ୍ୟ ଜେ.ସି. କୁମାରପ୍ପା (ଜେସିକେ)ଙ୍କ ଫଳଶ୍ରୁତି। ସେ ଦୀର୍ଘ ଦୁଇ ଦଶନ୍ଧି କାଳ ଏ ସମ୍ପର୍କରେ 'ୟଙ୍ଗଇଣ୍ଡିଆ' ପତ୍ରିକାରେ ନିୟମିତ ଲେଖା ଲେଖଥିଲେ। ଏହି ଲେଖାଗୁଡ଼ିକୁ ଏକତ୍ର କରି ସେ ଏ ସଂକ୍ରାନ୍ତ ନିଜର ପୁସ୍ତକ 'ଇକନମୀ ଅଫ୍ ପରମାନେନ୍ସ' ୧୯୪୫ରେ ପ୍ରକାଶ କରିଥିଲେ।

ଜେସିକେ ତାଙ୍କ ପୁସ୍ତକରେ ପକ୍ଷୀ, ପ୍ରାଣୀ, ମହୁମାଛି ଆଦିଙ୍କର ସରଳ ଉଦାହରଣ ଦେଇ ପାଞ୍ଚ ପ୍ରକାର ଅର୍ଥନୀତିର ଉଲ୍ଲେଖ କରିଛନ୍ତି। ଏହି ପାଞ୍ଚଟି ହେଲା ପରାଙ୍ଗପୁଷ୍ଟ, ଶିକାରୀ, ଉଦ୍‌ଯୋଗୀ, ଏକୀକରଣକାରୀ ଓ ସେବାମୂଳକ। ଏହି ପାଞ୍ଚ ମଧ୍ୟରୁ ଶେଷଟି ଛଡ଼ା ଆଉ ସବୁ ଲାଭଦାୟକ ଓ ଅର୍ଜନମୂଳକ; ତେବେ "ପ୍ରକୃତି ଭଳି ସାଧାରଣ ସ୍ୱାର୍ଥ ପାଇଁ ଅନୁବନ୍ଧିତ ଓ ସୁବ୍ୟବସ୍ଥିତ। .... ଏବଂ ହିଂସା ଏହି ଶୃଙ୍ଖଳକୁ ଭାଙ୍ଗିପାରେ ନାହିଁ। ଆମର ଏଭଳି ଏକ ସ୍ଥାୟୀ ଅର୍ଥନୀତିର ଆବଶ୍ୟକତା ରହିଛି।" ସେ ଲାଭମନୋଭାବ ଏବଂ ବିପୁଳ ଉତ୍ପାଦନକୁ ବିଶ୍ୱର ଅଧିକାଂଶ ଦୁର୍ଦ୍ଦଶା ପାଇଁ ଦାୟୀ କରିଛନ୍ତି। ବଜାର ଅକ୍ତିଆର କରିବାକୁ ଯୁଦ୍ଧ ଆରମ୍ଭ ହୁଏ ଏବଂ ନିଜର ବଳକା ସାମଗ୍ରୀ ପାଇଁ ଗ୍ରାହକ ସୃଷ୍ଟି କରାଯାଏ। ପ୍ରଥମେ ସାମଗ୍ରୀ ଉତ୍ପାଦନ ହୁଏ ଏବଂ ତା'ପରେ ବାୟୋନେଟ୍ ମୁନରେ ସେସବୁ ସାମଗ୍ରୀ ପାଇଁ ଚାହିଦା ସୃଷ୍ଟି କରାଯାଏ। 'ଖ୍ରୀଷ୍ଟମାସ୍ ଟ୍ରି' ପରି ଆଖିଝଲସା ସୁସଜ୍ଜିତ ପାଶ୍ଚାତ୍ୟ ସଭ୍ୟତାକୁ ସେ ନାପସନ୍ଦ କରି କହିଛନ୍ତି "ବଡ଼ଦିନର ଏହି ଆକର୍ଷଣୀୟ ଗଛଟି ଜୀବନ୍ତ ଗଛରୁ କଟାଯାଇ ଏକ କୃତ୍ରିମ ରୂପ ପାଇଥାଏ, ଯାହା ମାଟିରୁ ରସ ସଂଗ୍ରହ କରିବାକୁ ଅକ୍ଷମ। ଏହା କିଛି ସମୟ ପାଇଁ ସତେଜ ରହିଲେ ମଧ୍ୟ କ୍ରମଶଃ ପତ୍ରଝାଉଁଳି ଶୁଷ୍କ ହୋଇ କେବଳ ଜାଳେଣି ଯୋଗ୍ୟ ହୋଇଥାଏ।"

ସଂପ୍ରତି ପରିଚାଳନା କ୍ଷେତ୍ରରେ ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ, କଷ୍ଟମର ରିଲେସନ ମ୍ୟାନେଜମେଣ୍ଟ, କର୍ପୋରେଟ୍ ସୋସାଲ ରେସ୍‌ପନ୍‌ସିବିଲିଟି, ସବୁ ସମ୍ପୃକ୍ତ ପକ୍ଷଙ୍କ ସ୍ୱାର୍ଥରକ୍ଷା ସଂକ୍ରାନ୍ତ ପାଠ୍ୟକ୍ରମ ଏସ୍‌ଆଇଏସ୍‌ଏଚ୍, ଫ୍ରୁଗାଲ ଇଞ୍ଜିନିୟରିଂ, ଲିନ୍ ମ୍ୟାନେଜମେଣ୍ଟ, କୋର କମ୍ପିଟେନ୍ସ, ବିଏସ୍‌ଏଲ୍‌ପିପି, ସିଆଇଟି, ଭିଜନାରୀ ଲିଡରସିପ୍, ଉତ୍ତମ କର୍ପୋରେଟ୍ ଗଭର୍ଣ୍ଣାନ୍ସ ଭଳି ଯେଉଁ ବିଷୟ ସବୁ ବିଶେଷ ଚର୍ଚ୍ଚିତ ତାହା ସବୁ କାର୍ଯ୍ୟକାରୀ କରିବାକୁ ଗାନ୍ଧୀ ୧୯୨୦ ଓ ୩୦ ଦଶକରେ କହିଥିଲେ। ସେ ସେତେବେଳେ ଏସବୁ କଥା ଆପଣା ଢଙ୍ଗରେ କହିଥିଲେ ଏବଂ ଏବେ ଆମେସବୁ ସେଇକଥାକୁ ନୂଆ ପ୍ରକାର ଦେଖୁଛୁ ଓ କାର୍ଯ୍ୟକାରୀ କରୁଛୁ।

ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ ପ୍ରସଙ୍ଗରେ ଗାନ୍ଧିଜୀଙ୍କ ବିଚାର ଥିଲା ଛାତ୍ରଛାତ୍ରୀ ବିଜ୍ଞାନସମ୍ମତ ଉପାୟରେ ଅରଟ ଚଳାଇ ସୂତା କାଟିବେ। ସେମାନଙ୍କ ଉପକରଣ ପରିଷ୍କାର ପରିଚ୍ଛନ୍ନ ହେବା ସହିତ ଉତ୍ତମ ପରିବେଶରେ ସେମାନେ ସୂତା କାଟିଲେ ତାହା ନିଶ୍ଚିତ ଉଚ୍ଚମାନର ହେବ।

ସେଇଭଳି ସିଆର୍‌ଏମ୍ ପ୍ରସଙ୍ଗରେ ଗାନ୍ଧିଜୀଙ୍କ ବିଚାର ଥିଲା ଗ୍ରାହକ ଈଶ୍ୱର। ଅର୍ଥାତ୍ ଆମ ଦୋକାନକୁ ଆସୁଥିବା ଗ୍ରାହକ ଆମ ପାଇଁ ସବୁଠୁ ବଡ଼ ବିଶିଷ୍ଟ ବ୍ୟକ୍ତି। ସେମାନେ ଆମ କାମରେ ବ୍ୟାଘାତ ସୃଷ୍ଟି ପାଇଁ ଆସନ୍ତି ନାହିଁ। ସେମାନଙ୍କ ଆସିବାର ଉଦ୍ଦେଶ୍ୟ ଆମ ପାଇଁ ଏକ ସୁଯୋଗ ସୃଷ୍ଟି କରେ। ଅତଏବ ଗ୍ରାହକଙ୍କୁ ଦୟାଭାବ ନ'ଦେଖାଇ ତାଙ୍କୁ ଉଚିତ ସେବା ଯୋଗାଇଦେବା ଆମର କର୍ତ୍ତବ୍ୟ। ସିଏସ୍‌ଆର୍ ପ୍ରସଙ୍ଗରେ ମଧ୍ୟ ଗାନ୍ଧିଜୀ ସ୍ୱାସ୍ଥ୍ୟ, ଶିକ୍ଷା, ପରିଚ୍ଛନ୍ନତା ଓ ଶିଳ୍ପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେଉଥିଲେ। ଚମ୍ପାରଣର ନୀଳଚାଷୀଙ୍କ ପାଇଁ ଲଢ଼ିବାବେଳେ ସେ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ।

ଏବେ ଯେଉଁ ଏସ୍‌ଆଇଏଏସ୍‌ଏଚ୍ ତତ୍ତ୍ୱ ଗୁରୁତ୍ୱ ପାଉଛି ଗାନ୍ଧିଜୀ ୧୯୩୧ରେ ଲଣ୍ଡନ ଗୋଲ୍‌ଟେବୁଲ ବୈଠକରେ ଯୋଗଦେବାକୁ ଯିବା ଅବସରରେ ମାଞ୍ଚେଷ୍ଟର, ଲାଙ୍କାସାୟର ପରିଭ୍ରମଣ କରି ଲୁଗାକଳର ଶ୍ରମିକ ଓ ମାଲିକମାନଙ୍କୁ ସେ ବିଷୟରେ ବୁଝାଇଥିଲେ। ଭାରତରେ ବ୍ରିଟିଶ ବସ୍ତ୍ର ବର୍ଜନ କାହିଁକି କରାଯାଉଥିଲା ତାହାର କାରଣ ସେ ମଧ୍ୟ କହିଥିଲେ। ଯେତେବେଳେ କୌଣସି ଏକ ଉଦ୍ୟୋଗ ବା କାମରେ ସବୁ ସଂପୃକ୍ତ ପକ୍ଷଙ୍କ ସ୍ୱାର୍ଥରକ୍ଷା ପାଇଁ ଉପଯୁକ୍ତ ଧ୍ୟାନ ଦିଆନ'ଯାଏ ତାହା ଏକତରଫା ହୋଇଯାଏ। ତେଣୁ ସବୁପକ୍ଷଙ୍କ ସ୍ୱାର୍ଥ ସୁରକ୍ଷିତ କରିବା ଉପରେ ଗାନ୍ଧିଜୀ ଜୋର ଦେଇଥିଲେ।

ଗାନ୍ଧିଜୀଙ୍କ ଫ୍ରୁଗାଲ ଇଞ୍ଜିନିୟରିଂ ଓ ଲିନ୍ ମ୍ୟାନେଜମେଣ୍ଟରେ ଚରଖାଥିଲା ପ୍ରମୁଖ ଆୟୁଧ। ଚରଖାର ଶକ୍ତିବଳରେ ସେ ଭାରତରୁ ଦାରିଦ୍ର୍ୟ ଓ ବ୍ରିଟିଶ ଶାସନ ଅବସାନର ସମ୍ଭାବନା ଦେଖିଥିଲେ। ଗାନ୍ଧିଜୀ ସବୁପ୍ରକାର ବ୍ୟୟରେ ସଂଯମ ଓ ମିତବ୍ୟୟିତା ଅବଲମ୍ବନ କରୁଥିଲେ ଏବଂ ଖର୍ଚ୍ଚ ହେଉଥିବା ପ୍ରତ୍ୟେକଟି ଟଙ୍କାର ପାଇ ପାଇ ହିସାବ ରଖୁଥିଲେ। ଏପରିକି ପେନ୍‌ସିଲଟିଏ କିଣିଲେ ସେ ତହା ଘୋରି ହୋଇ ହାତରେ ଧରି ନ'ହେବା ଅବସ୍ଥାକୁ ଆସିବା ଯାଏ ବ୍ୟବହାର କରୁଥିଲେ। ଗାନ୍ଧିଜୀଙ୍କ ପାଖକୁ ଯେଉଁସବୁ ଚିଠି ଆସୁଥିଲା ସେସବୁ ପଢ଼ିସାରି ସେ ସାଇତି ରଖୁଥିଲେ ଏବଂ ଆବଶ୍ୟକସ୍ଥଳେ ସେଇ ଚିଠି ଏବଂ ଲଫାପାର ଅଲେଖା ପାର୍ଶ୍ୱରେ ଲେଖି ଉତ୍ତର ଦେଉଥିଲେ।

ଚରଖା ଘେନି ଗାନ୍ଧିଜୀଙ୍କ ବିଚାରକୁ ଅର୍ଥନୀତିଜ୍ଞମାନେ ନା'ପସନ୍ଦ କରିପାରନ୍ତି। ଲାଙ୍କାସାୟାରର ବୟନ ଶିଳ୍ପ ସଙ୍ଗେ ଚରଖା ସେତେବେଳେ ତୁଳନୀୟ ହୋଇ ନ'ପାରେ। ଏହା ସତ୍ତ୍ୱେ ଚରଖା ସେତେବେଳେ ଭାରତରେ କୋଟିକୋଟି ଲୋକଙ୍କୁ କର୍ମନିଯୁକ୍ତି ଓ ରୋଜଗାର ଦେଉଥିଲା। ଏହା ସତ୍ୟାଗ୍ରହୀଙ୍କୁ ଶୃଙ୍ଖଳିତ କରିବା ସହ ବ୍ରିଟେନରୁ ଭାରତର ବସ୍ତ୍ର ଆମଦାନୀକୁ ହ୍ରାସ କରାଇଥିଲା। ଏହା ଫଳରେ ଭାରତରେ ବ୍ରିଟେନର ଯେଉଁ ଅର୍ଥନୈତିକ ସ୍ୱାର୍ଥ ଥିଲା ତାହା ପ୍ରଭାବିତ ହୋଇଥିଲା। ବ୍ରିଟେନର ଜନପ୍ରତିନିଧି ସଭା 'ହାଉସ୍‌ଅଫ୍ କମନ୍ସ'ରେ ଭାରତ ବ୍ୟାପାର ଦାୟିତ୍ୱରେ ଥିବା ମନ୍ତ୍ରୀଙ୍କ ଉକ୍ତି ଏହି ପ୍ରସଙ୍ଗରେ ପ୍ରଣିଧାନ ଯୋଗ୍ୟ। ସେ କହିଥିଲେ ଯେ ଅତିଶୟ ଆର୍ଥିକ ମାନ୍ଦାବସ୍ଥା (ଗ୍ରେଟ୍‌ଡିପ୍ରେସନ) ଦ୍ୱାରା ଭାରତକୁ ବ୍ରିଟେର ବୟନ ରପ୍ତାନୀ ୨୫ ଶତାଂଶ ହ୍ରାସ ପାଇଥିବାବେଳେ କଂଗ୍ରେସର ବିଲାତି ବସ୍ତ୍ର ବର୍ଜନ ଆହ୍ୱାନରେ ଏହା ଆଉ ଅଧିକ ୧୮ଶତାଂଶ କମିଥିଲା।

ଜର୍ମାନ ଅର୍ଥନୀତିଜ୍ଞ ୟାର୍ଣ୍ଣଷ୍ଟ ସୁମାକର ତାଙ୍କ ପୁସ୍ତକ "ସ୍ମଲ ଇଜ୍ ବିଉଟିଫୁଲ'ରେ ଗାନ୍ଧିଜୀଙ୍କୁ ଲୋକ-ଅର୍ଥନୀତିଜ୍ଞ କହି ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି, ଗାନ୍ଧୀ ସାଧାରଣ ଜନତାଙ୍କ ଅର୍ଥଶାସ୍ତ୍ରୀ ଥିଲେ। ଯେଉଁ ଅର୍ଥନୀତିରେ ଜନତା ଉଚିତ ଗୁରୁତ୍ୱ ପାଉ ନ ଥିଲେ ତାହାକୁ ସେ ଗ୍ରହଣ କରୁ ନ ଥିଲେ। ବିପୁଳ ଉତ୍ପାଦନକାରୀ ପ୍ରଯୁକ୍ତି ବିଦ୍ୟା (ଟେକ୍‌ନୋଲୋଜି) ମୂଳତଃ ହିଂସ୍ର, ପ୍ରକୃତି ଓ ପରିବେଶ ପାଇଁ କ୍ଷତିକାରକ, ପ୍ରାକୃତିକ ସଂପଦର ନିଃଶେଷକାରୀ ଏବଂ ମଣିଷର ନିରନ୍ତର ବିକାଶର ପରିପନ୍ଥୀ। ଅପରପକ୍ଷରେ ଲୋକଙ୍କଦ୍ୱାରା ବହୁଳଭାବେ ବ୍ୟବହୃତ ଟେକ୍‌ନୋଲୋଜି, ଯାହା ସେମାନେ ଅନୁଭୂତି ଓ ଅନୁଭବ ମଧ୍ୟରେ ତିଆରି କରି ବ୍ୟବହାର କରୁଛନ୍ତି ତାହା ଗ୍ରହଣୀୟ। ଏହା ଆଇନର ବିରୋଧାଚରଣ କରେ ନାହିଁ, ବିକେନ୍ଦ୍ରିତ, ପରିବେଶ ଉପଯୋଗୀ ଏବଂ ଦୁର୍ଲଭ ପ୍ରାକୃତିକ ସମ୍ପଦର ମନଇଚ୍ଛା ବ୍ୟବହାରକୁ ନିରୁତ୍ସାହିତ କରିଥାଏ। ଏହି ଟେକ୍‌ନୋଲୋଜି ମଣିଷର ପ୍ରଭୁ ହେବା ପରିବର୍ତ୍ତେ ତାହାର ଗୋଲାମ ସଦୃଶ ବୋଲ ମାନି କାମ କରିଥାଏ ଓ ମନୁଷ୍ୟର ମୌଳିକ ଆବଶ୍ୟକତା ମେଣ୍ଟାଇବାରେ ସହାୟକ ହୁଏ।

ନରେନ୍ଦ୍ର ପାଣି ତାଙ୍କ ପୁସ୍ତକ 'ଇନ୍‌କ୍ଲୁସିଭ ଇକନମିକ୍ସ'ରେ ଗାନ୍ଧିଜୀଙ୍କ ଅର୍ଥନୈତିକ ପ୍ରଣାଳୀ ଓ ମାର୍ଗକୁ ପ୍ରଶଂସା କରିଛନ୍ତି। ସେ ଲେଖିଛନ୍ତି ଗାନ୍ଧୀ ଅର୍ଥନୀତି ପାରମ୍ପରିକ ତତ୍ତ୍ୱଭିତ୍ତିକ ଅର୍ଥନୀତି ଉପରେ ଗୁରୁତ୍ୱ ନ'ଦେଇ ଇପ୍‌ସିତ ଲକ୍ଷ୍ୟ ଏବଂ ତା'କୁ ହାସଲ କରିବାର ମାର୍ଗ ଉପରେ ଅଗ୍ରାଧିକାର ଦିଏ। ପ୍ରଥମେ

> ଗାନ୍ଧିଜୀ ଆଇନ ପଢ଼ିଥିଲେ ଏବଂ ଅର୍ଥନୀତି କିମ୍ବା ପରିଚାଳନା ବିଦ୍ୟାର ଛାତ୍ର ସେ ନ ଥିଲେ। ଏହା ସତ୍ତ୍ୱେ ସେ ପରିଚାଳନା କ୍ଷେତ୍ରର ବିଚାର, ଦକ୍ଷତା ଓ କୌଶଳ କେଉଁଠୁ ହାସଲ କଲେ ତାହା ଲେଖକ ଆଲାନ୍ ଆକ୍‌ସେଲରଡ୍‌ଙ୍କୁ ଚକିତ କରିଛି। ଗାନ୍ଧିଜୀଙ୍କ ପାରଙ୍ଗମତାକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି। ଏହାର ଉତ୍ତରଟି ହେଲା – ସତ୍ୟ ପ୍ରତି ଗାନ୍ଧିଜୀଙ୍କ ଗଭୀର ନିଷ୍ଠା। ଏହା ତାଙ୍କୁ ସବୁ ପ୍ରସଙ୍ଗକୁ ବିଚାର କରି ଦେଖିବାର ପ୍ରବୃତ୍ତି ଶିଖାଇଥିଲା। ଏପରିକି ସତ କଥାଟିକୁ ସତ ବୋଲି ଗ୍ରହଣ କରିବା ପୂର୍ବରୁ ସେ ଭଲ ଭାବେ ଏହାର ପରୀକ୍ଷା ନିରୀକ୍ଷା କରୁଥିଲେ। ଗାନ୍ଧିଜୀ ନିଜ ଆତ୍ମଜୀବନୀର ନାମ ରଖିଥିଲେ "ସତ୍ୟର ପ୍ରୟୋଗ" ବା "ମାଏଁ ଏକ୍ସପେରିମେଣ୍ଟ ଉଇଥ ଟ୍ରୁଥ୍"। ସେ ସ୍ୱତନ୍ତ୍ର ଭାବେ ଠାଏ ଲେଖିଛନ୍ତି "ସତ୍ୟର ଖଣିରେ ଗଭୀର ଅନ୍ୱେଷଣ ବଳରେ ପୋତି ହୋଇରହିଥିବା ମାଣିକ୍ୟ ଅଧିକ ମିଳିବ।" ଭାରତର ଉତ୍କଟ ଦାରିଦ୍ର୍ୟ ଦ୍ୱାରା ଗାନ୍ଧୀଙ୍କ ଆର୍ଥିକ ଓ ପରିଚାଳନା ବିଚାର ପୋଖତ ହୋଇଛି। ଦେଶର ନୈତିକ ଓ ସଭ୍ୟତାଗତ ମୂଲ୍ୟବୋଧ ଏହାର ଢାଞ୍ଚା ତିଆରି କରିଛି। ତାଙ୍କ ମତରେ "ଯେଉଁ ଅର୍ଥନୀତି ଜଣେ ବ୍ୟକ୍ତିର ନୈତିକ ସ୍ତରରେ ଆଘାତ ଦିଏ ବା ଏକ ଦେଶର କ୍ଷତି ପହଞ୍ଚାଏ ତାହା ଅନୈତିକ ଏବଂ ଅଗ୍ରହଣୀୟ।" ସେହିଭଳି, "ଯେଉଁ ଅର୍ଥନୀତି ଅନ୍ୟ ଦେଶକୁ ଶୋଷଣ କରି ସମୃଦ୍ଧ ହୁଏ ତାହା ମଧ୍ୟ ଗ୍ରହଣୀୟ ନୁହେଁ। ବାସ୍ତବ ଅର୍ଥରେ ସଭ୍ୟତା ହେଲା ଉଦ୍ଦେଶ୍ୟମୂଳକ ଓ ସ୍ୱେଚ୍ଛାକୃତ ଭାବେ ନିଜର ସ୍ୱାର୍ଥପର ଭାବକୁ ହ୍ରାସ କରିବା ଏବଂ ଅନ୍ୟକୁ ଶୋଷଣ ନ'କରିବା।"



***ସାମ୍ପ୍ରଦାୟିକ ହିଂସା ପ୍ରଭାବିତ ବିହାରରେ ଗାନ୍ଧିଜୀ (୧୯୪୬)***

'ସମାଜ ଓ ତା'ର ଆବଶ୍ୟକତା ତଥା ସମସ୍ୟାବଳୀକୁ ଅନୁଧ୍ୟାନ କରି ଲୋକଙ୍କ ଆର୍ଥିକ ପ୍ରସଙ୍ଗର ସମାଧାନ ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଇଛନ୍ତି। ସେଠାରେ ଅର୍ଥନୈତିକ ତତ୍ୱ ବଦଳରେ ଲୋକଙ୍କ ସ୍ଥିତି ଓ ଆବଶ୍ୟକତାକୁ ବିଚାରକୁ ନେଇ ନୂତନ ଅର୍ଥନୈତିକ ଢାଞ୍ଚା ଓ ନୀତି ପ୍ରସ୍ତୁତ କରିବା ଗାନ୍ଧୀ ଅର୍ଥନୀତିର ବିଶେଷତ୍ୱ।

ସେ ଆହୁରି ଲେଖିଛନ୍ତି ଯେ ଗାନ୍ଧିଜୀଙ୍କ ସନ୍ନ୍ୟାସୀ ସଦୃଶ ଜୀବନ ଯାପନର ଛାପ ତାଙ୍କ ଅର୍ଥନୀତିରେ ପ୍ରତିଫଳିତ। ଏଥିରେ ମଣିଷର ଆବଶ୍ୟକତାକୁ ସୀମିତ ଏବଂ ସର୍ବନିମ୍ନ କରାଯାଇଛି। ବଞ୍ଚିବାର ସଂଜ୍ଞାରେ ମୌଳିକତା ପ୍ରାଧାନ୍ୟ ପାଇଥିବାବେଳେ ଆରାମଦାୟକ ଜୀବନ ପାଇଁ ସାମଗ୍ରୀ ତିଆରି ଓ ପ୍ରାକୃତିକ ସମ୍ବଳ ବିନାଶକାରୀ ଉତ୍ପାଦନ ମାର୍ଗକୁ ନିରୁତ୍ସାହିତ କରିବାର ତତ୍ୱ ରହିଛି। ଅତଏବ ଯେଉଁମାନେ ସନ୍ନ୍ୟାସୀ ଭଳି ସର୍ବନିମ୍ନ ଆବଶ୍ୟକତାରେ ବଞ୍ଚିବାକୁ ଚାହାନ୍ତି ସେମାନଙ୍କ ପାଇଁ ଏହି ଅର୍ଥନୀତି ଏକ ଆଦର୍ଶ ଖସଡ଼ା। ନୈତିକତା ଉପରେ ଆଧାରିତ ଏହି ଗାନ୍ଧୀ ଅର୍ଥନୀତିର ପ୍ରାସଙ୍ଗିକତା ବ୍ୟାପକ ବୋଲି ଶ୍ରୀ ପାଣି କହିଛନ୍ତି। 'କୋର କମ୍ପିଟେନ୍ସ' ନାମକ ଏକ ପରିଚାଳନା ତତ୍ୱ ଏବେ ବହୁ ଚର୍ଚ୍ଚିତ ଓ ବ୍ୟବହୃତ। ଏହି ତତ୍ୱକୁ ବୁଝାଇବାକୁ ଯାଇ କଲିନ୍ସ ଓ ପୋରାସ କହିଛନ୍ତି ଯେ ନିଜର ଶ୍ରେଷ୍ଠ ସ୍ୱାଭାବିକ ଦକ୍ଷତାର ବିନିଯୋଗ କରିବାର ଏହା ଏକ ରଣକୌଶଳାତ୍ମକ ତତ୍ୱ। ଶହେବର୍ଷ ପୂର୍ବେ ଗାନ୍ଧିଜୀ ଏହି କଥା କହିଥିଲେ ଭିନ୍ନ ଭାବରେ। ବୟନକୁ ଗାନ୍ଧିଜୀ ଭାରତୀୟଙ୍କ ମୌଳିକ ଦକ୍ଷତା ବା କୋର କମ୍ପିଟେନ୍ସ ଭାବେ ଚିହ୍ନଟ କରିଥିଲେ। ବିଭିନ୍ନ ପ୍ରକାର ଉତ୍କୃଷ୍ଟ ବସ୍ତ୍ର ଉତ୍ପାଦନ କରି ଭାରତୀୟମାନେ ଏକଦା ସମଗ୍ର ଏସିଆ ଓ ୟୁରୋପରେ ପ୍ରସିଦ୍ଧି ଲାଭ କରିଥିଲେ। ବିଦେଶରେ ଭାରତୀୟ ବସ୍ତ୍ରର ବଜାର ଓ ଚାହିଦା ବେଶ୍ ଭଲ ଥିଲା। ମେସିନ୍ ବୁଣା ଲୁଗାର ପ୍ରଚଳନ ଏବଂ ଭାରତୀୟ ହସ୍ତତନ୍ତ ବସ୍ତ୍ର ଉପରେ ଅଧିକ ଟିକସ ଯୋଗୁଁ ଭାରତୀୟ ବସ୍ତ୍ର ଉଦ୍ୟୋଗ କ୍ଷତିଗ୍ରସ୍ତ ହେଲା। ବୁଣାକାର କୌଳିକ ବୃତ୍ତି ହରାଇବା ସହ ସେମାନଙ୍କର ଦକ୍ଷତା ଓ କଳାକୌଶଳ ବିପନ୍ନ ହୋଇଥିଲା। ଏହି ପ୍ରକ୍ରିୟାକୁ ବଦଳାଇବା ପାଇଁ ସେ 'ଚରଖା' ଉପରେ ଭରସା କରିଥିଲେ ଏବଂ ବ୍ରିଟିଶ ଅତ୍ୟାଚାର, ଶୋଷଣ ଓ ଶାସନର ଅବସାନ ନିମନ୍ତେ ଏହାକୁ ଆନ୍ଦୋଳନର ପ୍ରତୀକ କରିଥିଲେ। ଗାନ୍ଧିଜୀ ତାଙ୍କ ଲକ୍ଷ୍ୟରେ ସଫଳ ହୋଇଥିଲେ। ଦେଶ ସ୍ୱାଧୀନ ହୋଇଥିଲା ଏବଂ ଖଦୀର ପୁନରୁଦ୍ଧାର ସହ ବୟନ ଉଦ୍ୟୋଗ ନୂଆ ଜୀବନ ପାଇ ଅଗଣିତ ଲୋକଙ୍କୁ ରୋଜଗାର ଯୋଗାଇବାରେ ସକ୍ଷମ

ହୋଇଥିଲା। ଗାନ୍ଧୀଙ୍କ ଚରଖା ବାସ୍ତବରେ ଆଜିର 'ବିଏସ୍ଏଲ୍‌ପିପି', 'ସିଆଇଟି' ଏବଂ 'ଭିଏଲ୍'ର ଏକ ଶ୍ରେଷ୍ଠତମ ପ୍ରତୀକ ପ୍ରମାଣିତ ହୋଇଛି।

ଅଶୋକ ଖୋସ୍‌ଲା 'ବିକଳ୍ପ ବିକାଶ' ସଂଗଠନର ଅଧ୍ୟକ୍ଷ। ସେ ୧୯୯୮ରେ ଟାଇମ୍ସ ଅଫ୍ ଇଣ୍ଡିଆରେ ଗାନ୍ଧୀଜୟନ୍ତୀ ଅବସରରେ ଏକ ଲେଖା ଲେଖିଥିଲେ। ସେଥିରେ ଗାନ୍ଧିଜୀଙ୍କୁ ଉତ୍ତର ଆଧୁନିକତାର ମହାପୁରୁଷ (ପ୍ରଫେଟ ଅଫ୍ ପୋଷ୍ଟ ମଡର୍ଣ୍ଣିଜିମ୍) ଭାବେ ବର୍ଣ୍ଣନା କରିବା ସହ ତାଙ୍କୁ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଆବିଷ୍କାରକ ଆଖ୍ୟା ଦେଇଛନ୍ତି। ତାଙ୍କ ମତରେ ଗାନ୍ଧିଜୀ ଆଦିମ, କୃଷିଭିତ୍ତିକ ସମାଜକୁ ଫେରିଯିବାର ସମର୍ଥକ ନ ଥିଲେ, ସେ ଲୋକଙ୍କ ବିକାଶ ପାଇଁ ଟେକ୍‌ନୋଲୋଜି ଉପରେ ଗଭୀର ଆସ୍ଥା ପ୍ରକଟ କରିଥିଲେ। କର୍ମସ୍ଥଳୀରେ ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ଓ ଜ୍ଞାନକୌଶଳ ବ୍ୟବହାର କରି ଅଧିକ ଉତ୍କୃଷ୍ଟ ମାନର ସାମଗ୍ରୀ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିଲେ। ବୈଷୟିକ ଅଭିନବତାକୁ ସେ ନିରନ୍ତର ପ୍ରୋତ୍ସାହିତ କରୁଥିଲେ। ଆମକୁ ଏକବିଂଶ ଶତାବ୍ଦୀରେ ତିଷ୍ଠି ରହିବା ପାଇଁ ଗାନ୍ଧିଜୀଙ୍କ ପ୍ରଜ୍ଞା, ବୈଷୟିକ ବିଚାର ଓ ଅର୍ଥନୀତି ଆମ ପାଇଁ ମହାର୍ଘ୍ୟ ସମ୍ବଳ ହେବ। ସି.କେ. ପ୍ରହଲାଦ ଖଣ୍ଡିଏ ଚର୍ଚ୍ଚିତ ବହି ଲେଖିଛନ୍ତି ଯାହାର ନାମ "ଦି ଫର୍ଚୁନ ଆଟ୍ ଦି ବଟମ୍ ଅଫ୍ ଦି ପିରାମିଡ୍: ଏରାଡ଼ିକେଟିଂ ପଭର୍ଟି ଥ୍ରୁ ପ୍ରଫିଟ୍ସ"। ଏଥିରେ ସେ ଗାନ୍ଧିଜୀଙ୍କ ଉଲ୍ଲେଖ କରିନାହାନ୍ତି। ୨୦୦୮ରେ ବେଙ୍ଗାଲୁରୁସ୍ଥିତ ଇନ୍‌ଫୋସିସ୍ କ୍ୟାମ୍ପସ୍‌ରେ ଉଦ୍‌ବୋଧନ ଦେବାବେଳେ ସେ ଗାନ୍ଧିଜୀଙ୍କ 'ତାବିଜ' ଦ୍ୱାରା କିପରି ବିଶେଷ ପ୍ରଭାବିତ ଓ ଅନୁପ୍ରାଣିତ ସେ କଥା କହିଥିଲେ। ପ୍ରହଲାଦ ତାଙ୍କ ବହିରେ ଛୋଟବଡ଼ କମ୍ପାନୀ ସମୂହ ବିଶ୍ୱର ଦୀନ ଦରିଦ୍ରଙ୍କ ସେବା କରିବା ସହିତ କିପରି ଅଧିକ ଲାଭ କରିପାରିବେ ସେ କଥା ଲେଖିଛନ୍ତି। ସେ ମଧ୍ୟ ନୂଆ ପିରାମିଡ୍‌ର ତଳେ ଥିବା ସମ୍ବଳ ଓ ଟେକ୍‌ନୋଲୋଜିର ଧାରା ସମ୍ପର୍କରେ ନିଜ ବହିରେ ଦର୍ଶାଇଛନ୍ତି। ଏଥିରେ ସ୍ୱାସ୍ଥ୍ୟସେବା, ଖାଉଟି ସାମଗ୍ରୀ ଓ ଅର୍ଥ ଆଦି କଥା ରହିଛି। ତାଙ୍କ ବହିର ଉତ୍ତମ ବାର୍ତ୍ତାଟି ହେଲା "ଡୁଇଙ୍ଗ୍ ୱେଲ ବାଏ ଡୁଇଙ୍ଗ୍ ଗୁଡ୍"। ଏହାର ଅର୍ଥ ହେଲା ଭଲ କାମ ଦ୍ୱାରା ଭଲ କରିବା। ସରଳ ଅର୍ଥରେ ଲାଭଜନକ ବ୍ୟବସାୟ ସହିତ ସମ୍ପତ୍ତି ଅର୍ଜନ ନୂଆ ପରିବେଶ ପାଇଁ ପରିତନ୍ତ୍ର ସୃଷ୍ଟି କରି ଦାରିଦ୍ର୍ୟ ଓ ମଣିଷଙ୍କ ଦୁଃଖ ଯାତନା ଦୂର କରିହେବ। ଏହି ସନ୍ଦର୍ଭରେ ସେ ବିଭିନ୍ନ ବିଓପି (ଉଦ୍ୟୋଗ)ର ଉଦାହରଣ ମଧ୍ୟ ଦେଇଛନ୍ତି। ସେଥିମଧ୍ୟରେ ରହିଛି ନିର୍‌ମା ସାବୁନ / ଶାମ୍ପୁ, ଜୟପୁର ରଗ୍ ଓ ପ୍ରସ୍ଥେସିସ୍, ଅନ୍ନପୂର୍ଣ୍ଣା ଲୁଣ, ଅରବିନ୍ଦ ଆଏକେୟାର, ଆଇଟିସି ଇ-ଚୌପାଲ, ଭାରତୀ ଏୟାରଟେଲ୍ ଏବଂ କାସାସ୍ ଭାୟା ଉଦ୍ୟୋଗଙ୍କ ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ଉଦାହରଣ।

ଗାନ୍ଧିଜୀଙ୍କ ଫ୍ରୁଗାଲ ଇଞ୍ଜିନିୟରିଂ ଓ ଲିନ୍ ମ୍ୟାନେଜମେଣ୍ଟରେ ଚରଖାଥିଲା ପ୍ରମୁଖ ଆୟୁଧ। ଚରଖାର ଶକ୍ତିବଳରେ ସେ ଭାରତରୁ ଦାରିଦ୍ର୍ୟ ଓ ବ୍ରିଟିଶ ଶାସନ ଅବସାନର ସମ୍ଭାବନା ଦେଖିଥିଲେ। ଗାନ୍ଧିଜୀ ସବୁପ୍ରକାର ବ୍ୟୟରେ ସଂଯମ ଓ ମିତବ୍ୟୟିତା ଅବଲମ୍ବନ କରୁଥିଲେ ଏବଂ ଖର୍ଚ୍ଚ ହେଉଥିବା ପ୍ରତ୍ୟେକଟି ଟଙ୍କାର ପାଇ ପାଇ ହିସାବ ରଖୁଥିଲେ। ଏପରିକି ପେନ୍‌ସିଲଟିଏ କିଣିଲେ ସେ ତହା ଘୋରି ହୋଇ ହାତରେ ଧରି ନ'ହେବା ଅବସ୍ଥାକୁ ଆସିବା ଯାଏ ବ୍ୟବହାର କରୁଥିଲେ। ଗାନ୍ଧିଜୀଙ୍କ ପାଖକୁ ଯେଉଁସବୁ ଚିଠି ଆସୁଥିଲା ସେସବୁ ପଢ଼ିସାରି ସେ ସାଇତି ରଖୁଥିଲେ ଏବଂ ଆବଶ୍ୟକସ୍ଥଳେ ସେଇ ଚିଠି ଏବଂ ଲଫାପାର ଅଲେଖା ପାର୍ଶ୍ୱରେ ଲେଖି ଉତ୍ତର ଦେଉଥିଲେ।

ଗାନ୍ଧୀଙ୍କୁ କିଛି ସମାଲୋଚକ ଅବାସ୍ତବବାଦୀ (କଳ୍ପନାବିଳାସୀ) ବୋଲି ସମାଲୋଚନା କରିଥାନ୍ତି। ଆଉ କେତେକ ମଧ୍ୟ ତାଙ୍କୁ ଗାଉଁଲି କହିଥାନ୍ତି। ପ୍ରକୃତରେ ଗାନ୍ଧୀ କିନ୍ତୁ ଥିଲେ ସମ୍ପୂର୍ଣ୍ଣ ବାସ୍ତବବାଦୀ, ସରଳ, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଓ କର୍ମଯୋଗୀ। ସେ ଆଧୁନିକ ବସ୍ତୁବାଦୀ ସଭ୍ୟତାର କୁପ୍ରଭାବ ମଣିଷ, ପ୍ରାଣିଜଗତ, ବନସ୍ପତି, ପ୍ରକୃତି ଓ ପରିବେଶ ଉପରେ କିପରି ପଡ଼ିବ ତାହା ବହୁ ପୂର୍ବରୁ ଅନୁମାନ କରିପାରିଥିଲେ। ଏବେ ଯେଉଁ ବିଶ୍ୱ ତାପନ, ଆର୍ଥିକ ମାନ୍ଦାବସ୍ଥା ଓ ବ୍ୟାପକ ବେକାରୀ ଆଦି ସମସ୍ୟା ଦେଖା ଦେଇଛି ଏସବୁ ତାହାର ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ। ସେ କହୁଥିଲେ ମଣିଷ ଉଦ୍‌ଯୋଗୀ ହେବା ଉଚିତ, ମାତ୍ର ସେ ଯନ୍ତ୍ରଭଳି ହେବା ଅନୁଚିତ୍। ମଣିଷ ସର୍ବଦା ମହୁମାଛି ଭଳି ନିଜକୁ କାମରେ ନିୟୋଜିତ କରି ରଖିବା ଆବଶ୍ୟକ। ନିଯୁକ୍ତି ସୃଷ୍ଟି ପାଇଁ ଚରଖା ଥିଲା ତାଙ୍କର ପ୍ରତୀକ। ବିଚାରରେ ସେ ପ୍ରାଚୀନପନ୍ଥୀ, ରୁଢ଼ିବାଦୀ ବା ରକ୍ଷଣଶୀଳ ନ ଥିଲେ। ନିଜ ବିଚାର ଓ ସିଦ୍ଧାନ୍ତ ମାଧ୍ୟମରେ ସେ ଭାରତର ମୃତପ୍ରାୟ ଗ୍ରାମ୍ୟ ଓ କୁଟୀର ଶିଳ୍ପର ପୁନରୁଦ୍ଧାର ପ୍ରୟାସ କରିଥିଲେ, ଯାହା ଆଜି ସଫଳ ହୋଇଛି। ଏବେ ୩୦ ନିୟୁତରୁ ଅଧିକ କାରିଗର ଓ ସେମାନଙ୍କର ପରିବାର ଏହି ଉଦ୍ୟୋଗରେ କାମଧନ୍ଦା କରି ନିଜର ଜୀବିକା ନିର୍ବାହ କରୁଛନ୍ତି।

ଗାନ୍ଧୀ ଯୁଗରେ ପରିଚାଳନା କ୍ଷେତ୍ରରେ ବୌଦ୍ଧିକ ବିଚାରର ଯେଉଁ ପରିବର୍ତ୍ତନ ଆସିଥିଲା ସେ ସମ୍ପର୍କରେ ପ୍ରସିଦ୍ଧ ଅର୍ଥମନ୍ତ୍ରୀ ଜନ୍ ମେନାର୍ଡ କେନ୍ସ ଓ ପିଟର ଡ୍ରକରଙ୍କ ଦୁଇଟି ଉଦ୍ଧୃତିରୁ ସ୍ପଷ୍ଟ ଜାଣିହୁଏ। କେନ୍ସ ବ୍ରିଟେନ ତଥା ବିଶ୍ୱର ଆଗଧାଡ଼ିର ପ୍ରତିଷ୍ଠିତ ଅର୍ଥଶାସ୍ତ୍ରୀ। ୧୯୩୦ରେ କେନ୍ସ ଲେଖିଥିଲେ ତାଙ୍କର ପ୍ରଖ୍ୟାତ ପୁସ୍ତକ "ଏ ଟ୍ରିଟିଜ୍ ଅନ୍ ମନୀ' (ଅର୍ଥତତ୍ତ୍ୱ)। ସେଥିରେ ସେ ଲେଖିଛନ୍ତି, "ଅତି କମ୍‌ରେ ଆଉ ୧୦୦ବର୍ଷ ପାଇଁ ଆମକୁ ଛଳନା କରିବାକୁ ପଡ଼ିବ ଯେ ସାଧୁତା ହିଁ ଅସାଧୁତା ଏବଂ ଅସାଧୁତା ହିଁ ସାଧୁତା (ଫାଉଲ୍ ଇଜ୍ ଫେୟାର ଓ ଫେୟାର ଇଜ୍ ଫାଉଲ୍)। କାରଣ ଅସାଧୁତା ହିଁ ଉପଯୋଗୀ ଓ ଲାଭଦାୟକ, ସାଧୁତା ନୁହେଁ। ଆଉ କିଛି କାଳ ପାଇଁ ଲୋଭ, ସୁଧଖୋରୀ ଓ ସାବଧାନତା ଆଦି ଆମର ଉପାସ୍ୟ ହୋଇ ରହିବ। ଏଇଥି ପାଇଁ ଯେ ଏସବୁ ଆମକୁ ଅର୍ଥନୈତିକ ଆବଶ୍ୟକତା ପୂରଣ ପାଇଁ ଅନ୍ଧାରିଆ ସୁଡ଼ଙ୍ଗ ଭିତରୁ ଆଲୋକ ଆଡ଼କୁ ବାଟ କଢ଼ାଇ ନେବ।

ଏହାର ବିପରୀତ ମତ ଦେଇଛନ୍ତି ଆମେରିକାର

ପ୍ରମୁଖ ପରିଚାଳନା ଗୁରୁ ପିଟର ଡ୍ରକର୍। ୧୯୮୯ରେ ସେ ଲେଖିଥିଲେ ଖଣ୍ଡିଏ ବହି ଯାହାର ନାଁ "ଦି ନ୍ୟୁ ରିୟଲିଟିଜ୍" (ନୂଆବାସ୍ତବତା)। ବହି ଖଣ୍ଡିକ ବିଶେଷ ଚର୍ଚ୍ଚିତ। ସେଥିରେ ସେ ଠାଏ ଲେଖିଛନ୍ତି - ପରିଚାଳନା ବା ମ୍ୟାନେଜମେଣ୍ଟ ସାଧାରଣ ଉଦ୍ୟୋଗ ବା ଉଦ୍ୟମରେ ଲୋକଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନ ସହ ସମ୍ପୃକ୍ତ ରହେ। ଏହା ସଂସ୍କୃତି ସହିତ ଗଭୀର ଭାବେ ଜଡ଼ିତ। ଅତଏବ ପରିଚାଳକମାନେ ଏକ ମୌଳିକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି ନିଜ କର୍ମଚାରୀଙ୍କ ମଧ୍ୟରେ ସେସବୁ ସଂସ୍କୃତି ଓ ପରମ୍ପରାର ମୌଳିକ ସୂତ୍ର ଠାବ କରିବାରେ। ସେଇ ମୌଳିକ ପରମ୍ପରା ଓ ସଂସ୍କୃତିର ସୂତ୍ରକୁ ଆଧାର କରି ସେମାନେ ଉତ୍ତମ ପରିଚାଳନା ଢାଞ୍ଚା ଗଢ଼ି ପାରିବେ। ତା' ଛଡ଼ା ମୋ ଭଳି ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ବିଭିନ୍ନ ଅନୁଷ୍ଠାନରେ ବହୁ ପରିଚାଳକଙ୍କ ସହ ଦୀର୍ଘ କାଳ କାମ କରିଛନ୍ତି, ଏ କଥା ଭଲଭାବେ ଜାଣୁ ଯେ ଅଧ୍ୟାତ୍ମ ସହ ପରିଚାଳନାର ଗଭୀର ସମ୍ପର୍କ ରହିଛି। ଏଥିରେ ମଣିଷର ସ୍ୱଭାବ, ଭଲ ଓ ମନ୍ଦ ସମ୍ପୃକ୍ତ।"

ଏହି ପରିପ୍ରେକ୍ଷୀରେ ଆଜିର ଦୁନିଆଁରେ ବିଶେଷ କରି ବିଶ୍ୱ ତାପନ ବୃଦ୍ଧି କାଳରେ ଗାନ୍ଧିଜୀଙ୍କ ବିଚାରର ପ୍ରାସଙ୍ଗିକତା ରହିଛି।

ରଚେଲ କାରସନ୍ ୧୯୬୨ରେ 'ସାଇଲେଣ୍ଟ ସ୍ପ୍ରିଙ୍ଗ' (ନିରବ ବସନ୍ତ) ନାମରେ ଖଣ୍ଡିଏ ବହି ଲେଖିଥିଲେ। ସେଥିରେ ସେ କୀଟନାଶକର ବହୁଳ ବ୍ୟବହାର ଏବଂ ପ୍ରକୃତି, ପ୍ରାଣୀଜଗତ, ବିଶେଷ କରି ମଣିଷ ଉପରେ ଉପୁଜୁଥିବା ବିପଜ୍ଜନକ ବିଷାକ୍ତ ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏହା ବନ୍ଦ ନ'ହେଲେ ମଣିଷ ସମାଜ ବିଷ ପ୍ରକ୍ରିୟାରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ପରିବେଶ ସୁରକ୍ଷା କ୍ଷେତ୍ରରେ ସଚେତନ ହୋଇ କାର୍ଯ୍ୟ କରିବାକୁ ଏହା ଏକ ଭଲ ବହି। ଏହାର ଯଥେଷ୍ଟ ପୂର୍ବରୁ ଗାନ୍ଧିଜୀ ମଧ୍ୟ ଏ ବିଷୟରେ ସତର୍କ କାରାଇଦେଇଥିଲେ। ସେ ଲେଖିଥିଲେ - "ସବୁ ମଣିଷର ଆବଶ୍ୟକତା ପୂରଣ ପାଇଁ ପୃଥିବୀ ପ୍ରଚୁର ଉତ୍ପାଦନ କରୁଛି; କିନ୍ତୁ ମଣିଷର ଲୋଭ ପୂରଣ ପାଇଁ ନୁହେଁ ... ଆମ ସମୟର ଯୁଦ୍ଧ ବିଗ୍ରହ ସବୁ ଆମ ଲୋଭରୁ ସୃଷ୍ଟି ହେଉଛି।"

ଏଠାରେ ସୂଚନାଯୋଗ୍ୟ ଯେ ଗାନ୍ଧିଜୀଙ୍କ ଏହି ଉକ୍ତିଟି ମିଳିତ ଜାତିସଂଘର ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ (ୟୁନାପ)ର ସ୍ଲୋଗାନରେ ପରିଣତ ହୋଇଛି।

ରୋବୋଟିକ୍ ବିପ୍ଳବ ଆରମ୍ଭ ହେବାପରେ ଆମେରିକା ଏବଂ ୟୁରୋପରେ ଏବେ ଅନେକ ବୃତ୍ତି ଲୁପ୍ତପ୍ରାୟ ହୋଇଗଲାଣି। ଅଟୋମେଟେଡ୍ ବିଲିଂ ଏବଂ ଡ୍ରୋନ୍ ପ୍ରଚଳନ ଫଳରେ ଏକାଉଣ୍ଟିଂ ଏବଂ ଡେଲିଭରି କ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକ ବୃତ୍ତି ହରାଇଲେଣି। ଆଉ ଅଳ୍ପଦିନ ପରେ ହୁଏତ ହସ୍‌ପିଟାଲରେ ନର୍ସ ଏବଂ ଗାଡ଼ିରେ ଚାଳକଙ୍କ ଆବଶ୍ୟକତା ଆଉ ପଡ଼ିବ ନାହିଁ। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ଆକଳନ ଅନୁସାରେ ୨୦୨୦ସୁଦ୍ଧା ବିଶ୍ୱର ୧୫ଟି ବିକଶିତ ଓ ବିକାଶଶୀଳ ରାଷ୍ଟ୍ରରେ ରୋବୋଟିକ୍ ବିପ୍ଳବ ଯୋଗୁଁ ୫୦ ଲକ୍ଷରୁ ଅଧିକ ଲୋକ କର୍ମସଂସ୍ଥାନ ହରାଇବେ। ସିଟି ବ୍ୟାଙ୍କର ଆକଳନ ଅନୁସାରେ କେବଳ ଆମେରିକାରେ ୪୭ ପ୍ରତିଶତ କର୍ମସଂସ୍ଥାନ ବିପଦାପନ୍ନ ହେବ।

ଚୀନର ଇ-କମର୍ସ ସଂସ୍ଥା ଆଲିବାବାର ଅଧ୍ୟକ୍ଷ ଜ୍ୟାକ୍ ମା ଏହି ସମସ୍ୟାର ସମାଧାନ ପାଇଁ ଗାନ୍ଧିବାଦୀ ଆଭିମୁଖ୍ୟ ଗ୍ରହଣ କରିବାକୁ ମତଦେଇଛନ୍ତି। ତାଙ୍କ ମତରେ ଆସନ୍ତା ୩୦ବର୍ଷ ମଧ୍ୟରେ ସମଗ୍ର ପୃଥିବୀ ଆନନ୍ଦଠାରୁ ବହୁ ଅଧିକ ଦୁଃଖ ଦେଖିବ। ମଣିଷ ଯେଉଁ କାମ କରିପାରିବ ନାହିଁ, ମେସିନ୍ କେବଳ ତାହା କରିବା ଉଚିତ୍। ମେସିନ୍‌କୁ କେବଳ ମଣିଷର କର୍ମରେ ଅଂଶୀଦାର କରିବାକୁ ହେବ। ମଣିଷହାତରୁ ଯଦି ମେସିନ୍ କାମ ଛଡ଼ାଇ ନେବ ବିପତ୍ତି ଅବସ୍ୟମ୍ଭାବୀ ବୋଲି ସେ କହିଛନ୍ତି।

ଏକ ଶହ ବର୍ଷ ପୂର୍ବେ ଗାନ୍ଧିଜୀ ଅନୁମାନ କରିଥିଲେ ଯେ ଶ୍ରମ ବଞ୍ଚାଉଥିବା ମେସିନ୍ ଶ୍ରମିକଙ୍କୁ ବେକାର କରି ଓଲଟା ଫଳଦେବ ଓ ଏହାଦ୍ୱାରା ଶ୍ରମିକ ହାତବାନ୍ଧି ବସିବେ ଏବଂ ଶ୍ରମ ନଷ୍ଟ ହେବ। ତେଣୁ ସେ ଗଣ ଉତ୍ପାଦନ ବଦଳରେ ଗଣଙ୍କ ଦ୍ୱାରା ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ। ମଣିଷ ପରିଶ୍ରମୀ, ଉଦ୍‌ଯୋଗୀ ହେଉ ସେ ଏହା ଚାହୁଁଥିଲେ। ମଣିଷ ମେସିନ୍ ଭଳି କାମ ନ'କରି ବ୍ୟସ୍ତ ମହୁମାଛି ପରି କାମ କରୁ ବୋଲି ସେ ଚାହୁଁଥିଲେ। ନିଯୁକ୍ତି ସୃଷ୍ଟି ପାଇଁ ସେ ଚରଖାକୁ ଏକ ସଂକେତ ବା ପ୍ରତୀକ ଭାବେ ଗ୍ରହଣ କରିଥିଲେ। ଏହାକୁ ଅନେକ ପୁରୁଣାକାଳିଆ କହି ସମାଲୋଚନା କରୁଥିଲେ ମଧ୍ୟ ଖଦୀ ଓ ଗ୍ରାମୋଦ୍ୟୋଗର ପୁନରୁତ୍‌ଥାନ ଫଳରେ ନାନାପ୍ରକାର କୁଟିର ଓ ହସ୍ତଶିଳ୍ପରେ ଏବେ ୩କୋଟି ଭାରତୀୟ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହିସବୁ ସାମଗ୍ରୀ ବିଦେଶକୁ ରପ୍ତାନୀ କରି ଦେଶ ବାର୍ଷିକ ୫୦୦ କୋଟି ଡଲାର ପରିମାଣର ଅର୍ଥ ଆୟ କରୁଛି।

ଗାନ୍ଧିଜୀ ଦରିଦ୍ରତମ ବ୍ୟକ୍ତିର ଉତ୍‌ଥାନ ଉପରେ ଗୁରୁତ୍ୱ ଦେବାସହ ସେମାନଙ୍କ ସ୍ଥିତି ଘେନି ସମଭାବନା ପ୍ରକଟ କରୁଥିଲେ। ଗରିବଙ୍କ ସହ ସେ ରହୁଥିଲେ ଓ ସେମାନଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରୁଥିଲେ। ସେଥିପାଇଁ ତୂଳା, ଲୁଣ ଭଳି ସାଧାରଣ ସାମଗ୍ରୀ, ଅଥଚ ଗରିବଙ୍କ ଭାଗ୍ୟ ସହ ଯୋଡ଼ିହୋଇଥିବା ପ୍ରସଙ୍ଗରେ ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢୁଥିଲେ। ଏହା ସେମାନେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟକୁ ଭଲଭାବେ ବୁଝୁଥିଲେ ଓ ତାଙ୍କଦ୍ୱାରା ଅନୁପ୍ରାଣିତ ହେଉଥିଲେ। ସେଥିରୁ ବଞ୍ଚିବାର ରାହା ପାଇ ନିଜକୁ ସଶକ୍ତ କରୁଥିଲେ। ସାଧାରଣ ଜନତା, ନିର୍ଦ୍ଧନ ଲୋକେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବାର୍ତ୍ତା ଭଲ ଭାବେ ହୃଦୟଙ୍ଗମ କରିପାରିଥିଲେ। ସେମାନେ ଚରଖାକୁ ଭାରତର ସାମାଜିକ, ଅର୍ଥନୀତିକ ଓ ରାଜନୈତିକ ମୁକ୍ତିର ଅସ୍ତ୍ରଭାବେ ଗ୍ରହଣ କରିଥିଲେ। ଲୋକେ ଯେତେବେଳେ ଗାନ୍ଧିଜୀଙ୍କ ବାର୍ତ୍ତାର ମହତ୍ୱ ବୁଝିଲେ ସେତେବେଳେ ସବୁ ସ୍ପଷ୍ଟ ହୋଇଗଲା। ମାତ୍ର ଏକଲକ୍ଷ ବ୍ରିଟିଶ ଲୋକ ୩୫କୋଟି ଲୋକଙ୍କ ଉପରେ ହୁକୁମାତି କରିପାରିବେ ନାହିଁ ବୋଲି ଭାରତୀୟ ବୁଝିବା ପରେ ଅସହଯୋଗରେ ସାମିଲ ହେଲେ। ଦେଶମାତୃକାର ମୁକ୍ତି ପାଇଁ ସେମାନେ ପରିଣାମକୁ ଖାତିର ନ'କରି ସଂଗ୍ରାମରେ ଝାସ ଦେଲେ। ଧନୀ ଦରିଦ୍ର, ଉଚ୍ଚନୀଚ, ସ୍ତ୍ରୀ ପୁରୁଷ ନିର୍ବିଶେଷରେ ସବୁ ଭାରତୀୟ ମୁକ୍ତି ଆନ୍ଦୋଳନରେ

ସାମିଲ ହୋଇ ସ୍ୱାଧୀନତା ଲାଭରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ସେଇ ଭାରତୀୟଙ୍କ ପକ୍ଷରୁ ବାପୁଜୀ ମୁକ୍ତି ଆନ୍ଦୋଳନ କାଳରେ ଲୋକ ତାଲିମ, ରାଷ୍ଟ୍ର ଗଠନ ଯୋଜନା, ପାଣ୍ଠି ସଂଗ୍ରହ କାର୍ଯ୍ୟ, ନେତୃତ୍ୱ ନେବା, ବ୍ରିଟିଶ ସରକାର ସହ କଥାବାର୍ତ୍ତା କରି ନିଷ୍ପତ୍ତି ଗ୍ରହଣ କରିବାର ଦାୟିତ୍ୱ ତୁଲାଇଲେ।

କୋଟି କୋଟି ଭାରତୀୟଙ୍କ ଉପରେ ଗାନ୍ଧିଜୀଙ୍କ ଅଖଣ୍ଡ ନିୟନ୍ତ୍ରଣ ଓ ବିଶ୍ୱାସ ଥିଲା। ଲୋକଙ୍କ ଉପରେ ତାଙ୍କର ନୈତିକ ନିୟନ୍ତ୍ରଣ ଥିଲା। ତାଙ୍କ ଡାକରାରେ ଲୋକେ ବିଦେଶୀ ବସ୍ତ୍ର ପୋଡ଼ିଲେ, ସୂତା କାଟିଲେ, ନିଜେ ଲୁଗା ବୁଣି ବ୍ୟବହାର କଲେ। ଲୁଣ ମାରିଲେ। ବ୍ରିଟିଶ ପୁଲିସର ଦମନ ଲୀଳା ସହିଲେ, ଜେଲ୍ ଗଲେ, ନାନା ଭାବେ ନିର୍ଯାତିତ ହୋଇ ମଧ୍ୟ ହିଂସାର ପଥ ଅନୁସରଣ କଲେ ନାହିଁ। ଭୟ, ଆତଙ୍କ, ଅନାଗ୍ରହ, ଆଳସ୍ୟ ଓ ପରାଧୀନତାରେ ସଢୁଥିବା ଏକ ବିରାଟ ଜାତି ଗାନ୍ଧିଙ୍କ ନେତୃତ୍ୱରେ ହଠାତ୍ ଜୀବନ ପାଇଲା। ଅଦମ୍ୟ ଉତ୍ସାହରେ ଗାନ୍ଧୀ ପ୍ରେରଣାରେ ଅଭିମନ୍ତ୍ରିତ ହେଲା। ଦେଶପ୍ରେମର ଏକ ନୂଆ ଜୁଆର ଉଠିଲା ଏବଂ ସବୁଭାରତୀୟଙ୍କ ପ୍ରାଣରେ ଜାତୀୟତାବାଦର ଭାବନା ଉଦ୍ରେକ ହେଲା। ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ସମସ୍ତେ ଏକଜୁଟ ହୋଇଗଲେ, ପ୍ରାଣପାତ କରିବାକୁ ଆଗେଇ ଆସିଲେ; କିନ୍ତୁ ହିଂସାମୁଖୀ ହୋଇ ଶତ୍ରୁକୁ ହତ୍ୟା କରିବାରୁ ନିବୃତ ରହିଲେ।

ଗାନ୍ଧୀଙ୍କ ପରିକଳ୍ପିତ ଅହିଂସା ସଂଗ୍ରାମ ଓ ତାଙ୍କ ନେତୃତ୍ୱରେ ପରିଚାଳିତ ଭାରତୀୟ ମୁକ୍ତି ଆନ୍ଦୋଳନ ବିଂଶ ଶତାବ୍ଦୀର ସବୁଠୁ ବଡ଼ ଘଟଣା। ଏହା ଥିଲା ଗଣଶକ୍ତିର ପ୍ରଦର୍ଶନ ଓ ବିଜୟ। ଏହା ଭାରତକୁ କେବଳ ସ୍ୱାଧୀନତା ଦେଇ ନ ଥିଲା, ଏହା ମଧ୍ୟ ଏକ ନ୍ୟୁନତମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସାବାଳକ ଭୋଟ୍ ବ୍ୟବସ୍ଥା ମାଧ୍ୟମରେ ବିରାଟ ଗଣତନ୍ତ୍ରରେ ପରିଣତ କଲା। ସେଥିରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷା, ଆଞ୍ଚଳିକତା ନିର୍ବିଶେଷରେ ସମସ୍ତେ ଗଣତାନ୍ତ୍ରିକ ଅଧିକାର ପାଇଲେ। ଏହା ମଧ୍ୟ ସାମନ୍ତବାଦ, ଛୁଆଁ ଅଛୁଆଁ, ମହିଳାଙ୍କ ପ୍ରତି ପାତରଅନ୍ତର ଭାବର ଅବସାନ ଘଟାଇଲା। ବିନା ରକ୍ତପାତରେ ଅନେକଗୁଡ଼ିଏ ସିଦ୍ଧି ଲାଭ ହେଲା। ଏହା ପଛରେ ଥିଲା ଗାନ୍ଧିଜୀଙ୍କ ଏକନିଷ୍ଠ ସାଧନା ଓ ପ୍ରେରଣା। ଭାରତୀୟ ସ୍ୱାଧୀନତା ଓ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ସମଗ୍ର ବିଶ୍ୱର ପରାଧୀନ ରାଷ୍ଟ୍ରଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଲା। ଗାନ୍ଧିଜୀଙ୍କ ଶିଷ୍ୟ ଜବାହରଲାଲ ନେହେରୁ, ଡେସମଣ୍ଡ ଟୁଟୁ, ମାର୍ଟିନ ଲୁଥର କିଙ୍ଗ୍, କରାଜନ ଆର୍କ୍ୱିନୋ, ଲେଚ୍ ୱାଲେସା, ଭାକଲାଭ ହାଭେଲଙ୍କ ଭଳି ନେତାମାନେ ଏଥିରେ ଉତ୍ସାହିତ ହୋଇ ପରାଧୀନ ରାଷ୍ଟ୍ରମାନଙ୍କର ମୁକ୍ତି ପାଇଁ ସମ୍ମୁଖ ସେନାପତି ସାଜିଲେ। ଏହା ଫଳରେ ବିଶ୍ୱର ୧୨୦ ପରାଧୀନ ଦେଶ ୟୁରୋପୀୟ ରାଷ୍ଟ୍ରମାନଙ୍କ ଉପନିବେଶବାଦୀ ଶାସନରୁ ମୁକ୍ତିଲାଭ କଲେ। ଏଥିରେ ମିଳିତ ଜାତିସଂଘ ଓ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ସଂଗଠନ ମଧ୍ୟ ଉଲ୍ଲେଖନୀୟ ସାହାଯ୍ୟ ସହଯୋଗ ଯୋଗାଇଥିଲେ।

ଏହା ବ୍ୟତୀତ ୩୦ ରୁ ଅଧିକ ଫାସିବାଦୀ, କମ୍ୟୁନିଷ୍ଟ ଓ ସାମରିକ ଏକଛତ୍ରବାଦୀଙ୍କ ଦ୍ୱାରା ଶାସିତ ଦେଶରେ ଗଣଶକ୍ତିର ବିଜୟ ଘଟି ଗଣତନ୍ତ୍ରର ମୂଳଦୂଆ ପଡ଼ିଲା। ଏସବୁ ବୈପ୍ଳବାତ୍ମକ ପରିବର୍ତ୍ତନ ବିଶ୍ୱର ରାଜନୈତିକ ଭୂଗୋଳକୁ ବଦଳାଇଦେଲା। ଅତଏବ ଏହା କେବଳ ଏକ ପ୍ରକାଣ୍ଡ ରାଜନୈତିକ ଉପଲବ୍ଧି ନୁହେଁ; ଏହା ମଧ୍ୟ ଏକ ବୃହତ୍ ପରିଚାଳନାଗତ ସଫଳତା।

> ଗାନ୍ଧିଜୀଙ୍କ ସନ୍ନ୍ୟାସୀ ସଦୃଶ ଜୀବନ ଯାପନର ଛାପ ତାଙ୍କ ଅର୍ଥନୀତିରେ ପ୍ରତିଫଳିତ। ଏଥିରେ ମଣିଷର ଆବଶ୍ୟକତାକୁ ସୀମିତ ଏବଂ ସର୍ବନିମ୍ନ କରାଯାଇଛି। ବଞ୍ଚିବାର ସଂଜ୍ଞାରେ ମୌଳିକତା ପ୍ରାଧାନ୍ୟ ପାଇଥିବାବେଳେ ଆରାମଦାୟକ ଜୀବନ ପାଇଁ ସାମଗ୍ରୀ ତିଆରି ଓ ପ୍ରାକୃତିକ ସମ୍ବଳ ବିନାଶକାରୀ ଉତ୍ପାଦନ ମାର୍ଗକୁ ନିରୁତ୍ସାହିତ କରିବାର ତତ୍ତ୍ୱ ରହିଛି। ଅତଏବ ଯେଉଁମାନେ ସନ୍ନ୍ୟାସୀ ଭଳି ସର୍ବନିମ୍ନ ଆବଶ୍ୟକତାରେ ବଞ୍ଚିବାକୁ ଚାହାନ୍ତି ସେମାନଙ୍କ ପାଇଁ ଏହି ଅର୍ଥନୀତି ଏକ ଆଦର୍ଶ ଖସଡ଼ା। ନୈତିକତା ଉପରେ ଆଧାରିତ ଏହି ଗାନ୍ଧୀ ଅର୍ଥନୀତିର ପ୍ରାସଙ୍ଗିକତା ବ୍ୟାପକ ବୋଲି ଶ୍ରୀ ପାଣି କହିଛନ୍ତି। 'କୋର କମ୍ପିଟେନ୍ସ' ନାମକ ଏକ ପରିଚାଳନା ତତ୍ତ୍ୱ ଏବେ ବହୁ ଚର୍ଚ୍ଚିତ ଓ ବ୍ୟବହୃତ। ଏହି ତତ୍ତ୍ୱକୁ ବୁଝାଇବାକୁ ଯାଇ କଲିନ୍ସ ଓ ପୋରାସ କହିଛନ୍ତି ଯେ ନିଜର ଶ୍ରେଷ୍ଠ ସ୍ୱାଭାବିକ ଦକ୍ଷତାର ବିନିଯୋଗ କରିବାର ଏହା ଏକ ରଣକୌଶଳାତ୍ମକ ତତ୍ତ୍ୱ। ଶହେବର୍ଷ ପୂର୍ବେ ଗାନ୍ଧିଜୀ ଏହି କଥା କହିଥିଲେ ଭିନ୍ନ ଭାବରେ। ବୟନକୁ ଗାନ୍ଧିଜୀ ଭାରତୀୟଙ୍କ ମୌଳିକ ଦକ୍ଷତା ବା କୋର କମ୍ପିଟେନ୍ସ ଭାବେ ଚିହ୍ନଟ କରିଥିଲେ। ବିଭିନ୍ନ ପ୍ରକାର ଉତ୍କୃଷ୍ଟ ବସ୍ତ୍ର ଉତ୍ପାଦନ କରି ଭାରତୀୟମାନେ ଏକଦା ସମଗ୍ର ଏସିଆ ଓ ୟୁରୋପରେ ପ୍ରସିଦ୍ଧି ଲାଭ କରିଥିଲେ। ବିଦେଶରେ ଭାରତୀୟ ବସ୍ତ୍ରର ବଜାର ଓ ଚାହିଦା ବେଶ୍ ଭଲ ଥିଲା। ମେସିନ୍ ବୁଣା ଲୁଗାର ପ୍ରଚଳନ ଏବଂ ଭାରତୀୟ ହସ୍ତତନ୍ତ ବସ୍ତ୍ର ଉପରେ ଅଧିକ ଟିକସ ଯୋଗୁଁ ଭାରତୀୟ ବସ୍ତ୍ର ଉଦ୍ୟୋଗ କ୍ଷତିଗ୍ରସ୍ତ ହେଲା। ବୁଣାକାର କୌଳିକ ବୃତ୍ତି ହରାଇବା ସହ ସେମାନଙ୍କର ଦକ୍ଷତା ଓ କଳାକୌଶଳ ବିପନ୍ନ ହୋଇଥିଲା।

**ଲେଖକ ହେଉଛନ୍ତି ଭାରତର ଜଣେ ପୂର୍ବତନ ରାଷ୍ଟ୍ରଦୂତ ତଥା ଭାରତୀୟ ବିଦ୍ୟାଭବନର ଗାନ୍ଧୀ ବିଜ୍ଞାନ ଓ ମାନବିକ ମୂଲ୍ୟବୋଧ କେନ୍ଦ୍ରର ଅଧ୍ୟକ୍ଷ**

**Email ID: panazareth@gmail.com**

ବିଶେଷ ପ୍ରସଙ୍ଗ

# ଜଳୁଛି ସ୍ୱଚ୍ଛାଗ୍ରହର ସଳିତା

ଅକ୍ଷୟ ରାଉତ



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ଏବେ ଦୁଆର ମୁହଁରେ । ଶହେ ପଚିଶି କୋଟି ଜନସଂଖ୍ୟା ବିଶିଷ୍ଟ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାରତ ଏହାକୁ ପାଳନ କରିବା ଲାଗି ସମସ୍ତ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଛି । ବିଶ୍ୱ ସ୍ତରରେ ଏହି ଉତ୍ସବ ପାଳନ ଲାଗି ମଧ୍ୟ ବ୍ୟବସ୍ଥା ହୋଇଛି । ଏହି ଉତ୍ସବ ଅବସରରେ କିଭଳି ଗାନ୍ଧୀଙ୍କ ଜୀବନ, ଦର୍ଶନ ଓ ବାର୍ତ୍ତା ବୈଶ୍ୱିକ ସ୍ତରରେ ଏକ ପ୍ରଭାବୀ ଛାପ ଛାଡ଼ିବ ସେଥିପାଇଁ ସମସ୍ତ ପ୍ରୟାସ କରାଯାଇଛି । ଏବେ ଚାରିଆଡ଼େ ଉତ୍ସବ ପାଳନର ଆବେଗ, ଉତ୍ସାହ ଓ ଉଦ୍ଦୀପନାର ବାତାବରଣ । ଏଥିପାଇଁ କେବଳ ସରକାର ବା ପ୍ରଶାସନ ନୁହେଁ; ବରଂ ଜନଗଣଙ୍କ ମନରେ ଯେଉଁ ଆତ୍ମବିଶ୍ୱାସ ଓ ଆଗ୍ରହ ସୃଷ୍ଟି ହୋଇଛି ତାହା ବୋଧହୁଏ ଆଗରୁ କେବେ ଦେଖାଯାଇ ନଥିଲା । ସର୍ବୋପରି ବାପୁଙ୍କ ସ୍ମରଣ ସହ ତାଙ୍କ ନୀତିକୁ ଅଧିକରୁ ଅଧିକ କାର୍ଯ୍ୟକାରୀ କରିବାକୁ ଯେମିତି ସଭିଁଏ ଆଗ୍ରହୀ । ଭାରତ ମଧ୍ୟ ଏକ୍ଷେତ୍ରରେ ବିଶ୍ୱ ସ୍ତରରେ ନିଜର ପାଦକୁ ଦୃଢ଼ କରିପାରିଛି, ଆଉ ବିଶ୍ୱବାସୀଙ୍କୁ ପୁଣିଥରେ ଜଣାଇବାକୁ ଚାହୁଁଛି ଯେ, ମଣିଷ ଲାଗି ଏଇ ପୃଥିବୀ ହିଁ ହେଉଛି ସବୁଠୁ ଉତ୍କୃଷ୍ଟ ସ୍ଥାନ ।

କେବଳ ଭାରତ ନୁହେଁ; ସମଗ୍ର ବିଶ୍ୱବାସୀ ମଧ୍ୟ ଏଇ ବର୍ଷ ଗୁଡିକରେ ସାବରମତୀର ସନ୍ଥଙ୍କ ଜୀବନକୁ ଅଧିକରୁ ଅଧିକ ଜାଣିବାର ଓ ବୁଝିବାର ସୁଯୋଗ ପାଇଛନ୍ତି । ଆମ ଜୀବନର ଆବଶ୍ୟକତା କେତେ ଓ ପ୍ରମୁଖତା କ'ଣ ତାହା ଜାଣିପାରିଛନ୍ତି । ସାଧାରଣରେ କହିଲେ- 'ମୋ ଜୀବନ ହେଉଛି ମୋ' ବାର୍ତ୍ତା' ବୋଧହୁଏ ଏହି ବାକ୍ୟଟି ଏକ ସୁସ୍ଥ, ସୁନ୍ଦର ଓ ହିଂସାରହିତ ସମାଜ ଗଠନ ଓ ମାନବତା ଲାଗି ଚାବିକାଠି । ଗାନ୍ଧୀଙ୍କ ଜୀବନର ବିଭିନ୍ନ କାର୍ଯ୍ୟ ପ୍ରତି ଆମେ ଆଜି ବି ଆକର୍ଷିତ ହେବା ସ୍ୱାଭାବିକ । ତେବେ ଶହେରୁ ଊର୍ଦ୍ଧ୍ୱ ବର୍ଷ ତଳେ





ସେ ପରିମଳ ବା ସ୍ୱଚ୍ଛତା ପ୍ରତି ଦେଇଥିବା ଗୁରୁତ୍ୱ ତାଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କୁହାଯାଇପାରେ। ଜଣେ ଆଇନଜୀବୀ ରୂପେ ୧୮୯୩ ମସିହାରେ ସେ ଦକ୍ଷିଣ ଆଫ୍ରିକା ଯାଇଥିବାବେଳେ ଏଥିପ୍ରତି ଗୁରୁତ୍ୱ ଦେଇଥିଲେ। ସ୍ୱଚ୍ଛତା ଓ ପରିମଳକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଥିବାବେଳେ ସେ ସେଠାରେ ବର୍ଣ୍ଣବୈଷମ୍ୟ ଓ ନିର୍ଯାତିତଙ୍କ ସ୍ୱର ପାଲଟିଥିଲେ। ଗାନ୍ଧିଜୀ ତାଙ୍କ ଅବସ୍ଥାନକାଳରେ ସେଠାରେ ଦୁଇ ଦଶନ୍ଧି ଧରି ଏହି ସବୁ ସାମାଜିକ ସମସ୍ୟା ବିରୋଧରେ ଦୃଢ ସଂଗ୍ରାମ କରିଥିଲେ। ଏହି ସମୟରେ ଗାନ୍ଧୀ ସଫଳ ଆନ୍ଦୋଳନ ଲାଗି ଐତିହାସିକ ଅଂହିସା ଆଭିମୁଖ୍ୟର ପରୀକ୍ଷା କରିଥିଲେ। ଯାହାକି 'ସତ୍ୟାଗ୍ରହ' ରୂପେ ପରିଚିତ। ଏହି ନୀତି ଜରିଆରେ ଗଣକୁ ଆନ୍ଦୋଳନ ସହ ସହଜରେ ଯୋଡାଯାଇପାରିବ ବୋଲି ଗାନ୍ଧୀ ଅନୁଭବ କରିଥିଲେ। ସ୍ଥାନ, କାଳ, ପାତ୍ର ଓ ଲକ୍ଷ୍ୟ ଯାହାବି ଭିନ୍ନତା ଥାଉ; ମାତ୍ର ପରିମଳ ହେଉଛି ଏକ ପ୍ରମୁଖ କ୍ଷେତ୍ର ଯାହା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା ଗାନ୍ଧୀ ବିଚାର କରୁଥିଲେ ଏବଂ ଏଥିପାଇଁ ଅଂହିସା ଆନ୍ଦୋଳନ ଆରମ୍ଭ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜେ ହିଁ ନିଜର ମେହେନ୍ତର ବା ଝାଡୁଦାର ହେବାକୁ କହୁଥିଲେ ଗାନ୍ଧୀ। ଏ ସପକ୍ଷରେ ଦୃଢଯୁକ୍ତି ବାଢି ଏହି ଆଭିମୁଖ୍ୟକୁ 'ଫୋନିକ୍ସ' ଏବଂ 'ଟଲଷ୍ଟୟ' ଭଳି ଦୁଇ ଫାର୍ମ ଜରିଆରେ କାର୍ଯ୍ୟାନ୍ୱୟନ କରିବା ଆରମ୍ଭ କରିଥିଲେ। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ସତ୍ୟାଗ୍ରହ ଆନ୍ଦୋଳନ ଚଳାଇଥିବାବେଳେ ଫୋନିକ୍ସ ଓ ଟଲଷ୍ଟୟ ଫାର୍ମ ପ୍ରତିଷ୍ଠା କରି ସ୍ୱଚ୍ଛତା ଓ ପରିମଳକୁ ବେଶ୍ ଗୁରୁତ୍ୱ ଦେଇଥିଲେ।

ଗାନ୍ଧୀ ଯେଉଁ କାର୍ଯ୍ୟକୁ ଶହେବର୍ଷ ତଳେ ଗୁରୁତ୍ୱ ଦେଇଥିଲେ ତାହାକୁ ଗତ ୫ ବର୍ଷ ତଳେ ଭାରତ ସଂପୂର୍ଣ୍ଣ କାର୍ଯ୍ୟକାରୀ କରିବା ଲାଗି ଅଣ୍ଟା ଭିଡ଼ିଥିଲା। ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନ ତଥା ସତ୍ୟାଗ୍ରହ ରୂପେ ଗ୍ରହଣକରି ଭାରତକୁ ବାହ୍ୟ ମଳମୁକ୍ତ(ଓପନ୍ ଡେଫିକେସନ୍ ଫ୍ରି) କରିବା ଲାଗି ପ୍ରଧାନମନ୍ତ୍ରୀ ଯେଉଁ ଆହ୍ୱାନ ଦେଇଥିଲେ ତାହା ସଫଳ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଉତ୍ସାହପ୍ରଦ ତଥା ପ୍ରେରଣାଦାୟକ ନେତୃତ୍ୱ ଯୋଗୁଁ ଦେଶ ଏଭଳି ଏକ ପ୍ରତିଶ୍ରୁତିକୁ ବିଶ୍ୱ ସମ୍ମୁଖରେ ସଫଳ କରାଇପାରିଛି। ସମସ୍ତ ପରିବାରକୁ ଶୌଚାଳୟ ଯୋଗାଇବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସାର୍ବଜନୀନ ସୁରକ୍ଷିତ ପରିମଳ ସୁବିଧା ସମସ୍ତ ନାଗରିକଙ୍କୁ ୨ ଅକ୍ଟୋବର ୨୦୧୯ ସୁଦ୍ଧା ଯୋଗାଇ ଭାରତକୁ ସଂପୂର୍ଣ୍ଣ ବାହ୍ୟମଳମୁକ୍ତ କରିପାରିଲେ ତାହା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀରେ ଦେଶବାସୀଙ୍କ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଗାନ୍ଧୀଙ୍କ ମୌଳିକ ଚିନ୍ତାରୁ ସୃଷ୍ଟି ପରିମଳକୁ ଗୁରୁତ୍ୱ ଦେବାକୁ ଯାଇ ଭାରତ ସରକାର ଏଥିପାଇଁ 'ସ୍ୱଚ୍ଛ ଭାରତ ମିଶନ' (ସ୍ୱଚ୍ଛ ଭାରତ ଅଭିଯାନ) ଆରମ୍ଭ କରିଥିଲେ। ଗାନ୍ଧୀ ଯେଭଳି ସ୍ୱାଧୀନତା ସଂଗ୍ରାମ ସମୟରେ ଜନଆନ୍ଦୋଳନ ଗଢି ତୋଳିଥିଲେ ଅନୁରୂପ ଭାବେ ସ୍ୱଚ୍ଛତା ଲାଗି ଭାରତରେ ଏକ ଜନଆନ୍ଦୋଳନ ଚଳାଯାଇ ଏଦିଗରେ ବେଶ୍ ସଫଳତା ମିଳିଛି। ଅତୀତରେ ସତ୍ୟ ଓ ନ୍ୟାୟ ଲାଗି ସଂଗ୍ରାମ କରୁଥିଲେ ସତ୍ୟାଗ୍ରହୀ। ଏବେ ସ୍ୱଚ୍ଛତା ଆନ୍ଦୋଳନର ସାରଥୀ ପାଲଟିଛନ୍ତି ସ୍ୱଚ୍ଛାଗ୍ରହୀ। ଏହି ନୂତନ ବାହିନୀ ଏବେ ପରିମଳ ବ୍ୟବସ୍ଥାକୁ ମଜବୁତ୍ କରୁଛନ୍ତି।

ସ୍ୱଚ୍ଛ ଭାରତ ମିଶନରେ 'ସତ୍ୟାଗ୍ରହରୁ ସ୍ୱଚ୍ଛାଗ୍ରହ' ଏକ ସ୍ଲୋଗାନ୍ ପାଲଟିଛି। ଏପ୍ରିଲ ୨୦୧୮ରେ ଚମ୍ପାରନ୍‌ରେ ସ୍ୱଚ୍ଛାଗ୍ରହୀମାନଙ୍କୁ ନେଇ ହୋଇଥିଲା ଏକ ବିଶାଳ ସମାବେଶ। ଚମ୍ପାରନ୍ ସତ୍ୟାଗ୍ରହର ଶତାବ୍ଦୀ

ସ୍ମାରକୀ ପାଳନ ଅବସରରେ ଏହି ଆୟୋଜନ କରାଯାଇଥିଲା । ପରିମଳ ଓ ସ୍ୱଚ୍ଛତାର ମଶାଲ ଜଳାଇଥିଲେ ଗାନ୍ଧୀ । ଦକ୍ଷିଣ ଆଫ୍ରିକାରୁ ଏହାକୁ ତାଙ୍କ ଜନ୍ମସ୍ଥାନ ଭାରତ ଭୂଖଣ୍ଡକୁ ଆଣିଥିଲେ । ଜାତି, ବର୍ଣ୍ଣ, ଶ୍ରେଣୀ ନାଁରେ ଭାରତରେ ସେତେବେଳେ ଯେଉଁ ସାମାଜିକ ବୈଷମ୍ୟ ରହିଥିଲା ସେଥିରେ ସଂପୂର୍ଣ୍ଣ ରୂପେ ପେଶି ହୋଇଯାଇଥିଲା ପରିମଳ ବ୍ୟବସ୍ଥା । ଗାନ୍ଧୀ ଦେଖିଥିଲେ ଏହାର ବିପର୍ଯ୍ୟସ୍ତ ସ୍ଥିତି । ସେତେବେଳେ ଗାନ୍ଧୀ କହିଥିଲେ- ସ୍ୱାଧୀନତା ହାସଲ ଲାଗି କିଛି ସମୟ ଅପେକ୍ଷା କରାଯାଇପାରେ; ମାତ୍ର ପରିମଳ କ୍ଷେତ୍ରକୁ ସୁଧାରିବା ଲାଗି ଅପେକ୍ଷା ତଥା କାଳବିଳମ୍ବ କରାଯାଇପାରେନା । ଗାନ୍ଧୀଙ୍କ ଦୃଷ୍ଟିରେ ପରିଚ୍ଛନ୍ନତା ଥିଲା ସର୍ବବୃହତ୍ ଧର୍ମ । ୧୫ ଅଗଷ୍ଟ ୨୦୧୪ରେ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାର ପ୍ରାଚୀର ଉପରୁ ସ୍ୱଚ୍ଛତା କ୍ଷେତ୍ରରେ ଆମର ଦୁର୍ବଳ ତଥା ବିପର୍ଯ୍ୟସ୍ତ ସ୍ଥିତିକୁ ନେଇ କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଥିଲେ । ଆଉ କହିଥିଲେ- "ଏହା ଆମକୁ କ'ଣ ଯନ୍ତ୍ରଣା ଦେଉନି କି ଆଜି ଦିନରେ ବି ଆମ ମା' ଓ ଭଉଣୀମାନେ ଖୋଲାରେ ମଳତ୍ୟାଗ କରୁଛନ୍ତି ? ଶୌଚ ହେଉଛନ୍ତି ? ମହିଳାଙ୍କ ସମ୍ମାନ ଓ ସ୍ୱାଭିମାନ ରକ୍ଷା କ'ଣ ଆମ ସମସ୍ତଙ୍କର ରାଷ୍ଟ୍ରୀୟ ଉତ୍ତରଦାୟିତ୍ୱ ନୁହେଁ? ଏଭଳି କଳଙ୍କକୁ ଆମେ ପୋଛିବା । ଅତିକମ୍‌ରେ ଆମ ମା' ଓ ଭଉଣୀମାନଙ୍କ ସମ୍ମାନ ପାଇଁ ଏହାକୁ ଆମେ କରିବା ଉଚିତ ।"

ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ଆହ୍ୱାନ ଖୋଲାରେ ମଳତ୍ୟାଗ କରୁଥିବା ୬୦ କୋଟି ଭାରତୀୟଙ୍କୁ ପ୍ରଭାବିତ କଲା । ଏହା ସେମାନଙ୍କ ଜୀବନରେ ଏବେ ଏକ ବ୍ୟାବହାରିକ ପରିବର୍ତ୍ତନ ଆଣିଛି । ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ଏକ ମହାଦେଶ ଆକାରର ଭାରତରେ ଏହି ପ୍ରତିଶ୍ରୁତି ଯେ ମାତ୍ର ୫ ବର୍ଷରେ ପୂରଣ ହୋଇପାରିବ, ସେଥିନେଇ ଅନେକଙ୍କ ଭିତରେ ଏକ ସଂଶୟ ଓ ଆଶଙ୍କା ପ୍ରଥମେ ଉପୁଜିଥିଲା । କାରଣ ୫ ବର୍ଷ ତଳେ ଗ୍ରାମୀଣ ପରିମଳ ସୁବିଧା କେବଳ ୩୯ ପ୍ରତିଶତ ପରିବାରରେ ଉପଲବ୍ଧ ଥିଲା । ବୈଶ୍ୱିକ ସ୍ତରରେ ବାହ୍ୟ ମଳମୁକ୍ତକାରୀ




ଜନସଂଖ୍ୟାରେ ଭାରତର ପରିସଂଖ୍ୟାନ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଥିଲା । ଏଭଳି ଏକ ଅତିକାୟ ଆହ୍ୱାନର ମୁକାବିଲା ଏତେ ସହଜ ନଥିଲା । ସବୁଠୁ ବଡ଼ ଚାଲେଞ୍ଜ ଥିଲା ଭୌଗୋଳିକ ଦୃଷ୍ଟିରୁ ଭାରତର ବ୍ୟାପକତା, ବିବିଧତା ଓ ଆଞ୍ଚଳିକ ଆହ୍ୱାନ । ଜାତିସଂଘ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ଷଷ୍ଠ ବୈଠକରେ ସାର୍ବଜନୀନ ପରିମଳ ସୁବିଧା ପ୍ରଦାନ ଲାଗି ୨୦୩୦ ମସିହା ଭାରତ ଲାଗି ସମୟଧାର୍ଯ୍ୟ ହୋଇଥିଲା ।

ଗାନ୍ଧୀଙ୍କ ପ୍ରେରଣାକୁ ନେଇ ୨ ଅକ୍ଟୋବର ୨୦୧୪ରେ ପ୍ରଧାନମନ୍ତ୍ରୀ ଆରମ୍ଭ କଲେ ସ୍ୱଚ୍ଛ ଭାରତ ମିଶନ (ଏସବିଏମ୍) । ବାହାରେ ମଳତ୍ୟାଗ କରିବାର କୁ-ଅଭ୍ୟାସକୁ ପ୍ରଥମେ ପରିତ୍ୟାଗ କରି ଭାରତକୁ ବାହ୍ୟ ମଳମୁକ୍ତ ରାଷ୍ଟ୍ର କରିବାର ସଙ୍କଳ୍ପ ନିଆଗଲା । ଅପରିଷ୍କାର ଓ ଅପରିଚ୍ଛନ୍ନତାରୁ ମୁକ୍ତ ହୋଇ ଗାନ୍ଧୀଙ୍କ ସ୍ୱପ୍ନର ଏକ ସ୍ୱଚ୍ଛ ଭାରତ ଗଠନ କରିବା ଲାଗି ଆରମ୍ଭ ହେଲା ମିଶନ୍ । ବିଗତ ୫ ବର୍ଷରେ ଅଭିଯାନରେ ଅପ୍ରତ୍ୟାଶିତ ଭାବେ ଯୋଡିହେଲେ ରାଜନୈତିକ ନେତୃବୃନ୍ଦ, କଳାକାର, ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ସଂଗଠନ ଓ ଅନୁଷ୍ଠାନ । ଗୋଷ୍ଠୀବଦ୍ଧ ହୋଇ ସମସ୍ତେ ଏକାଠି ହେଲେ । ରାଜନୈତିକ ନେତୃତ୍ୱ (ପଲିଟିକାଲ ଲିଡରସିପ୍), ସରକାରୀ ପାଣ୍ଠି (ପବ୍ଲିକ୍ ଫଣ୍ଡିଂ), ସହଭାଗିତା (ପାର୍ଟନରସିପ୍) ଏବଂ ଜନଭାଗିଦାରୀ (ପିପୁଲ୍ସ ପାର୍ଟିସିପେସନ୍) ଭଳି '୪-ପି'ର ମ୍ୟାଜିକ୍ ମନ୍ତ୍ରରେ ଏହା କାର୍ଯ୍ୟାରମ୍ଭ କଲା । ସ୍ୱଚ୍ଛ ଭାରତ ମିଶନ ପ୍ରଥମେ ଏକ ସରକାରୀ କାର୍ଯ୍ୟକ୍ରମ ରୂପେ ଆରମ୍ଭ ହୋଇଥିଲେ ବି ଧୀରେ ଧୀରେ ବୃହତ୍ ଜନ ଆନ୍ଦୋଳନରେ ପରିଣତ ହୋଇଛି । ଏଥିରେ ନେତା, ସ୍ୱେଚ୍ଛାସେବୀ, ବିଭିନ୍ନ ସଂଗଠନ, ସରପଞ୍ଚ, ସ୍ୱଚ୍ଛାଗ୍ରହୀ ଆଦି ସମାଜର ବିଭିନ୍ନ ବର୍ଗ ଓ ଗୋଷ୍ଠୀର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି । କ୍ଷେତ୍ରୀୟ ସ୍ତରରେ ଏକ ବିଶାଳ ଲକ୍ଷ୍ୟ ହାସଲ ଲାଗି ଆରମ୍ଭ ଏହି ମିଶନ ବିଶ୍ୱର ସର୍ବବୃହତ୍ ବ୍ୟାବହାରିକ ପରିବର୍ତ୍ତନ କାର୍ଯ୍ୟକ୍ରମ ରୂପେ ପ୍ରତିଷ୍ଠା ଓ ସୁନାମ ପାଇଛି । ସ୍ୱଚ୍ଛ ଭାରତ ମିଶନ (ଏସବିଏମ୍)ରେ ବିଶେଷକରି ମହିଳାଙ୍କ ସ୍ୱାର୍ଥକୁ କେନ୍ଦ୍ରିତ କରାଯାଇଛି । ଏହି ପ୍ରକ୍ରିୟାରେ ମହିଳାଙ୍କ ସ୍ୱାଭିମାନ ଓ ସଶକ୍ତୀକରଣ ଦାବିକୁ ଉଚିତ ନ୍ୟାୟ ପ୍ରଦାନ କରିବା ଲାଗି ଉଦ୍ୟମ ହୋଇଛି । ଗ୍ରାମାଞ୍ଚଳର ମହିଳା ଏବେ ପରିମଳ ସଂପର୍କରେ ଖୋଲା ଆଲୋଚନା କରୁଛନ୍ତି । ପୂର୍ବରୁ ଏନେଇ ରହିଥିବା ପୁରାତନ ଭୁଲ୍ ଧାରଣାକୁ ମଧ୍ୟ ବଦଳାଇଛନ୍ତି । କେବଳ ପୁରୁଷମାନେ ମିସ୍ତ୍ରୀ କାମ କରିପାରିବେ ଏହାକୁ ଭୁଲ୍ ପ୍ରମାଣିତ କରିଛନ୍ତି ଗ୍ରାମୀଣ ମହିଳା । ଅନେକ ମହିଳା ଶୌଚାଳୟ ନିର୍ମାଣରେ 'ରାଣୀ ମିସ୍ତ୍ରୀ' ସାଜିଛନ୍ତି । ଅଧିକରୁ ଅଧିକ ସଂଖ୍ୟାରେ ଏଥିପାଇଁ ଶ୍ରମଦାନ କରୁଛନ୍ତି । ଶୌଚାଳୟ ଏବେ ଗ୍ରାମୀଣ ଭାରତରେ 'ଇଜ୍ଜତ ଘର୍' ଅଥବା ସ୍ୱାଭିମାନ ଗୃହ (ଡିଗ୍‌ନିଟି ହୋମ୍) ରୂପେ ପରିଚିତ ହୋଇଛି । ପିଲାମାନେ ଏବଂ ଯୁବପିଢି ସ୍ୱେଚ୍ଛାସେବୀ ମଧ୍ୟ ସ୍ୱଚ୍ଛତା ଉପରେ ଗୁରୁତ୍ୱଦେଇ ଏଥିପାଇଁ ଗାଁଠୁ ସହର ସବୁଠାରେ ସ୍ୱଚ୍ଛତା ଲାଗି ଶ୍ରମଦାନ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ସେମାନଙ୍କ ଉପସ୍ଥିତି ଓ ସହଯୋଗ ଅଭୂତପୂର୍ବ ରହିଥିବା ଦେଖାଯାଇଛି । ବ୍ୟାପକ ସଂଖ୍ୟାରେ ଯୋଗଦାନ କରି ଏହାକୁ ଗଣ ଅଭିଯାନ ରୂପେ ଗଢି ତୋଳିଛନ୍ତି । ସ୍କୁଲର ବାଳକ-ବାଳିକା ମଧ୍ୟ ସ୍ୱଚ୍ଛତାର ଏକ 'ପରିବର୍ତ୍ତନ ବାହକ' (ଚେଞ୍ଜ ଏଜେଣ୍ଟ)

ପାଲଟିଛନ୍ତି। ସ୍କୁଲ ଛାତ୍ରଛାତ୍ରୀ ଅନେକ ସ୍ଥାନରେ 'ମୁଝେ ଶୌଚାଳୟ ଚାହିଯେଁ'ର ଦାବି ରଖୁଛନ୍ତି। ପିତାମାତା, ଅଭିଭାବକ ଏବଂ ସ୍କୁଲ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ଏବେ ବିଦ୍ୟାଳୟର ସ୍ୱଚ୍ଛତା ଓ ଅଧିକରୁ ଅଧିକ ଶୌଚାଳୟ ନିର୍ମାଣ ଲାଗି ଗୁରୁତ୍ୱ ଦେଉଛନ୍ତି। ପିଲାମାନେ ସକାଳେ ଓ ସନ୍ଧ୍ୟାରେ ପରିବେଶ ସୁରକ୍ଷା ତଥା ସ୍ୱଚ୍ଛତା ଲାଗି ଦେଖାଶୁଣା(ନିଗରାନୀ) କାମ କରୁଛନ୍ତି। ବାହାରେ ମଳତ୍ୟାଗ କରୁଥିବା କିମ୍ବା ରାସ୍ତାରେ ମଇଳା ଫିଙ୍ଗୁଥିବା ଲୋକମାନଙ୍କୁ ହୁଇସିଲ୍ ମାରି ଓ ରାତିରେ ଟର୍ଚ୍ଚଲାଇଟ୍ ପକାଇ ଏଥିରୁ ନିବୃତ୍ତ ରହିବାକୁ ପିଲାମାନେ ସେମାନଙ୍କୁ ସଚେତନ କରାଉଛନ୍ତି। ଟଏଲେଟ୍ ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି। ଏସ୍‌ବିଏମ୍ ଯାତ୍ରା ସମସ୍ତଙ୍କୁ ବିସ୍ମିତ କରି ସଫଳତାର ଏକ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିଛି। ଇତିମଧ୍ୟରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୧୦ କୋଟି ଲୋକଙ୍କ ଘରେ ଶୌଚାଳୟ (ପାଇଖାନା) ନିର୍ମାଣ କରାଯାଇପାରିଛି। ଆଜିର ଦିନରେ ଆମେ ୨୮ଟି ରାଜ୍ୟ ଓ ୯ଟି କେନ୍ଦ୍ରଶାସିତ ଅଞ୍ଚଳର ୬୯୯ ଜିଲ୍ଲାର ସମସ୍ତ ୬ ଲକ୍ଷ ଗାଁକୁ ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କରିବା ଲାଗି ପାଖାପାଖି ସଫଳତା ହାସଲ କରିଛେ। ଶତ ପ୍ରତିଶତ ଲାଗି ମାତ୍ର କେଇ ଦଶମିକ ଅଂଶ ପଛରେ ରହିଛେ। କହିବାକୁ ଗଲେ ଏଭଳି ସଫଳତା ସତରେ ଅଭୂତପୂର୍ବ। ଭାରତ ବାହ୍ୟ ମଳମୁକ୍ତ ହେବା ଲାଗି ଯେଉଁ ଆହ୍ୱାନପୂର୍ଣ୍ଣ ପଦକ୍ଷେପ ଗ୍ରହଣକରି ସଫଳତା ପାଇଛି ସେଥିଯୋଗୁଁ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଆମକୁ ପ୍ରଶଂସା ଓ ସମ୍ମାନ ମିଳିବାରେ ଲାଗିଛି। ଏବେ କଠିନ ଓ ତରଳ ବର୍ଜ୍ୟ ପରିଚାଳନା(ଏସ୍‌ଏଲ୍‌ଡବ୍ଲ୍ୟୁଏମ୍)କୁ ସରକାର ଗୁରୁତ୍ୱ ଦେଇଛନ୍ତି। ବ୍ୟାପକତା ଭିତ୍ତିରେ ଏ କ୍ଷେତ୍ରରେ ଯେଉଁ ଗୁରୁତର ଆହ୍ୱାନ ସୃଷ୍ଟି ହୋଇଛି ସେକ୍ଷେତ୍ରରେ ସମୟବଦ୍ଧ ସଫଳତା ଲାଗି ସରକାର କାର୍ଯ୍ୟାରମ୍ଭ କରିଛନ୍ତି।

ଏ କ୍ଷେତ୍ରରେ ସୂଚନା (ଇନ୍‌ଫରମେସନ୍), ଶିକ୍ଷା(ଏଡୁକେସନ୍) ଓ ଯୋଗାଯୋଗ(କମ୍ୟୁନିକେସନ୍) ଯାହାକି ଆଇଇସି ରୂପେ ପରିଚିତ ସେସବୁକୁ ଗୁରୁତ୍ୱ ଦିଆଯାଇଛି। ଯଦି ଆମେ ଆଇଇସିର ଯୋଗଦାନକୁ ସାଧୁବାଦ ନଦେବା, ତାହେଲେ ସ୍ୱଚ୍ଛ ଭାରତ ମିଶନର ସଫଳତାର କାହାଣୀ ବଖାଣିବା ଅଧୁରା ରହିଯିବ। ଏସ୍‌ବିଏମ୍‌ର ଆତ୍ମା ହେଉଛି ଆଇଇସି। ଜଟିଳ ଲାଗୁଥିବା କାର୍ଯ୍ୟକୁ ଏହା ସହଜ କରିଥାଏ। ଗଣମାଧ୍ୟମରେ ଏନେଇ ଇଣ୍ଟର ପର୍ସନାଲ କମ୍ୟୁନିକେସନ୍ (ଆଇପିସି) ଜରିଆରେ ବିଶେଷକରି ଶିକ୍ଷାଠାରୁ ଦୂରରେ ଥିବା ଗ୍ରାମାଞ୍ଚଳ, ଦୁର୍ଗମ ଇଲାକାରେ ରହୁଥିବା ଲୋକମାନଙ୍କ ବ୍ୟାବହାରିକ ପରିବର୍ତ୍ତନ କରାଇ ସେମାନଙ୍କୁ ଶୌଚାଳୟ ନିର୍ମାଣ ଓ ଏହାର ବ୍ୟବହାର ଲାଗି ଆକର୍ଷିତ କରିବାରେ ସର୍ବାଧିକ ଭୂମିକା ରହିଛି। କ୍ଷେତ୍ରୀୟ ସ୍ତରରେ କାମ କରୁଥିବା ୪.୫ ଲକ୍ଷ ସ୍ୱଚ୍ଛାଗ୍ରହୀଙ୍କ କାର୍ଯ୍ୟକ୍ରମ ଓ ପ୍ରଚେଷ୍ଟା ବଳରେ ଉପାନ୍ତ, ଦୁର୍ଗମ ଓ ବଞ୍ଚିତ ଇଲାକାରେ ଏସବୁ ପରିବର୍ତ୍ତନ ଆସିବା ସମ୍ଭବପର ହୋଇପାରିଛି। ଦେଶବ୍ୟାପୀ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଇବା ଲାଗି ଗଣ ସଚେତନତାର ମଡେଲ ପ୍ରସ୍ତୁତ କରି ଲାଗୁ କରାଇବା କ୍ଷେତ୍ରରେ ଆଇଇସିର ବଡ଼ ଭୂମିକା ରହିଛି। 'ସ୍ୱଚ୍ଛତା ହିଁ ସେବା' ଓ 'ସ୍ୱଚ୍ଛ ଶକ୍ତି'କୁ ଏବେ ଗୁରୁତ୍ୱ ଦିଆଯାଉଛି। 'ସ୍ୱଚ୍ଛ ଭାରତ' ଲୋଗୋ (ସଙ୍କେତ)ରେ



ଚିନ୍ତା ଓ ଭାବନା ଉଦ୍ରେକକାରୀ ଜାତିର ପିତା ଗାନ୍ଧିଜୀଙ୍କ ଚଷମା ଚିତ୍ରକୁ ସାମିଲ କରାଯାଇଛି। ଗାଁଠାରୁ ସହର ଓ ଗଳି-କନ୍ଦି ସବୁଠାରେ ଗାନ୍ଧିଜୀଙ୍କ ଚଷମା ଚିତ୍ର କାନ୍ଥବାଡ଼ରେ ଦେଖାଯିବା ଦ୍ୱାରା ଲୋକମାନଙ୍କର ଭାବନାତ୍ମକ ଆବେଗକୁ ଏହା ଛୁଇଁଛି। ସେଥିପାଇଁ ସ୍ୱଚ୍ଛତା ପ୍ରତି ସମସ୍ତଙ୍କର ସ୍ୱତଃସ୍ଫୂର୍ତ୍ତ ଉତ୍ସାହ ଓ ଆଗ୍ରହ ବଢ଼ିଛି।

ଏସ୍‌ବିଏମ୍ ଯୋଗାଯୋଗ କ୍ଷେତ୍ରର ସବୁଠୁ ବଡ଼ ସ୍ୱତନ୍ତ୍ରତା ଥିଲା ସ୍ୱଚ୍ଛତାକୁ ନେଇ ପ୍ରଭାବଶାଳୀ, ଚାମ୍ପିୟନ୍ ଓ ବିଭିନ୍ନ ବର୍ଗର ନେତୃତ୍ୱଙ୍କ ଦ୍ୱାରା କରାଯାଇଥିବା ସଚେତନତା କାର୍ଯ୍ୟକ୍ରମ। ଏହାକୁ ଯୋଗାଯୋଗ ବ୍ୟବସ୍ଥା ହିଁ ଦେଶବ୍ୟାପୀ ତରଙ୍ଗ ଭଳି ଖେଳାଇ ଦେଇଥିଲା। ଏହା ସାଧାରଣ ଲୋକଙ୍କୁ ଶୌଚାଳୟ ନିର୍ମାଣ ଓ ବ୍ୟବହାର ଲାଗି ପ୍ରେରିତ କରିଥିଲା। ଏକ ଶୌଚାଳୟ ନିର୍ମାଣ ଲାଗି ଗାତ ଖୋଳିବା, ମାଟି କାଢ଼ିବା, ଇଟାଯୋଡ଼ି ଷ୍ଟ୍ରକ୍‌ଚର ପ୍ରସ୍ତୁତ କରିବା ଘଟଣାକୁ ଯେଭଳି ସାମାଜିକ କାର୍ଯ୍ୟକ୍ରମ ଭାବେ ଗଣମାଧ୍ୟମରେ ପ୍ରଦର୍ଶନ କରାଗଲା, ସେତେବେଳେ ଆଖପାଖ ଲୋକେ ଏହାକୁ ଦେଖିବା, କାର୍ଯ୍ୟକ୍ରମର ବାସ୍ତବକତାକୁ ହୃଦୟଙ୍ଗମ କରିବା ସହ ଏଥିପ୍ରତି ଅଧିକ ସଚେତନ ହେଲେ। ପ୍ରଧାନମନ୍ତ୍ରୀ ନିଜେ 'ସ୍ୱଚ୍ଛ ଭାରତ ମିଶନ'ର ମୁଖ୍ୟ ପ୍ରଚାରକ ପାଲଟିବା, ତାଙ୍କ ପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ବାରମ୍ବାର ଶୌଚାଳୟ ଓ ସ୍ୱଚ୍ଛତା ପ୍ରସଙ୍ଗକୁ ଗୁରୁତ୍ୱ ଦେବା, ସାଧାରଣ ସଭାଠାରୁ ଆରମ୍ଭକରି ପ୍ରତିଟି ମଞ୍ଚରୁ ବାରମ୍ବାର ଏହି ପ୍ରସଙ୍ଗ ଉଠାଇ ଜନତାଙ୍କୁ ସଚେତନ ଓ ଅନୁରୋଧ କରିବା ଗୁରୁତ୍ୱପୂର୍ଣ୍ଣ ଥିଲା। ସରକାର ଓ ଖୋଦ୍ ପ୍ରଧାନମନ୍ତ୍ରୀ ସ୍ୱଚ୍ଛତାକୁ କେତେ ଗୁରୁତ୍ୱ ଦେଉଛନ୍ତି ଏବଂ ଦୈନନ୍ଦିନ ଜୀବନରେ ତାହାର କି ପ୍ରଭାବ ରହିଛି ତାହା ଜନତା ଅଧିକରୁ ଅଧିକ ଜାଣିବାକୁ ସକ୍ଷମ ହେଲେ।

ସ୍ୱଚ୍ଛ ଭାରତ ମିଶନର ମୂଳନୀତି 'ସ୍ୱଚ୍ଛତା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ଓ ଦାୟିତ୍ୱ ଏବଂ ଏହାକୁ ସଫଳ କରିବା ଲାଗି ଆମ ସମସ୍ତଙ୍କୁ ସହଯୋଗ କରିବାକୁ ପଡ଼ିବ' ଏହି ଆଭିମୁଖ୍ୟ ଉପରେ ପ୍ରଧାନମନ୍ତ୍ରୀ ବାରମ୍ବାର ଆଲୋକପାତ କରିଛନ୍ତି। ଏହାହିଁ ଗତ ୫ ବର୍ଷ ଭିତରେ ୧୩୦ କୋଟି ଭାରତୀୟଙ୍କ ମନକୁ ଛୁଇଁପାରିଥିଲା। ସରକାରୀ, ବେସରକାରୀ, ନାଗରିକ ସମାଜ, କର୍ପୋରେଟ୍, ଗଣମାଧ୍ୟମ, ଶିକ୍ଷା ପ୍ରତିଷ୍ଠାନ ସଭିଏଁ ଏହି କାର୍ଯ୍ୟକ୍ରମରେ ସାମିଲ ହେଲେ। ସ୍ୱଚ୍ଛତା ପକ୍ଷ, ସ୍ୱଚ୍ଛତା କ୍ରିୟାନୁଷ୍ଠାନ ଯୋଜନା, ସ୍ୱଚ୍ଛ ଐତିହ୍ୟସଂପନ୍ନ କୀର୍ତ୍ତିସ୍ଥଳ ତଥା ନମାମୀ ଗଙ୍ଗେ ଭଳି ସ୍ୱତନ୍ତ୍ର ପ୍ରକଳ୍ପ ଏବଂ ମନ୍ତ୍ରୀ ସ୍ତରୀୟ ଏକାଧିକ ପଦକ୍ଷେପ ଦ୍ୱାରା ହିଁ ଏସ୍‌ବିଏମରେ ଅନେକ ଉନ୍ନତି ଘଟିଲା। ପର୍ଯ୍ୟଟନ ସ୍ଥଳ, ଧାର୍ମିକ ସ୍ଥାନ, ସରକାରୀ କାର୍ଯ୍ୟାଳୟ ଓ ପାର୍କ ଆଦି ବିଭିନ୍ନ ସ୍ଥାନରେ ଏଥିଯୋଗୁଁ ପରିଚ୍ଛନ୍ନତା ଆସିପାରିଲା। ଦେଶବ୍ୟାପୀ ସ୍ୱଚ୍ଛତା ମାନଦଣ୍ଡରେ ବେଶ୍ ଉନ୍ନତି ହୋଇପାରିଲା। ପରିମଳକୁ ଗୁରୁତ୍ୱ ଦେବା ଲାଗି ପ୍ରତି ବିଭାଗ ପଦକ୍ଷେପ ଗ୍ରହଣ କରିବା ସହ ଏଥିପାଇଁ ଘରୋଇ ଓ ବେସରକାରୀ ସ୍ତରରୁ ମଧ୍ୟ ଅନୁଦାନ ଓ ପାଣ୍ଠି ଯୋଗାଣ ଲାଗି 'ସ୍ୱଚ୍ଛ ଭାରତ କୋଷ' ଗଢ଼ାଗଲା। ସ୍ୱଚ୍ଛ ଭାରତ ଗ୍ରୀଷ୍ମାବକାଶ ଶିକ୍ଷା ଶିବିର ନାଁରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଗାଁ-ଗାଁକୁ ଯାଇ ସଫେଇ କାର୍ଯ୍ୟକ୍ରମ ଆୟୋଜନ କଲେ।

ଭାରତୀୟ ପରିମଳ ତଥା ସ୍ୱଚ୍ଛତା ଇତିହାସରେ ସବୁଠୁ ସ୍ମରଣୀୟ ଦିବସ ଥିଲା ୨ ଅକ୍ଟୋବର ୨୦୧୮ ମସିହା। ସେତେବେଳେ ଜାତିସଂଘ ମହାସଚିବଙ୍କ ସମେତ ୭୦ ରାଷ୍ଟ୍ରର ଦୁଇ ଶହରୁ ଊର୍ଦ୍ଧ୍ୱ ମନ୍ତ୍ରୀ ଓ ପରିମଳ ବିଶେଷଜ୍ଞ ମହାତ୍ମା ଗାନ୍ଧୀ ଇଣ୍ଟରନେସନାଲ ସାନିଟେସନ କନ୍‌ଭେନ୍‌ସନ୍ (ଏମଜିଆଇଏସସି)ରେ ଏକାଠି ହୋଇ ଭାରତର ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ଏପରିକି ଏଭଳି ବିଶାଳ ରାଷ୍ଟ୍ରରେ ଉକ୍ତ ମିଶନ କିଭଳି କାର୍ଯ୍ୟକାରୀ ହେଉଛି ସେ ସଂପର୍କରେ ଜ୍ଞାନ ଆହରଣ ମଧ୍ୟ କରିଥିଲେ। ସମସ୍ତ ଜନତାଙ୍କୁ ପରିମଳ ବ୍ୟବସ୍ଥା ପ୍ରଦାନ ଲାଗି ମିଳିତ ଭାବେ ଦିଲ୍ଲୀ ଘୋଷଣାନାମାରେ ପ୍ରଧାନମନ୍ତ୍ରୀଙ୍କ ସମେତ ସଭିଏଁ ଦସ୍ତଖତ କରିଥିଲେ।

ଆଗକୁ ଆସୁଛି ଅକ୍ଟୋବର ୨ ତାରିଖ। ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ଭାରତକୁ ଶତପ୍ରତିଶତ ବାହ୍ୟ ମଳମୁକ୍ତ ରାଷ୍ଟ୍ର ରୂପେ ଗଢ଼ିତୋଳି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀରେ ଏକ ସ୍ୱଚ୍ଛ ଭାରତ ଉପହାର ଦେବା ଲାଗି ୫ ବର୍ଷ ତଳେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା ତାହା ପୂରଣ ହୋଇଛି। ଦଶନ୍ଧି ଦଶନ୍ଧି ଧରି ପଡ଼ିରହିଥିବା ଏହି କାମକୁ ପୂରଣ କରି ଶତପ୍ରତିଶତ ସଫଳତା ହାସଲ କରିବା ଭାରତ ଭଳି ଏକ ବୃହତ୍ ରାଷ୍ଟ୍ରରେ ଏକ ବଡ଼ ଆହ୍ୱାନ ଥିଲା। ତେବେ ପ୍ରଧାନମନ୍ତ୍ରୀ ଏନେଇ କାଳବିଳମ୍ବ ନକରି, ଆଗପଛକୁ ନ ଚାହିଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ୨୦୧୪ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ଲାଲକିଲ୍ଲା ପ୍ରାଚୀରରୁ ପ୍ରଧାନମନ୍ତ୍ରୀ ଭାରତକୁ ବାହ୍ୟ ମଳମୁକ୍ତ ରାଷ୍ଟ୍ର କରିବା ଲାଗି ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ ଜନସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟ ଏବେ ସଫଳ ହେବାପରେ ଭାରତରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌କୁ ନିଷିଦ୍ଧ କରିବା ଲାଗି ପ୍ରଧାନମନ୍ତ୍ରୀ ଏସ୍‌ବିଏମ ଭଳି ଆଉ ଏକ ବଡ଼ ଚାଲେଞ୍ଜ ଘୋଷଣା କରିସାରିଛନ୍ତି। ୨ ଅକ୍ଟୋବର ୨୦୧୯ରୁ ଏହାକୁ କାର୍ଯ୍ୟକାରୀ କରାଯିବା ସହ ଏଥିପାଇଁ ଆଉ ଏକ ଜନଆନ୍ଦୋଳନ ଗଢ଼ିତୋଳିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଆନ୍ଦୋଳନରେ ସମସ୍ତେ ସାମିଲ ହେବାକୁ ସେ ନିବେଦନ କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱଦେବା ଆରମ୍ଭ କରିଛନ୍ତି।

ତେବେ ଆସନ୍ତା ୨ ଅକ୍ଟୋବରରୁ ଆମେ ଭାରତକୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ରାଷ୍ଟ୍ର ରୂପେ ଗଢ଼ି ତୋଳିପାରିବା କି ? ଏବେ ସମସ୍ତେ ଏଦିଗରେ ଏକାଠି କାମ କରିବା, ପ୍ରତି ପରିବାର, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଦଳ ଗଠନ କରିବାକୁ କୁହାଯାଇଛି। ସମ୍ମାନୀୟ ବାପୁଙ୍କୁ ସ୍ମରଣ କରିବା ଲାଗି ଆମେ ସମସ୍ତେ ଘରୁ ବାହାରି ଏହି ପ୍ଲାଷ୍ଟିକ୍ ବର୍ଜ୍ୟକୁ ଘର, ସଡ଼କ, ଛକ, ନାଳନର୍ଦ୍ଦମା, ପୌର ନିଗମ, ଗ୍ରାମ ପଞ୍ଚାୟତରୁ ସଂଗ୍ରହ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପୌର ନିଗମ ଓ ପଞ୍ଚାୟତ ଏହାକୁ ସଂଗ୍ରହ କରିବା ଲାଗି ଆବଶ୍ୟକ ବ୍ୟବସ୍ଥା କରିବା ଉଚିତ। ତେବେ ଭାରତକୁ ପଲିଥିନ୍ ମୁକ୍ତ କରିବା ଲାଗି ଅକ୍ଟୋବର ୨ରୁ ଏଦିଗରେ ଆମେ ଏକ ବଡ଼



ପଦକ୍ଷେପ ନେଇପାରିବା କି ?

ଭାରତରୁ ପ୍ରତିବର୍ଷ ୯୫ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି ହେଉଛି। ସେଥିରୁ ୩୮ ଲକ୍ଷ ଟନ୍ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଏଥିରୁ ଅଧିକାଂଶ 'ଥରେ ବ୍ୟବହୃତ ପ୍ଲାଷ୍ଟିକ୍'। ଏସବୁ ବିଭିନ୍ନ ସ୍ଥାନରେ ଫିଙ୍ଗାଯାଉଛି। ନଦୀ ଓ ଜୀବଜଗତ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ଆମ ଜମି, ଜଳ, ପବନ ଓ ଖାଦ୍ୟ ଉପରେ ଗୁରୁତର କୁପ୍ରଭାବ ପକାଉଛି। ଥରେ ବ୍ୟବହୃତ ପ୍ଲାଷ୍ଟିକ୍(ଏସୟୁପି) କିମ୍ବା ପ୍ଲାଷ୍ଟିକ୍ ଥଳୀ, ଅନ୍ୟ ପ୍ୟାକିଂ ପଦାର୍ଥ, ପ୍ଲାଷ୍ଟିକ୍ ବାସନକୁସନ, ସୌଖୀନ ତଥା ସାଜସଜ୍ଜା ସାମଗ୍ରୀ ଭଳି ଡିସ୍ପୋଜେବୁଲ ପ୍ଲାଷ୍ଟିକକୁ ପୁନଃ ପ୍ରକ୍ରିୟାକରଣ କରାଯାଉ ନଥିବାରୁ ଏହା ପରିବେଶ କ୍ଷେତ୍ରରେ ଗୁରୁତର ସଂକଟ ସୃଷ୍ଟି କରିଛି। ଦୈନିକ ଆମ ଦେଶରେ ୨୨,୦୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ଉତ୍ପନ୍ନ ହେଉଛି। ସେଥିରୁ ୧୦,୦୦୦ ଟନ୍ ଆଦୌ ସଂଗୃହୀତ ହୋଇପାରୁନି। ଏସବୁ ବିଭିନ୍ନ ସ୍ଥାନରେ ପଡି ଜଳଉତ୍ସ, ନାଳନର୍ଦ୍ଦମା, ରାସ୍ତାଘାଟର ପରିବେଶକୁ ନଷ୍ଟ କରୁଛି।

ଏସବୁ ଏସ୍ୟୁପି ଏବେ ଏଭଳି ସଂକଟମୟ ପରିବେଶ ସୃଷ୍ଟି କରିଥିବାବେଳେ ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଏହାକୁ ନିଷିଦ୍ଧ କରିବା ଲାଗି ଆହ୍ୱାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଯଦି ଏହାକୁ ଏବେଠୁ ରୋକା ନଯାଏ, ତେବେ ଆଗାମୀ ଦିନରେ ଏହା ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେପ୍ଟେମ୍ବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ କରିବା ପୂର୍ବରୁ ମଥୁରାରେ ଏକ ମହିଳା ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। କିଭଳି ପ୍ଲାଷ୍ଟିକ୍ ବର୍ଜ୍ୟକୁ ଅଲଗା କରାଯାଇପାରିବ ସେ ଦିଗରେ କଥାବାର୍ତ୍ତା କରିଥିଲେ। ସିଙ୍ଗଲ ୟ୍ୟୁଜ୍ ପ୍ଲାଷ୍ଟିକ୍ ବର୍ଜ୍ୟଜନିତ ସମସ୍ୟାରୁ ଦେଶକୁ ମୁକ୍ତି ଦେବା ଲାଗି ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ୪ ଲକ୍ଷ ସରପଞ୍ଚ ଓ ସ୍ୱଚ୍ଛାଗ୍ରହୀଙ୍କୁ ଚିଠି ଲେଖିବା ସରକାରଙ୍କ ଏଭଳି ପ୍ରସଙ୍ଗ ପ୍ରତି ଗୁରୁତର ଆଭିମୁଖ୍ୟକୁ ପ୍ରମାଣିତ କରିଛି। ଏହି ପ୍ରସଙ୍ଗରେ ସଂଖ୍ୟାଧିକ ଗ୍ରାମସଭା ବୈଠକ ବସିବା ସହିତ ସ୍ୱଂୟ ସହାୟକ ଗୋଷ୍ଠୀ(ଏସଏଚଏସ) ଜରିଆରେ ମଧ୍ୟ କାମ ଆରମ୍ଭ ହୋଇଛି। ଜନତାଙ୍କ ପ୍ରତି ଥିବା ଶାସନ ବ୍ୟବସ୍ଥାର ପ୍ରତିବଦ୍ଧତାକୁ ଦୋହରାଇ ଏଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ପରେ ବହୁ ସଂଗଠନ ଓ ସଂସ୍ଥା କାମ ଆରମ୍ଭ କରିଛନ୍ତି। ଏପରିକି ସେମାନେ ଏସୟୁପି ବ୍ୟବହାର ଛାଡି ଏକ ବିକଳ୍ପ ବ୍ୟବସ୍ଥାକୁ ଆପଣାଇବା ଆରମ୍ଭ କରାଯାଉଛି।

ସ୍ୱଚ୍ଛତା ହିଁ ସେବା- ଏକ ଅଭିଯାନ। ଗାନ୍ଧୀଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହେବା ଲାଗି ଏକ ଅଭିଯାନ ଆରମ୍ଭକରି ଏଥିରେ ସ୍ୱେଚ୍ଛାସେବୀ, ଜନଭାଗିଦାରୀ ଓ ଶ୍ରମଦାନକୁ ଗୁରୁତ୍ୱ ଦିଆଯାଇଛି। ଲକ୍ଷ୍ୟ ହେଉଛି ପରିମଳ ବ୍ୟବସ୍ଥାକୁ ଜାତୀୟ ଜୀବନର ଏକ ଅଂଶ ରୂପେ ଗ୍ରହଣ କରିବା। ଏକ ଆକଳନ ଅନୁଯାୟୀ, ଏସ୍ଏଚ୍ଏସ୍-୨୦୧୭ ବୈଠକରେ ଦେଶର ୧୦ କୋଟି ବ୍ୟକ୍ତି ଅଂଶଗ୍ରହଣ କରିଥିଲେ; ମାତ୍ର ଏହାର ବର୍ଷକ ପରେ ଅର୍ଥାତ୍ ୨୦୧୮ ବୈଠକରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୨୦ କୋଟି ଅର୍ଥାତ୍ ପୂର୍ବାପେକ୍ଷା ଦୁଇଗୁଣ ବଢିଛି। ପ୍ରଧାନମନ୍ତ୍ରୀ ଅଗଷ୍ଟ ୨୦୧୯ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଏସୟୁପି ପ୍ଲାଷ୍ଟିକ୍ ବିରୋଧରେ ସକ୍ରିୟ ଜନସଚେତନତା ସୃଷ୍ଟି ସହିତ ବର୍ଜ୍ୟ ପ୍ଲାଷ୍ଟିକ୍ର ସଂଗ୍ରହ ତଥା ପ୍ରକ୍ରିୟାକରଣ ଲାଗି ଶ୍ରମଦାନ କରିବାକୁ ଅନୁରୋଧ କରିଛନ୍ତି। ୧୧ ସେପ୍ଟେମ୍ବରରୁ ୨ ଅକ୍ଟୋବର ମଧ୍ୟରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଏହାକୁ ଗୁରୁତ୍ୱ ଦିଆଯାଇଛି। ଗତଥର ବାହ୍ୟ ମଳମୁକ୍ତ ଭଳି ଏଥର ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ଲାଗି ଜନଆନ୍ଦୋଳନର ଆଉ ଏକ ନୂତନ ଅଧ୍ୟାୟ ଏବେ ଆରମ୍ଭ ହୋଇଛି।

ସ୍ୱଚ୍ଛତା ହିଁ ସେବା ଆଭିମୁଖ୍ୟ ଗ୍ରହଣ ପରେ ଆମେ ଏବେ ବହୁପ୍ରତୀକ୍ଷିତ ବାହ୍ୟ ମଳମୁକ୍ତ ଭାରତର ସଫଳତାକୁ ଗାନ୍ଧୀ ଜୟନ୍ତୀରେ ପାଳନ କରିବାକୁ ଅପେକ୍ଷା କରିଛେ। ଉକ୍ତଦିନ ଆମେ ମହାତ୍ମାଙ୍କ ଶାଶ୍ୱତ ପ୍ରେରଣା ଆଗରେ ମଥାନତ କରିବା। ଭାରତକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ କରିବା ଲାଗି ଗାନ୍ଧିଜୀ ସେଦିନ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ସଫଳ ହୋଇଥିବାରୁ ବାପୁ ତାଙ୍କ ୧୫୦ତମ ଜୟନ୍ତୀରେ ନିଶ୍ଚୟ ଖୁସି ହେଉଥିବେ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ପାନୀୟ ଜଳ ଓ ପରିମଳ ବିଭାଗର 'ସ୍ୱଚ୍ଛ ଭାରତ ମିଶନ'ର ପୂର୍ବତନ ମହାନିର୍ଦ୍ଦେଶକ (ବିଶେଷ ପ୍ରକଳ୍ପ) Email ID: akshaykrout@gmail.com**

# ଜନସ
# ଉତ୍ସାହ



Young India

*Edited by M. K. Gandhi*


AHMEDABAD, WEDNESDAY, OCTOBER 8, 1919. } PRICE ONE ANNA PER COPY.

CONTENTS

NOTES AND NEWS.

"WE ARE APT TO MAKE MISTAKES."

SIX "SUPPRESSED CLASS" SCHOOLS IN AHMEDABAD.



*Satyagraha Leaflet No. 16.*

SUNDAY'S *HARTAL.*

ITS RELIGIOUS SPIRIT.

BROTHERS AND SISTERS,

To declare a *hartal* is no small matter. It requires strong reasons to support it. Let us therefore examine the justification for it. The citizens of Bombay are impatient to give some outward evidence of their deep affection for Mr. Horniman. They can provide it in a striking manner by means of *hartal*. Everybody's feelings will be tested thereby. Moreover, *hartal* is an ancient Indian institution for expressing national sorrow and we can therefore demonstrate through *hartal* our grief over the deportation and *hartal* is the best method of marking our strong disapproval of the action of the Government. It is a means, more powerful than monster meetings of expressing national opinion. Thus we serve three purposes by *hartal* and all of them are so great that we do not expose ourselves to the charge of exaggeration in declaring *hartal*.

This much is clear that none of the purposes above named will be served if suspension of business is brought about through fear of public opprobrium or physical pressure. If suspension were to be brought about by terrorism and if Mr. Horniman came to know it, he could not but be displeased and grieved by the knowledge, and such artificial *hartal* would fail to produce any effect upon the Government. *Hartal* forcibly brought about cannot be considered Satyagrahi *hartal*. In any thing Satyagrahi there should be purity of motive, means and end. I therefore hope that no man or woman who is unwilling to suspend business will in any way be interfered with, but that he or she will be guaranteed protection from any harm whatsoever. *I would far rather wish that people did not suspend business on Sunday in the city of Bombay and that the organisers were exposed to ridicule than that force was used upon a single person in order to make him suspend business.* In order to avoid all risk of commotion in Bombay on Sunday, the idea of holding public meetings has been discountenanced and all have been advised to remain indoors. As all Satyagraha activity should be guided by the religious spirit, I have suggested that we should fast for twenty-four hours and devote the day to religious contemplation, and it is to be hoped that all the members of families including children and servants will take part in the religious observance. Hindus may have Bhagwadgita read to them. It takes four hours to read through it with clear pronunciation and other Hindu religious books might be read in addition or in place of it. The Mahomedans and others may have their own scriptures read to them. It will be a proper way of spending the day to read the stories of great Satyagrahis such as Prahlad, Harishchandra, Mirabai, Imams Hasan and Hossein, Socrates and others. It will be opportune also to explain to family gatherings Mr. Horniman's title to our affection. The chief thing to be remembered is that we may not fritter away next Sunday in playing cards, *Chaupat*, gambling or in sheer laziness, but that it should be so spent as to make us better men and women for national service. Better placed and well-to-do families will, I hope, invite such of their neighbours as may be poor, solitary or ignorant, to participate in the religious devotion. A brotherly spirit is cultivated not by words but only by deeds.

Mr. Motilal Dahyabhai Zaveri of Kalbadevi Road has just dropped in and informed me that before the news of the declaration of *hartal* next Sunday, he had issued invitations for a wedding party on that day. He also said there were many such parties to be given on the same day. Mr. Motilal was most anxious that he and his friends should take part in the observance. I venture to advise that so far as the religious part of the wedding ceremonial was concerned, it should be gone through without disturbance, but that dinner parties and other rejoicings might be postponed to Monday. His patriotic affection for Mr. Horniman was such that he immediately accepted the advice and I tender it for the acceptance of those who may be similarly situated.

M. K. GANDHI.

8th May, 1919.


ୟଙ୍ଗ୍ ଇଣ୍ଡିଆ ଓ ହରିଜନ ହେଉଛି ବିଭିନ୍ନ ବିଷୟରେ ଥିବା ଗାନ୍ଧିଜୀଙ୍କ ବିଚାରଧାରାର ବାହକ। ଗାନ୍ଧିଜୀ ସମସ୍ତ ବିଷୟରେ ଲେଖୁଥିଲେ। ସରଳ, ସାବଲୀଳ କିନ୍ତୁ ଦୃଢ଼ ଭାବରେ ସେ ଲେଖୁଥିଲେ। ସେ ଥରେ କହିଥିଲେ ଯେ ଖବରକାଗଜର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ଆବେଗକୁ ବୁଝିବା ଓ ତା'ର ପରିପ୍ରକାଶ କରିବା। ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ସେମାନଙ୍କ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଏବଂ ଉଚିତ୍ ଚିନ୍ତାଧାରା ବିକଶିତ କରାଇବା ଓ ତୃତୀୟ ଉଦ୍ଦେଶ୍ୟ ହେଉଛି ଜନତାଙ୍କ ଦ୍ୱାରା ହେଉଥିବା ତ୍ରୁଟିବିଚ୍ୟୁତିକୁ ପ୍ରଘଟ କରିବା।


ଗାନ୍ଧିଜୀଙ୍କ ଖବରକାଗଜରେ କୌଣସି ବିଜ୍ଞାପନ ପ୍ରକାଶିତ ହେଉନଥିଲା। ସେଗୁଡ଼ିକର ଅନେକ ପାଠକ ଥିଲେ। ସାମ୍ବାଦିକତାକୁ ନେଇ ତାଙ୍କର ଉଚ୍ଚଭିଳାଷ ନଥିଲା। ସେ ଏହାକୁ ଜୀବନଜୀବିକାର ଏକ ମାଧ୍ୟମ ବୋଲି ନୁହଁ ବରଂ ଜନସାଧାରଣଙ୍କ ସେବାର ଏକ ମାଧ୍ୟମ ବୋଲି ଭାବୁଥିଲେ। ୟଙ୍ଗ୍ ଇଣ୍ଡିଆରେ ଜୁଲାଇ ୨ ତାରିଖ ୧୯୨୫ ମସିହାରେ ସେ ଲେଖିଥିଲେ- "ମୁଁ ସାମ୍ବାଦିକତା ପାଇଁ କେବଳ ସାମ୍ବାଦିକତା କରୁନାହିଁ ବରଂ ମୋ ଜୀବନର ଲକ୍ଷ୍ୟ ସାଧନ ପାଇଁ ଏହାକୁ ମୁଁ ଏକ ସହାୟକ ଭାବେ ବାଛିନେଇଛି। ମୋର ଲକ୍ଷ୍ୟ ହେଉଛି ଉଦାହରଣ ଦ୍ୱାରା ଅହିଂସା ଓ ସତ୍ୟାଗ୍ରହ ରୂପକ ଅତୁଳନୀୟ ଅସ୍ତ୍ର ବ୍ୟବହାର ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା।" ଗାନ୍ଧିଜୀ ସାମ୍ବାଦିକତାକୁ ଜନସାଧାରଣଙ୍କ ସେବାର ଏକ ମାଧ୍ୟମ ଭାବେ ଦେଖୁଥିଲେ। ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି- "ସାମ୍ବାଦିକତାର ଏକମାତ୍ର ଲକ୍ଷ୍ୟ ସେବା ହେବା ଉଚିତ୍। ଖବରକାଗଜର ଶକ୍ତି ଯଥେଷ୍ଟ। ତେବେ ଠିକ୍ ଯେମିତି ଅନିୟନ୍ତ୍ରିତ ପାଣିର ସୁଅ ଗାଁ ଗଣ୍ଡାକୁ ଜଳମଗ୍ନ କରି ଫସଲ ନଷ୍ଟ କରିଥାଏ ଠିକ୍ ସେମିତି ଅନିୟନ୍ତ୍ରିତ କଲମ

# ତାଙ୍କ
# ବର୍ଦ୍ଧକ

ମଧ୍ୟ କ୍ଷତିସାଧନ କରିଥାଏ। ଯଦି ଏହାକୁ ବାହାରୁ ନିୟନ୍ତ୍ରଣ କରାଯାଏ ତେବେ ଏହା ଅନିୟନ୍ତ୍ରିତ ହେବାଠାରୁ ମଧ୍ୟ ଅଧିକ କ୍ଷତିକାରକ ହୋଇଥାଏ। ତେବେ ଏହା ଉତ୍ତମ ଫଳ ଦିଏ ଯଦି ନିଜ ଭିତରୁ ଏହାକୁ ନିୟନ୍ତ୍ରଣ କରାଯାଏ। ଯଦି ଏହି ଯୁକ୍ତି ସତ ତେବେ ପୃଥିବୀର କେତୋଟି ସମ୍ବାଦପତ୍ର ଏଭଳି କରୁଛନ୍ତି ? କିନ୍ତୁ ମୂଲ୍ୟହୀନ ଖବରକାଗଜଗୁଡ଼ିକୁ ବନ୍ଦ କରିବ କିଏ ? ସେକଥା ବିଚାର କରିବ କିଏ ? ତେଣୁ ମୂଲ୍ୟହୀନ ଓ ମୂଲ୍ୟବାନ ଉଭୟ ଏକା ସହିତ ଚାଲିଥିବେ, ଠିକ୍ ଯେମିତି ଭଲ ଆଉ ମନ୍ଦ। ମଣିଷ ହିଁ ନିଜେ ସେଥିରୁ ଚୟନ କରିବ।"

*ପ୍ରଫେସର ଭି.ଏସ୍ ଗୁପ୍ତାଙ୍କ ଦ୍ୱାରା ଲିଖିତ ମହାତ୍ମା ଗାନ୍ଧୀ ଓ ଗଣମାଧ୍ୟମ ପୁସ୍ତକର ଉଦ୍ଧୃତାଂଶ...*


નવજીવન.


हिन्दी नवजीवन


गिरफ्तारियाँ और जंगली न्याय

*ନବଜୀବନ (୧୧ ସେପ୍ଟେମ୍ବର ୧୯୧୯), ୟଙ୍ଗ୍ ଇଣ୍ଡିଆ (୮ ଅକ୍ଟୋବର ୧୯୧୯) ଏବଂ ସତ୍ୟାଗ୍ରହ ପ୍ରାଚୀର ପତ୍ର (୬ ମେ' ୧୯୧୯)ର ପ୍ରଥମ ସଂସ୍କରଣ, ଯେଉଁଥିରେ ବମ୍ବେ ଠାରେ ହରତାଳ ପାଇଁ ଗାନ୍ଧିଜୀ ଆହ୍ୱାନ ଦେଇଥିଲେ।*

# ମୋ ଜୀବନ ହିଁ ମୋ ବାର୍ତ୍ତା

ୱାଇ ପି ଆନନ୍ଦ

ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମଙ୍କ ଭାଷାରେ "ଗାନ୍ଧିଜୀ ସର୍ବ ପ୍ରଥମେ ଜଣେ ମହାନ ଗଣ ସଂଯୋଜକ ବା ସଂଚାରକ। କଥାବାର୍ତ୍ତା ମାଧ୍ୟମରେ ଲୋକମତକୁ ନିୟନ୍ତ୍ରିତ କରି ଜନସମର୍ଥନ ହାସଲ କରିବାର କଳାଟି ଅନ୍ୟମାନଙ୍କଠାରୁ ବେଶ ଭଲ ଜାଣିଥିଲେ।" କୋଟି କୋଟି ଭାରତୀୟଙ୍କ ନିକଟରେ ସେ ନିଜର ବାର୍ତ୍ତା ବା ସନ୍ଦେଶ ପହଞ୍ଚାଇବା ପାଇଁ ଉଭୟ ସାଧାରଣ ଓ ଅସାଧାରଣ ଉପାୟ ଅବଲମ୍ବନ କରୁଥିଲେ। ସେଥିପାଇଁ ଲୋକେ ତାଙ୍କ କଥା ଶୁଣୁଥିଲେ ଏବଂ ତା'ଙ୍କୁ ଗୁରୁତ୍ୱ ଦେଉଥିଲେ। ଗାନ୍ଧିଜୀଙ୍କର ବିଶେଷତ୍ୱ ହେଲା ସେ ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚି ପାରୁଥିଲେ ଏବଂ ସେମାନଙ୍କୁ ସହଜରେ ବୁଝାଇ ସେମାନଙ୍କ ସ୍ୱତଃସ୍ଫୁର୍ତ୍ତ ସମର୍ଥନ ପାଉଥିଲେ। ଲୋକଙ୍କ ସହ ତାଙ୍କ ଯୋଗାଯୋଗର ମାଧ୍ୟମ ବିବିଧ ଥିଲା। ସେ ସୁନ୍ଦର ଭାବେ ଲୋକଙ୍କୁ କହି ବୁଝାଇ ପାରୁଥିଲେ ଏବଂ ସରଳ ଓ ସାବଲୀଳ ଭାଷାରେ ମଧ୍ୟ ଲେଖୁଥିଲେ। ଏହା ଫଳରେ ସେ ଭାରତୀୟଙ୍କ ହୃଦୟକୁ ଛୁଇଁ ପାରୁଥିଲେ।




ଜୀବନର ବିଭିନ୍ନ କ୍ଷେତ୍ରରେ ସେ କାମ କରିଛନ୍ତି। ଶିକ୍ଷକର ଭୂମିକା ନିର୍ବାହ କରିବା ସହ ନିଜେ ମଧ୍ୟ ଛାତ୍ର ହୋଇଛନ୍ତି। ଆଇନଜୀବୀଙ୍କ ପାଇଁ ସେ ଆଦର୍ଶ ସାଜିଥିବାବେଳେ ଜଣେ ଉଚ୍ଚକୋଟିର ଲେଖକ ଓ ସାମ୍ବାଦିକ ଭାବେ ତାଙ୍କର ସୁଖ୍ୟାତି ରହିଛି। ନୀତି, ନୈତିକତା ଓ ମୂଲ୍ୟବୋଧର ନିଷ୍ପାପର ପରିପାଳନ ସହ ଅହିଂସା ବିପ୍ଳବ ମାଧ୍ୟମରେ ଭାରତର ମୁକ୍ତି ସଂଗ୍ରାମକୁ ନେତୃତ୍ୱ ଦେଇ ଦେଶକୁ ସ୍ୱାଧୀନ କରିଛନ୍ତି। ସେ ରୋଗୀର ସେବାକାରୀ ହୋଇଛନ୍ତି ଏବଂ ବେଳେବେଳେ ଚିକିତ୍ସକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ସବୁ ପ୍ରକାର ଅନ୍ୟାୟ ବିରୋଧରେ ସେ ସର୍ବଦା ସ୍ୱର ଉତ୍ତୋଳନ କରିଛନ୍ତି। ସେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ।

ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୧ ବର୍ଷ କାଳ ରହିବା ସମୟରେ ଗାନ୍ଧିଜୀଙ୍କ ସାମ୍ବାଦିକତା ଓ ଗଣଯୋଗାଯୋଗ ଦକ୍ଷତା ବିକଶିତ ହୋଇଥିଲା। ସେଠାରେ ଭାରତୀୟମାନଙ୍କ ପ୍ରତି ହେଉଥିବା ବାଛବିଚାର ଓ ଅମାନବୀୟ କାର୍ଯ୍ୟର ପ୍ରତିବାଦ କରିବାବେଳେ ତାଙ୍କର ସାମ୍ବାଦିକତା ପୋଖତ ହୋଇଥିଲା। ଏହା ତାଙ୍କୁ ସେଠା ଭାରତୀୟଙ୍କ ସହିତ ସମ୍ପର୍କ ସ୍ଥାପନ ଏବଂ ସେମାନଙ୍କ ନେତୃତ୍ୱ ନେବାର ସୁଯୋଗ ଦେଲା। ସେଇଠି ସେ ସତ୍ୟ ଓ ଅହିଂସା ସଂକ୍ରାନ୍ତ ନିଜର ମୌଳିକ ଆଚାର ବିଚାର ସମ୍ପର୍କରେ ଅଭିଜ୍ଞତା ପାଇଲେ। ସେଥିରୁ ସୃଷ୍ଟି ହେଲା ଅହିଂସା ନାଗରିକ ପ୍ରତିରୋଧ ବା 'ସତ୍ୟାଗ୍ରହ'ର ବିଚାର। ଅନ୍ୟାୟ ବିରୋଧରେ ସଂଗ୍ରାମ ଏବଂ ସବୁ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଏହା ହେଲା ତାଙ୍କ ଅସ୍ତ୍ର। ସେଥିପାଇଁ ସେ ସ୍ୱେଚ୍ଛାକୃତ ଭାବେ ଜେଲ୍‌ଗଲେ ଯାହା 'କାରାବରଣ' ନାମରେ ପରିଚିତ। ଏହା ସହିତ ସେ ସାଧାରଣ ସେବାରେ ନିଜକୁ ନିୟୋଜିତ

କରିବାକୁ ନିଷ୍ପତ୍ତି ଗ୍ରହଣ କଲେ। ସେଇ ଲକ୍ଷ୍ୟ ପୂରଣ କରିବାକୁ ସେ ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହର ସଂକଳ୍ପ ନେଲେ। ଅପରିଗ୍ରହର ଅର୍ଥ କୌଣସି ପାର୍ଥିବ ସାମଗ୍ରୀର ଅଧିକାରୀ ନ'ହୋଇ ସ୍ୱେଚ୍ଛାକୃତ ଭାବେ ଦାରିଦ୍ର୍ୟ ବରଣ କରିବା।

୧୯୦୩ରେ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀ ତାଙ୍କର ପ୍ରଥମ ସାପ୍ତାହିକ ସମ୍ବାଦପତ୍ର 'ଇଣ୍ଡିଆନ୍ ଓପିନିଅନ୍' ବାହାର କଲେ। ଏହା ସେଠାରେ ରହୁଥିବା ଭାରତୀୟ ସମୁଦାୟଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା। ଜନ୍ ରସ୍କିନ୍‌ଙ୍କ ବହି 'ଅନ୍ ଟୁ ଦିସ୍ ଲାଷ୍ଟ'ରୁ ପ୍ରେରଣା ପାଇ ସେଠାରେ ସେ ନିଜର ପ୍ରଥମ ଆଶ୍ରମ 'ଫିନିକ୍ସ ସେଟେଲମେଣ୍ଟ' ୧୯୦୪ରେ ସ୍ଥାପନ କଲେ। ସେଠାରେ ସେ ଏକ ଶ୍ରେଣୀହୀନ ସଂପ୍ରଦାୟର ସଦସ୍ୟଭାବେ ରହିଲେ।

୧୯୦୮ରେ ସେ ରସ୍କିନଙ୍କ ବହିର ସଂକ୍ଷିପ୍ତ ବ୍ୟାଖ୍ୟା କରି ଧାରାବାହିକ ଲେଖାମାନ 'ସର୍ବୋଦୟ' ଶୀର୍ଷକରେ ପ୍ରକାଶ କଲେ। ତା'ପର ବର୍ଷ ଜାହାଜରେ ଲଣ୍ଡନରୁ ଡରବାନ୍ ଯିବାବେଳେ ଗାନ୍ଧିଜୀ ତାଙ୍କର ମୌଳିକ ପୁସ୍ତକ "ହିନ୍ଦ୍ ସ୍ୱରାଜ" ଲେଖିଲେ। ସେଥିରେ ଭାରତର ସ୍ୱାଧୀନତା ଓ ଅହିଂସା ଭାରତ ସଂକ୍ରାନ୍ତ ତାଙ୍କର ମୌଳିକ ଚିନ୍ତାଧାରା ସ୍ଥାନ ପାଇଲା।

୧୯୦୯-୧୦ ମଧ୍ୟରେ ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟଙ୍କ ସହ ଗାନ୍ଧିଜୀଙ୍କର ଐତିହାସିକ ପତ୍ର ବିନିମୟ ପର୍ବ ଆରମ୍ଭ ହୋଇଥିଲା। ୨୦୧୦ରେ ସେ ନିଜର ଦ୍ୱିତୀୟ ଆଶ୍ରମ 'ଟଲଷ୍ଟୟ ଫାର୍ମ' ସତ୍ୟାଗ୍ରହୀ ପରିବାରଙ୍କ ନିମନ୍ତେ ପ୍ରତିଷ୍ଠା କଲେ। ଆଶ୍ରମବାସୀଙ୍କ ସହ ତାଙ୍କର ଗଭୀର ସଂପୃକ୍ତି ସେଠାକାର ପିଲାମାନଙ୍କ ପାଠପଢ଼ା ଘଟଣାରୁ ଜଣାପଡ଼େ। ସେ ଆଶ୍ରମର ସବୁ ପିଲାଙ୍କ ପାଇଁ ଶିକ୍ଷାଲାଭ ବ୍ୟବସ୍ଥା ନିଶ୍ଚିତ କରିଥିଲେ। ସେ ଲେଖିଛନ୍ତି, "ମୁଁ ଦେଖିଲି ଆଶ୍ରମରେ ମୋ ସହିତ ରହୁଥିବା ପୁଅଝିଅମାନଙ୍କ ପାଇଁ ମୋତେ ଏକ ଶାଶ୍ୱତ ପ୍ରେରଣା ଓ ଉଦାହରଣ ହେବାକୁ ପଡ଼ିବ। ତେଣୁ ସେମାନେ ମୋର ଶିକ୍ଷକ ପାଲଟିଗଲେ। 'ଟଲଷ୍ଟୟ ଫାର୍ମ'ରେ ମୁଁ ମୋ ଉପରେ ଯେଉଁ ଅଧିକ ସଂଯମ ଓ ଶୃଂଖଳା ଲାଗୁ କଲି ତାହା କେବଳ ମୋର ସେଇ ପିଲାମାନଙ୍କ ପାଇଁ।"

୧୯୧୫ରେ ଗାନ୍ଧିଜୀ ଭାରତକୁ ଫେରିବା ପରେ ସେ ସ୍ୱାଭାବିକ ଭାବେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନେତା ଭାବେ ମାନ୍ୟ ହୋଇସାରିଥିଲେ। ଏକ ସାମ୍ୟବାଦୀ, ସୁସଂଗତ ଓ ନ୍ୟାୟୋଚିତ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରି ଦେଶକୁ ବଦଳାଇବାରେ ଗାନ୍ଧୀଙ୍କ ନେତୃତ୍ୱ ଉପରେ ସମସ୍ତେ ଆସ୍ଥା ସ୍ଥାପନ କରିଥିଲେ। ଦେଶକୁ ଯଥୋଚିତ ନେତୃତ୍ୱ ଦେଇ ସେ ସ୍ୱାଧୀନତା ଆଣିଲେ ଏବଂ ଲୋକେ ତାଙ୍କୁ 'ମହାତ୍ମା' ବୋଲି ସମ୍ବୋଧନ କଲେ। ଶେଷରେ ମହାତ୍ମାରୁ ଗାନ୍ଧିଜୀ ହେଲେ ଜାତିର ଜନକ। ପୋଷାକ ପରିଚ୍ଛଦ, ଖାଦ୍ୟପେୟ ଓ ଜୀବନଚର୍ଯ୍ୟାରେ ଗାନ୍ଧିଜୀ ଅତି ସରଳ ଥିଲେ। ସେ ପଦଯାତ୍ରାରେ ଦେଶ ଭ୍ରମଣ କରୁଥିଲେ ଏବଂ ବ୍ୟକ୍ତିଗତ ଓ ସାଧାରଣ ଜୀବନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସାଧୁତା ଅବଲମ୍ବନ କରୁଥିଲେ। ଏସବୁ ଯୋଗୁ ସେ ଲୋକଙ୍କ ସହ ସହଜରେ ମିଶିପାରୁଥିଲେ ଏବଂ ତାଙ୍କ ନିଜର ସନ୍ଦେଶ ସେମାନଙ୍କୁ ଠିକଣା ଭାବେ ଦେଇପାରୁଥିଲେ। ଏହା ଥିଲା ଏକ ଚମତ୍କାର ଜନସଂଚାର। ସେଥିପାଇଁ ସେ ଜାତୀୟ ପ୍ରବକ୍ତା ଓ ଗଣଯୋଗାଯୋଗକାରୀ ପାଲଟିଗଲେ। ଗୋଟିଏ ଉଦାହରଣ ଉଲ୍ଲେଖଯୋଗ୍ୟ। ୧୯୨୧ରେ ଗାନ୍ଧିଜୀ ମଦୁରାଇ ଯାଇଥିଲେ। ସେଠାରେ ସେ ଦେଖିଲେ ଅଧିକାଂଶ ଶ୍ରମିକ ଓ କୃଷକ କେବଳ ଗାମୁଛା ଆକାରର ଖଣ୍ଡିଏ ଖଣ୍ଡିଏ ଛୋଟ ବସ୍ତ୍ର ପିନ୍ଧିଛନ୍ତି। ଏହା ଦେଖିବା ପରେ ସେ ନିଜର ବସ୍ତ୍ର ଆକାର କମାଇଦେଲେ ଏବଂ ଆଣ୍ଠୁଲୁଚା ଲୁଗା ଖଣ୍ଡିଏ ପିନ୍ଧିଲେ। ଭାରତୀୟ ଗରିବମାନଙ୍କ ସହ ଏକୀଭୂତ ଓ ଚିହ୍ନିତ ହେବା ପାଇଁ ସେ ଏଭଳି ଲୁଗା ପିନ୍ଧିଥିଲେ।

ଗାନ୍ଧିଜୀଙ୍କ କଥାବାର୍ତ୍ତା, ସର୍ବସାଧାରଣରେ କହିବାର ଶୈଳୀ, ସେ ଧରୁଥିବା ଠେଙ୍ଗା ଓ ତାଙ୍କର ହାସ୍ୟରସ ସବୁଥିରେ ଗଭୀର ଅର୍ଥ ଥିଲା। ଏକ ସମ୍ମାନାସ୍ପଦ ବ୍ୟକ୍ତିତ୍ୱ ଯାହାଙ୍କ ପାଖରେ ସମସ୍ତେ ଅକ୍ଲେଶରେ ପହଞ୍ଚି ପାରୁଥିଲେ। ସତ୍ୟ, ନ୍ୟାୟ ଓ ସାମାଜିକ କଲ୍ୟାଣ ପାଇଁ ତାଙ୍କ ଅବିଶ୍ରାନ୍ତ ପ୍ରୟାସରୁ ଏସବୁ ପ୍ରତୀକର ଉଦ୍ଭବ ହୋଇଥିଲା। ଫଳରେ ଏହା ଏକ ଗଣଯୋଗାଯୋଗର ମାଧ୍ୟମ ପାଲଟିଥିଲା। ତେଣୁ ସେ ଥିଲେ ସଫଳ ସଂଯୋଜକ ଓ ସାମ୍ବାଦିକ।

ଭାରତରେ ସେ ପ୍ରଥମେ ଚମ୍ପାରଣ ଓ ତା'ପରେ ବର୍ଦୋଲିରେ ଚାଷୀଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। ଏହାପରେ ସେ ଅହମଦାବାଦର ଶିଳ୍ପ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସତ୍ୟାଗ୍ରହ କରିଥିଲେ। ଏହାର ଅଳ୍ପଦିନ ପରେ ତାଙ୍କୁ ୧୯୧୯ରେ ରାଓଲାଟ ବିଲ୍ ବିରୋଧୀ ଆନ୍ଦୋଳନ ଏବଂ ୧୯୨୦-୨୨ରେ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେବାକୁ ପଡ଼ିଲା। ସେଠାରେ ମଧ୍ୟ ଗାନ୍ଧିଜୀ ସତ୍ୟାଗ୍ରହର ପନ୍ଥା ଅବଲମ୍ବନ କରିଥିଲେ। ତାଙ୍କୁ ଗିରଫ କରାଗଲା ଓ ଏକ ଐତିହାସିକ ବିଚାରର ସାମ୍ନା କରିବାକୁ ପଡ଼ିଲା। ଗାନ୍ଧିଜୀ ଏହି ମାମଲାରେ ସ୍ୱେଚ୍ଛାକୃତ ଭାବେ ଛ'ବର୍ଷ କାରାଦଣ୍ଡ ଭୋଗିବାକୁ ଆଗ୍ରହ ପ୍ରକାଶ କରିଥିଲେ; କିନ୍ତୁ ୧୯୨୪ରେ ତାଙ୍କୁ କାରାମୁକ୍ତ କରାଯାଇଥିଲା। ତା'ପରଠାରୁ ୧୯୪୭ ଯାଏ ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ ଏବଂ ଦେଶକୁ ସ୍ୱାଧୀନତା ଦେଇଥିଲେ। ସ୍ୱାଧୀନତା ପାଇଁ ସଂଗ୍ରାମ କରିବା ସହ ଗାନ୍ଧିଜୀ ସାମାଜିକ କୁସଂସ୍କାର ଓ ଅନୀତିର ବିଲୋପ, ଅସ୍ପୃଶ୍ୟତା ଦୂରୀକରଣ, ମହିଳା ସଶକ୍ତୀକରଣ, ଦାରିଦ୍ର୍ୟ ଦୂରୀକରଣ, ଗ୍ରାମାଞ୍ଚଳର ବିକାଶ, ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ପାଇଁ ଲଢ଼େଇ ଜାରି ରଖିଥିଲେ। ସଂଭ୍ରାନ୍ତ-ଗାଉଁଲି, ଧନୀ-ଦରିଦ୍ର, ଶିକ୍ଷିତ-ଅଶିକ୍ଷିତ, ସ୍ତ୍ରୀପୁରୁଷ, ଜାତିଧର୍ମ, ସଂପ୍ରଦାୟ ଓ ଅଞ୍ଚଳ ନିର୍ବିଶେଷରେ ସମସ୍ତେ ତାଙ୍କ କଥାରେ ଉଦ୍‌ବୁଦ୍ଧ ହୋଇ ତାଙ୍କର ଅନୁଗାମୀ ହେଲେ।

ଗାନ୍ଧିଜୀ 'ବ୍ୟକ୍ତି'କୁ ତାଙ୍କ ବିଚାରରେ ସର୍ବୋଚ୍ଚ ସ୍ଥାନ ଦେଇଥିଲେ ଏବଂ ବ୍ୟକ୍ତିତ୍ୱର ବିକାଶ ଉପରେ ଗୁରୁତ୍ୱ ଦେଉଥିଲେ। ସମସ୍ତଙ୍କ ଭଲରେ ବ୍ୟକ୍ତିର ମଙ୍ଗଳ ହୋଇଥାଏ ବୋଲି ସେ ବିଚାରୁଥିଲେ। ତାଙ୍କ ବାର୍ତ୍ତା ଓ ବିଚାର ସହଜରେ ଲୋକଙ୍କୁ ପ୍ରଭାବିତ କରିପାରୁଥିଲା। ସ୍ୱରାଜ, ସ୍ୱଦେଶୀ ଓ ସର୍ବୋଦୟ ଭଳି ଯେଉଁ ସବୁ ଶବ୍ଦର ବ୍ୟବହାର କରୁଥିଲେ; ସେସବୁର

ଅର୍ଥ ଲୋକଙ୍କୁ ସେ ବୁଝାଇ ଏହାର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏସବୁ ତତ୍କାଳୀନ ସାମାଜିକ ଓ ନୈତିକ ଲକ୍ଷ୍ୟ ପୂରଣ ପାଇଁ ଅଭିପ୍ରେତ ଥିଲା।

ସ୍ୱରାଜ ବିଚାର ଦୁଇଟି ଲକ୍ଷ୍ୟ ସହିତ ସଂପୃକ୍ତ ଥିଲା। ପ୍ରଥମଟି ହେଲା ସ୍ୱଶାସନ ବା ହୋମରୁଲ୍ ଏବଂ ଦ୍ୱିତୀୟଟି ହେଲା ଆତ୍ମଶାସନ। ଅନ୍ୟ ଅର୍ଥରେ ପ୍ରତ୍ୟେକ ଭାରତୀୟ ଆତ୍ମଶାସିତ ହୋଇ ନିଜ ଦେଶର ଶାସନ ନିଜେ କରିବା। ସେଇଭଳି 'ମୁକ୍ତି' ବା ସ୍ୱାଧୀନତା ତାଙ୍କ ବିଚାରରେ କେବଳ ରାଜନୈତିକ ସ୍ୱାଧୀନତାରେ ସୀମିତ ନ ଥିଲା। ଭାରତ ସାମାଜିକ, ଆର୍ଥିକ ଓ ନୈତିକ କ୍ଷେତ୍ରରେ ସ୍ୱାଧୀନ ହେଉ ଏହା ସେ ଚାହୁଁଥିଲେ। ଗାନ୍ଧିଜୀଙ୍କ ପାଇଁ ଜୀବନ ଥିଲା ସତ୍ୟାନୁସରଣ ଓ ସତ୍ୟର ପ୍ରୟୋଗର ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ପ୍ରତ୍ୟେକ ବ୍ୟକ୍ତିର ନିଜର ଆପାତତଃ ସତ୍ୟାନୁରାଗର ଅଧିକାର କଥା ମଧ୍ୟ ସେ କହୁଥିଲେ। ତେଣୁ ସବୁ ବିବାଦର ସମାଧାନ କ୍ଷେତ୍ରରେ ଆଲୋଚନା, ବୁଝାମଣାକୁ ସେ ଗୁରୁତ୍ୱ ଦେଉଥିଲେ ଏବଂ ଅନ୍ୟାୟ, ଅନୀତିର ବିରୋଧ କରିବାକୁ ଅହିଂସାତ୍ମକ ପ୍ରତିରୋଧ କରିବାକୁ କହୁଥିଲେ।



*ନୂଆଦିଲ୍ଲୀସ୍ଥିତ ପ୍ରସାରଣ ଭବନରେ ମହାତ୍ମା ଗାନ୍ଧୀ (ନଭେମ୍ବର ୧୨, ୧୯୪୭) ରେଡିଓ ମାଧ୍ୟମରେ ଏକମାତ୍ର ସମ୍ବୋଧନ*

ଗାନ୍ଧିଜୀ ଜଣେ ଚମତ୍କାର ଲେଖକ ଥିଲେ। ତାଙ୍କ ଲେଖା ସଂକ୍ଷିପ୍ତ, ସରଳ, ସିଧା ଏବଂ ଗଭୀର ଅର୍ଥପୂର୍ଣ୍ଣ ଥିଲା। ଏହାକୁ ପାଠକ ସହଜରେ ବୁଝିପାରୁଥିଲେ। ନିଜର ଲେଖା ସମ୍ପର୍କରେ ସେ କହିଛନ୍ତି, "ନିଜକୁ ତିର୍ଜକ ଭାବେ ଦେଖିବା ଓ ନିଜର ଦୁର୍ବଳତାକୁ ଖୋଜି ବାହାର କରିବା ପାଇଁ ମୁଁ ଲେଖୁଥିଲି ଓ ଏଥିରୁ ମତେ ଲାଭ ମିଳୁଥିଲା।" ଏପିଜେ ଅବଦୁଲ କାଲାମ ଗାନ୍ଧିଜୀଙ୍କୁ ଜଣେ ସର୍ବକାଳୀନ ଶ୍ରେଷ୍ଠ ସାମ୍ବାଦିକ ଭାବେ ବିଚାର କରନ୍ତି। ଲଣ୍ଡନରେ ଛାତ୍ରଥିବାବେଳେ ଗାନ୍ଧିଜୀ "ଦ ଭେଜିଟାରିଆନ୍'ରେ ପ୍ରଥମେ ଲେଖିବା ଆରମ୍ଭ କରିଥିଲେ। ୧୯୦୩ରୁ ସେ ନିୟମିତ ଭାବେ ଗୁଜରାଟି, ଇଂରାଜୀ ଓ ହିନ୍ଦିରେ ଲେଖାଲେଖି ଆରମ୍ଭ କଲେ। ସେହି କାଳରେ ସେ ଦକ୍ଷିଣ ଆଫ୍ରିକାରେ ସାପ୍ତାହିକ ସମ୍ବାଦପତ୍ର "ଇଣ୍ଡିଆନ ଓପିନିୟନ" ଏବଂ ଭାରତରେ 'ନବଜୀବନ', 'ୟଙ୍ଗଇଣ୍ଡିଆ' ଓ 'ହରିଜନ' ପତ୍ରିକାର ସମ୍ପାଦନା କରୁଥିଲେ। ସେବା ସାମ୍ବାଦିକତାର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ସେ ଦୃଢ଼ତାର ସହ କହୁଥିଲେ। ତାଙ୍କ ମତରେ ଲୋକଙ୍କ ଭାବନାକୁ ବୁଝିବା ଏବଂ ତାକୁ ପ୍ରକାଶ କରିବା ସମ୍ବାଦପତ୍ରର ଏକ ପ୍ରମୁଖ ଲକ୍ଷ୍ୟ ହେବା ଉଚିତ। ଏହାଛଡ଼ା ଲୋକଙ୍କ ମଧ୍ୟରେ ଭଲ ବିଚାର ଓ ଭାବନା ସୃଷ୍ଟି ତଥା ଶାସନ ଏବଂ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ନିର୍ଭିକ ଭାବେ ଲୋକଲୋଚନକୁ ଖବରକାଗଜମାନେ ଆଣିବା ଜରୁରୀ।

ଗାନ୍ଧି ରଚନାବଳୀ ୧୦୦ଖଣ୍ଡରେ ପ୍ରକାଶିତ ଏବଂ ଏଥିରେ ସର୍ବମୋଟ୍ ୫୦୦ ପୃଷ୍ଠା ରହିଛି। ଏଥିରେ ତାଙ୍କର ବିଚାର ଓ ଲେଖାମାନ ସ୍ଥାନ ପାଇଛି। ଏଥିରେ ମଣିଷର ସମସ୍ୟା, ଶାସକ-ଶାସିତଙ୍କ ଦାୟିତ୍ୱ ଓ ଆହୁରି ଅନେକ ଉପାଦେୟ ତଥ୍ୟ ରହିଛି ଯାହା ଏକ ଜ୍ଞାନର ଭଣ୍ଡାର। ଗାନ୍ଧି ରଚନାବଳୀ ବେଶ୍ ଲୋକପ୍ରିୟ। ଗାନ୍ଧିଜୀ ଅତି ସାଧାରଣ ମଣିଷ ସହ ସମ୍ପର୍କ ରଖୁଥିଲେ ଏବଂ ବିଭିନ୍ନ ସମୟରେ ସେମାନଙ୍କୁ ଚିଠି ଲେଖୁଥିଲେ। ତେଣୁ ତାଙ୍କର ସାଥି ଅନୁଗାମୀଙ୍କ ପରିସର ବ୍ୟାପକ ଥିଲା। 'ହିନ୍ଦ୍ ସ୍ୱରାଜ', ଆତ୍ମଜୀବନୀ 'ସତ୍ୟର ପ୍ରୟୋଗ', 'ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ', 'ସ୍ୱାସ୍ଥ୍ୟରକ୍ଷା ନିୟମ' ଏବଂ ଭଗବତ ଗୀତା ଉପରେ ଲିଖିତ ପୁସ୍ତକ ଖଣ୍ଡିଏ ଖଣ୍ଡିଏ ଅମୂଲ୍ୟ ବହି। ଏହାଛଡ଼ା ସେ ଅନେକ କ୍ଷୁଦ୍ର ପୁସ୍ତିକା, ପାମ୍ପଲେଟ୍ ଆଶ୍ରମ ଜୀବନ ତଥା ରଚନାତ୍ମକ କାର୍ଯ୍ୟକ୍ରମ ଉପରେ ଲେଖିଛନ୍ତି।

ମନେ ରଖିବା ଉଚିତ ଯେ ଗାନ୍ଧିଜୀଙ୍କ ସମୟରେ ଗଣମାଧ୍ୟମର ପ୍ରସାର ଖୁବ୍ ସୀମିତ ଥିଲା। ଗମନାଗମନର ସୁବିଧା ନ ଥିବାବେଳେ ଅଧିକାଂଶ ଲୋକ ନିରକ୍ଷର ଥିଲେ। ଏହା ସତ୍ତ୍ୱେ ନିଃସ୍ୱାର୍ଥପର ସେବା ଓ ସମ୍ପୂର୍ଣ୍ଣ ଅଙ୍ଗୀକାରର ଏକ ଜୀବନ ତାଙ୍କୁ ଲୋକଙ୍କ ନିକଟବର୍ତ୍ତୀ କରିଥିଲା। ତାଙ୍କ ବିଚାର, ଭାଷା ଓ କାମରେ ପ୍ରଭାବିତ, ଅନୁପ୍ରାଣିତ ହୋଇ ଲୋକେ ତାଙ୍କ ପ୍ରତି ଆକର୍ଷିତ ହେଉଥିଲେ। ଗାନ୍ଧିଜୀଙ୍କ ମତରେ, "ଚରିତ୍ର ନିର୍ମାଣରେ ସହାୟକ ହେଉ ନ ଥିବା ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ। ଯେଉଁ ଧର୍ମ ଚରିତ୍ର

ନିର୍ଦ୍ଧାରଣ କରି ନ'ପାରେ ତାହା ପ୍ରକୃତ ଧର୍ମ ନୁହେଁ। ତେଣୁ ଶିକ୍ଷାରେ ମଣିଷର ସମଗ୍ର ଜୀବନ ନିର୍ମାଣର ଲକ୍ଷ୍ୟ ଗୁରୁତ୍ୱ ପାଇବା ଆବଶ୍ୟକ।"

ଦରିଦ୍ର, ଦୁର୍ବଳ, ଶୋଷିତ, ବଞ୍ଚିତ ଏବଂ ଅଭାବୀଙ୍କ ପ୍ରତି ଗାନ୍ଧିଜୀଙ୍କର ସ୍ୱାଭାବିକ ଦୁର୍ବଳତା ଥିଲା। ସେ ସେମାନଙ୍କର ମୌଳିକ ମାନବିକ ଅଧିକାର ପାଇଁ ଲଢ଼ିଥିଲେ। କୌଣସି ଛଳନା ଓ ରୁଢ଼ିବାଦୀ ବିଚାର ନ ରଖି ସେ ନିରନ୍ତର ଜଣେ ଗଣସଂଚାରକ, ସଂଯୋଜକ ଭାବେ କାର୍ଯ୍ୟ କରିଥିଲେ। ସେ ଲେଖିଛନ୍ତି, "ସତ୍ୟର ପ୍ରୟୋଗ ସମୟରେ ମୁଁ ଅନେକ ବିଚାର ପରିହାର କରିଛି ଓ ଅନେକ ନୂଆ କଥା ଶିଖିଛି। ଆତ୍ମବିକାଶ ଓ ଆତ୍ମବୃଦ୍ଧି ବିଚାରକୁ ଛାଡ଼ି ବାହ୍ୟ ବିକାଶ ଉପରେ ଧ୍ୟାନ ଦେଇଛି।"

ପ୍ରାର୍ଥନା, ମୌନ, ନିରବତା ଓ ଉପବାସ ଭଳି କେତେ ସରଳ କାର୍ଯ୍ୟ ମାଧ୍ୟମରେ ସେ ଲୋକଙ୍କ ନିକଟକୁ ତାଙ୍କର ବାର୍ତ୍ତା ପଠାଇବାରେ ସଫଳ ହୋଇଛନ୍ତି। ଏହା ତାଙ୍କୁ ବିପୁଳ ଲୋକପ୍ରିୟତା ଦେଇଛି। ଗାନ୍ଧୀ କହୁଥିଲେ, "ଶରୀର ପାଇଁ ଖାଦ୍ୟ ଯେପରି ଜରୁରୀ ଆତ୍ମା ପାଇଁ ପ୍ରାର୍ଥନାର ସେଭଳି ଆବଶ୍ୟକତା ରହିଛି। ଜଣେ ସତ୍ୟାନୁରାଗୀକୁ ନିରବତା ରକ୍ଷା କରିବାକୁ ପଡ଼ିବ। ମୌନ ଓ ନିରବତାର ଆଶ୍ଚର୍ଯ୍ୟଜନକ ଉପକାରିତା ମୁଁ ଅନୁଭବ କରିଛି।" ପ୍ରତି ସୋମବାର ଗାନ୍ଧିଜୀ ମୌନବ୍ରତ ପାଳନ କରୁଥିଲେ। ଏହି ମୌନବ୍ରତ ମଧ୍ୟ ଏକ ଗଣଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଥିଲା। "ଜନଗଣ କେବଳ ହୃଦୟର ଭାଷା ବୁଝନ୍ତି। ତେଣୁ ଉପବାସ ଯେତେବେଳେ ପ୍ରକୃତ ନିଃସ୍ୱାର୍ଥପର ଭାବେ ପାଳନ କରାଯାଏ ତାହା ହୃଦୟର ଭାଷା ପାଲଟିଯାଏ।"

ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟ କ୍ରମଗୁଡ଼ିକ ମଧ୍ୟ ଗଣସଂଚାରର ଆଦର୍ଶ ମାଧ୍ୟମରେ ପରିଣତ ହୋଇଥିଲା। ଖଦୀ ଓ ଚରଖାକୁ ସେ ଲୋକପ୍ରିୟ କରିବା ସହ ଏହାକୁ ଆର୍ଥିକ ଓ ରାଜନୈତିକ ସ୍ୱାଧୀନତାର ଆୟୁଧ କରିପାରିଥିଲେ। ଖଦୀ, ଚରଖା ସ୍ୱଦେଶୀ ଚେତନା ଜାଗ୍ରତ କରିବା ସହ ଭାରତୀୟଙ୍କ ଆତ୍ମନିର୍ଭରଶୀଳତା ଓ ଆତ୍ମ-ସମ୍ମାନର ପ୍ରତୀକ ପାଲଟିଥିଲା। ତାଙ୍କ ଖଦୀ ବିଚାର ଉତ୍ପାଦନ ତଥା ମୌଳିକ ଆବଶ୍ୟକତାର ଆବଣ୍ଟନକୁ ବିକେନ୍ଦ୍ରୀକରଣ କରିବା ସହ ଜନଗଣଙ୍କୁ ଜୀବିକା ଯୋଗାଇବାରେ ସହାୟକ ହୋଇଥିଲା। ଏଥିରୁ ଜଣାପଡ଼େ ଯେ ଗାନ୍ଧିଜୀ ଜଣେ ଅତ୍ୟାଗ୍ରହୀ ପର୍ଯ୍ୟବେକ୍ଷକ ଓ ଚିନ୍ତକ ଥିଲେ; ଯାହା ସାର୍ବଜନୀନ ଗଣ ସଂଯୋଜକ ଓ ସାମ୍ବାଦିକର ଏକ ଲକ୍ଷଣ। ଗାନ୍ଧୀ ଟୋପିର ଲୋକପ୍ରିୟତା ବୃଦ୍ଧି ଏହି ପ୍ରସଙ୍ଗରେ ଏକ ସଂଯୋଗଜନିତ ଉଦାହରଣ।

ଗାନ୍ଧିଜୀଙ୍କ କଥା ଓ କାମରେ ହିଁ ସତ୍ୟର ଅନୁସରଣ ଏବଂ ପ୍ରୟୋଗ ନିହିତ। ସେ କେବଳ ନିଜର ଅନୁଗାମୀ ନୁହଁନ୍ତି, ବିରୋଧୀଙ୍କ ମଧ୍ୟରେ ମଧ୍ୟ ବିଶ୍ୱାସ ସୃଷ୍ଟି କରିପାରିଥିଲେ। ତାଙ୍କ ଆଶ୍ରମରୁ ମୁକ୍ତିସଂଗ୍ରାମ ଓ ସମାଜସେବା ପାଇଁ ତାଲିମପ୍ରାପ୍ତ କର୍ମୀ ବାହାରୁଥିଲେ। ଏସବୁ ଆଶ୍ରମ ଥିଲା ସ୍ୱେଚ୍ଛାସେବୀ ନିର୍ମାଣ କେନ୍ଦ୍ର। ଗାନ୍ଧିଜୀ ଜଣେ ସ୍ୱୟଂସମ୍ପୂର୍ଣ୍ଣ ନେତା ଥିଲେ। ତାଙ୍କର ଆଦର୍ଶ, ବିଚାର ଓ ବହୁମୁଖୀ ନେତୃତ୍ୱରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ପ୍ରେରଣା ପାଇଛନ୍ତି। ସେ ଥିଲେ ସର୍ବମାନ୍ୟ ଯୋଜନାକାର, ସଂଗଠକ ଓ ଉଦ୍ୟୋକ୍ତା। ଲବଣ ସତ୍ୟାଗ୍ରହରୁ ଏହାର ପ୍ରମାଣ ମିଳେ। ସାରା ଦେଶ ଲୁଣ ମାରିବାର ଅଧିକାର ଦାବିରେ ତାଙ୍କ ନେତୃତ୍ୱରେ ଏକ ହୋଇ ବ୍ରିଟିଶ ଶାସନ ବିରୋଧରେ ଲଢ଼ିଥିଲା। ଲବଣ ସତ୍ୟାଗ୍ରହ ଥିଲା କ୍ଷମତା ଓ ଶକ୍ତି ବିରୋଧରେ ଅଧିକାରର ଏକ ଲଢ଼େଇ। ଏହାଠାରୁ ଭାରତର ପୂର୍ଣ୍ଣ ସ୍ୱରାଜ ପ୍ରାପ୍ତି ପର୍ଯ୍ୟନ୍ତ ଯେତେ ଆନ୍ଦୋଳନ ଓ ଲଢ଼େଇ ହୋଇଥିଲା ସେସବୁଥିରେ ଗାନ୍ଧିଜୀ ଥିଲେ ଅଗ୍ରମାନ୍ୟ ନେତା ଓ ଦିଗ୍‌ଦ୍ରଷ୍ଟା।

ଗାନ୍ଧିଜୀ ଏଇଭଳି ଭାବେ ଗଣଙ୍କ ପାଖରେ ପହଞ୍ଚୁଥିଲେ। ସେଥିରେ ଧନୀ ଦରିଦ୍ର, ଶତ୍ରୁମିତ୍ର ଓ ଉଚ୍ଚନୀଚର ବିଚାର ନ ଥିଲା। ସେ ମାନବ ଇତିହାସର ସବୁଠୁ ସଫଳ ସଂଚାରକ ଥିଲେ। ସେ କହୁଥିଲେ, "ମୋ ଜୀବନ ଏକ ଆଭିବାଜ୍ୟ ଏକକ। ମୋର ସମଗ୍ର କାର୍ଯ୍ୟକ୍ରମ ମଣିଷ ଜାତି ପାଇଁ ଥିବା ମୋର ଅତୃପ୍ତ ପ୍ରେମ ଓ ଭଲ ପାଇବାରୁ ଆରମ୍ଭ ହୋଇଛି। ମୋ ଜୀବନ ଏକ ଖୋଲା ପୁସ୍ତକ। ମୋର କୌଣସି ଗୁପ୍ତ କାର୍ଯ୍ୟସୂଚୀ, ଭାବନା ବା ଚିନ୍ତା ନାହିଁ। ଆପଣ ଯେକୌଣସି ପ୍ରଶ୍ନ ପଚାରିବାକୁ ଚାହାନ୍ତି ତାହା ମୋତେ ପଚାରି ପାରିବେ।" ଅତଏବ ତାଙ୍କ ଜୀବନ ସ୍ୱୟଂ ଏକ ସନ୍ଦେଶ।

ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ୧୯୪୪ରେ ଗାନ୍ଧିଜୀଙ୍କ ୭୫ତମ ଜୟନ୍ତୀରେ କହିଥିଲେ, "ନିଜ ଲୋକଙ୍କର ଜଣେ ନେତା, ବାହ୍ୟ କର୍ତ୍ତୃପକ୍ଷଙ୍କ ବିନା ସହାୟତାରେ, ନିଜର ବୁଦ୍ଧି ବିବେକ, ବିଚାର ଓ ସଂଭ୍ରମ ବଳରେ ଲୋକଙ୍କ ବିକାଶ ପାଇଁ ନିଜର ସମସ୍ତ ଶକ୍ତି ଖଟାଇ ନିଜକୁ ଉତ୍ସର୍ଗ କରିଥିଲେ। .... ଏଇ ଧରାପୃଷ୍ଠରେ ରକ୍ତମାଂସଧାରୀ ଏଭଳି ଜଣେ ବ୍ୟକ୍ତି ଜନ୍ମ ନେଇଥିଲେ ବୋଲି ଆଗାମୀ ବଂଶଧର କ୍ୱଚିତ ବିଶ୍ୱାସ କରିବେ।"

୨୦୦୭ରେ ମିଳିତ ଜାତିସଂଘ ସର୍ବସମ୍ମତିକ୍ରମେ ଏକ ନିଷ୍ପତ୍ତି ନେଇ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିବସ ଅକ୍ଟୋବର ୨କୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ଏକ ପ୍ରସ୍ତାବ ଗ୍ରହଣ କରିଥିଲା। ଏହା ପ୍ରମାଣିତ କରୁଛି ଯେ ଜଣେ ଅନୁପମ ଗଣସଂଯୋଜକ ଭାବେ ଗାନ୍ଧିଜୀ ସର୍ବମାନ୍ୟ ଓ ସର୍ବସ୍ୱୀକୃତ। ଗାନ୍ଧିଜୀଙ୍କ ଆକର୍ଷଣ ଓ ପ୍ରତିଭା ଚିରକାଳ ପର୍ଯ୍ୟନ୍ତ ଅମ୍ଳାନ ରହିବ।

**ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଜାତୀୟ ଗାନ୍ଧୀ ସଂଗ୍ରହାଳୟର ପୂର୍ବତନ ନିର୍ଦ୍ଦେଶକ**

**Email ID: ypanandindia@yahoo.co.in**


# ଅନ୍ୟ ଦୁଃଖରେ ଦୁଖୀ

ଡକ୍ଟର ଜନ୍ ଚେଲ୍ଲାଦୁରାଇ

ଗାନ୍ଧିଜୀଙ୍କ ଶାନ୍ତି ବିଚାରଧାରା ତାଙ୍କ ଜୀବନଚର୍ଯ୍ୟାରୁ ବୁଝିହେବ। ସତ୍ୟର ମୌଳିକ ନୀତିକୁ ଆଧାରକରି ସେ ଜୀବନ ଜୀଇଁଛନ୍ତି। ଶାନ୍ତି ହେଉଛି ତାଙ୍କ ଜୀବନର କେନ୍ଦ୍ରବିନ୍ଦୁ ଏବଂ ସେ ଏହାକୁ ଅଂହିସା ମାଧ୍ୟମରେ ଆଗକୁ ବଢାଇବା ଲାଗି ପ୍ରବର୍ତ୍ତାଇଛନ୍ତି। ତାଙ୍କ ମତରେ ଶାନ୍ତି ଓ ଅଂହିସା ଏକ ଆରେକୁ ମାର୍ଗଦର୍ଶନ କରିଥାଏ। ବ୍ୟକ୍ତିକୁ ଏକ ଦୀର୍ଘସ୍ଥାୟୀ ଅନୁଭବ ପ୍ରଦାନ କରିଥାଏ।

**ସତ୍ୟ**

ଗାନ୍ଧିଜୀଙ୍କ ଲାଗି ସତ୍ୟ ହେଉଛି ଜୀବନର ମୂଳପିଣ୍ଡ। ଜୀବନରେ ସତ୍ୟାନୁସରଣ କରିବାକୁ ପଡିବ। ସତ୍ୟପଥରେ ଚାଲିଲେ ହିଁ ଶାନ୍ତି ମିଳିପାରିବ। ସତ୍ୟ ହେଉଛନ୍ତି ଈଶ୍ୱର। ଗାନ୍ଧୀଜୀ ଏହାକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି, ଏକ ଅପରିବର୍ତ୍ତନୀୟ ନିୟମ ସମସ୍ତଙ୍କୁ ଚଳାଉଛି। ପ୍ରତ୍ୟେକ ଏହି ନିୟମରେ ବନ୍ଧା ଓ ଏଥିଯୋଗୁଁ ତିଷ୍ଠିଛନ୍ତି ତଥା ବଞ୍ଚିଛନ୍ତି। ଏହା ଏକ ଅନ୍ଧ ନିୟମ ନୁହେଁ; କାରଣ ଜଣେ ବ୍ୟକ୍ତିକୁ କୌଣସି ଅନ୍ଧ ନିୟମ ସଠିକ୍ ରାସ୍ତାରେ ନେଇ ନପାରେ । ଏପରିକି ଉତ୍ତମ ଚରିତ୍ର ଗଠନ କରିପାରିବନି। ପ୍ରଖ୍ୟାତ ବିଜ୍ଞାନୀ ସାର ଜଗଦୀଶ ଚନ୍ଦ୍ର ବୋଷ ପଦାର୍ଥରେ ବି ଜୀବନ ରହିଥିବା ପୃଥିବୀବାସୀଙ୍କୁ ଜଣାଇଛନ୍ତି। ତେବେ ଏହି ଜୀବନକୁ ପରିଚାଳନା କରୁଥିବା ନିୟମ ହିଁ ଭଗବାନ ବୋଲି ଗାନ୍ଧୀ କହିଛନ୍ତି। ତେଣୁ ନିୟମ ହେଉଛି ସତ୍ୟ ଏବଂ ସାର୍ବଭୌମ ତଥା ଚିରନ୍ତନ। ତାଙ୍କ ଲାଗି ସତ୍ୟ ହିଁ ଈଶ୍ୱର। ତାହା ହିଁ ଅନ୍ତିମ ଏବଂ ଜୀବନର ଲକ୍ଷ୍ୟ। ସେ ବୁଝିଥିଲେ 'ଟ୍ରୁଥ୍'



ଯାହାକି ସଂସ୍କୃତ ଶବ୍ଦ 'ସତ୍ୟ'ରୁ ଆତ୍ମପ୍ରକାଶ କରିଛି। ଏହାର ମୂଳ ଶବ୍ଦଟି ହେଉଛି 'ସତ୍'। ସତ୍‌ର ଅର୍ଥ- 'ଯାହାର ଅସ୍ତିତ୍ୱ ରହିଛି।' ଯାହାର ଅସ୍ତିତ୍ୱ ଅଛି ତାହା ବାସ୍ତବ ଓ ସତ୍ୟ ବୋଲି ଗାନ୍ଧିଜୀ କହିଛନ୍ତି।

**ଜୀବନ**

ଗାନ୍ଧୀଙ୍କ ମତରେ "ଏହି ସତ୍ୟ ହେଉଛି ପୂର୍ଣ୍ଣତଃ ମଙ୍ଗଳମୟ।" "ମୃତ୍ୟୁର ମଝିରେ ମୁଁ ଜୀବନ ଦେଖିପାରୁଛି, ଅନ୍ଧକାର ଭିତରେ ଆଲୋକ ରହିଛି। ତେଣୁ ମୁଁ କହିପାରେ ଈଶ୍ୱର(ସତ୍ୟ) ହିଁ ଜୀବନ।" ଅତଏବ ଅନୁଭବଜନିତ ଅର୍ଥରେ କହିଲେ, ଜୀବନ ହିଁ ଈଶ୍ୱର।

ଜଣେ ବାସ୍ତବବାଦୀ ଦିଗ୍‌ଦ୍ରଷ୍ଟା ରୂପେ ଗାନ୍ଧୀ ଜୀବନକୁ ଅନୁସନ୍ଧାନ କରିବାକୁ ଯାଇ କହିଛନ୍ତି ଯେ ଏହା ସତ୍ୟ କିମ୍ବା ଈଶ୍ୱରଙ୍କ ଅତି ନିକଟତମ ରୂପାନ୍ତରଣ ଅଟେ। ତେଣୁ ସତ୍ୟ କିମ୍ବା ଈଶ୍ୱରଙ୍କୁ ଖୋଜିବାର ବାଟ ହେଉଛି ତାଙ୍କ ସୃଷ୍ଟି ଭିତରେ ତାଙ୍କ ଦର୍ଶନ। ସମସ୍ତଙ୍କ ଭିତରେ ଜଣେ ହୋଇ ଅନୁଭବ କରିବାକୁ ପଡିବ। ଅର୍ଥାତ୍ ସମସ୍ତଙ୍କ ସେବା କଲେ ଈଶ୍ୱର ଅନୁସରଣ ଓ ଦର୍ଶନ ହୋଇପାରିବ। ମୁଁ ଏହି ପୂର୍ଣ୍ଣର ଏକ ଅଂଶ ବିଶେଷ ଏବଂ ମୁଁ ସମୁଚ୍ଚୟ ବିଶ୍ୱ ମାନବତାକୁ ବାଦ୍ ଦେଇ ତାଙ୍କୁ ପାଇପାରିବିନିନାହିଁ। ଏହାକୁ ହିଁ ଗାନ୍ଧୀ ସ୍ୱୀକାର କରିଛନ୍ତି।

**ଅଂହିସା**

ତାଙ୍କ ଲାଗି ସତ୍ୟ ହିଁ ଅନ୍ତିମ। ଏକ ନିର୍ବିବାଦୀୟ ମାର୍ଗରେ ଗାନ୍ଧୀ ଅଂହିଂସାକୁ ଗ୍ରହଣ କରିଛନ୍ତି। ହିଂସା ହେଉଛି ପଶୁ ବା ଇତରଙ୍କ ନିୟମ। ଅଂହିସା ହେଉଛି ଆମ ଭଳି ମଣିଷ ପ୍ରଜାତିଙ୍କ ନିୟମ। ଜଣେ ବ୍ୟକ୍ତିର ସମ୍ମାନ ତା'ର ସର୍ବୋଚ୍ଚ ନିୟମ ପ୍ରତି ଅଙ୍ଗିକାରବଦ୍ଧତା ଉପରେ ନିର୍ଭରଶୀଳ। ଗାନ୍ଧୀଙ୍କ ମତରେ ଜୀବନ ବାସ୍ତବ ଅଥବା ସତ୍ୟ ହୋଇଥିବାରୁ ଯାହା ଜୀବନକୁ ସୁରକ୍ଷା, ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିଥାଏ ତାହାହିଁ ପ୍ରକାରାନ୍ତରେ ସତ୍ୟର ଗୁଣ। ଏହାକୁ ଅଂହିସା କୁହାଯାଇପାରେ। ଅନ୍ୟପକ୍ଷରେ କହିଲେ, ଯାହା ଜୀବନର କ୍ଷତି କରେ ତାହା ସତ୍ୟ ପ୍ରତି ଏକ ଅଭିଶାପ। ଆଉ ଏହା ହିଁ ହିଂସା।

ଅଂହିସା କେବଳ ଏକ ବ୍ୟକ୍ତିର ସାଧାରଣ ଗୁଣ ନୁହେଁ; ବରଂ ଗୋଷ୍ଠୀଗତ ଜୀବନ ଜୀଇଁବାର ଏକ



*ସିଏଫ୍‌ଆଣ୍ଡ୍ରୁଜ୍, ମହାଦେବ ଦେଶାଇ, ମୀରାବେନ୍ ଓ ପ୍ୟାରେଲାଲ୍‌ଙ୍କ ସହ ଗାନ୍ଧିଜୀ*

ପଦ୍ଧତି। ଏହା ଏକ ଭାବନା। ଯେଉଁଥିରେ କି ଅନ୍ୟପ୍ରତି ଥାଏ ଉଛୁଳିପଡୁଥିବା ପ୍ରେମ ଏବଂ ଅନ୍ୟର ଦୁଃଖକୁ ତାହା ତରଳାଇଦିଏ। ଏହାର ଅର୍ଥ ଏକ ନ୍ୟାୟପରାୟଣ କାରଣ ଲାଗି ସ୍ୱାର୍ଥରହିତ ଭକ୍ତିଭାବ, ଆତ୍ମୋତ୍ସର୍ଗ ଓ ଭଲ ପାଇବା। ଗାନ୍ଧୀଙ୍କ ଅଂହିସାକୁ ବର୍ଣ୍ଣନା କରିବାକୁ ଯାଇ ଆମେରିକୀୟ ରାଜନୈତିକ ବିଜ୍ଞାନୀ ଜିନ୍ ସାର୍ପ କହିଛନ୍ତି ଯେ, ସାମାଜିକ, ଆର୍ଥିକ ଏବଂ ରାଜନୈତିକ ବ୍ୟବସ୍ଥାରେ ସମସ୍ତଙ୍କୁ ସମାନ ଜୀବନଶୈଳୀ, ଆବଶ୍ୟକ ସୁବିଧା ସୁଯୋଗ, ବ୍ୟବହାର ଲାଗି ଆବଶ୍ୟକ ଉପକରଣ, ଭିତ୍ତିଭୂମି, ବ୍ୟବସ୍ଥା ଏବଂ ମାର୍ଗ ସୁନିଶ୍ଚିତ କରାଇବା ଜରୁରୀ।


ଗାନ୍ଧୀ ଜଣେ ଦୃଢ ବ୍ୟକ୍ତି ଥିବାରୁ ତାଙ୍କର ସତ୍ୟାନୁସରଣ କ୍ରମେ ଶକ୍ତିଶାଳୀ ଅଂହିସା ରୂପରେ ସ୍ୱରାଜ(ବ୍ୟକ୍ତିର ବିବେକାନୁମୋଦୀ ଜୀବନଯାପନ), ସର୍ବୋଦୟ (ସବୁରି ଉନ୍ନତିରେ ବ୍ୟକ୍ତି ନିଜର ବିକାଶ ଖୋଜିବା), ସ୍ୱଦେଶୀ( ପଡୋଶୀ ସହ ସଂପର୍କ ଓ ଜୈବିକ ପଦ୍ଧତିରେ ଉତ୍ପାଦିତ ସାମଗ୍ରୀର ବ୍ୟବହାର), ଖଦୀ (ପରସ୍ପର ସହଯୋଗ ଓ ଆଦାନପ୍ରଦାନରେ ତିଷ୍ଠି ରହିବା), ସଂପ୍ରଦାୟିକ ସଦ୍‌ଭାବ (ବିଭିନ୍ନତା ପ୍ରତି ସହନଶୀଳତା) ଏବଂ ନୂତନ ତାଲିମ (ସାମଗ୍ରିକ ଜୀବନର କଳା ଶିକ୍ଷାଲାଭ)ର ବିଚାରଧାରା ଉପରେ ଦଣ୍ଡାୟମାନ ଥିଲା। ଅଂହିସା ଓ ସତ୍ୟର ବୃହତ୍ତ ପ୍ରୋତ୍ସାହନ ଲାଗି ଗାନ୍ଧୀ ଏସବୁକୁ ଗୋଟିଏ ଗୋଟିଏ ସ୍ତମ୍ଭ ରୂପେ ଗ୍ରହଣ କରିଥିଲେ। ତାଙ୍କ ସତ୍ୟାଗ୍ରହ ଜୀବନ ବ୍ୟାପାର ସାମଗ୍ରିକ ଥିଲା। ଯେଉଁଠାରେ ଉଭୟ ବିଜେତା ଓ ପରାଜିତ ସମାନ ଭାବେ ଜୀବନ ଜୀଇଁଥିବେ। ସେ ଭାରତକୁ ମୁକ୍ତ କରିବାକୁ ଚାହୁଁଥିବାବେଳେ ମଣିଷ ସମାଜକୁ ସମସ୍ତ ବାଧା, ବିଘ୍ନ, କଳୁଷ, କାଳିମା ମୁକ୍ତ କରିବାର ପ୍ରୟାସୀ ରହିଥିଲେ। ଅଂହିସାର ଏଭଳି ସାମଗ୍ରିକ ମାର୍ଗ ଜୀବନକୁ ଦୀର୍ଘସ୍ଥାୟୀ କରିବା ସହିତ ଏହାକୁ ସେ 'ଅଂହିସା ପରମୋଧର୍ମ' ବୋଲି କହୁଥିଲେ।

**ଶାନ୍ତି: ଜୀବନର ଏକ ଅନୁଭୂତି**

ଗାନ୍ଧୀଙ୍କ ଲାଗି ଶାନ୍ତି ହେଉଛି ଜୀବନର ଏକ ଅନୁଭୂତି। ଦୈନନ୍ଦିନ ଜୀବନରେ ମାନବିକ କ୍ରିୟାକଳାପ ଯଥା- ସନ୍ତୋଷ, ଖୁସି, ଆନନ୍ଦ, ଆରାମ, ଆଶ୍ୱସ୍ତି; ସହଯୋଗ, ସହାଚର୍ଯ୍ୟ, ପାରସ୍ପରିକ ବିନିମୟ, ଭଲ ପାଇବା(କାର୍ଯ୍ୟକଳାପର ପ୍ରଭାବ), କରୁଣା, କ୍ଷମା, ସହିଷ୍ଣୁତା (ବ୍ୟାବାହାରିକ); ବୁଝାମଣା, ଆତ୍ମଉପଲବ୍ଧି ଓ ଚେତନସ୍ତର ଆଦି ପରସ୍ପର ସହିତ ଏବଂ ସ୍ୱାଧୀନ ଭାବେ ଶାନ୍ତିର ଅନୁଭୂତି ଜଣାଇଥାନ୍ତି।

ଶାନ୍ତି ପାଇଁ ଆନନ୍ଦ ଓ ଖୁସିର ସର୍ବାଧିକ ଅବଦାନ ରହିଛି। ଯେତେବେଳେ ଉଭୟ ସତ୍ୟ ଆଧାରିତ ଥିବେ ସେତେବେଳେ ଜଣେ ସାମାଜିକ ବ୍ୟକ୍ତି ହିଁ

ଆନନ୍ଦ ଓ ଖୁସିର ପ୍ରକୃତ ଅନୁଭୂତି ନିଜେ ନେଇପାରିବେ ଓ ଅନ୍ୟମାନଙ୍କ ଜୀବନରେ ଭରିପାରିବେ। ନିଜ ଜୀବନକୁ ଦୁଃଖ ଭିତରକୁ ଠେଲି ଦେଇ ବି ଅନ୍ୟକୁ ଖୁସି ଦେଇପାରିଲେ, ତାହା ପ୍ରକୃତ ଆନନ୍ଦ ବୋଲି କୁହାଯାଇପାରିବ। ଅତଏବ ଶାନ୍ତି ଜୀବନର ଏକ ପ୍ରମୁଖ ଓ ମୌଳିକ ଆବଶ୍ୟକତା। ଗାନ୍ଧୀଙ୍କ ସତ୍ୟ ଦର୍ଶନରୁ ଆମେ ବୁଝିପାରିବା ଯେ ସମସ୍ତେ ସତ୍ୟ ଆଚରନ୍ତୁ ଏବଂ ଏହାକୁ ଜୀବନରେ ଧ୍ୟେୟ କରନ୍ତୁ। ଜୀବନର ବାସ୍ତବ ଅନୁଭବ ଓ ଅନୁଭୂତି କରିପାରିଲେ ଶାନ୍ତି ମିଳେ।



**ଶାନ୍ତି: ଜୀବନର ଅନୁସନ୍ଧାନ**

ଜୀବନ ହେଉଛି ଶାନ୍ତିର ପ୍ରତୀକ। ଶାନ୍ତି ହେଉଛି ଜୀବନର ଏକ ଅନୁଭୂତି। ଯେଉଁଠାରେ ଜୀବନ ନାହିଁ, ସେଠାରେ ଶାନ୍ତି ମଧ୍ୟ ନାହିଁ। ଜୀବନ ସହିତ ସମ୍ପର୍କ ନଥିବା ଶାନ୍ତିକୁ 'ପିସ୍ ଅଫ୍ ଗ୍ରେଭ୍ୟାର୍ଡ' କୁହାଯାଏ। ଯେତେବେଳେ ଜୀବନ ଉତ୍ତମ ଓ ଭଲ ଥାଏ, ସେତେବେଳେ ଆମେ ଏକ ଶାନ୍ତିପୂର୍ଣ୍ଣ ଅନୁଭବ ପାଇଥାଉ। ଯେତେବେଳେ ଜୀବନ ସମସ୍ୟା ଜର୍ଜରିତ ହୋଇଯାଏ, ସେତେବେଳେ ଏହି ଅନୁଭବ ଶାନ୍ତିହୀନ ବୋଲି କୁହାଯାଏ।

ସଂଖ୍ୟାଧିକ କାର୍ଯ୍ୟକଳାପ ଜରିଆରେ ଆମେ ଜୀବନକୁ ବୁଝିଥାଉ। ପ୍ରତିଟି କାର୍ଯ୍ୟର ନିଜସ୍ୱ ଆଭିମୁଖ୍ୟ ରହିଛି। ସାଧାରଣ ଭାବେ ଆମେ ଖାଦ୍ୟ ଖାଇବା ବେଳେ ସେଥିପାଇଁ ଶାରୀରିକ ଶକ୍ତି ଖର୍ଚ୍ଚ ହୋଇଥାଏ। ଏପରିକି କ୍ଳାନ୍ତି ଦୂର କରିବା ଲାଗି ଶୋଇବାରେ ମଧ୍ୟ ଶକ୍ତି ଅପଚୟ ହୋଇଥାଏ। ଉଭୟ କାମ ଜୀବନ ପାଇଁ ଏକ ସାର୍ବଜନୀନ ଦୈନନ୍ଦିନ କାର୍ଯ୍ୟ। ଜୀବନ ଅଛି ଅର୍ଥ କ୍ଷୁଧା ଓ ନିଦ୍ରା ରହିଛି। ଯେତେବେଳେ କୌଣସି କାର୍ଯ୍ୟ ତା'ର ଉଦ୍ଦେଶ୍ୟକୁ ସାଧନ କରିବା ଲାଗି ହୋଇଥାଏ, ସେଥିରୁ ଅନୁଭବ ଆସିବା ସ୍ୱାଭାବିକ। ଭୋଜନ ଓ କିଛି ସମୟର ନିଦ୍ରା ପରେ ଉଭୟ କ୍ଷୁଧା ଓ କ୍ଳାନ୍ତି ଦୂର ହେଉଥିବାରୁ ଏହା ମଧ୍ୟ ଏକ ସୁଖଦ ଅନୁଭବ। ଆମେ ଅନେକ କାର୍ଯ୍ୟରେ ସନ୍ତୋଷ ଓ ଶାନ୍ତି ପାଇଥାଉ।

ଏହିଭଳି ରୂପେ ଯାହା ଆମକୁ ସୁରକ୍ଷା ଓ ପ୍ରୋତ୍ସାହନ ଦିଏ, ଜୀବନକୁ ଦୀର୍ଘସ୍ଥାୟୀ କରାଏ ତାହା ଶାନ୍ତିପୂର୍ଣ୍ଣ ସୁଖଦ ଅନୁଭବ। ଖାଦ୍ୟଗ୍ରହଣ ଦ୍ୱାରା ଜୀବନ ବଞ୍ଚେ। ତେଣୁ ଖାଦ୍ୟଗ୍ରହଣ ଏକପ୍ରକାର ସନ୍ତୋଷ ତଥା ତୃପ୍ତିପୂର୍ଣ୍ଣ ଶାନ୍ତି। ଅନେକ ସମୟରେ ଆମେ ବିଭିନ୍ନ ଲୋକଙ୍କୁ ଭେଟିଥାଉ। ଏହାଦ୍ୱାରା ସାମାଜିକ ଓ ଭାବନାତ୍ମକ ରୂପେ ସେମାନଙ୍କ ସହ ସଂଯୁକ୍ତ ରହୁ। ଏହି ଭେଟାଭେଟି, ସାକ୍ଷାତ ଓ ଆଲୋଚନା ମଧ୍ୟ ଆମକୁ ଏକପ୍ରକାର ଆମୋଦପୂର୍ଣ୍ଣ ଶାନ୍ତି ପ୍ରଦାନ କରିଥାଏ।

ଜୀବନ ଯେହେତୁ ଶାନ୍ତି ସହ ଜଡିତ, ଜୀବନ ବିରୋଧରେ କିମ୍ବା ଜୀବନର ଆବଶ୍ୟକତା ସଂକ୍ରାନ୍ତ କୌଣସି ଅଭାବ ଅସୁବିଧା ଏବଂ ସମସ୍ୟା ପ୍ରକାରାନ୍ତରେ ଶାନ୍ତିହୀନତା ଅଥବା ଅଶାନ୍ତି ସୃଷ୍ଟିର କାରଣ ହୋଇଥାଏ। ଉଦାହରଣ ସ୍ୱରୂପ ଖାଦ୍ୟାଭାବ, ବାସସ୍ଥାନ, ପରିଚୟ ଓ ସମାଜରେ ସମ୍ମାନର ଅଭାବ ଆଦି ଜୀବନର ଭବିଷ୍ୟତକୁ ସଂକୁଚିତ କରିଥାଏ; ଯାହାକି ଶାନ୍ତି କ୍ଷେତ୍ରରେ ଏକ ନକାରାତ୍ମକ ସ୍ଥିତି ସୃଷ୍ଟିକରେ। ଅନୁରୂପ ଭାବେ ଦାରିଦ୍ର୍ୟ, ବେକାରୀ, ନିରକ୍ଷରତା ଓ ଦକ୍ଷତାର ଅଭାବ ଜୀବନରେ ଶାନ୍ତିହୀନତା ଆଣିଥାଏ। ଧୀରେ ଧୀରେ ଏଥିଯୋଗୁଁ ଶାନ୍ତିର ସମ୍ଭାବନା ମଉଳିଯାଏ। ଖଦୀ, ଗ୍ରାମଦ୍ୟୋଗକୁ ଗାନ୍ଧୀ ପ୍ରୋତ୍ସାହିତ କରିବାର କାରଣ ଥିଲା ଗ୍ରାମାଞ୍ଚଳ ଲୋକଙ୍କ ଜୀବନରେ ଶାନ୍ତିପୂର୍ଣ୍ଣ ଏକ ସଫଳ ଜୀବନ ବିତାଇବା ଲକ୍ଷ୍ୟ।

ଶାନ୍ତି ଅନୁଭୂତିକୁ ଭିନ୍ନ ରୂପେ ଅବତାରଣା କରାଯାଇପାରେ। ଯୁଦ୍ଧ ଯାହାକି ଜୀବନ ପ୍ରତି ସବୁଠୁ ବଡ଼ ବିପଦ ଏବଂ ଏହା ବ୍ୟକ୍ତିକୁ ଶାନ୍ତିଶୂନ୍ୟ କରିଦିଏ। ଅତଏବ ଯୁଦ୍ଧ ନଥିଲେ ହିଂସା ଆସେନି। ଦ୍ୱନ୍ଦ୍ୱ, ହତାଶାଭାବ, ନିରାଶାର ଅନୁପସ୍ଥିତି ହିଁ ପ୍ରକାରାନ୍ତରେ ଶାନ୍ତି ସୃଷ୍ଟି କରିଥାଏ। ଶାନ୍ତି ଜରିଆରେ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଯୁଦ୍ଧ, ଲଢେଇ ଓ ହିଂସା ନଥିଲେ ଜୀବନ ଶାନ୍ତିର ସହ ଆଗକୁ ବଢେ। ଜୀବନର ନିରାପତ୍ତା ତଥା ସୁରକ୍ଷା ଲାଗି ଉପରୋକ୍ତ ଚିନ୍ତନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାକୁ 'ପାସିଭ୍ ପିସ୍' ଅର୍ଥାତ୍ ପରୋକ୍ଷ ଶାନ୍ତି କୁହାଯାଏ। ଯୁଦ୍ଧ ହେଲେ ଜୀବନ ପ୍ରତ୍ୟାଖ୍ୟାତ ହୋଇଥାଏ। ତେବେ ଏହା ମଧ୍ୟ ସତ୍ୟ ଯେ ସମସ୍ତଙ୍କ ଜୀବନରେ କିଛି ନା କିଛି ଲଢେଇ ମାନସିକତା ବା ଦ୍ୱନ୍ଦ୍ୱ ରହିଛି। ତେବେ ଏହାକୁ କେତେ ହ୍ରାସ କରାଯାଇପାରିବ ତାହା ବ୍ୟକ୍ତି ଉପରେ ନିର୍ଭରଶୀଳ।

ଶାନ୍ତିପୂର୍ଣ୍ଣ ଜୀବନ ଏକ ସକ୍ରିୟ ଅନୁଭୂତି ଦେଇଥାଏ। ଯାହାକୁ ଆମେ ସକାରାତ୍ମକ

ଶାନ୍ତି(ପଜେଟିଭ୍ ପିସ୍) କହିଥାଉ। ଶାନ୍ତିର ଅନୁଭବ ଜୀବନର ସୃଜନଶୀଳ, ରଚନାତ୍ମକ ଏବଂ ଦୀର୍ଘସ୍ଥାୟୀ ଘଟଣାକ୍ରମକୁ ନେଇ ଜଣାପଡିଥାଏ। ଉଦାହରଣ ସ୍ୱରୂପ ମୁଣ୍ଡବିନ୍ଧା ଯନ୍ତ୍ରଣା ଭୋଗୁଥିବା ରୋଗୀଟିକୁ ଚିକିତ୍ସା କରାଯିବା ପରେ ଯେ ଯେଉଁ ଉପଶମ ଲାଭ କରେ ତାହା ଶାନ୍ତିପୂର୍ଣ୍ଣ ଅନୁଭବ ନିଶ୍ଚୟ। ତେବେ ଗାନ୍ଧୀଙ୍କ ବିଚାରରେ ଶାନ୍ତି ହେଉଛି ସର୍ବଦା ଜୀବନର ସତ୍ୟ କୈନ୍ଦ୍ରିକ। ଖାଇବା, କାମ କରିବା କିମ୍ବା କୋଳାଗ୍ରତ କରିବା ଦ୍ୱାରା ଏକ ଶାନ୍ତି, ସନ୍ତୋଷ ଓ ପୂର୍ଣ୍ଣତାର ଅନୁଭବ ମିଳିଥାଏ। ଏହାକୁ କେବଳ ଆମେ ଶାନ୍ତିର ଅନୁଭବ କହିପାରିବା ଯଦି ତାହା ପ୍ରକୃତିର ନିୟମାନୁଯାୟୀ ରହିଥାଏ। ଏହାକୁ ଜୀବନ ପ୍ରତି ପ୍ରୋତ୍ସାହନ ଓ ସୁରକ୍ଷା ପ୍ରଦାନ କୁହାଯାଇପାରେ। ଯଦି ଏସବୁ ଜୀବନର ସ୍ୱାଧୀନ ଆବଶ୍ୟକତା ଭାବେ କରାଯାଏ, ତେବେ ତାହା ସମୟକ୍ରମେ ଜବରଦସ୍ତି ଆମ ଭିତରେ ପ୍ରବେଶ କରିଯାଏ। ଉଦାହରଣ ଦେଇ କହିଲେ, ଶରୀର ଖାଦ୍ୟ ଆବଶ୍ୟକ କରୁ ନଥିବାବେଳେ ଆମେ ଖାଦ୍ୟ ଗ୍ରହଣ କରିବା ଭଳି ଏହା ହୋଇପଡେ। କୌଣସି ଉଦ୍ଦେଶ୍ୟ ନଥାଇ କେବଳ ଭେଟିବାର ଆନୁଷ୍ଠାନିକତା ନେଇ ଲୋକଙ୍କୁ ଭେଟିବା ମଧ୍ୟ ଏହାର ଆଉ ଏକ ଉଦାହରଣ। ଗୋଟିଏ ବାସସ୍ଥାନ ଥିବାବେଳେ ଅନ୍ୟଏକ ନିର୍ମାଣ କରିବା ଲାଗି ଆଗ୍ରହ ଦେଖାଇବା ଦ୍ୱାରା ଆମ ଜୀବନରେ ଲୋଭ କାୟାବିସ୍ତାର କରିବା ଭଳି। ଏହା କେବଳ ପ୍ରକୃତିର ନିୟମ ଉଲ୍ଲଙ୍ଘନ ନୁହେଁ; ବରଂ ଆମର ଶାନ୍ତିଭଙ୍ଗର କାରଣ ପାଲଟିଯାଏ। ଗାନ୍ଧୀ ଏହି ଲୋଭକୁ ବାଖ୍ୟା କରିବାକୁ ଯାଇ ବେଶ୍ ସୁନ୍ଦର କଥାଟିଏ କହିଛନ୍ତି। ଗାନ୍ଧୀଙ୍କ ଦୃଷ୍ଟିରେ- "ପ୍ରତ୍ୟେକ ବ୍ୟକ୍ତିର ନିର୍ଦ୍ଧାରିତ ଆବଶ୍ୟକତା ଲାଗି ପ୍ରକୃତି ବହୁତ କିଛି ଦେଇଛି; ମାତ୍ର ଜଣେ ଲୋଭୀ ଲୋକର ଅଭିଳାଷ ପୂରଣ ଲାଗି ଏହା ହୁଏତ ପର୍ଯ୍ୟାପ୍ତ ନୁହେଁ।'' କହିବାକୁ ଗଲେ ପ୍ରକୃତି ଆମର ଆବଶ୍ୟକତା ପୂରଣ କରିବାକୁ ଯଥେଷ୍ଟ; ମାତ୍ର କାହାର ଲୋଭ ଚରିତାର୍ଥ ଲାଗି ନୁହେଁ।

ଅନ୍ୟପକ୍ଷରେ କହିଲେ, ଯେଉଁ କାର୍ଯ୍ୟରୁ ପରିଣାମ ମିଳିବା ହ୍ରାସ ପାଏ ସେଥିରୁ ଶାନ୍ତି ଅନ୍ୱେଷଣ ମାତ୍ରା ମଧ୍ୟ କମିଯାଏ। ସ୍ୱାଦିଷ୍ଟ ଖାଦ୍ୟ କିଛି ସମୟ ପାଇଁ ଆମର ଜିହ୍ୱାକୁ ଆନନ୍ଦ ପ୍ରଦାନ କରିଥାଏ; ମାତ୍ର ଏହି ଖାଦ୍ୟକୁ ଅସୀମିତ ସମୟ ଲାଗି ଗ୍ରହଣ କଲେ ସେଥିପ୍ରତି ଆଗ୍ରହ କମି କମିଯାଏ। ଅର୍ଥାତ୍ ପୂର୍ବାପେକ୍ଷା ପରିଣାମ ମିଳିବା ହ୍ରାସ ପାଏ। କୌଣସି କାର୍ଯ୍ୟର ଅତିଶୟତା ନକାରାତ୍ମକ ଫଳ ପ୍ରଦାନ କରେ। ଅତ୍ୟଧିକ ଧର୍ମାନ୍ଧତା ବ୍ୟକ୍ତିକୁ ଆତତାୟୀରେ ପରିଣତ କରିଦିଏ। ଅତ୍ୟଧିକ ସମ୍ପତ୍ତି ଠୁଳ କରିବା ଏକପ୍ରକାର ଆର୍ଥିକ ମେଦବହୁଳତା ବୋଲି କୁହାଯାଇପାରେ। ଏହା ବ୍ୟକ୍ତି ଓ ତା'ର ଅନୁଗତମାନଙ୍କୁ ମଧ୍ୟ ନଷ୍ଟ କରିଦିଏ। ସେଇଥିପାଇଁ ଗାନ୍ଧୀ କହୁଥିଲେ- 'ଅପରିଗ୍ରହ'। ଅସୀମିତ ପରିମାଣର ସମ୍ପତି ଓ କ୍ଷମତା ଠୁଳ କରିବା ଦ୍ୱାରା ଏକ ଅପୂରଣୀୟ ଖାଇ(ଗର୍ତ୍ତ) ସୃଷ୍ଟି ହୋଇଥାଏ। ବ୍ୟକ୍ତିଟି ଏଥିଯୋଗୁଁ ଅସତ୍ୟର ସୌଦାଗର ପାଲଟିଯାଏ। ଫଳରେ ଶାନ୍ତି ବଦଳରେ ଅଶାନ୍ତି ବଢିଯାଏ। ତେଣୁ ଗାନ୍ଧୀ କହୁଥିଲେ- " ଜଣେ ସତ୍ୟାନୁରାଗୀ ହୁଅ। ପ୍ରେମ ନିୟମର ଅନୁଗାମୀ ପାଲଟ, ଆସନ୍ତାକାଲି ପାଇଁ ସମ୍ପତ୍ତି ଠୁଳରେ ମନ ଦିଅନି। ଦୈନନ୍ଦିନ ଜୀବନ ଲାଗି ଯେତିକି ଆବଶ୍ୟକ ତା'ଠାରୁ ଅଧିକ ଆବଶ୍ୟକତାକୁ ପରିତ୍ୟାଗ କର।"

ବ୍ୟକ୍ତିଟି ତା'ର ଆବଶ୍ୟକତାକୁ ପୂରଣ କରୁକରୁ ଜୀବନ ସରିଯାଏ ସିନା; କିନ୍ତୁ ତା'ର ଆହରଣର ଶେଷ ନଥାଏ। ଫଳରେ ଶାନ୍ତି ଓ ସତ୍ୟର ଅନୁସରିତ ମାର୍ଗରୁ ସେ ଭଟକି ଯାଏ। ଶାନ୍ତି ଏଭଳି ଏକ ପରିସ୍ଥିତି ଯାହା ବ୍ୟକ୍ତିକୁ ତା'ର ମୌଳିକ ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରବର୍ତ୍ତାଏ। ଏହି ଆବଶ୍ୟକତା ପୂରଣ କଲାବେଳେ ବ୍ୟକ୍ତିଟି ଏଥିରେ ଅନ୍ୟ କାହାର କ୍ଷତି କରି ନଥାଏ। ଗାନ୍ଧୀଙ୍କ 'ସ୍ୱରାଜ' ଚିନ୍ତାଧାରା ଶାନ୍ତିର ଏକ ଆଦର୍ଶ ପ୍ରବର୍ତ୍ତନ ତଥା ପ୍ରୋତ୍ସାହନ। ଏହା ବ୍ୟକ୍ତିକୁ ଆତ୍ମଶାସିତ କରିଥାଏ। ପ୍ରତ୍ୟେକ ବ୍ୟକ୍ତି ଏହାଦ୍ୱାରା ସ୍ୱ-ସଶକ୍ତ ହୋଇପାରନ୍ତି। ନିଜେ ନିଜର ଦାୟିତ୍ୱ ଓ ଯତ୍ନ ନେବା ସହ ଅନ୍ୟମାନଙ୍କ ଉନ୍ନତି ଲାଗି କାମ କରନ୍ତି। ଅନ୍ୟକାହା ଜୀବନର ଗତିପଥକୁ ବ୍ୟାହତ ନକରି, ଆଘାତ ନ ପହଞ୍ଚାଇ ଏହା କରିଥାନ୍ତି।

ସମାଜ ହେଉଛି କେତେକ ବ୍ୟକ୍ତିଙ୍କ ସମ୍ମିଳିତ ପ୍ରୟାସର ଅଂଶ। ଏଠାରେ ସମସ୍ତେ ମିଳିମିଶି ଲକ୍ଷ୍ୟସ୍ଥିର କରନ୍ତି। ପାରସ୍ପରିକ ମୂଲ୍ୟବୋଧ ଓ ଚିନ୍ତାଧାରା ଆପଣା ଭିତରେ ବାଣ୍ଟିଥାନ୍ତି। ସାଂସ୍କୃତିକ ଓ ଭାବଗତ ସଂପର୍କର ଅର୍ଥ ଓ ପଦ୍ଧତିକୁ ସମ୍ମାନ ଦିଅନ୍ତି। ଏସବୁ ଜୀବନକୁ ଅଧିକ ସଂଗଠିତ ଓ ସୁଂସହତ କରିବା ଲାଗି ସମାଜ ବ୍ୟବସ୍ଥା ରହିଛି। ପ୍ରତି ବ୍ୟକ୍ତିଙ୍କ ଜୀବନର ଆବଶ୍ୟକତାକୁ ସୁନିଶ୍ଚିତ କରିବା ହେଉଛି ସମାଜର ପ୍ରାଥମିକତା ଓ ଉଦ୍ଦେଶ୍ୟ। ବ୍ୟକ୍ତିଟି ତା'ର ଆବଶ୍ୟକତା ପୂରଣ କରିବା ଲାଗି ସମାଜ ଗଢେ। ଏଥିରେ ବିଭିନ୍ନ ବ୍ୟବସ୍ଥା ଓ ସ୍ତର ରହିଥାଏ। ଏହା ଭିତରେ ଏକାଧିକ ପ୍ରତିଷ୍ଠାନ କାର୍ଯ୍ୟ କରେ। ବହୁ ନୀତିନିୟମ ଭିତରେ ଏହା ବନ୍ଧା ହୋଇଥାଏ। ବହୁ ପ୍ରାଚୀନ ପରମ୍ପରା ଓ ସମୃଦ୍ଧ ସ୍ମୃତିର ଗୁରୁତ୍ୱକୁ ଦେଖି ସମାଜ ଜରିଆରେ ବ୍ୟକ୍ତି ଓ ଗୋଷ୍ଠୀଗତ ଜୀବନ ଏହାକୁ ଆଗକୁ ବଢାଏ। ଏହି ବ୍ୟବସ୍ଥାର ଉତ୍ତମ ପରିଚାଳନା ଏବଂ ସଫଳ ରୂପାୟନ( ବ୍ୟକ୍ତିର ଆବଶ୍ୟକତା ଅନୁଯାୟୀ ଆଶାପୂରଣ) ହେଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ। ଗାନ୍ଧୀଙ୍କ ଦୃଷ୍ଟିରେ ସମାଜରେ ସ୍ୱଦେଶୀ ଅର୍ଥନୀତି (ଅର୍ଥନୈତିକ ନ୍ୟାୟ) ଲାଗି ସାମାଜିକ-ରାଜନୈତିକ ଶୃଙ୍ଖଳାର ବିକେନ୍ଦ୍ରୀକରଣ ଏବଂ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ପ୍ରବେଶ ଜରୁରୀ। ଏହା ଏକ ବ୍ୟବସ୍ଥା ଓ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ। ଯାହାକୁ ପ୍ରତ୍ୟେକ ବ୍ୟକ୍ତି ସମାନ ଭାବେ ବ୍ୟବହାର କରିପାରିବେ। କେହି ଅଧିକ ବ୍ୟବହାର କରିବେନି କି କେହି କମ୍ ବ୍ୟବହାର କରୁନଥିବେ।

ଏଭଳି ବ୍ୟବସ୍ଥା ଓ ଭିତ୍ତିର ଉପସ୍ଥିତି ଜୀବନର ପକ୍ଷଧର ହୋଇପାରିବ। ଯେ କୌଣସି ସମାଜରେ ଏହା ଏକ ଅବିଚ୍ଛେଦ୍ୟ ଅଂଶ ହେବା ସହ ଶାନ୍ତି ଲାଗି ଅଭିପ୍ରେତ ରହିଥିବ। ଯେତେବେଳେ ପ୍ରତିଟି ନାଗରିକ ଅଧିକରୁ ଅଧିକ ଅବଗତ ହେବ, ତଦନୁଯାୟୀ ସମାଜ ବ୍ୟବସ୍ଥା ଓ ସ୍ତରୀକୃତ କାର୍ଯ୍ୟ ପଦ୍ଧତି ବ୍ୟାପକ ତଥା ପ୍ରଭାବୀ ହେବାକୁ ଲାଗିବ। ଆମେ ଯେତେ ଗତିଶୀଳ ହେବା ସମାଜ ତଦନୁଯାୟୀ ତା'ର ଲକ୍ଷ୍ୟପଥରେ ଆଗେଇପାରିବ। ସମାଜରେ ରହୁଥିବା ଲୋକଙ୍କର ଯଥେଷ୍ଟ ଜ୍ଞାନ ଓ ଦକ୍ଷତା ବଢିବା ଦ୍ୱାରା ଏଥିରୁ ଉଭୟ

ନାଗରିକ ଓ ସମାଜକୁ ଫାଇଦା ମିଳିବ। ଯାହାକି ଏକ ଦୂରଗାମୀ ଶାନ୍ତିକୁ ପ୍ରେରିତ କରିବ।

ତେଣୁ ଏକ ଶାନ୍ତିପ୍ରିୟ ଅନୁଭବ ପ୍ରସ୍ତୁତ କରିବା ଲାଗି ଜୀବନରେ କେତେକ ଦୀର୍ଘସ୍ଥାୟୀ ଅବୟବ ଲୋଡ଼ା। ଆବଶ୍ୟକତା ପୂରଣ, ସାମାଜିକ ସଂପର୍କ ବୃଦ୍ଧି, ବ୍ୟବସ୍ଥା ଏବଂ ଭିତ୍ତିଭୂମିର ଲକ୍ଷ୍ୟ ପୂରଣ ସୁନିଶ୍ଚିତ କରିବା, ଏଥିରେ ଆବଶ୍ୟକ ଜ୍ଞାନକୌଶଳ ଏବଂ ଦକ୍ଷତାର ପ୍ରୟୋଗ ଜରୁରୀ। ତେବେ ଏସବୁ ଉକ୍ତ ସମାଜର ଅନ୍ୟ ସମସ୍ତଙ୍କଠାରୁ ଛଡାଇ କିମ୍ବା ସେମାନଙ୍କୁ ବଞ୍ଚିତ କରି ନିର୍ମାଣ କରିବା ଉଚିତ ନୁହେଁ; ବରଂ ସଭିଏଁ ମିଳିମିଶି ଏକାଠି କାର୍ଯ୍ୟକରି ଏସବୁର ବିକାଶ କରାଇଲେ ଯାଇ ଏକ ସାମଗ୍ରିକ ଶାନ୍ତିପୂର୍ଣ୍ଣ ସମାଜ ଗଠନ ହୋଇପାରିବ। ଏହାହିଁ ଗାନ୍ଧୀଙ୍କ 'ସର୍ବୋଦୟ'(ସମସ୍ତଙ୍କର କଲ୍ୟାଣ) ବିଚାରଧାରା । ଆଉ ଶାନ୍ତି ହିଁ ଏହାର ମୂଳାଧାର।

**ସମସ୍ତଙ୍କ ସହ ସଦ୍‌ଭାବ**

ଗାନ୍ଧୀଙ୍କ ଅଖିଳ ସତ୍ୟର ଅର୍ଥ ହେଉଛି ସମସ୍ତଙ୍କ ଏକତ୍ର ବସବାସ ଓ ସବୁରି କଲ୍ୟାଣ। କାରଣ ଗାନ୍ଧୀ 'ଅଦ୍ୱୈତ' ନୀତିରେ ବିଶ୍ୱାସ କରୁଥିଲେ। ସମାଜରେ ବଦଳୁଥିବା ବ୍ୟବସ୍ଥା ଓ ବାସ୍ତବତା ପ୍ରତି ମଧ୍ୟ ସେ ଖୋଲାପଣ ପ୍ରକାଶ କରୁଥିଲେ। ସତ୍ୟର ରୂପ ପରିବର୍ତ୍ତନ ମଧ୍ୟ ତାଙ୍କୁ ଅନେକତାରେ ଏକତାର ବାସ୍ତବକତା ହୃଦ୍‌ବୋଧ କରାଉଛି। ବେଦରେ ବ୍ରାହ୍ମଣଙ୍କ ସଂଜ୍ଞା ନିରୂପଣ କରି 'ବ୍ରାହ୍ମଣ ଏପରି ନୁହେଁ, ସେପରି ହୋଇନପାରେ' କୁହାଯିବା ପରେ ପ୍ରକାରାନ୍ତରେ 'ବ୍ରାହ୍ମଣ- ଏହିପରି ଓ ଏପରି ମଧ୍ୟ' କୁହାଯାଇଛି। "ପ୍ରଥମେ ଏହାକୁ ମୁଁ ବିଶ୍ୱାସ କରୁ ନଥିଲି। ଏଥିପ୍ରତି ଅସନ୍ତୋଷ ପ୍ରକାଶ କରି ବିରୋଧୀଙ୍କର ଏହା ଅଜ୍ଞତା ବୋଲି ବିଚାର କରୁଥିଲି; ମାତ୍ର ଏବେ ମୁଁ ସେମାନଙ୍କୁ ଶ୍ରଦ୍ଧା କରେ। କାରଣ ଭଗବାନ ମୋତେ ଏଭଳି ଆଖି ଦେଇଛନ୍ତି ଯେଉଁଠାରେ ମୁଁ ନିଜକୁ ଦେଖିବା ସହ ଅନ୍ୟମାନେ ମୋତେ ଦେଖିବେ ଓ ମୁଁ ମଧ୍ୟ ସେମାନଙ୍କୁ ଦେଖିପାରିବି। ଏହା ସେହି ନୀତି ଯାହା ମୋତେ ଜଣେ ମୁସଲମାନ ଭାବେ ଓ ଜଣେ ଖ୍ରୀଷ୍ଟିୟାନ୍ ଦୃଷ୍ଟିକୋଣରୁ ମଧ୍ୟ ବିଚାର କରିବାକୁ ଶିଖାଇଛି।"

**ସଂକଟ ପରିଚାଳନା କୌଶଳ**

ସମାଜ ଜରିଆରେ ବ୍ୟକ୍ତିଟି ଜୀବନକୁ ବୁଝିପାରେ। ସମାଜ ଅର୍ଥ ସଂପର୍କ। ସଂପର୍କରେ ଶିଥିଳତା, ଫାଟ, ଉତ୍ତେଜନା ଓ ତିକ୍ତତା ଆସିବା ସ୍ୱାଭାବିକ। କାରଣ ପ୍ରତ୍ୟେକ ବ୍ୟକ୍ତି ଅନ୍ୟଠାରୁ ଭିନ୍ନ। ଏଭଳି ପରିସ୍ଥିତିରେ ଆମେ କରୁଥିବା ଭୁଲ୍ ଓ ତ୍ରୁଟିକୁ କିଭଳି ସୁଧାରିବା ଏବଂ ଆଗକୁ ଏଥିରୁ କ୍ଷାନ୍ତ ରହିବା ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ଜୀବନ ଯାହା ସତ୍ୟ; ତାହାର ରାସ୍ତାରେ ଭୁଲ୍, ତ୍ରୁଟି ସବୁବେଳେ ପ୍ରତିବନ୍ଧକ ହୋଇ ଠିଆ ହୁଏ। ବ୍ୟକ୍ତି ଭୁଲ୍ କରିବା ଏକ ବାସ୍ତବତା। ଏହା ସତ୍ୟର ଏକ ଅଙ୍ଗ, ଅଂଶ ତଥା ପକ୍ଷ କହିଲେ ଭୁଲ୍ ହେବନି। ତେବେ ଏହାକୁ ବୁଝି ଆମେ ଭୁଲ୍ କରିବାନି, ଅର୍ଥାତ୍ ତ୍ରୁଟିକୁ କିଭଳି ହ୍ରାସ କରାଯାଇପାରିବ ଏବଂ ଭୁଲ୍ କରୁଥିବା ବ୍ୟକ୍ତିକୁ କିଭଳି ସଠିକ୍ ରାସ୍ତାକୁ ଅଣାଯାଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ। ତାହେଲେ ଯାଇ ଆମର ତ୍ରୁଟି ଧୀରେ ଧୀରେ କମିପାରିବ। ଡାକ୍ତରଟିଏ ରୋଗୀକୁ ଭଲ କରିବା ଲାଗି ପ୍ୟାକେଜ୍ ପ୍ରସ୍ତୁତ କରେ। ରୋଗୀକୁ ସୁରକ୍ଷିତ ରଖିବା ଓ ରୋଗ ଦୂର କରିବା ହେଉଛି ଡାକ୍ତରଙ୍କ କାମ। ବୈଜ୍ଞାନିକ ଦୃଷ୍ଟିରେ ଏହାକୁ ସର୍ଜିକାଲ ଆନାଲିସିସ୍ କୁହାଯାଇପାରେ। ଯେଉଁଠି ଡାକ୍ତର ଜଣକ ରୋଗୀଟିର ନିଦାନ ସହ ପରବର୍ତ୍ତୀ ସମୟରେ ଏଭଳି ସଂକ୍ରମଣରୁ କିଭଳି ଦୂରେଇ ରହିବ ସେଥିପାଇଁ ପ୍ରତିକାର (ପ୍ରତିଶେଧକ) ବ୍ୟବସ୍ଥା କରିଥାନ୍ତି। ଅନୁରୂପ ଭାବେ ଆମେ ସତ୍ୟର ବୃହତ୍ ବାସ୍ତବତାକୁ ହାସଲ କରିବାକୁ ପଡିବ। ରୋଗ ଭଳି ସାମୟିକ ଭୁଲ୍ ତ୍ରୁଟି ପାଇଁ ବିବ୍ରତ ନହୋଇ ଏହାର ସମାଧାନ କରିବାକୁ ପଡିବ। ଗାନ୍ଧୀଙ୍କ ଦୃଷ୍ଟିରେ 'ପାପୀକୁ ନୁହେଁ; ବରଂ ପାପକୁ ଘୃଣା କର'। ଏହି ପଦ୍ଧତିକୁ ଗାନ୍ଧିଜୀ 'ସତ୍ୟାଗ୍ରହ' (ସତ୍ୟ ପ୍ରତି ଆଗ୍ରହଭାବ) ବୋଲି କହିଥିଲେ। ଆମେ ସବୁ ଏଭଳି ଦୃଷ୍ଟିଭଙ୍ଗୀ ଆମମାନଙ୍କ ଜୀବନରେ ଆପଣାଇ ପାରିଲେ ସଂକଟକୁ ମୁକାବିଲା କରିବା ସହ ସତ୍ୟାନୁରାଗୀ ହୋଇ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିପାରିବା।

**ଉପସଂହାର**

ଗାନ୍ଧୀଙ୍କ ଜୀବନ ସର୍ବଦା ସତ୍ୟକୈନ୍ଦ୍ରିକ ରହିଥିଲା। ଯାହାକି ତାଙ୍କୁ ଶାନ୍ତି ପ୍ରଦାନ କରୁଥିଲା। ନିଜ ସହ ଅନ୍ୟ ଜୀବନର ସୁରକ୍ଷା ଓ ପ୍ରୋତ୍ସାହନ ତାଙ୍କୁ ଶାନ୍ତି ଅନୁଭବ କରାଉଥିଲା। ଏହି କାର୍ଯ୍ୟକୁ ସେ ଅଂହିସା ବୋଲି କହୁଥିଲେ। ପ୍ରକାରାନ୍ତରେ ଯେଉଁ ଦୁର୍ବିସହ ଜୀବନ ହିଁ ଅଶାନ୍ତିର ଅନୁଭବ ଆଣୁଥିଲା ସେଭଳି କାର୍ଯ୍ୟକୁ ସେ ହିଂସା ବୋଲି କହିଛନ୍ତି। ଅନ୍ତିମ ଅଭିଳାଷ ତଥା ଲକ୍ଷ୍ୟ ପୂରଣ କରିବାର ଏକମାତ୍ର ମାର୍ଗ ହେଉଛି ଅଂହିସା-ସତ୍ୟ। ଏହା ଶାନ୍ତିର ଏକ ପରମ ଅନୁଭବ। ଗାନ୍ଧୀ ଶାନ୍ତିପ୍ରାପ୍ତିକୁ ଭିନ୍ନ ଢଙ୍ଗରେ ବୁଝାଇବାକୁ ଯାଇ 'ଅଂହିସା' ଓ 'ସତ୍ୟ' ଭଳି ଦୁଇଟି ଶବ୍ଦର ଅବତାରଣା କରିଛନ୍ତି। ଅନ୍ୟ ପ୍ରତି ହିଂସା, ଦ୍ୱେଷ, କ୍ରୋଧ, ଇର୍ଷା, ନିନ୍ଦା ଆଦିରୁ ନିଜକୁ ଦୂରେଇ ରଖିବା ଓ ସମସ୍ତଙ୍କୁ ସହଯୋଗ, ସହାୟତା କରି ସେମାନଙ୍କ ଜୀବନକୁ ମଧ୍ୟ ଉନ୍ନତି କରିବା ଲାଗି ବ୍ୟକ୍ତିଟି ଯେଉଁ ଜୀବନ ଜୀଏଁ ଗାନ୍ଧୀଙ୍କ ବିଚାରରେ ତାହାହିଁ ଅଂହିସା। ଅଂହିସାତ୍ମକ ଜୀବନ ହିଁ ଶାନ୍ତିର ଜୀବନ; ସତ୍ୟର ଜୀବନ ହିଁ ଶାନ୍ତିପୂର୍ଣ୍ଣ ଜୀବନ। ଏହା କେବଳ ଆଧ୍ୟାତ୍ମିକ ଦୃଷ୍ଟିରେ ନୁହେଁ; ବରଂ ତେଲଲୁଣର ସଂସାରରେ ଏବଂ ବାସ୍ତବ ଜୀବନରେ ମଧ୍ୟ ପ୍ରୟୋଗଶୀଳ ତଥା ପ୍ରମାଣିତ କରାଯାଇପାରିବ।

**ଲେଖକ ହେଉଛନ୍ତି ଗାନ୍ଧୀ ରିସର୍ଚ୍ଚ ଫାଉଣ୍ଡେସନ୍, ଗାନ୍ଧୀ ତୀର୍ଥ ଇଣ୍ଡିଆର ଜଣେ ଡିନ୍**
**Email ID: dr.chelladurai.john@gandhifoundation.net**

# ସାମ୍ୟବାଦୀ ସମାଜ ଆଡକୁ

ରାମଚନ୍ଦ୍ର ପ୍ରଧାନ

ମହାତ୍ମା ଗାନ୍ଧୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ଜଣେ ରାଜନୈତିକ ନେତା ଭାବେ ଲଢ଼େଇ କରି ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବାକୁ ସେ ନିଜର ଏକମାତ୍ର ଲକ୍ଷ୍ୟ ଭାବେ ନିର୍ଦ୍ଧାରଣ କରି ନ ଥିଲେ । ତାଙ୍କର ଅଭିଯାନ ଥିଲା ବହୁମୁଖୀ । ଆମର ବ୍ୟକ୍ତିଗତ, ଜାତୀୟ ଏପରିକି ଆନ୍ତର୍ଜାତିକ ଜୀବନର ବିବିଧ କ୍ଷେତ୍ରକୁ ସ୍ପର୍ଶ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ତେବେ ଏହା ଭିତରେ ଭାରତୀୟ ସମାଜର ରାଜନୈତିକ, ସାମାଜିକ, ଆର୍ଥିକ, ସାଂସ୍କୃତିକ, ଧାର୍ମିକ ଓ ଆଧ୍ୟାତ୍ମିକ ଦିଗର ପୂର୍ଣ୍ଣାଙ୍ଗ ପୁନରୁଦ୍ଭବ ପାଇଁ ସେ ତାଙ୍କର ମନ ଓ ହୃଦୟକୁ ନିର୍ଦ୍ଦିଷ୍ଟ ଭାବେ ସମର୍ପିତ କରିଥିଲେ । ଏଥିପାଇଁ ସେ ଆମର ପ୍ରାଚୀନ ମୂଲ୍ୟବୋଧ ସତ୍ୟ ଓ ଅହିଂସା ମାର୍ଗକୁ ପ୍ରୟୋଗ କରିଥିଲେ । ଏହାରି ଆଧାରରେ ସତ୍ୟାଗ୍ରହ ମାଧ୍ୟମରେ ଏକ ବିରାଟ ଗଣ ଆନ୍ଦୋଳନ ତିଆରି କରିବାରେ ସଫଳତା ତାଙ୍କୁ ମିଳିଥିଲା । ଏଥିରେ ସେ ସଫଳ ହୋଇଥିଲେ ଏବଂ ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ଅର୍ଥନୈତିକ କ୍ଷେତ୍ରରେ ସେ ପାଶ୍ଚାତ୍ୟ ଢାଞ୍ଚାର ମୌଳିକ ମୂଲ୍ୟବୋଧକୁ ଗ୍ରହଣ କରି ନ ଥିଲେ । ତାଙ୍କ ମତରେ ପାଶ୍ଚାତ୍ୟ ଦର୍ଶନ ଅନୁସାରେ ପ୍ରଥମତଃ ଆତ୍ମସ୍ୱାର୍ଥ ମଣିଷ ଓ ସମାଜ ତଥାକଥିତ ବିକାଶକୁ ଆଗକୁ ବଢ଼ାଏ । ଦ୍ୱିତୀୟରେ କ୍ରମବର୍ଦ୍ଧିଷ୍ଣୁ ମାନବିକ ଲାଳସା ଓ ଇଚ୍ଛା ମାନବ ସମାଜର ବିକାଶର ବାହକ ହୁଏ । ତେଣୁ ସେ ମଣିଷର ଆବଶ୍ୟକତା ଓ ଇଚ୍ଛା ମଧ୍ୟରେ ଏକ ସୂକ୍ଷ୍ମ ପାର୍ଥକ୍ୟ ନିର୍ଦ୍ଧାରଣ କରିବାକୁ ବିଶେଷ ପ୍ରଯତ୍ନଶୀଳ ହୋଇଥିଲେ । ଯେକୌଣସି ଏକ ସମାଜରେ ମଣିଷର ମୌଳିକ ଆବଶ୍ୟକତାର ସାରକଥା ଉପରେ ସେ ଗୁରୁତ୍ୱ ଦେଇଥିଲେ ଏବଂ ତାକୁ ନିର୍ଦ୍ଧାରିତ କରିଥିଲେ । ତାଙ୍କ ନ୍ୟାସୀ ବ୍ୟବସ୍ଥା (ଟ୍ରଷ୍ଟିସିପ୍) ବିଚାରରେ ଏସବୁ ପ୍ରସଙ୍ଗର ମର୍ମ ସ୍ଥାନ ପାଇଲା । ସଂକ୍ଷେପରେ କହିଲେ, ସେ ମାତ୍ରାଧିକ ବସ୍ତୁବାଦୀ ବିଚାରକୁ ଅଗ୍ରାହ୍ୟ କରିଥିଲେ । ଅତିଶୟ ବସ୍ତୁବାଦ ମଣିଷର ସୂକ୍ଷ୍ମ ଆକାଂକ୍ଷାକୁ ନଷ୍ଟ କରିଥାଏ ବୋଲି ସେ କହିଲେ । ଧାର୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ସେ ସର୍ବଧର୍ମ ସମଭାବର ଦୃଢ଼ ପ୍ରବକ୍ତା ଥିଲେ । ଏଥିରେ ସବୁଧର୍ମ ପ୍ରତି ସମାନ ସମ୍ମାନର ବିଚାର ନିହିତ । ସେ ମଧ୍ୟ ପାଶ୍ଚାତ୍ୟ ଧର୍ମନିରପେକ୍ଷ ନୀତିକୁ ଗ୍ରହଣ କରି ନ ଥିଲେ । ପାଶ୍ଚାତ୍ୟ ଧର୍ମନିରପେକ୍ଷତାରେ ଧର୍ମ ଓ ରାଜନୀତିର ମିଶ୍ରଣ ନାହିଁ ଏବଂ ଏହା ଦୁଇଟି ସମ୍ପୂର୍ଣ୍ଣ ଅଲଗା ବିଷୟ ।



ରାଷ୍ଟ୍ରର ଶକ୍ତି ବା କ୍ଷମତା ଉପରେ ମଧ୍ୟ ତାଙ୍କର ଯଥେଷ୍ଟ ଆସ୍ଥା ନ ଥିଲା। ନାଗରିକ ସମାଜ (ସିଭିଲ୍ ସୋସାଇଟି) ଓ ସଂଗଠନ ଉପରେ ତାଙ୍କର ଗଭୀର ଆସ୍ଥା ଥିଲା ଏବଂ ସେ ଏହାର ଜଣେ ବଡ଼ ଭକ୍ତ ଥିଲେ। ଏହି ପ୍ରକ୍ରିୟାରେ ସେ ସାମାଜିକ ସଂସ୍କାର ପାଇଁ ତିନିଟି ଉପାୟ ବାହାର କରିଥିଲେ। ତାହା ହେଲା ୧) ଏକାଦଶ ବ୍ରତ, ୨) ରଚନାତ୍ମକ କାର୍ଯ୍ୟକ୍ରମ ଓ ୩) ସତ୍ୟାଗ୍ରହ। ଏକକ ରାଷ୍ଟ୍ରଶକ୍ତି ସ୍ଥାନରେ ସେ ଏହି ତିନିମାର୍ଗ ଉପରେ ଭରସା ରଖିଥିଲେ।

ପୂର୍ବରୁ କୁହାଯାଇଛି ଯେ ଗାନ୍ଧିଜୀ ଭାରତୀୟ 'ସମାଜ'ର ସମ୍ପୂର୍ଣ୍ଣ ପୁନରୁତ୍‌ଥାନ ପାଇଁ ଆନୁଷଙ୍ଗିକ ସଂସ୍କାର ଆଣିବାକୁ ଚାହୁଁଥିଲେ ଏବଂ ସେଥିପାଇଁ ମଧ୍ୟ ବଦ୍ଧପରିକର ଥିଲେ। ତେବେ ଏଥିପାଇଁ ତାଙ୍କୁ ଯଥେଷ୍ଟ ସମୟ ମିଳି ନ ଥିଲା। ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧୀ ଲଢ଼େଇ ଓ ଭାରତୀୟ ମୁକ୍ତି ସଂଗ୍ରାମରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯୋଗୁଁ ସାମାଜିକ ସଂସ୍କାର ଓ ଉତ୍‌ଥାନ ଘେନି ତାଙ୍କର ଯେଉଁ ବୈପ୍ଳବିକ ଚିନ୍ତାଧାରା ଥିଲା ତାହାକୁ କାର୍ଯ୍ୟକାରୀ କରିବାକୁ ଆବଶ୍ୟକ ସୁଯୋଗ, ସମୟ ଓ ସମର୍ଥନ ମିଳିଲା ନାହିଁ। ସେ ଭାରତର ଧାର୍ମିକ - ସାଂସ୍କୃତିକ ପରମ୍ପରା ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ। ପ୍ରାଚୀନ କାଳରେ ଥିବା ଏହାର ଅତୁଟ ମୌଳିକତା, ମହାନତା ଓ ବିଶେଷତ୍ୱକୁ ସେ ଭଲଭାବେ ଉପଲବ୍ଧ କରିଥିଲେ। ଐତିହାସିକ ବିକାଶଧାରାରେ ଏଥିରେ ଯେଉଁସବୁ ଅବାଞ୍ଛିତ ଏବଂ କଦର୍ଥ ବିଷୟ ସବୁ ଅନୁପ୍ରବେଶ କରିଥିଲା ସେ କଥା ସେ ବୁଝିଥିଲେ। ତେଣୁ ଆବଶ୍ୟକ ସଂସ୍କାର ଆଣି ସେସବୁ ଅବାଞ୍ଛିତ କଥାକୁ ହଟାଇ ଭାରତୀୟ ଧାର୍ମିକ - ସାଂସ୍କୃତିକ ପରମ୍ପରାକୁ ନିର୍ମଳ କରିବା ସହ ତାହାର ମୌଳିକତାକୁ ପୁନଃ ପ୍ରତିଷ୍ଠା କରିବାକୁ ସେ ଜୋର ଦେଉଥିଲେ। ଏଥିପାଇଁ ବୈପ୍ଳବିକ ସାମାଜିକ ସଂସ୍କାରର ସେ ଥିଲେ ଦୃଢ଼ ପକ୍ଷପାତୀ। 'ହିନ୍ଦ୍ ସ୍ୱରାଜ'ରେ ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ ଉଭୟ ଆନୁଷ୍ଠାନିକ ଓ ବୌଦ୍ଧିକ କ୍ଷେତ୍ରରେ ଏଭଳି ବୈପ୍ଳବିକ ପରିବର୍ତ୍ତନ ନ'ଆସିଲେ ଭାରତ 'ଇଂଗ୍ଲିସ୍ଥାନ' ହୋଇ ରହିଯିବ ଏବଂ କେବେ ହିନ୍ଦୁସ୍ଥାନ ହୋଇପାରିବ ନାହିଁ। ଗାନ୍ଧିଜୀଙ୍କ ଉପରେ ଉଦାର ହିନ୍ଦୁଧର୍ମର ପ୍ରଭାବ ଥିଲା, ଯଦିଓ ସେ ନିଜକୁ ଜଣେ 'ସନାତନୀ ହିନ୍ଦୁ' କହୁଥିଲେ। ସୌରାଷ୍ଟ୍ର ଅଞ୍ଚଳରେ ଗାନ୍ଧିଜୀ ଜନ୍ମ ନେଇଥିଲେ ଏବଂ ସେ ଇଲାକାଟି ସ୍ୱାମୀ ପ୍ରାଣନାଥ ଏବଂ ତାଙ୍କ ପ୍ରବର୍ତ୍ତିତ ପ୍ରଣାମିପନ୍ଥ ସମ୍ପ୍ରଦାୟର ପ୍ରଭାବରେ ଉଦାରବାଦୀ, ସମାବେଶୀ ହିନ୍ଦୁଧର୍ମରେ ବିଶ୍ୱାସୀ ଥିଲା। ଗାନ୍ଧିଜୀଙ୍କ ମାତା ପୁତ୍‌ଲୀବାଈ ବ୍ୟକ୍ତିଗତ ଭାବେ ପ୍ରଣାମିପନ୍ଥ ସଂପ୍ରଦାୟ ସହ ସମ୍ପୃକ୍ତ ଥିଲେ। ଏହାଛଡ଼ା ତାଙ୍କ ପିତା କରମଚାନ୍ଦ ଗାନ୍ଧୀ ଜଣେ ଉଦାରବାଦୀ ହିନ୍ଦୁ ଥିଲେ। ତେଣୁ ଗାନ୍ଧିଜୀ ଏକ ଉଦାରବାଦୀ ପାରିବାରିକ ଓ ସାମାଜିକ ପରିବେଶରେ ବଢ଼ିଥିଲେ ଏବଂ ରକ୍ଷଣଶୀଳତାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥିଲା। ୧୮୮୮-୯୧ ଯାଏ ସେ ତିନିବର୍ଷ ଇଂଲାଣ୍ଡରେ ଅବସ୍ଥାନ କରିବା ବେଳେ ତାଙ୍କର ଉଦାରବାଦୀ ବିଚାର ଅଧିକ ଶକ୍ତିଶାଳୀ ହୋଇଥିଲା। ଖ୍ରୀଷ୍ଟିୟାନ, ବ୍ରହ୍ମବିଦ୍ୟା (ଥିଓସଫି) ଭଳି ବିଭିନ୍ନ ଧର୍ମର ସଂସ୍ପର୍ଶରେ ସେ ଆସିଥିଲେ। ସେଠାରେ ସେ ପବିତ୍ର ବାଇବଲ ଓ ଭଗବତ୍ ଗୀତା ସମେତ ବିଭିନ୍ନ ଧର୍ମଶାସ୍ତ୍ର ପଢ଼ିବାକୁ ଆରମ୍ଭ କରିଥିଲେ। ଶିଳ୍ପବିପ୍ଳବ ପରେ ପରେ ରକ୍ଷଣଶୀଳ ଚର୍ଚ୍ଚର ପ୍ରଭୁତ୍ୱକୁ ବିରୋଧ କରୁଥିବା ପାଶ୍ଚାତ୍ୟ ଚିନ୍ତକ (ଅଦରଓ୍ୱେଷ୍ଟ)ମାନଙ୍କ ସମ୍ପର୍କରେ ସେ ମଧ୍ୟ ଆସିଥିଲେ। ଏହା ତାଙ୍କର ଉଦାରବାଦୀ ଦୃଷ୍ଟିକୋଣକୁ ଆହୁରି ସଂପ୍ରସାରିତ କରିଥିଲା। ତେବେ ଦକ୍ଷିଣ ଆଫ୍ରିକାରେ ତାଙ୍କର ଦୀର୍ଘ ଅବସ୍ଥାନ (୧୮୯୩-୧୯୧୪) ସମୟରେ ତାଙ୍କର କେତେକ ବିଚାର ଓ ଦୃଷ୍ଟିକୋଣ ବାସ୍ତବ ରୂପ ନେଲା। ଫିନିକ୍ସ ଆଶ୍ରମ (୧୯୦୪) ଓ ଟଲଷ୍ଟୟ ଫାର୍ମ (୧୯୧୦)ରେ ସେ ରହିବାବେଳେ 'ଶରୀରଶ୍ରମ' (ବ୍ରେଡ୍‌ଲେବର), 'ସର୍ବଧର୍ମ ସମଭାବ' (ସବୁ ଧର୍ମ ପ୍ରତି ସମାନ ସମ୍ମାନ) ଏବଂ 'ସ୍ପର୍ଶ ଭାବନା' (ଅସ୍ପୃଶ୍ୟତା ଦୂରୀକରଣ)କୁ ସେ ନିଷ୍ଠାର ସହ ପାଳନ କଲେ। ଏସବୁ ଆଶ୍ରମ ନିୟମିତ ବା ବାସ୍ତବ ନ ଥିଲା, ତଥାପି ସେଠାରେ ଗାନ୍ଧିଜୀ ଏହାକୁ ଆଶ୍ରମନୀତିର ଅଂଶ ବିଶେଷ କରିଥିଲେ।

୧୯୧୫ରେ ସେ ଭାରତ ଫେରିବା ପରେ ଭାରତୀୟ ଧାର୍ମିକ-ସାଂସ୍କୃତିକ ପରମ୍ପରାର ମୁହାଁମୁହିଁ ହେଲେ। ସେ ଭଲଭାବେ ଜାଣିଥିଲେ ଯେ ବ୍ରାହ୍ମଣ୍ୟବାଦୀ ଚତୁର୍ବର୍ଣ୍ଣ ପରାମ୍ପରା ଯୋଗୁଁ ବୌଦ୍ଧିକ ଓ ସେବାକାରୀ କାର୍ଯ୍ୟ ମଧ୍ୟରେ ଏକ ତୀବ୍ର ଭେଦଭାବ ସୃଷ୍ଟି ହୋଇଛି। ଉଚ୍ଚବର୍ଣ୍ଣର ହିନ୍ଦୁ, ବିଶେଷତଃ ବ୍ରାହ୍ମଣମାନେ ଶାରୀରିକ ପରିଶ୍ରମ ଓ ସେବାକାରୀ କାମ କରିବେ ନାହିଁ ଏବଂ କେବଳ ବୌଦ୍ଧିକ ଶ୍ରମ କରିବେ, ଏ ବିଚାର ସେଇ ପରମ୍ପରାରୁ ସୃଷ୍ଟ। ସେବା ବା ଭୃତ୍ୟକାର୍ଯ୍ୟ କେବଳ ଶୂଦ୍ରଙ୍କ ପାଇଁ କରଣୀୟ, ଏହା ଜାତିବାଦ ବ୍ୟବସ୍ଥାରେ ବିଧିସମ୍ମତ ହୋଇଥିଲା। ଗାନ୍ଧିଜୀ ଏହି ପରମ୍ପରାକୁ ବିରୋଧ କରିଥିଲେ। ସେ ଯେତେବେଳେ ଅହମଦାବାଦରେ ସାବରମତୀ ସତ୍ୟାଗ୍ରହ ଆଶ୍ରମ (୧୯୧୫) ସ୍ଥାପନ କଲେ ସେତେବେଳେ ଆଶ୍ରମବାସୀଙ୍କ ପାଇଁ 'ଏକାଦଶବ୍ରତ' ବିଧାନ ଲାଗୁ କଲେ। ଏହା ସବୁ ଆଶ୍ରମବାସୀଙ୍କ ପାଇଁ ପାଳନୀୟ ଓ ଅଲଂଘନୀୟ ଥିଲା। ଏହି ଏକାଦଶ ବ୍ରତଗୁଡ଼ିକ ହେଲା - ସତ୍ୟ, ଅହିଂସା, ଅଚୌର୍ଯ୍ୟ (ଚୋରି ନ କରିବା), ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ (କୌଣସି ସମ୍ପତ୍ତିର ଅଧିକାରୀ ନହେବା), ଜିହ୍ୱା ଲାଳସା ନିୟନ୍ତ୍ରଣ, ଭୟଶୂନ୍ୟତା, ଅସ୍ପୃଶ୍ୟତା ନିବାରଣ, ଶାରୀରିକ ଶ୍ରମ (ବଞ୍ଚିବା ପାଇଁ ପରିଶ୍ରମ କରିବା), ସ୍ୱଦେଶୀ ଏବଂ ସବୁଧର୍ମକୁ ସମ୍ମାନ। ଏହି ଏକାଦଶ ବ୍ରତ ମଧ୍ୟରୁ ଦୁଇଟି - ଅସ୍ପୃଶ୍ୟତା ନିବାରଣ, ଶରୀରଶ୍ରମ। ଶ୍ରମର ମର୍ଯ୍ୟାଦା ସହ ମୂଳତଃ ସଂପୃକ୍ତ। ସେ ଦୁଇଟି ବ୍ରତ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି।

**ଶରୀର ଶ୍ରମ:**

ଗାନ୍ଧିଜୀଙ୍କ ଶରୀରଶ୍ରମ ମନ୍ତ୍ରର ସରଳ ଅର୍ଥ ହେଲା ବଞ୍ଚିବାକୁ ହେଲେ ଜଣକୁ ଅବଶ୍ୟ ପରିଶ୍ରମ କରିବାକୁ ପଡ଼ିବ। ଅନ୍ୟ ଅର୍ଥରେ ନିଜେ ବଞ୍ଚିବାକୁ ମଣିଷକୁ ଉପାର୍ଜନକ୍ଷମ ହେବାକୁ ପଡ଼ିବ ଓ ସେ ଅନ୍ୟ ଉପରେ ନିର୍ଭର କରିବ ନାହିଁ। ବୌଦ୍ଧିକ ପରିଶ୍ରମ କରୁଥିବା ଲୋକଙ୍କୁ ମଧ୍ୟ କିଛି ଶାରୀରିକ ଶ୍ରମ କରିବାକୁ ହେବ। ନିଜର ଖାଦ୍ୟପେୟର ବନ୍ଦୋବସ୍ତ ପାଇଁ ଶ୍ରମ ଦେବାକୁ ହେବ ଏବଂ ଏଥିପାଇଁ ଉପାର୍ଜନ କରିବାକୁ ପଡ଼ିବ- ଏହି ତତ୍ତ୍ୱଟି ପ୍ରଥମେ ରୁଷିଆର ଜଣେ ନେତା ଟି ଏମ୍



ବୋନ୍ଦାରେକ୍ କହିଥିଲେ। ପରେ ଟଲଷ୍ଟୟ ଏହାକୁ ଲୋକପ୍ରିୟ କରିଥିଲେ। ତତ୍‌କାଳୀନ ସମାଜରେ ଶ୍ରମର ମର୍ଯ୍ୟାଦା କ୍ରମଶଃ ହ୍ରାସ ପାଉଥିଲା ଏବଂ ଏକଥା ଗାନ୍ଧିଜୀ ଭଲଭାବେ ଅନୁଭବ କରିଥିଲେ। ତେଣୁ ଦେଶର ସାମାଜିକ-ସାଂସ୍କୃତିକ ଜୀବନରେ ଶ୍ରମର ମହତ୍ୱ ଏବଂ ମୂଲ୍ୟବୋଧର ପ୍ରତିଷ୍ଠା କରିବାକୁ 'ଶରୀରଶ୍ରମ' ତତ୍ତ୍ୱକୁ ଗୁରୁତ୍ୱ ଦେଇଥିଲେ। ଏହାକୁ ସେ ଭାରତୀୟ ସାମାଜିକ ମୂଲ୍ୟବୋଧର ଏକ ମୁଖ୍ୟ ଉପାଦାନ କରିବାକୁ ଚାହିଁଥିଲେ। ତେଣୁ ଏହା ତାଙ୍କର ଏକାଦଶ ବ୍ରତରେ ସ୍ଥାନ ପାଇଥିଲା। ସେବାଶ୍ରମ ଓ ସାବରମତୀ ଆଶ୍ରମରେ ସେ ଏହାକୁ ନିଷ୍ଠାର ସହ ପାଳନ କରୁଥିଲେ। ସେ ମାନସିକ ବା ବୌଦ୍ଧିକ କାର୍ଯ୍ୟ ସହିତ ପ୍ରତିଦିନ କିଛି ଶାରୀରିକ ଶ୍ରମ କରୁଥିଲେ ଏବଂ ଆଶ୍ରମବାସୀଙ୍କ ପାଇଁ ଏହା ବାଧ୍ୟତାମୂଳକ ଥିଲା। ଗାନ୍ଧିଜୀଙ୍କ ଦୈନିକ କାର୍ଯ୍ୟସୂଚୀରେ ଏହା ଥିଲା ଏକ ଅଲଂଘନୀୟ ଅଂଶ। ଏହାକୁ ସେ ମଧ୍ୟ ଭଗବତ୍ ଗୀତାର ଯଜ୍ଞ ବିଚାର ସହ ଯୋଡ଼ିଥିଲେ। ଗୀତାରେ କୁହାଯାଇଛି ଶାରୀରିକ ଶ୍ରମ ରୂପକ ଯଜ୍ଞ ବିନା ଯେଉଁ ଖାଦ୍ୟ ଗ୍ରହଣ କରାଯାଏ ତାହା ଚୋରି ସହ ସମାନ।

୧୯୩୦ରେ ଗାନ୍ଧିଜୀ ଏରୱାଡ଼ା ଜେଲ୍‌ରେ ବନ୍ଦୀ ଥିଲେ। ଏହି କାରାଗାରକୁ ସେ ମନ୍ଦିର ବୋଲି କହୁଥିଲେ। ସେଠାରୁ ସେ ସାବରମତୀର ଅନ୍ତେଃବାସୀମାନଙ୍କୁ ଲେଖିଥିବା ଚିଠିରେ ଶରୀରଶ୍ରମ ଉପରେ ଗୁରୁତ୍ୱ ଦେଇଥିଲେ ଓ ଏହାର ମହତ୍ୱ ବୁଝାଇଥିଲେ। ଏହାର ଲାଭ ସମ୍ପର୍କରେ ସେ ଲେଖିଥିଲେ ଯେ ୧) ଦୈନିକ କିଛି ଶାରୀରିକ ପରିଶ୍ରମ କଲେ ଶରୀର ସୁସ୍ଥ ରହିବ। ଦ୍ୱିତୀୟରେ ଶାରୀରିକ ଶ୍ରମ କଲେ ବୌଦ୍ଧିକ ଶ୍ରମ ସମ୍ପର୍କରେ ଯେଉଁ ଭ୍ରାନ୍ତ ଧାରଣା ରହିଛି ତାହା ଦୂର ହେବ। ତୃତୀୟରେ ଶାରୀରିକ ଶ୍ରମ କରିବା ପରେ ଧନୀମାନେ ଏହାର ମହତ୍ୱ ବୁଝିପାରିବେ ଏବଂ ନିଜ ପାଖରେ ଥିବା ସମ୍ପତ୍ତିର ମାଲିକ ନ'ବୋଲାଇ ତାହାକୁ ଗରିବଙ୍କ ଧନ ଭାବେ ବିଚାରି ନିଜକୁ ଟ୍ରଷ୍ଟୀ ଭାବେ ଦେଖିବେ। ଚତୁର୍ଥରେ ନିଜ କାମ ନିଜେ କଲେ ଏପରିକି ନିଜ ଶୌଚାଳୟ ନିଜେ ସଫା କଲେ ମନରେ ଥିବା ବୃଥା ବଡ଼ିମା ଦୂର ହେବ ଏବଂ ସମାଜରୁ ଛୁଆଁଛୁତି ବିଚାର ହଟିବ। ଏହା ଫଳରେ ସାମାଜିକ ସମତା ପ୍ରତିଷ୍ଠା କରାଯାଇପାରିବ।

ଗାନ୍ଧିଜୀଙ୍କ ଆହ୍ୱାନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କର ହଜାର ହଜାର ସମର୍ଥକ ଓ ଅନୁଗାମୀ ଶରୀର ଶ୍ରମକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ କାର୍ଯ୍ୟ ଭାବେ ଆଦରି ନେଇଥିଲେ।

ଏହାପରେ ଅରଟ ଓ ହସ୍ତତନ୍ତ (ଚରଖା ଓ କରଘା) ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟର ଏକ ମିଳିତ ସଂକେତ ହେଲା। ବଳକା ସମୟରେ ଅତିରିକ୍ତ ରୋଜଗାର ପାଇଁ ଲକ୍ଷ ଲକ୍ଷ ଲୋକଙ୍କର ଏହା ମାଧ୍ୟମ ପାଲଟିଲା। ନିଜେ ସୂତା କାଟି ନିଜ ପାଇଁ ଲୁଗା ବୁଣି ଲୋକେ ଆତ୍ମନିର୍ଭରଶୀଳ ହୋଇପାରିଲେ। ଏହାଥିଲା ସେମାନଙ୍କ ପାଇଁ ଆତ୍ମ 'ସ୍ୱରାଜ' ସଦୃଶ। ଏହା ମଧ୍ୟ ସମାଜରେ ଆତ୍ମନିର୍ଭରଶୀଳତାର ଏକ ସଂସ୍କୃତି ସୃଷ୍ଟି କରିବା ସହ ଏକ ନୂଆ ବାତାବରଣ ଆରମ୍ଭ କରିଥିଲା। ଖଦୀ ପ୍ରସାରଣ ପଛରେ ମଧ୍ୟ ଗାନ୍ଧିଜୀଙ୍କର ସେଇ ଏକା ବିଚାର ନିହିତ ଥିଲା।

**ଅସ୍ପୃଶ୍ୟତା ନିବାରଣ:**

କମ୍ ବୟସରୁ ଗାନ୍ଧିଜୀ ଛୁଆଁଛୁତି ଭାବନା ଓ ଅସ୍ପୃଶ୍ୟତାକୁ ଘୃଣା କରୁଥିଲେ ଏବଂ ଏହାର ବିଲୋପ ଚାହୁଁଥିଲେ। ମଣିଷ ମଣିଷ ଭିତରେ ଏହି ଉଚ୍ଚ-ନୀଚ ଓ ସ୍ପୃଶ୍ୟ-ଅସ୍ପୃଶ୍ୟ ବିଚାରକୁ ପସନ୍ଦ କରୁ ନ ଥିଲେ। ନିର୍ଦ୍ଦିଷ୍ଟ କେତେକ ଜାତି ଓ ପରିବାରରେ ଜନ୍ମିତ ଲୋକଙ୍କୁ ଛୁଇଁଦେଲେ ଅନ୍ୟ ଜାତିର ଲୋକେ ଅପବିତ୍ର ହୋଇଯିବେ – ଏଭଳି ଧାରଣା ଭିତ୍ତିହୀନ ଓ ଭ୍ରାନ୍ତ ବୋଲି ସେ ଭଲଭାବେ ଜାଣିଥିଲେ। ଏହାକୁ ସେ ହିନ୍ଦୁଧର୍ମର ଏକ କଳଙ୍କ ବୋଲି ବିଚାରି ତାହାର ଦୂରୀକରଣ ପାଇଁ ଉଦ୍ୟମ କରିଥିଲେ। ଏହା ମଧ୍ୟ ତାଙ୍କ ଏକାଦଶବ୍ରତରେ ସ୍ଥାନ ପାଇଥିଲା। ଦକ୍ଷିଣ ଆଫ୍ରିକା ଓ ସାବରମତୀରେ ଅବସ୍ଥାନ କାଳରେ ସେ ଦୁଇଥର ଏଭଳି ଅସ୍ପୃଶ୍ୟ ଭାବନା ପତ୍ନୀ କସ୍ତୁରବାଙ୍କଠାରେ ଦେଖିବାକୁ ପାଇଥିଲେ ଯାହା ତାଙ୍କୁ ବ୍ୟଥିତ କରିଥିଲା। ପତ୍ନୀଙ୍କ ଏଇ ଭାବନା ଦୂର କରିବାରେ ପରେ ସେ ଅବଶ୍ୟ ସଫଳ ହୋଇଥିଲେ। ସେଇଭଳି ୧୯୩୨ରେ ଜାତି ଓ ସଂପ୍ରଦାୟଭିତ୍ତିକ ନୀତି (କମ୍ୟୁନାଲ ଆୱାର୍ଡ) ଜରିଆରେ ବ୍ରିଟିଶ ସରକାର ଯେତେବେଳେ ହିନ୍ଦୁମାନଙ୍କଠାରୁ ତଥା କଥିତ ଅସ୍ପୃଶ୍ୟମାନଙ୍କୁ ଅଲଗା କରିବାକୁ ନିଷ୍ପତ୍ତି ନେଲେ ଗାନ୍ଧି ତାହାର ବିରୋଧ କରି ଆମରଣ ଅନଶନ କରିଥିଲେ। ଏହା ପରେ ସେ ଭାରତରୁ ଅସ୍ପୃଶ୍ୟତା ଦୂର କରିବା ଉଦ୍ଦେଶ୍ୟରେ ଜୋରଦାର ଉଦ୍ୟମ ଆରମ୍ଭ କରିଥିଲେ। ସେ ହରିଜନ ସେବକ ସଂଘ ସ୍ଥାପନ କରିବା ସହ 'ହରିଜନ' ନାମରେ ଏକ ପତ୍ରିକା ବାହାର କରି ଏହି ସାମାଜିକ କୁସଂସ୍କାର

ବିରୋଧରେ ଜନସଚେତନତା ସୃଷ୍ଟି କଲେ। ଅସ୍ପୃଶ୍ୟତା ଦୂର ସପକ୍ଷରେ ସେ ଅନେକ ଯୁକ୍ତିଯୁକ୍ତ ପ୍ରସଙ୍ଗ ନିଜ ପତ୍ରିକାରେ ଲେଖିଲେ ଏବଂ ସେ ବିଷୟରେ ମଧ୍ୟ ଲୋକଙ୍କୁ ବୁଝାଇଲେ। ଗୋଟିଏ ଜାତି ଓ ପରିବାରରେ ଜନ୍ମ ହେଲେ ଜଣେ ଅଛୁଆଁ ହେବ ବୋଲି ଭାବିବା ଏକ 'ପାପ' ବୋଲି ସେ ଲୋକଙ୍କୁ ବୁଝାଉଥିଲେ। ଏହା ହିନ୍ଦୁଧର୍ମର ବିରୋଧାଚରଣ କରୁଛି ଏବଂ ସମସ୍ତେ ଈଶ୍ୱରଙ୍କ ସନ୍ତାନ ହୋଇଥିବାରୁ ଜାତିଗତ, ଛୁଆଁ ଅଛୁଆଁ ଭେଦଭାବ ଅଶାସ୍ତ୍ରୀୟ, ଅଯୌକ୍ତିକ ବୋଲି ସେ କହୁଥିଲେ। ପ୍ରେମ ଓ ଅହିଂସା ଦ୍ୱାରା ସମସ୍ତଙ୍କୁ ବାନ୍ଧି ରଖିବା ସହ ମଣିଷ-ମଣିଷ ଭିତରେ ଥିବା ପାର୍ଥକ୍ୟର ଅବସାନ ପାଇଁ ସେ ଜୋର୍ ଦେଇଥିଲେ। ମଇଳା ସଫେଇ ମଣିଷ ସମାଜର ସବୁଠୁ ଅତ୍ୟାବଶ୍ୟକ କାମ ବୋଲି ଉଲ୍ଲେଖ କରି ଗାନ୍ଧିଜୀ କହୁଥିଲେ, "ଏହି କାର୍ଯ୍ୟରେ ଗୋଟିଏ ବର୍ଗର ଲୋକ ସଂପୃକ୍ତ ଥିବାରୁ ସେମାନଙ୍କୁ ନୀଚ ଚକ୍ଷୁରେ ଦେଖିବା ଅର୍ଥ ତାଙ୍କ କାମକୁ ଘୃଣା କରିବା।" କର୍ମକୁ ଘୃଣା ଅର୍ଥ ଶ୍ରମର ଅମର୍ଯ୍ୟାଦା ବୋଲି ଗାନ୍ଧିଜୀ କହିବା ସହ ନିଜ ଶୌଚାଳୟ ନିଜେ ସଫା କରିବାକୁ ଲୋକଙ୍କୁ ପରାମର୍ଶ ଦେଉଥିଲେ।

ସ୍ପର୍ଶ ଭାବନା ଓ ଶରୀରଶ୍ରମ - ଗାନ୍ଧିଜୀଙ୍କର ଏଇ ଦୁଇ ବିଚାର ବର୍ତ୍ତମାନ ସମୟ ପାଇଁ ବେଶ୍ ପ୍ରାସଙ୍ଗିକ ମନେହୁଏ। ଭାରତ ଅବଶ୍ୟ ଏଇ ଦୁଇ କ୍ଷେତ୍ରରେ ଯଥେଷ୍ଟ କିଛି ସଫଳତା ହାସଲ କରିଛି। ସ୍ୱାଧୀନତା ଆନ୍ଦୋଳନ କାଳରେ ମୁକ୍ତି ସଂଗ୍ରାମୀମାନେ ଏହି ଦୁଇ କଥା ଉପରେ ବିଶେଷ ଜୋର ଦେଇ ତାହାକୁ ପାଳନ କରୁଥିଲେ। ସରକାରୀ ଓ ବେସରକାରୀ ଭାବେ ମଧ୍ୟ ଏଥିପ୍ରତି ଲୋକଙ୍କର ଆଗ୍ରହ ବଢ଼ିଛି। ଏହା ସତ୍ତ୍ୱେ ଏ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣ ସଫଳ ହୋଇଛୁ ବୋଲି କୁହାଯାଇ ନ'ପାରେ। ବହୁଦିନ ତଳୁ ଆଇନ ଦ୍ୱାରା ଅସ୍ପୃଶ୍ୟତାର ଅବସାନ ଘଟିଛି। ଶ୍ରମର ମର୍ଯ୍ୟାଦା ମଧ୍ୟ ସ୍ୱୀକୃତି ପାଇଛି। ଆମେ ଏ କ୍ଷେତ୍ରରେ ଲଢ଼େଇ ଜିତିଛୁ ସତ ଯୁଦ୍ଧ କିନ୍ତୁ ସରିନାହିଁ। ଆମକୁ ଆହୁରି କିଛି କରିବାକୁ ହେବ। ବାପୁ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଏକ ଶ୍ରେଣୀହୀନ ସମାଜର ଯେଉଁ ସ୍ୱପ୍ନ ଦେଖିଥିଲେ ନୂଆ ସମୟ ଓ ନୂଆ ଯୁଗରେ ସେ ଲକ୍ଷ୍ୟ ଆମକୁ ପୂରଣ କରିବାକୁ ପଡ଼ିବ।

## ଗାନ୍ଧୀଙ୍କ ରଚନାରୁ କିଛି ଉଦ୍ଧୃତି

୧) "ବୌଦ୍ଧିକ କାମ ଗୁରୁତ୍ୱପୂର୍ଣ୍ଣ ଏବଂ ଜୀବନରେ ଏହାର ଆବଶ୍ୟକତା ଅପରିହାର୍ଯ୍ୟ। ଏଥିସହିତ ଶାରୀରିକ ଶ୍ରମ ମଧ୍ୟ ନିହାତି ଦରକାର। ସବୁ ଲୋକ ଦୈନିକ ସେଇ କାମଟି କିଛି କିଛି କରିବା ଆବଶ୍ୟକ; କାରଣ ଶାରୀରିକ ଶ୍ରମ ଦ୍ୱାରା ବୌଦ୍ଧିକ ଶ୍ରମର ମାନ ବଢ଼ିବ। ପ୍ରାଚୀନ କାଳରେ ବ୍ରାହ୍ମଣମାନେ ଉଭୟ ବୌଦ୍ଧିକ ଓ ଶାରୀରିକ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସମୟରେ ବୌଦ୍ଧିକ ଶ୍ରମ ସହ ଶାରୀରିକ ଶ୍ରମର ଯଥେଷ୍ଟ ଆବଶ୍ୟକତା ରହିଛି। ଜଣେ ରୁଷୀୟ ଚାଷୀ ବୋନ୍ଦାରେଫଙ୍କ ତତ୍ତ୍ୱ-ଖାଦ୍ୟପେୟ ପାଇଁ ପ୍ରତ୍ୟେକ ଲୋକ କିଛି ଶ୍ରମ କରିବା ଉଚିତ - ତାହାକୁ ଟଲଷ୍ଟୟ କିପରି ଲୋକ ପ୍ରିୟ କରାଇଥିଲେ ସେ କଥା ଉଲ୍ଲେଖ୍ୟଯୋଗ୍ୟ।"

*ହରିଜନ-୨୩.୨.୪୭ ପୃଷ୍ଠା-୩୬*

୨) "ହସ୍ତତନ୍ତ ଓ ଚରଖାକୁ ପ୍ରସାର କରିବାବେଳେ ଏକ୍ଷେତ୍ରରେ ଶିଳ୍ପ ବ୍ୟବସ୍ଥାର ସମ୍ପୂର୍ଣ୍ଣ ପରିହାର କଥା ମୁଁ ଚିନ୍ତା କରିନାହିଁ। ଭାରତରେ ବିଭିନ୍ନ କ୍ଷେତ୍ରରେ ଯେଉଁ ଅର୍ଦ୍ଧ ବେକାର ଲୋକମାନେ ଅଛନ୍ତି ସେମାନଙ୍କ ଉନ୍ନତି ପାଇଁ ମୁଁ ଚରଖା ଓ ଖଦୀ ଉପରେ ଗୁରୁତ୍ୱ ଦେଉଛି। ସେମାନେ ବେକାର ବା ଅର୍ଦ୍ଧବେକାର ନ ଥିଲେ ମୋର ଚରଖା ଓ ଖଦୀ ଭାବନା ଉଦ୍ରେକ ହୋଇ ନ ଥାନ୍ତା।"

**ୟଙ୍ଗ ଇଣ୍ଡିଆ, ୨୭.୫.୧୯୨୬ ପୃଷ୍ଠା -୧୯୧**

୩) "ସେସବୁର ପ୍ରାଚୀନତା ଦୃଷ୍ଟିରୁ ସବୁ ଜିନିଷ ଭଲ ଓ ଗ୍ରହଣୀୟ ଏକଥା ମୁଁ କହିନାହିଁ। ପ୍ରାଚୀନ ପରମ୍ପରାର ଦ୍ୱାହି ଦେଇ କୁସଂସ୍କାର ଓ ମନ୍ଦକଥାକୁ ଈଶ୍ୱରଦତ୍ତ କହି ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ଯେଉଁ ସବୁ କଥା ନୈତିକତାର ପରିପନ୍ଥୀ ତାହାକୁ ଭାରତମାଟିରୁ ହଟାଇବାକୁ ପଡ଼ିବ। ଅସ୍ପୃଶ୍ୟତା, ବାଲ୍ୟବିବାହ ଭଳି କିଛି କଥା ପ୍ରାଚୀନ ପରମ୍ପରା ବୋଲି ବିଚାର କରାଯାଏ। ମାତ୍ର ସେସବୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଉପରେ ଗଢ଼ିଉଠିଛି। ମୋର ଯଦି କ୍ଷମତା ଥାଆନ୍ତା ମୁଁ ସେସବୁକୁ ଏ ମାଟିରୁ ଝାଡୁମାରି ସଫା କରିଦେଇଥାନ୍ତି। ମୁଁ ଯେତେବେଳେ ପ୍ରାଚୀନ ପରମ୍ପରା କଥା କହୁଛି ତାହାର ଅସଲ ଉଦ୍ଦେଶ୍ୟଟି କ'ଣ ଆପଣ ବୁଝି ପାରୁଥିବେ।"

*ୟଙ୍ଗଇଣ୍ଡିଆ, ୨୨.୯.୨୭, ପୃଷ୍ଠା- ୩୧୯।*

ଲେଖକ ହେଉଛନ୍ତି ଜଣେ ଶିକ୍ଷାବିତ୍ ଓ ଗବେଷକ
Email ID: pradhanramchandra1@gmail.com

# ଜାତୀୟ ପୁନଃର୍ଜାଗରଣ ପାଇଁ ରାସ୍ତା

ଏ. ଆନ୍ନାମଲ୍ଲାଇ

ସେବା ଗ୍ରାମରୁ ବର୍ଦ୍ଦୋଲିକୁ ରେଳଯାତ୍ରା କଲାବେଳେ ଗାନ୍ଧିଜୀ ପୁସ୍ତିକା ଖଣ୍ଡିଏ ଲେଖିଥିଲେ। ସେଥିରେ ସେ ସ୍ୱାଧୀନତା ଆନ୍ଦୋଳନକାରୀଙ୍କ ଉଦ୍ଦେଶ୍ୟରେ କେତେକ ମୌଳିକ ବିଷୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏଥିରେ ପ୍ରଥମେ ୧୩ଟି ବିଷୟ ଥିଲା ଓ ପରେ ସେ ଆଉ ୫ଟି ବିଷୟ ଯୋଡ଼ିଥିଲେ। ଏହିପରି ଭାବରେ ଜନ୍ମ ନେଇଥିଲା ୧୮ ସୂତ୍ରୀୟ 'ଗଠନମୂଳକ କାର୍ଯ୍ୟକ୍ରମ', ଯାହା ଭାରତୀୟ ସମାଜର ପୁର୍ନଗଠନ ପାଇଁ ଥିଲା ଏକ ଢାଞ୍ଚା। ୧୯୪୨ ମସିହାରେ ସେ ଲେଖିଥିଲେ- "ସତ୍ୟ ଓ ଅଂହିସା ମାଧ୍ୟମରେ ଆମେ ଯଦି ସ୍ୱରାଜ ହାସଲ କରିବାକୁ ଇଚ୍ଛୁକ ତା'ହେଲେ 'ଗଠନମୂଳକ କାର୍ଯ୍ୟକ୍ରମ' ଦ୍ୱାରା 'ସମାଜ'କୁ ତଳୁ ଉପରକୁ ଧୀର କିନ୍ତୁ ସ୍ଥିର ଭାବରେ ଗଢ଼ିବା ହିଁ ହେଉଛି ଏକମାତ୍ର ପଥ।"

ଏହା ଏପରି ଏକ କାର୍ଯ୍ୟକ୍ରମ ଥିଲା, ଯେଉଁଥିରେ ଗୋଷ୍ଠୀସ୍ତରରେ ଲୋକମାନେ ନିଜେ ସମ୍ବଳ ଯୋଗାଡ଼ କରି ବିଭିନ୍ନ ଢାଞ୍ଚା, ବ୍ୟବସ୍ଥା ଓ ପ୍ରକ୍ରିୟାର ପୁନଃନିର୍ମାଣ କରିବେ। ଏହା ଆଉ ମଧ୍ୟ ଥିଲା ଏକ ଯୋଜନାବଦ୍ଧ ପ୍ରଚେଷ୍ଟା। ଯଦ୍ଦ୍ୱାରା ସମାଜର ମଙ୍ଗଳ ପାଇଁ ସମସ୍ତ ଗଠନମୂଳକ ଶକ୍ତିକୁ ଏକୀକୃତ କରାଯାଇପାରିବ। ଜନସାଧାରଣଙ୍କ ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରାଇ ସେମାନଙ୍କୁ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇବା ପାଇଁ ସେ ଏହି କାର୍ଯ୍ୟକ୍ରମଟିକୁ ତିଆରି କରିଥିଲେ।

ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଏହି ପରିବର୍ତ୍ତନ ମନ୍ତ୍ର ପ୍ରାସଙ୍ଗିକ ହୋଇ ରହିଛି। ଆଜିର ସମାଜରେ ମଧ୍ୟ ଏହାର ଉପଯୋଗିତା ବଳବତ୍ତର ରହିଛି। ଯଦିଓ ଏହାର ପ୍ରକ୍ରିୟା ବଦଳିଛି ତଥାପି ଏକ ସୁସ୍ଥ ଓ ଶାନ୍ତିକାମୀ ସମାଜ ଗଠନ ପାଇଁ ଏହା ଆବଶ୍ୟକ।

**ପୃଷ୍ଠଭୂମି**

ନିଜ ରାଜନୀତିକ ଗୁରୁ ଗୋଖ୍‌ଲେଙ୍କ ପ୍ରସ୍ତାବ ଅନୁସାରେ ଗାନ୍ଧିଜୀ ସମଗ୍ର ଭାରତ ଭ୍ରମଣ କରିଥିଲେ। ଏଥିରୁ ସେ ଦେଶର ଅବକ୍ଷୟିଷ୍ଣୁ ଅବସ୍ଥାକୁ ବୁଝି ପାରିଥିଲେ। ସେ ହୃଦୟଙ୍ଗମ କରିପାରିଥିଲେ ଯେ ଦୀର୍ଘଦିନ ଧରି ବିଦେଶୀ ଶାସନ କବଳରେ ରହିଥିବା ଯୋଗୁଁ ଭାରତୀୟ ସମାଜରେ ବିଭେଦ ସୃଷ୍ଟିହେବା ସହ ଏହା ଜାତିବାଦୀ ହୋଇଯାଇଥିଲା ଓ ସାମାଜିକ ବିବେକ ହରାଇ ଦୁର୍ବଳ ହୋଇ ସାରିଥିଲା। ଯଦି ଏହି ସମାଜର ପୁନଃନିର୍ମାଣ କରାନଯାଏ ତେବେ ସେହି ସମାଜ ନା ସ୍ୱାଧୀନତା ହାସଲ କରିପାରିବ ନା ସେହି



ସ୍ୱାଧୀନତାକୁ ବଞ୍ଚାଇ ରଖିପାରିବ। ତେଣୁ ଜାତୀୟ ପୁନର୍ଗଠନ ପାଇଁ ସେ ଯେଉଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତା'ର ନାଁ ଥିଲା 'ଗଠନମୂଳକ କାର୍ଯ୍ୟକ୍ରମ'। ଏହାର ବିଷୟବସ୍ତୁ ଥିଲା ଅଦ୍ୱିତୀୟ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଦକ୍ଷିଣ ଆଫ୍ରିକାରୁ ଆରମ୍ଭ କରି ଏଯାବତ୍ ସେ ନେଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକର ଏହା ଥିଲା ସମାହାର।

ଯଦିଓ ସେ ୧୯୪୧ ମସିହାରେ ଏହାର ବିଧିବଦ୍ଧ ରୂପ ତିଆରି କରିଥିଲେ ତଥାପି ବିଦ୍ୟାଳୟ ସ୍ଥାପନ ସମେତ ସ୍ୱାସ୍ଥ୍ୟ ଓ ପରିମଳ କାର୍ଯ୍ୟକ୍ରମ ଆଦି ଦ୍ୱାରା ସେ ତାଙ୍କର ଗଠନମୂଳକ କାର୍ଯ୍ୟ ଚମ୍ପାରଣ ସତ୍ୟାଗ୍ରହ ବେଳୁ ହିଁ ଆରମ୍ଭ କରିସାରିଥିଲେ। ଜନସେବକମାନଙ୍କ ପାଇଁ ତାଙ୍କ ଆଶ୍ରମ ଥିଲା ଏକ ପ୍ରଶିକ୍ଷଣ କେନ୍ଦ୍ର।

ଏହି ୧୮ ସୂତ୍ରୀୟ ଗଠନମୂଳକ କାର୍ଯ୍ୟକ୍ରମ ଥିଲା କେବଳ ଏକ ସ୍ଥୂଳ ମାର୍ଗଦର୍ଶିକା। ଏଥିରେ କୌଣସି ନିର୍ଦ୍ଦିଷ୍ଟତା ନଥିଲା। କାରଣ ପ୍ରତ୍ୟେକ ସ୍ଥାନର ଆବଶ୍ୟକତା ଭିନ୍ନ। ତେଣୁ ଏହି ପୁସ୍ତିକାର ମୁଖବନ୍ଧରେ ସେ ଲେଖିଥିଲେ- "ଏଥିରେ ସମ୍ମିଳିତ ବିଷୟଗୁଡ଼ିକୁ କୌଣସି ନିର୍ଦ୍ଦିଷ୍ଟ କ୍ରମରେ ଲେଖାଯାଇ ନାହିଁ- ସେଗୁଡ଼ିକର ଗୁରୁତ୍ୱ ଅନୁଯାୟୀ ମଧ୍ୟ ନୁହଁ। ତେଣୁ ଯଦି ପାଠକ ସ୍ୱାଧୀନତା ଦୃଷ୍ଟିରୁ କୌଣସି ବିଷୟ ଏଥିରେ ସ୍ଥାନ ପାଇନଥିବା ଦେଖିବେ, ସେ ବୁଝିବା ଉଚିତ୍ ଯେ ଏହା ଉଦ୍ଦେଶ୍ୟମୂଳକ ନୁହଁ। ସେ ନିର୍ବିଘ୍ନରେ ସେହି ବିଷୟକୁ ଏଥିରେ ଯୋଡ଼ି ପାରିବେ ଓ ମୋତେ ଜଣାଇପାରିବେ। ଏହି ସୂଚୀ ସାମଗ୍ରିକ ନୁହଁ, କେବଳ ସାଙ୍କେତିକ ମାତ୍ର। ପାଠକମାନେ ଆହୁରି ନୂଆ ନୂଆ ବିଷୟ ଦେଖିବାକୁ ପାଇବେ।"

ଗାନ୍ଧିଜୀଙ୍କ ୧୮ ସୂତ୍ରୀୟ ଗଠନମୂଳକ କାର୍ଯ୍ୟକ୍ରମକୁ ଚାରୋଟି ଭାଗରେ ବିଭକ୍ତ କରାଯାଇପାରେ- ସାମାଜିକ (ସାମ୍ପ୍ରଦାୟିକ ସଦ୍‌ଭାବ, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ନାରୀ, ବିଦ୍ୟାର୍ଥୀ, କୃଷକ, ଶ୍ରମିକ, ଆଦିବାସୀ ଓ କୁଷ୍ଠରୋଗୀ), ଆର୍ଥିକ (ଖଦୀ, ଅନ୍ୟାନ୍ୟ ଗ୍ରାମୋଦ୍ୟୋଗ ଓ ଆର୍ଥିକ ସମାନତା), ଶିକ୍ଷା (ମୌଳିକ ଶିକ୍ଷା, ପ୍ରୌଢ଼ ଶିକ୍ଷା, ରାଷ୍ଟ୍ରୀୟ ଭାଷା ଓ ପ୍ରାଦେଶିକ ଭାଷା) ଓ ଶେଷରେ ସ୍ୱାସ୍ଥ୍ୟ (ଗ୍ରାମ୍ୟ ପରିମଳ ଓ ସ୍ୱାସ୍ଥ୍ୟ)।

**୧. ସାମ୍ପ୍ରଦାୟିକ ଏକତା-** ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବ ହେଉଛି ଜାତୀୟ ଏକତା ଓ ବିକାଶର ଆଧାର। ଡକ୍ଟର ରାଜେନ୍ଦ୍ର ପ୍ରସାଦ କହିଥିଲେ- "ଏକଥା ସ୍ୱୀକାର୍ଯ୍ୟ ଯେ ବର୍ତ୍ତମାନର ସାମ୍ପ୍ରଦାୟିକ ବିଭେଦର ମୂଳରେ ରହିଛି ପାରସ୍ପରିକ ସନ୍ଦେହ ଓ ଅବିଶ୍ୱାସ। ଏହା ଏପରି ଭାବେ ଜାତୀୟ ଜୀବନକୁ କଳୁଷିତ କରିଛି, ଯାହା ଫଳରେ ପରସ୍ପର ପ୍ରତି ଥିବା ସନ୍ଦେହ ଧାର୍ମିକ ଆୟୋଜନ, ଭାଷା, ସଂସ୍କୃତି, ଜୀବନଧାରଣ, ଶିକ୍ଷା, ଅର୍ଥନୀତି ଓ ରାଜନୀତି- ସବୁ କ୍ଷେତ୍ରରେ ପ୍ରବେଶ କରିଛି। ବାସ୍ତବରେ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ରବେଶ କରିଛି। ପାରସ୍ପରିକ ବିଶ୍ୱାସ ଆପଣାଛାଏଁ ପ୍ରତିଷ୍ଠା ହେବ, ଯଦି ଆମେ ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ସମସ୍ତ ପ୍ରକାରର ଶକ୍ତି ପ୍ରୟୋଗକୁ ପରିତ୍ୟାଗ କରିବା।" ସାମ୍ପ୍ରଦାୟିକ ଏକତା ପାଇଁ ଗାନ୍ଧିଜୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ।




**୨. ଅସ୍ପୃଶ୍ୟତା ନିବାରଣ-** ଅସ୍ପୃଶ୍ୟତା ହେଉଛି ସବୁଠାରୁ କଦର୍ଯ୍ୟ ଢାଞ୍ଚାଗତ ହିଂସା ଓ ଧର୍ମ ନାଁରେ କରାଯାଉଥିବା ନିଷ୍ଠୁରତାର ଏକ ନିର୍ଦ୍ଦିଷ୍ଟ ନିଦର୍ଶନ। ଗାନ୍ଧିଜୀ କହୁଥିଲେ ଯେ ଅସ୍ପୃଶ୍ୟତା ପାଇଁ ଧର୍ମରେ କୌଣସି ନିର୍ଦ୍ଦେଶ ନାହିଁ ଓ ଏହାକୁ ସମୂଳେ ନଷ୍ଟ କରିବା ଉଚିତ୍। ଆଜିର ଆଧୁନିକ ଯୁଗରେ ଦେଶର ବିଭିନ୍ନ ଭାଗରେ ଦେଖାଦେଉଥିବା ଅସ୍ପୃଶ୍ୟତାର ଘଟଣାଗୁଡ଼ିକ ହେଉଛି ଲଜ୍ୟାକର। ଈଶ୍ୱରଙ୍କ ଆଖିରେ ସମସ୍ତେ ସମାନ। ଭାରତୀୟଙ୍କ ଉପରେ ଇଂରେଜମାନଙ୍କର ଆଧିପତ୍ୟ ବିରୋଧରେ ଗାନ୍ଧିଜୀ ସଂଗ୍ରାମ କରିଥିଲେ। ସେମାନେ ଭାରତୀୟଙ୍କୁ ନିକୃଷ୍ଟ ଦୃଷ୍ଟିରେ ଦେଖୁଥିଲେ। ଆମେ ଯଦି ଆମ ନିଜ ଲୋକଙ୍କ ପ୍ରତି ସେହିଭଳି ମନୋଭାବ ପ୍ରଦର୍ଶନ କରିବା ତାହା ଠିକ୍ ନୁହଁ। ତେଣୁ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସମାନ ଭାବରେ ବିବେଚନା କରିବା ଉଚିତ୍ ଓ ଏହି ଅମାନବିକ ବ୍ୟବହାରର ନିରାକରଣ ପାଇଁ ଆନ୍ତରିକ ପ୍ରଚେଷ୍ଟା କରିବା ଉଚିତ୍।

**୩. ନିଶା ନିବାରଣ-** ନିଶା ସେବନ ବିରୁଦ୍ଧରେ ଗାନ୍ଧିଜୀଙ୍କ ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ କଠୋର ଥିଲା। କାରଣ ଏହା କେବଳ ସାମାଜିକ ଓ ଆର୍ଥିକ ଅବସ୍ଥାକୁ ପ୍ରଭାବିତ କରିନଥାଏ। ବରଂ ଅହିଂସା ଆନ୍ଦୋଳନ ପାଇଁ ଅପରିହାର୍ଯ୍ୟ ସାମାଜିକ ନୈତିକତା ଉପରେ ମଧ୍ୟ କୁଠାରଘାତ କରିଥାଏ। ସେ ଥରେ କହିଥିଲେ

ଯେ ଯଦି ତାଙ୍କୁ ଗୋଟିଏ ଦିନ ପାଇଁ ଜଣେ ଏକଛତ୍ରବାଦୀ ଶାସକ କରାଯାଏ ତେବେ ସେ କୌଣସି କ୍ଷତିପୂରଣ ନ ଦେଇ ସମସ୍ତ ମଦ ଦୋକାନଗୁଡ଼ିକୁ ବନ୍ଦ କରିଦେବେ।

**୪. ଖଦୀ-** ଖଦୀ ହେଉଛି ଆତ୍ମନିର୍ଭରଶୀଳତା ଓ ସ୍ୱଦେଶୀର ପ୍ରତୀକ। ଚରଖା, ସ୍ୱାଧୀନତା ଆନ୍ଦୋଳନର ପ୍ରତୀକ ହୋଇଥିବା ବେଳେ ଖଦୀ ହେଉଛି ଜାତୀୟତାର ପରିଚୟ। ଭାରତର ଶାସନଭାର ବିଦେଶୀଙ୍କ ଠାରୁ ଜନସାଧାରଣଙ୍କ ପାଖକୁ ଆସିଲା। ପୂର୍ବରୁ ଲୋକମାନେ ପୋଲିସ୍‌କୁ ଭୟ କରୁଥିଲେ କିନ୍ତୁ ଗାନ୍ଧିଜୀଙ୍କ ଅହିଂସା ନୀତି ପରି ଖଦୀ ପରିହିତା ଲୋକଙ୍କୁ ପୁଲିସ୍ ଭୟ କଲା। ଯାହା କେବଳ ଏକ ଆର୍ଥିକ କାର୍ଯ୍ୟକ୍ରମ ଥିଲା, ତାହା ଏକ ଶକ୍ତିଶାଳୀ ରାଜନୈତିକ ଅସ୍ତ୍ରରେ ପରିଣତ ହେଲା। ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ହେଲା, ଶ୍ରମ ପ୍ରତି ସମ୍ମାନ, ଅହିଂସା ଓ ସରଳତା ପରି ମୂଲ୍ୟବୋଧ ସହ କୌଣସି ସାଲିସ୍ ନକରି କିପରି ଖଦୀକୁ ଶସ୍ତା ଓ ଆକର୍ଷଣୀୟ କରିବା। କୌଣସି ସ୍ୱାଧୀନତା ଆନ୍ଦୋଳନ କିମ୍ବା ସ୍ୱଦେଶୀ ଆନ୍ଦୋଳନର ଆବର୍ତ୍ତମାନରେ ଖଦୀକୁ ନିଜ ଉପରେ ହିଁ ଭରସା କରିବାକୁ ପଡ଼ିବ।



**୫. ଗ୍ରାମଦ୍ୟୋଗ-** ସୌରମଣ୍ଡଳରେ ସୂର୍ଯ୍ୟ ପରି ଗାନ୍ଧିଜୀ ଖଦୀକୁ ଗ୍ରାମଦ୍ୟୋଗ ଜଗତରେ କେନ୍ଦ୍ରୀୟ ସ୍ଥାନ ଦେଇଥିଲେ। ତାଙ୍କର ସ୍ୱପ୍ନ ଥିଲା ଆତ୍ମନିର୍ଭରଶୀଳ ଗ୍ରାମ୍ୟ ସାଧାରଣତନ୍ତ୍ର। ଏଥିପାଇଁ ଆବଶ୍ୟକ ଥିଲା ଗ୍ରାମ୍ୟ ଉଦ୍ୟୋଗ, ଯାହା ଦ୍ୱାରା ଗ୍ରାମ୍ୟ ଅର୍ଥନୀତିକୁ ଧାରଣକ୍ଷମ କରାଯାଇପାରିବ। ଗାନ୍ଧିଜୀ କହିଥିଲେ, ଆମେ ଗ୍ରାମୀଣ ଚିନ୍ତାଧାରା ଅନୁଯାୟୀ ଚିନ୍ତା କଲେ ଆମକୁ ଆଉ ପାଶ୍ଚାତ୍ୟର ଅନୁକରଣ କରିବାକୁ ପଡ଼ିବ ନାହିଁ କିମ୍ବା ମେସିନ୍ ଉତ୍ପାଦ ଆବଶ୍ୟକ ହେବନାହିଁ। ଅନ୍ୟପକ୍ଷରେ ଆମେ ଜାତୀୟ ରୁଚି ଅନୁରୂପ ଏକ ନୂଆ ଭାରତ ଗଢ଼ିପାରିବା, ଯେଉଁଠି ଦାରିଦ୍ର୍ୟ, କ୍ଷୁଦା ଓ ଆଳସ୍ୟ ନଥିବ।



**୬. ଗ୍ରାମ୍ୟ ପରିମଳ-** ଦକ୍ଷିଣ ଆଫ୍ରିକାରେ ଥିବାବେଳଠୁ ହିଁ ଗାନ୍ଧିଜୀ ପରିମଳ ଉପରେ ଗୁରୁତ୍ୱ ଦେଉଥିଲେ। ସେ ଲକ୍ଷ୍ୟକଲେ ଯେ ଭାରତୀୟମାନଙ୍କ ଅପରିଷ୍କାର ବାସସ୍ଥାନ ପାଇଁ ଇଂରେଜମାନେ ସେମାନଙ୍କୁ କୁକୁର ଓ ଘୁଷୁରୀଙ୍କ ଭଳି ବ୍ୟବହାର କରୁଥିଲେ। ଥରେ ସେ କହିଥିଲେ, ପାରିପାର୍ଶ୍ୱିକ ଆବର୍ଜନା ଓ ଦୁର୍ଗନ୍ଧ ଯୋଗୁଁ ଅନେକ ସମୟରେ ଆଖି ଓ ନାକ ବନ୍ଦ କରିବାକୁ ପଡୁଥିଲା। ସେ ପୁଣି କହିଥିଲେ- "ଆମେ ଆମ ଗାଁଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନତାର ଗୋଟିଏ ଗୋଟିଏ ମଡେଲ୍ ଗ୍ରାମ ଭାବରେ ତିଆରି କରିବାକୁ ପଡ଼ିବ।"

**୭. ନୂତନ କିମ୍ବା ମୌଳିକା ଶିକ୍ଷା-** ଦକ୍ଷିଣ ଆଫ୍ରିକାରେ ତାଙ୍କର ଫିନିକ୍ସ ଆଶ୍ରମରେ ସେ ପିଲାଙ୍କ ପାଇଁ ଶିକ୍ଷାକୁ ନେଇ ପରୀକ୍ଷା ଚଳାଇଥିଲେ। ସେ ଜାଣିଥିଲେ ଯେ ଆମ ସଭ୍ୟତାର ମେରୁଦଣ୍ଡ ହେଉଛି ଶିକ୍ଷା। ଇଂରେଜ ଶିକ୍ଷା ବ୍ୟବସ୍ଥାରେ ଲୋକେ ନିଜ ସଂସ୍କୃତିକୁ ହିଁ ଇତର ମଣିଲେ। ତେଣୁ ଲୋକଙ୍କ ମନୋବୃତ୍ତି ପରିବର୍ତ୍ତନ ପାଇଁ ଗାନ୍ଧିଜୀ ଏକ ନୂଆ ଶିକ୍ଷା ବ୍ୟବସ୍ଥା ଖୋଜୁଥିଲେ। ସେ କହିଥିଲେ ଯେ ଏହି ନୂଆ ଶିକ୍ଷା ବ୍ୟବସ୍ଥା 'ଶିଶୁର ଉଭୟ



*ସେବାଗ୍ରାମସ୍ଥିତ ତାଲିମି ସଂଘର ମୌଳିକ ବିଦ୍ୟାଳୟ*

ଶାରୀରିକ ଓ ମାନସିକ ବିକାଶ କରିବ ଓ ତାକୁ ନିଜ ମାଟି ସହ ଯୋଡ଼ି ରଖିବ।'

**୮. ପ୍ରୌଢ଼ଶିକ୍ଷା-** ପଢ଼ିବା ଲେଖିବା ଶିଖିଗଲେ ପ୍ରୌଢ଼ଶିକ୍ଷା ସମାପ୍ତ ହୁଏନାହିଁ। ସେ କହୁଥିଲେ- "ମୋତେ ଯଦି ପ୍ରୌଢ଼ଶିକ୍ଷା ଦାୟିତ୍ୱ ଦିଆଯାଏ ତା'ହେଲେ ମୁଁ ପ୍ରଥମେ ପ୍ରୌଢ଼ଶିକ୍ଷାର୍ଥୀଙ୍କ ମନରେ ସେମାନଙ୍କ ଦେଶର ବିଶାଳତା ଓ ମହାନତାର ଭାବ ଭରିଦେବି।" ପ୍ରୌଢ଼ଶିକ୍ଷା ମାଧ୍ୟମରେ ଆମେ ନିଜର ଅଧିକାର, ଗ୍ରାମ ସ୍ୱରାଜ, ପରିବେଶ, ଜଳ ସଂରକ୍ଷଣ ଓ କୃଷି ଆଦି ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିପାରିବା।

**୯. ନାରୀ-** ନାରୀର ଶକ୍ତି ସମ୍ପର୍କରେ ସେ ସମଗ୍ର ବିଶ୍ୱକୁ ଅବଗତ କରାଇଥିଲେ। ନାରୀମାନଙ୍କ ଉତ୍ସର୍ଗୀକୃତ ମନୋବୃତ୍ତି, ଯନ୍ତ୍ରଣା, ପ୍ରେମ ଓ ଯତ୍ନ ଆଦି ଗୁଣ ସମ୍ପର୍କରେ ସେ ସଚେତନ ଥିଲେ। ତେଣୁ ରାଷ୍ଟ୍ର ନିର୍ମାଣରେ ସେ ନାରୀମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ସ୍ଥାନ ଦେବାକୁ ଚାହୁଁଥିଲେ। ସେ କହୁଥିଲେ ଯେ ପୁରୁଷ ଓ ନାରୀ ସମାନ ନୁହଁନ୍ତି। ପରସ୍ପର ପରସ୍ପରର ପରିପୂରକ। ତାଙ୍କର ବିଶ୍ୱାସ ଥିଲା ଯେ ନାରୀ ସଶକ୍ତିକରଣ ଦ୍ୱାରା ସେମାନେ ସେମାନଙ୍କର ଅଧିକାର ଓ ସାମାଜିକ ସମ୍ମାନ ହାସଲ କରିପାରିବେ। 'ଗଠନମୂଳକ କାର୍ଯ୍ୟକ୍ରମ'ରେ ମହିଳାଙ୍କ ଅନ୍ତର୍ଭୁକ୍ତିକୁ ନେଇ ସେ କହିଥିଲେ- "ଯଦିଓ ସତ୍ୟାଗ୍ରହ ଦ୍ୱାରା ଏତେ ଅଳ୍ପ ସମୟରେ ମହିଳାମାନେ ସେମାନଙ୍କର ଅନ୍ଧାରୁଆ ଜୀବନରୁ ବାହାରକୁ ଆସିପାରିଛନ୍ତି, ତଥାପି କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଏଯାଏଁ ସ୍ୱରାଜରେ ନାରୀମାନଙ୍କ ସମାନ ଅଂଶୀଦାରୀକୁ ଭଲଭାବେ ବୁଝି ପାରିନାହାନ୍ତି। ସେମାନେ ଜାଣିପାରି ନାହାନ୍ତି ଯେ ସେବା ଅଭିଯାନରେ ପୁରୁଷମାନଙ୍କ ପ୍ରକୃତ ସାଥୀ ହେଉଛନ୍ତି ମହିଳା। ମହିଳାମାନଙ୍କୁ ପୁରୁଷମାନେ ବିଭିନ୍ନ ପ୍ରଥା ଓ ପରମ୍ପରାର ବୋଝ ତଳେ ମାଡ଼ି ଦେଇଛନ୍ତି। ଅହିଂସା ଉପରେ ପର୍ଯ୍ୟବସିତ ଜୀବନ ଯୋଜନାରେ ପୁରୁଷମାନଙ୍କ ପରି ନିଜ ଜୀବନକୁ ଗଢ଼ିବାରେ ନାରୀମାନଙ୍କର ମଧ୍ୟ ସମାନ ଅଧିକାର ଅଛି।"

**୧୦. ସ୍ୱାସ୍ଥ୍ୟ ଓ ପରିମଳ ଶିକ୍ଷା-** ଏହାକୁ ନେଇ ଗାନ୍ଧିଜୀଙ୍କର ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ଥିଲା। ସେ କହିଥିଲେ- କେବଳ ପରିମଳ କହିଲେ ସ୍ୱାସ୍ଥ୍ୟକୁ ବୁଝାଇ ନଥାଏ। ଏଥିପାଇଁ ସ୍ୱାସ୍ଥ୍ୟ ଶିକ୍ଷା ଆବଶ୍ୟକ। କୌଣସି ସୁସଂଗଠିତ ସମାଜରେ ନାଗରିକମାନେ ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ସଚେତନ ଥାଆନ୍ତି ଓ ସ୍ୱାସ୍ଥ୍ୟଗତ ନିୟମଗୁଡ଼ିକୁ ପାଳନ କରନ୍ତି।

**୧୧. ପ୍ରାଦେଶିକ ଭାଷା-** ଗାନ୍ଧିଜୀ କହୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷାର ମାଧ୍ୟମ ନିଜର ମାତୃଭାଷା ହେବା ଉଚିତ୍। ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ଉତ୍ସାହିତ କରାଯିବା ଦରକାର। ସେ କହିଥିଲେ- "ଇଂରାଜୀ ଭାଷା ପ୍ରତି ଆମର ଆକର୍ଷଣ ଯୋଗୁଁ ଶିକ୍ଷିତ ଓ ରାଜନୈତିକ ଶ୍ରେଣୀ ଏବଂ ଜନସାଧାରଣଙ୍କ ଭିତରେ ଏକ ବଡ଼ ବ୍ୟବଧାନ ସୃଷ୍ଟି ହୋଇଛି। ଭାରତୀୟ ଭାଷାଗୁଡ଼ିକ ଦାରିଦ୍ର୍ୟର ସମ୍ମୁଖୀନ ହୋଇଛନ୍ତି।"

**୧୨. ରାଷ୍ଟ୍ରଭାଷା-** ଗାନ୍ଧିଜୀ ଚାହୁଁଥିଲେ ଯେ ଶିକ୍ଷାର ମାଧ୍ୟମ ମାତୃଭାଷା ହେଉ କିନ୍ତୁ ସେ ଗୋଟିଏ ରାଷ୍ଟ୍ରଭାଷା ସପକ୍ଷରେ ମଧ୍ୟ ମତ ଦେଇଥିଲେ। ସେ କହିଥିଲେ- "ସର୍ବଭାରତୀୟ ସ୍ତର ପାଇଁ ଆମକୁ ଆମର ବିଭିନ୍ନ ଭାଷାଗୁଡ଼ିକ ମଧ୍ୟରୁ ସର୍ବାଧିକ ଉପଯୋଗ ହେଉଥିବା ଭାଷାକୁ ବାଛିବା ଦରକାର..."

**୧୩. ଅର୍ଥନୈତିକ ଅସମାନତା-** ଗାନ୍ଧିଜୀ କହିଥିଲେ ଯେ ଆର୍ଥିକ ସମାନତା 'ହେଉଛି ଅହିଂସା ଦ୍ୱାରା

ସ୍ୱାଧୀନତା ହାସଲ କରିବାର ଚାବିକାଠି। ଆର୍ଥିକ ସମାନତା ଦିଗରେ କାର୍ଯ୍ୟ କରିବାର ଅର୍ଥ ପୁଞ୍ଜି ଓ ଶ୍ରମ ଭିତରେ ଥିବା ନିରନ୍ତର ସଂଘର୍ଷର ନିରାକରଣ କରିବା। ଏହାର ଅର୍ଥ ହେଉଛି ରାଷ୍ଟ୍ରର ସମ୍ବଳ ଠୁଳ ହୋଇଥିବା ସ୍ୱଳ୍ପ କେତେଜଣ ଧନାଢ଼୍ୟଙ୍କ ଧନ ହ୍ରାସ କରିବା ଓ ଲକ୍ଷ ଲକ୍ଷ ଅର୍ଦ୍ଧ ବୁଭୁକ୍ଷୁ ଫୁଙ୍ଗୁଳା ଜନସାଧାରଣଙ୍କ ଜୀବନଧାରଣକୁ ଉନ୍ନତ କରିବା। ଯେପର୍ଯ୍ୟନ୍ତ ଧନୀ ଓ ଭୋକିଲାଙ୍କ ମଧ୍ୟରେ ଏହି ବୃହତ୍ ବ୍ୟବଧାନ ଥିବ ସେ ପର୍ଯ୍ୟନ୍ତ ଅଂହିସା ଆଧାରିତ ସରକାରୀ ବ୍ୟବସ୍ଥା ଅସମ୍ଭବ।’

**୧୪. କୃଷକ-** ଆଧୁନିକ ବିକାଶ ରଣନୀତି କ୍ଷେତ୍ରରେ କୃଷି ଏକ ଅବହେଳିତ ପ୍ରସଙ୍ଗ। ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ ବ୍ୟବସ୍ଥାରେ କୃଷି ଥିଲା ପ୍ରତ୍ୟେକ କାର୍ଯ୍ୟର କେନ୍ଦ୍ରରେ। ତେଣୁ ବାସ୍ତବିକ ବିକାଶ ପାଇଁ କୃଷକମାନଙ୍କ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଏ ସମ୍ପର୍କରେ ଚମ୍ପାରଣ, ଖେଡ଼ା, ବର୍ଦ୍ଦୋଲି ଓ ବୋର୍ସାଦରେ ନିଜ ଅଭିଜ୍ଞତା ସମ୍ପର୍କରେ ସେ କହିଥିଲେ- "ସେମାନଙ୍କ ବ୍ୟକ୍ତିଗତ ଅସୁବିଧା ଅଭିଯୋଗ ବ୍ୟତିରେକ କୌଣସି ରାଜନୈତିକ ଉଦ୍ଦେଶ୍ୟରେ କୃଷକମାନଙ୍କୁ ଶୋଷଣ କରିବା ପ୍ରବୃତ୍ତିକୁ ପ୍ରତିହତ କରିବାରେ ହିଁ ସଫଳତାର ଗୁପ୍ତ ମନ୍ତ୍ର ନିହିତ ରହିଛି।"

**୧୫. ଶ୍ରମ-** ଅହମ୍ମଦାବାଦ ମିଲ୍ ଶ୍ରମିକଙ୍କ ଆନ୍ଦୋଳନ ବେଳେ ସେ ପ୍ରତ୍ୟକ୍ଷ ଭାବେ ଶ୍ରମଶକ୍ତି ସହ ପରିଚିତ ହୋଇଥିଲେ ଓ ସେହିଠାରେ ବୟନ ଶିଳ୍ପ ଶ୍ରମିକଙ୍କ ପାଇଁ ଏକ ଆଦର୍ଶ ଟ୍ରେଡ୍ ୟୁନିଅନ୍ ସ୍ଥାପନ କରିଥିଲେ। ବିକାଶକୁ ପ୍ରତିହତ କରିବା ପାଇଁ ନୁହଁ ବରଂ ସମସ୍ତଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଶ୍ରମଶକ୍ତିକୁ ସୁସଂହତ କରିବା ଆବଶ୍ୟକ।

**୧୬. ଆଦିବାସୀ-** ଅବୋଧତା ଓ ଅଜ୍ଞାନତା ପାଇଁ ସ୍ୱାର୍ଥାନ୍ୱେଷୀ ମଣିଷମାନେ ଆଦିବାସୀଙ୍କୁ ସବୁବେଳେ ଶୋଷଣ କରିଥାନ୍ତି। ଜଙ୍ଗଲ ସମ୍ବଳ ପ୍ରତି ଆକର୍ଷିତ ହୋଇ ସେମାନଙ୍କୁ ବାସଚ୍ୟୁତ କରିଥାନ୍ତି। ପ୍ରକୃତିକୁ ବଞ୍ଚାଇବାକୁ ହେଲେ ଆମକୁ ଆଦିବାସୀ ଓ ସେମାନଙ୍କ ସଂସ୍କୃତିକୁ ସୁରକ୍ଷିତ କରିବାକୁ ପଡ଼ିବ।

**୧୭. କୁଷ୍ଠରୋଗୀ-** ଗାନ୍ଧିଜୀ ସେବାଶ୍ରମ ଆଶ୍ରମରେ ରହୁଥିବା ସଂସ୍କୃତ ବିଦ୍ୱାନ ପରଚୁର୍ ଶାସ୍ତ୍ରୀଙ୍କ ଘା’ ସଫା କରୁଥିଲେ। କୁଷ୍ଠରୋଗୀମାନଙ୍କ ସାମାଜିକ ବାସନ୍ଦକୁ ଦେଖି ଗାନ୍ଧିଜୀ କହିଥିଲେ- "ସଂକ୍ଷିପ୍ତ ସମୟରେ ସତ୍ୟ ଓ ଅହିଂସା ବଳରେ ସ୍ୱାଧୀନତା ହାସଲ କରିସାରିଲା ପରେ ଭାରତରେ ଏପରି ଜଣେ ମଧ୍ୟ କୁଷ୍ଠରୋଗୀ କିମ୍ବା ଭିକାରୀ ରହିବା ଅନୁଚିତ୍ ଯାହାଙ୍କୁ ଆମେ ସେବା ଦେଇ ନପାରିବା।"

**୧୮. ବିଦ୍ୟାର୍ଥୀ-** ସେ କହୁଥିଲେ ଯେ ଏହି ବିଦ୍ୟାର୍ଥୀମାନଙ୍କ ଭିତରୁ ଦେଶର ଭବିଷ୍ୟତ ନେତୃତ୍ୱ ବିକଶିତ ହେବ। ଦୁର୍ଭାଗ୍ୟବଶତଃ ସେମାନଙ୍କ ଉପରେ ବିଭିନ୍ନ ପ୍ରକାରର ପ୍ରଭାବ ପଡୁଛି। ତେଣୁ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ନୂତନ ଦିଗ୍‌ଦର୍ଶନ ଦେବାକୁ ପଡ଼ିବ।

**୧୯. ଗଠନମୂଳକ କାର୍ଯ୍ୟକ୍ରମ ଓ ଆଇନ ଅମାନ୍ୟ ଆନ୍ଦୋଳନ-** ଗାନ୍ଧିଜୀ ତାଙ୍କର ଗଠନମୂଳକ କାର୍ଯ୍ୟକ୍ରମ ଜରିଆରେ ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ସାମିଲ୍ କରି ସ୍ୱରାଜ ହାସଲ ପାଇଁ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିଥିଲେ। ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେଲେ ଆଇନକୁ ଅମାନ୍ୟ କରିବାର ଆବଶ୍ୟକତା ପଡ଼ିନଥାଏ। ତେବେ ଏହି ଗଠନମୂଳକ କାର୍ଯ୍ୟକ୍ରମ ହେଉଛି ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଶିକ୍ଷଣ ଭୂମି।

**ଉପସଂହାର**

ଆଧୁନିକ ଅହିଂସା ଆନ୍ଦୋଳନରେ ‘ଗଠନମୂଳକ କାର୍ଯ୍ୟକ୍ରମ’କୁ ଗୁରୁତ୍ୱ ଦିଆଯାଏନାହିଁ। ଅଧିକାଂଶ ସମୟ ଏଥିରେ ଅସହଯୋଗ ଓ ଆଇନ ଅମାନ୍ୟକୁ ପ୍ରାଧାନ୍ୟ ଦିଆଯାଏ। ଜନସାଧାରଣଙ୍କୁ ନ ଯୋଡ଼ିଲେ ଆନ୍ଦୋଳନ ସମୟରେ ସେମାନଙ୍କ ସକ୍ରିୟ ସହଯୋଗ ମିଳିନଥାଏ।

ନିଜ ରାଜନୀତିକ ଗୁରୁ ଗୋଖ୍‌ଲେଙ୍କ ପ୍ରସ୍ତାବ ଅନୁସାରେ ଗାନ୍ଧିଜୀ ସମଗ୍ର ଭାରତ ଭ୍ରମଣ କରିଥିଲେ। ଏଥିରୁ ସେ ଦେଶର ଅବକ୍ଷୟିଷ୍ଣୁ ଅବସ୍ଥାକୁ ବୁଝି ପାରିଥିଲେ। ସେ ହୃଦୟଙ୍ଗମ କରିପାରିଥିଲେ ଯେ ଦୀର୍ଘଦିନ ଧରି ବିଦେଶୀ ଶାସନ କବଳରେ ରହିଥିବା ଯୋଗୁଁ ଭାରତୀୟ ସମାଜରେ ବିଭେଦ ସୃଷ୍ଟିହେବା ସହ ଏହା ଜାତିବାଦୀ ହୋଇଯାଇଥିଲା ଓ ସାମାଜିକ ବିବେକ ହରାଇ ଦୁର୍ବଳ ହୋଇ ସାରିଥିଲା। ଯଦି ଏହି ସମାଜର ପୁନଃନିର୍ମାଣ କରାନଯାଏ ତେବେ ସେହି ସମାଜ ନା ସ୍ୱାଧୀନତା ହାସଲ କରିପାରିବ ନା ସେହି ସ୍ୱାଧୀନତାକୁ ବଞ୍ଚାଇ ରଖିପାରିବ। ତେଣୁ ଜାତୀୟ ପୁନର୍ଗଠନ ପାଇଁ ସେ ଯେଉଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତା’ର ନାଁ ଥିଲା ‘ଗଠନମୂଳକ କାର୍ଯ୍ୟକ୍ରମ’। ଏହାର ବିଷୟବସ୍ତୁ ଥିଲା ଅଦ୍ୱିତୀୟ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଦକ୍ଷିଣ ଆଫ୍ରିକାରୁ ଆରମ୍ଭ କରି ଏଯାବତ୍ ସେ ନେଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକର ଏହା ଥିଲା ସମାହାର। ଯଦିଓ ସେ ୧୯୪୧ ମସିହାରେ ଏହାର ବିଧିବଦ୍ଧ ରୂପ ତିଆରି କରିଥିଲେ ତଥାପି ବିଦ୍ୟାଳୟ ସ୍ଥାପନ ସମେତ ସ୍ୱାସ୍ଥ୍ୟ ଓ ପରିମଳ କାର୍ଯ୍ୟକ୍ରମ ଆଦି ଦ୍ୱାରା ସେ ତାଙ୍କର ଗଠନମୂଳକ କାର୍ଯ୍ୟ ଚମ୍ପାରଣ ସତ୍ୟାଗ୍ରହ ବେଳୁ ହିଁ ଆରମ୍ଭ କରିସାରିଥିଲେ। ଜନସେବକମାନଙ୍କ ପାଇଁ ତାଙ୍କ ଆଶ୍ରମ ଥିଲା ଏକ ପ୍ରଶିକ୍ଷଣ କେନ୍ଦ୍ର।

ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ

**Email ID: nationalgandhimuseum@gmail.com**

# ସାମୁହିକ ଉତ୍ପାଦନ ନୁହଁ, ସମୂହ ଦ୍ୱାରା ଉତ୍ପାଦନ

ନିମିଷା ଶୁକ୍ଳା

ଆଜିକାଲି କେତେକଙ୍କ ପାଇଁ ନିଜକୁ 'ସ୍ୱଦେଶୀ'ର ପରିଚୟ ଦେବା ଏକ ଫେଶନରେ ପରିଣତ ହୋଇଛି । କେତେଜଣ ଏହାଦ୍ୱାରା ନିଜର ବ୍ୟବସାୟିକ ଉଦ୍ଦେଶ୍ୟ ସାଧନ କରିବା ସହ ଯଥେଷ୍ଟ ଲାଭ ମଧ୍ୟ କରୁଛନ୍ତି । ଆଜିର ଏହି ସାମାଜିକ ଗଣମାଧ୍ୟମ ଓ ବିଜ୍ଞାପନ ଯୁଗରେ ଏବଂ ବେଳେବେଳେ ଗାନ୍ଧିଜୀଙ୍କ ନାମରେ ଆୟୁର୍ବେଦ କିମ୍ବା ପାରମ୍ପାରିକ ଭାରତୀୟ ଓ ଦେଶୀ ଜିନିଷ ବିକ୍ରି କରାଯାଇ ଲୋକମାନଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଆବେଗିକ ଭାବରେ ଠକା ଯାଇପାରୁଛି । ପୁନଶ୍ଚ ଆଜିକାଲି 'ରାଷ୍ଟ୍ର' ଶବ୍ଦଟିକୁ ବହୁଳ ବ୍ୟବହାର କରାଯାଉଛି, ଯାହା 'ସ୍ୱଦେଶୀ' ଶବ୍ଦ ସହ ବେଶ୍ ଖାପ ଖାଇଥାଏ । ତେଣୁ ସମୟ ଆସିଛି ଗାନ୍ଧିଜୀଙ୍କ ସ୍ୱଦେଶୀ ବିଚାରଧାରାକୁ ଭଲ ଭାବରେ ହୃଦୟଙ୍ଗମ କରିବା ପାଇଁ ।

ଜଗତୀକରଣ ଦ୍ୱାରା ପରିଚାଳିତ ଉଦ୍ୟୋଗୀକରଣ ଯୋଗୁଁ ସମ୍ଭବ ହୋଇଥିବା ବିକାଶର ସୁଫଳକୁ ପୁଞ୍ଜିବାଦୀ ଦେଶର ନାଗରିକମାନେ ଉପଭୋଗ କରୁଛନ୍ତି । ଏଥିରେ ସନ୍ଦେହ ନାହିଁ ଯେ ସାଧାରଣତଃ ଲୋକମାନଙ୍କର ଜୀବନ ଜୀଇଁବାର ମାନରେ ଉନ୍ନତି ଆସିଛି ଓ ଧନୀ ଲୋକଙ୍କ ପାଇଁ ଅଧିକ ମାତ୍ରାରେ ଏହା ସମ୍ଭବ ହୋଇଛି । ଏଥିଯୋଗୁଁ ଯଦିଓ ଅନେକ ଅର୍ଥନୀତି ବିଶେଷଜ୍ଞମାନେ ବଜାର ଅର୍ଥନୀତିକୁ ସମର୍ଥନ କରନ୍ତି ତଥାପି ଅନେକଙ୍କ ପାଇଁ ଧାରଣ କ୍ଷମତାବିହୀନ ଅଭିବୃଦ୍ଧି ଏକ ଚିନ୍ତାର କାରଣ ପାଲଟିଛି । ଆଉ କେତେଜଣ ବହୁଳ ଭାବେ ସମର୍ଥିତ 'ସୀମାହୀନ ଅଭିବୃଦ୍ଧି' ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତି । ସେମାନଙ୍କ ମତରେ ଅଭିବୃଦ୍ଧିର ମଧ୍ୟ ସୀମା ରହିବା ଉଚିତ୍ । ସର୍ବଶକ୍ତିଶାଳୀ ଓ ସର୍ବବ୍ୟାପୀ ପ୍ରଯୁକ୍ତି ବିଦ୍ୟା ଯୋଗୁଁ ମଣିଷ ଜୀବନ ପ୍ରତି ବିପଦ ରହିଥିବା ବେଳେ ଏକଛତ୍ରବାଦୀ ରାଜନୈତିକ ନେତୃତ୍ୱ ଯୋଗୁଁ ରାଜନୈତିକ ଓ ପରିବେଶଗତ ପଳାୟନ ବୃଦ୍ଧି ପାଇଛି । ଏହି ପୃଷ୍ଠଭୂମିରେ ଗାନ୍ଧିଜୀଙ୍କ 'ସ୍ୱଦେଶୀ' ଆମକୁ ନୂତନ ଆଲୋକ ପ୍ରଦାନ କରିପାରେ ।

ଭାରତ ସମେତ ସମଗ୍ର ବିଶ୍ୱରେ ଦେଖାଦେଇଥିବା ଆର୍ଥିକ, ରାଜନୈତିକ, ସାମାଜିକ ଓ ପରିବେଶଗତ ସମସ୍ୟାଗୁଡ଼ିକ ପରସ୍ପର ସହ ଜଡ଼ିତ ଥିବାରୁ ସେଗୁଡ଼ିକୁ ଅଲଗା ଅଲଗା ସମାଧାନ କରାଯାଇପାରିବ ନାହିଁ । ଏହା ସହଜରେ ଅନୁମେୟ ଯେ ପ୍ରାକୃତିକ ସମ୍ବଳର ମାଲିକାନା ହେଉଛି ଏକ ମୌଳିକ ପ୍ରସଙ୍ଗ । ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି କରିଥିବା ଦେଶମାନେ ଉଦ୍ୟୋଗୀକରଣ ପରଠାରୁ ସବୁବେଳେ ଅନ୍ୟ ଦେଶ ଉପରେ ନିଜର ପ୍ରତିପତ୍ତି ଜାହିର୍ କରି ଆସୁଛନ୍ତି । ଏହି ଦେଶଗୁଡ଼ିକ ବିକାଶଶୀଳ ଦେଶଗୁଡ଼ିକୁ ନିକୃଷ୍ଟ ଓ ପ୍ରଦୂଷଣ ସୃଷ୍ଟିକାରୀ ପ୍ରଯୁକ୍ତି ଜ୍ଞାନକୌଶଳ ବିକ୍ରି କରୁଛନ୍ତି । ଫଳରେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ହୋଇ ବାହାରୁଛି ।

**ଗାନ୍ଧିଜୀ ଓ ସ୍ୱଦେଶୀ**

ଗାନ୍ଧିଜୀଙ୍କ ସ୍ୱଦେଶୀ ବିଚାରଧାରା ଅନେକ ଦିନର ଅନୁଧ୍ୟାନ ଓ ଆତ୍ମଚିନ୍ତନର ଫଳ । ଇଂଲଣ୍ଡରେ ଏକ



*ଦାଣ୍ଡିମାର୍ଚ୍ଚ (୧୯୩୦)*

ଛାତ୍ର ଭାବରେ ଓ ଦକ୍ଷିଣ ଆଫ୍ରିକାରେ ଏକ ଓକିଲ ଭାବରେ ଗାନ୍ଧିଜୀ ଔଦ୍ୟୋଗିକ ସମାଜର ବିପଦପୂର୍ଣ୍ଣ ଦିଗଟିକୁ ଦେଖିପାରିଥିଲେ। ସେ ଆଧୁନିକ ସମାଜ ସମ୍ପର୍କରେ ତାଙ୍କ ମନରେ ଥିବା ବିଚାରଧାରାକୁ 'ହିନ୍ଦ୍ ସ୍ୱରାଜ'ରେ ପ୍ରକାଶିତ କରିଥିଲେ। ପରେ ସେ ଇଂରେଜମାନେ ଭାରତୀୟମାନଙ୍କୁ ଶୋଷଣ କରୁଥିବାର ଦେଖିଥିଲେ। ଟଲଷ୍ଟୟ ଫାର୍ମ ଓ ଫିନିକ୍ସ ଆଶ୍ରମ ଥିଲା ପାଶ୍ଚାତ୍ୟ ସଭ୍ୟତାକୁ ତାଙ୍କ ଉତ୍ତର। ଭାରତ ଫେରିବା ପରେ ସାବରମତୀ ଠାରେ ସତ୍ୟାଗ୍ରହ ଆଶ୍ରମରେ ଥାଇ ସେ ଆତ୍ମନିର୍ଭରଶୀଳତା ଓ ସ୍ୱରାଜ ପାଇଁ ସ୍ୱଦେଶୀ ଚିନ୍ତାଧାରା ବିକଶିତ କରିଥିଲେ। 'ଇଣ୍ଡିଆନ୍ ଓପିନିୟନ୍'ରେ ସେ ଲେଖିଥିଲେ- "ବେଙ୍ଗଲ ଏଥର ଜାଗିଉଠିଛି... ସ୍ୱଦେଶୀ ଜିନିଷ କିଣିବା ଓ ବ୍ୟବହାର କରିବା ପାଇଁ ଆନ୍ଦୋଳନ ଧୀରେ ଧୀରେ ଶକ୍ତିଶାଳୀ ହେଉଛି... ସ୍ୱଦେଶୀର ଏକ ପ୍ରଗାଢ଼ ଅର୍ଥ ରହିଛି। ଏହାର ଅର୍ଥ କେବଳ ନିଜ ଦେଶରେ ତିଆରି ହେଉଥିବା ପଦାର୍ଥ ନୁହଁ... ଏହାର ପ୍ରକୃତ ଅର୍ଥଟି ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ। ସ୍ୱଦେଶୀ ଅର୍ଥ ନିଜ ଶକ୍ତି ଉପରେ ନିର୍ଭର କରିବା। ଶକ୍ତିର ଅର୍ଥ ଶାରିରୀକ, ମାନସିକ ଓ ଆତ୍ମିକ।" ଭାରତର ଅର୍ଥନୈତିକ ଉତ୍ଥାନ ପାଇଁ ଗାନ୍ଧିଜୀ ସ୍ୱଦେଶୀକୁ ଏକ ଚାବିକାଠି ବୋଲି ଭାବୁଥିଲେ- "ସ୍ୱଦେଶୀର ଶପଥ ହେଉଛି ହାତ ତିଆରି ସୂତାରେ ହାତ ତିଆରି ବସ୍ତ୍ର ବ୍ୟବହାର କରିବା। ତେବେ 'ସ୍ୱଦେଶୀ'ର ଅର୍ଥ କେବଳ ବସ୍ତ୍ର ବୟନ ଓ ବ୍ୟବହାର ପର୍ଯ୍ୟନ୍ତ ସୀମିତ ନୁହଁ। ଜନସାଧାରଣ ଏହି ଶପଥକୁ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସମ୍ପ୍ରସାରିତ କରିବା ଉଚିତ୍। ଯେତେବେଳେ ସ୍ୱଦେଶୀ ମନ୍ତ୍ର ପ୍ରତ୍ୟେକଙ୍କ କାନରେ ଗୁଞ୍ଜରିତ ହେବ, ଲକ୍ଷ ଲକ୍ଷ ଲୋକ ଭାରତର ଅର୍ଥନୈତିକ ମୋକ୍ଷ ପ୍ରାପ୍ତିର ଚାବି ସେମାନଙ୍କ ହାତରେ ପାଇବେ... ଇଂରେଜ ଅର୍ଥନୀତିର ଅନୁକରଣ ଆମକୁ ଧ୍ୱଂସ କରିଦେବ।"

ଆଇନଗୁଡ଼ିକ ଭିତରେ ଏକ ପ୍ରକୃଷ୍ଟ ଆଇନ ହେଉଛି 'ସ୍ୱଦେଶୀ'। ଗାନ୍ଧିଜୀ ଲେଖିଥିଲେ- "ଅନ୍ତିମ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ସ୍ୱଦେଶୀର ମାନେ ହେଉଛି ପାର୍ଥିବ



ଶୃଙ୍ଖଳରୁ ମାନବୀୟ ଆତ୍ମାକୁ ମୁକ୍ତ କରିବା। ଏହାର ଉପାସକମାନେ ସର୍ବପ୍ରଥମେ ପଡ଼ୋଶୀଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ କର୍ତ୍ତବ୍ୟନିଷ୍ଠ ହେବେ... ପଡ଼ୋଶୀଙ୍କ ନିଷ୍କପଟ ସେବା ଦ୍ୱାରା ଦୂରରେ ଥିବା କୌଣସି ବ୍ୟକ୍ତିଙ୍କର କିଛି କ୍ଷତି ହେବନାହିଁ। ଅନ୍ୟପକ୍ଷରେ ଯିଏ ଦୂରବର୍ତ୍ତୀ ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଧାଇଁବ ସେ କେବଳ ନିଜ ଅଭିପ୍ସାରେ ଅକୃତକାର୍ଯ୍ୟ ହେବନାହିଁ ବରଂ ନିଜ ପଡ଼ୋଶୀ ପାଇଁ କର୍ତ୍ତବ୍ୟରେ ମଧ୍ୟ ଅସଫଳ ହେବ। ମୌଳିକ ସ୍ତରରେ ସ୍ୱଦେଶୀ ହେଉଛି ସାର୍ବଜନୀନ ସେବାର ଚରମ ନିଦର୍ଶନ।"

ଗାନ୍ଧିଜୀଙ୍କ ସ୍ୱଦେଶୀ ଚିନ୍ତାଧାରା ହିଁ ତାଙ୍କୁ ଆଦର୍ଶ ଗ୍ରାମ ପ୍ରତି ଆକର୍ଷିତ କରିଥିଲା। ଏକ ସାକ୍ଷାତକାରରେ ସେ ଜୁଲାଇ ୨୮ ତାରିଖ ୧୯୪୬ ମସିହାରେ କହିଥିଲେ- "ସମ୍ପୂର୍ଣ୍ଣ କ୍ଷମତା ସହ ପ୍ରତ୍ୟେକ ଗ୍ରାମ ଗୋଟିଏ ସାଧାରଣତନ୍ତ୍ର କିମ୍ବା ପଞ୍ଚାୟତ ହେବ। ଅର୍ଥାତ୍ ସେଗୁଡ଼ିକ ନିଜକୁ ନିଜେ ଶାସନ କଲାଭଳି ଆତ୍ମନିର୍ଭରଶୀଳତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ସର୍ବନିମ୍ନ ଏକକ ହେଉଛି ବ୍ୟକ୍ତି। ଅବଶ୍ୟ ଏଥିରେ ପଡ଼ୋଶୀ ବା ଏପରିକି ସମଗ୍ର ବିଶ୍ୱର ସାହାଯ୍ୟ ନିଆଯାଇପାରେ। ପ୍ରତ୍ୟେକ ମହିଳା ଓ ପୁରୁଷ ଜାଣନ୍ତି ସେମାନେ କ'ଣ ଚାହାନ୍ତି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସେମାନେ ଏମିତି କୌଣସି ଜିନିଷ ଚାହିଁବା ଅନୁଚିତ୍ ଯାହା ଅନ୍ୟଜଣେ ସମାନ ଶ୍ରମ ବ୍ୟୟକରି ମଧ୍ୟ ହାସଲ କରିପାରିବ ନାହିଁ।

ଅଗଣିତ ଗ୍ରାମକୁ ନେଇ ଏହି ବ୍ୟବସ୍ଥାର ପରିସର ସବୁବେଳେ ବିସ୍ତାରିତ ହେଉଥିବ। ଜୀବନ ଏକ ପିରାମିଡ୍ ପରି ହେବନାହିଁ, ଯେଉଁଠି ଶୀର୍ଷ ଦେଶକୁ ନିମ୍ନ ଆଧାର ଧରି ରଖିବ। ବରଂ ଏହା ଏକ ସାମୁଦ୍ରିକ ଚକ୍ର ଭଳି କାର୍ଯ୍ୟ କରିବ ଯାହାର କେନ୍ଦ୍ରରେ ରହିବେ ବ୍ୟକ୍ତିବିଶେଷ ଓ ଯେଉଁଠି ସେମାନେ ଗ୍ରାମ ପାଇଁ ଉତ୍ସର୍ଗୀକୃତ ହେବେ, ଯେଉଁଠି କୌଣସି ଗ୍ରାମବିଶେଷ ଗ୍ରାମ ସମୂହ ପାଇଁ ଉତ୍ସର୍ଗୀକୃତ ହେବ ଏବଂ ଯେଉଁଠି ସମସ୍ତେ ମିଶି ଏକାକାର ହୋଇ ଓ ଗର୍ବ, ଅହଂକାର ଆଦି ପରିତ୍ୟାଗ କରି ସେହି ସାମୁଦ୍ରିକ ଚକ୍ରର ମହାନତାର ଅଂଶବିଶେଷ ହୋଇ ରହିବେ।"

ଦିଲ୍ଲୀଠାରେ ୧୯୪୭ ମସିହା ଜୁନ୍ ୨୦ ତାରିଖରେ ଏକ ପ୍ରାର୍ଥନା ସଭାରେ ସେ କହିଥିଲେ- "ମୁଁ ତୁମକୁ କହିବାକୁ ଚାହେଁ ଯେ ଆମେ ସ୍ୱଦେଶୀକୁ ଭୁଲିଯାଇଛୁ। ମୁଁ ମୂଳରୁ ହିଁ କହିଆସୁଛି ଯେ ଆମେ ଯଦି ବିଦେଶୀ ରଙ୍ଗଢଙ୍ଗକୁ ଆଦରି ନେବା ତା'ହେଲେ ସ୍ୱରାଜ ସମ୍ପର୍କରେ କଥା ହେବା ନିରର୍ଥକ ହେବ। ଯାହା ଆମର କ୍ଷତିକରେ, ଯାହା ଆମକୁ ଭୋକିଲା ରଖେ ତାହା ସ୍ୱଦେଶୀ ନୁହଁ...।"

କ୍ରିପାଲିନି ବୁଝିଥିଲେ ଯେ ସ୍ୱଦେଶୀ ହେଉଛି ଏକ ବୈଦେଶିକ ପ୍ରକ୍ରିୟା। ତାଙ୍କ ଅନୁଯାୟୀ ଯେଉଁ ଦେଶରେ ସରକାରୀ ହସ୍ତକ୍ଷେପ ନାହିଁ ସେଠି ମଧ୍ୟ ସ୍ୱଦେଶୀର ଏକ ଅଲିଖିତ ଆଇନ କାର୍ଯ୍ୟକାରୀ ହେଉଛି। ପୁଞ୍ଜିବାଦ କିମ୍ବା ସମାଜବାଦ ଏକା ସହିତ ସାମାଜିକ ନ୍ୟାୟ, ଅର୍ଥନୈତିକ ସମାନତା ଓ ଜାତୀୟ ଏକତା ହାସଲ କରିପାରିବେ ନାହିଁ। ଗାନ୍ଧିଜୀ ଏଭଳି ଏକ ସମାଜର ସ୍ୱପ୍ନ ଦେଖୁଥିଲେ, ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସମାନତାର ବ୍ୟବସ୍ଥା ଉପରେ ପର୍ଯ୍ୟବସିତ ଥିବ ଓ ଯେଉଁଠି ବିକେନ୍ଦ୍ରୀକରଣ ଏକ ଇଞ୍ଜିନ୍ ଭଳି କାର୍ଯ୍ୟ କରିବ।

ଗାନ୍ଧିବାଦୀ ଅର୍ଥନୀତିଜ୍ଞ ଜେସି କୁମାରପ୍ପାଙ୍କ ମତରେ କୁଟୀର ଶିଳ୍ପ କେବଳ ଉତ୍ପାଦନର ଏକ ପ୍ରକ୍ରିୟା ନଥିଲା ବରଂ ସ୍ୱୟଂ ଏକ ଆର୍ଥିକ ବ୍ୟବସ୍ଥା ଥିଲା। ମୂଲ୍ୟବୋଧ ଓ ମୂଲ୍ୟାଙ୍କନ- ଏ ଦୁଇଟି ହିଁ ମାନବ ଜାତିର ରଥ ଟାଣୁଥିଲେ। ସେ କହିଥିଲେ

ଯେ ଆମ ପଡ଼ୋଶୀରେ ନିର୍ମିତ ହେଉଥିବା ବସ୍ତ୍ରର ଅସଲି ମହତ୍ତ୍ୱର ସଠିକ୍ ଆର୍ଥିକ ମୂଲ୍ୟାଙ୍କନ ହୋଇପାରେ ନାହିଁ। ଗାନ୍ଧିଜୀଙ୍କ ସହକର୍ମୀ ନରହରି ପାରେଖ ତାଙ୍କ 'ମାନବ ଅର୍ଥଶାସ୍ତ୍ର'ରେ ଲେଖିଛନ୍ତି ଯେ ଗାନ୍ଧୀଙ୍କ ବିଚାରଧାରାର ଏକ ମଜବୁତ୍ ସ୍ତମ୍ଭ ହେଉଛି 'ସ୍ୱଦେଶୀ'। ସେ ବ୍ୟାପକ ସ୍ତରର ଉତ୍ପାଦନ ସପକ୍ଷରେ ନଥିଲେ। କୃଷି ଥିଲା ଆୟର ମୌଳିକ ସ୍ରୋତ। ସେ କହିଥିଲେ ଯେ ଚର୍ଖା, ପେନ୍ ବା ହାତଘଣ୍ଟା କିମ୍ବା ଏବେକାର ସେଲ୍‌ଫୋନ୍ ଓ ମୋଟରସାଇକେଲ୍ ଥିଲେ ତାହା ଜୀବନର ଉନ୍ନତ ମାନକୁ ସୂଚାଇଥାଏ ବୋଲି କହିବା ଅନୁଚିତ୍। କାରଣ ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଗରିବମାନଙ୍କୁ ଖାଦ୍ୟ, ପନିପରିବା ଓ କ୍ଷୀର ବା ଘିଅ ଯୋଗାଇଦେବା।



ତେବେ ଜାଣିବା କଥା ହେଉଛି ଯେ ସ୍ୱୟଂ ଗାନ୍ଧିଜୀ 'ସ୍ୱଦେଶୀ' ବ୍ରାଣ୍ଡ୍ ଭଳି କୌଣସି ବ୍ୟବସ୍ଥା ସପକ୍ଷରେ ଯୁକ୍ତି ବାଢ଼ିନଥିଲେ। କାରଣ ମୁଖ୍ୟ ଜିନିଷ ଥିଲା ତଳସ୍ତରରୁ ବିକାଶ ହେବା ଓ ଆବଶ୍ୟକ ହେଲେ ଯୁକ୍ତିଯୁକ୍ତ ପ୍ରଯୁକ୍ତିବିଦ୍ୟା ସହାୟତାରେ ଧାରଣକ୍ଷମ ସ୍ଥାନୀୟ ଉତ୍ପାଦନ ବ୍ୟବସ୍ଥା ସୃଷ୍ଟି କରିବା। ସ୍ୱଦେଶୀ ଅର୍ଥ ଥିଲା ସ୍ଥାନୀୟ ସ୍ତରର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଆତ୍ମନିର୍ଭରଶୀଳତା ହାସଲ କରିବା।

ବର୍ତ୍ତମାନ ସମୟର ସ୍ୱଦେଶୀ

ବର୍ତ୍ତମାନ ସମୟରେ ଆମେ ସାମ୍ନା କରୁଥିବା ସମସ୍ୟାର ସମାଧାନ ପାଇଁ ଗାନ୍ଧୀଙ୍କ ସ୍ୱଦେଶୀ ନୀତି ଉପଯୋଗୀ ହୋଇପାରେ କି ? ଆର୍ଥିକ ଦୃଷ୍ଟିରୁ ବିଚାର କଲେ ଏକ ମାନସିକ ଗୁଣ ଭାବେ 'ସ୍ୱଦେଶୀ' ନୀତିର ଆର୍ଥିକ ସମ୍ପର୍କ ନାହିଁ। ଅବଶ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟ ଏକଥା କୁହାଯାଇପାରେ। ବଜାର ଅର୍ଥନୀତି ସର୍ବଦା ବସ୍ତୁବାଦୀ ପ୍ରଗତି ଉପରେ ଜୋର୍ ଦେଇଥାଏ। ଧନୀ ରାଷ୍ଟ୍ରମାନଙ୍କ ମତରେ ବିକାଶର ମାନକ ହେଉଛି ସକଳ ଘରୋଇ ଉତ୍ପାଦନ। ଏମାନଙ୍କ ମତରେ ଦେଶ ଦେଶ ଭିତରେ ଅଧିକରୁ ଅଧିକ ବାଣିଜ୍ୟ କାରବାର, ପୁଞ୍ଜିନିବେଶ ଆଦି ଦ୍ୱାରା ଆର୍ଥିକ ପ୍ରଗତି ହାସଲ କରାଯାଇପାରେ ଏବଂ ଏଥିରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ପ୍ରଯୁକ୍ତିବିଦ୍ୟାର ସହାୟତା ନିଆଯାଇପାରେ। ତେବେ ଏହି ମତ ଉତ୍ପାଦନ ଓ ଉପଯୋଗ ପ୍ରକ୍ରିୟାରେ ପରିବେଶଗତ ଦିଗଟିକୁ ଅବହେଳା କରିଥାଏ। ଗାନ୍ଧିଜୀଙ୍କ 'ସ୍ୱେଚ୍ଛାକୃତ ଦାରିଦ୍ର୍ୟ'ର ଅର୍ଥ ହେଲା ଯେ ସମାଜର ଧନୀକ ବର୍ଗ, ପିତୃତ୍ୱ ଧର୍ମ ଅନୁଯାୟୀ ନିଜର ଉପଭୋଗ ଆବଶ୍ୟକତାକୁ କମ୍ କରିବେ। ଜନୈକ ଗାନ୍ଧିବାଦୀ ରାଭାଲ୍ ଏହାକୁ 'ଗାନ୍ଧୀ ଇଫେକ୍ଟ' ବୋଲି କହନ୍ତି।

ଗାନ୍ଧିଜୀ ସ୍ଥାନୀୟ ସ୍ତର ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିଲେ ଓ ଏହାକୁ ସେ ବ୍ରେଡ୍ ଲେବର୍ ବା ଅନ୍ନ ପାଇଁ ଶ୍ରମ ବୋଲି କହୁଥିଲେ। ସୁମାଚର ମଧ୍ୟ କହିଥିଲେ ଯେ ବ୍ୟାପକ ଉତ୍ପାଦନ ଅପେକ୍ଷା ଅଧିକ ବ୍ୟକ୍ତିଙ୍କ ଦ୍ୱାରା ଉତ୍ପାଦନ ଶ୍ରେୟସ୍କର। କାରଣ ବ୍ୟାପକସ୍ତରରେ ଉତ୍ପାଦନ ଦ୍ୱାରା ହିଂସା, ପରିବେଶ ପ୍ରଦୂଷଣ ଓ ଶକ୍ତି କ୍ଷୟ ଆଦିକୁ ପ୍ରଶୟ ମିଳିଥାଏ ତଥା ବ୍ୟକ୍ତିର ବିକାଶ ମଧ୍ୟ ପ୍ରଭାବିତ ହୋଇଥାଏ।

ତେଣୁ ସ୍ଥାନୀୟ ସ୍ତରର ଉତ୍ପାଦନକୁ ଗାନ୍ଧିଜୀ ସମର୍ଥନ କରୁଥିଲେ। ଆଲ୍‌ଭିନ୍ ଟଫ୍‌ଲର ଉତ୍ପାଦନ ଓ ଉପଭୋଗକୁ ନେଇ ଏକ ଶବ୍ଦ ତିଆରି କରିଥିଲେ। ତାହା ଥିଲା 'ପ୍ରୋଜ୍ୟୁମର'। ଏହା ପ୍ରଡ୍ୟୁସର୍ ବା ଉତ୍ପାଦକ ଓ କଞ୍ଜ୍ୟୁମର୍ ବା ଉପଭୋଗୀ- ଏହି ଦୁଇଟି ଶବ୍ଦକୁ ନେଇ ଗଠିତ। ଜଣେ ପ୍ରୋଜ୍ୟୁମର ହେଉଛି ନିଜେ ଜଣେ ଉତ୍ପାଦକ ଓ ଉପଭୋଗୀ ମଧ୍ୟ। ଗାନ୍ଧିଜୀ କହୁଥିଲେ ଯେ ଭାରତର ଆଦର୍ଶ ଆର୍ଥିକ ବ୍ୟବସ୍ଥାରେ ସମାଜର ଅତ୍ୟାବଶ୍ୟକ ଚାହିଦା ମେଣ୍ଟାଇବା ପାଇଁ ଉତ୍ପାଦନର ମାଧ୍ୟମ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍। ତାଙ୍କ ମତରେ ବାଣିଜ୍ୟ ମୁକ୍ତ ନୁହଁ ବରଂ ଯୁକ୍ତିଯୁକ୍ତ ହେବା ବାଞ୍ଛନୀୟ। କାରଣ ସେଥିରେ ସମାନତା ନିହିତ ଥାଏ। ଗାନ୍ଧିଜୀଙ୍କ ସ୍ୱଦେଶୀ ବିଚାରଧାରାରେ ବ୍ୟକ୍ତି ହିଁ କେନ୍ଦ୍ରରେ ରହିଥାଏ। ବ୍ୟକ୍ତିର ଚାହିଦା, ବ୍ୟକ୍ତିର ଆଦର୍ଶ, ବ୍ୟକ୍ତିର ଉତ୍ପାଦନ କ୍ଷମତା, ବ୍ୟକ୍ତିର ନୀତିବାଦିତା ଓ ସର୍ବୋପରି ବ୍ୟକ୍ତିର ଆତ୍ମସମ୍ମାନ- ଏସବୁକୁ ନେଇ ହିଁ 'ସ୍ୱଦେଶୀ'ର ପରିକଳ୍ପନା। ଅନ୍ତତଃ ଏହାକୁ ଭାରତୀୟ ମାନବ ସମାଜ ଏକ ସୁଯୋଗ ଦେବା ଦରକାର।

**ଲେଖିକା ହେଉଛନ୍ତି ଅହମ୍ମଦାବାଦ୍‌ସ୍ଥିତ ଗୁଜରାଟ ବିଦ୍ୟାପୀଠ ଅଧିନସ୍ଥ ଗ୍ରାମୀଣ ଏବଂ ସ୍ୱାସ୍ଥ୍ୟ ବିଭାଗ, ମହାଦେବ ଦେଶାଇ ମହାବିଦ୍ୟାଳୟର ମୁଖ୍ୟ**

**Email ID: nimisha63@gmail.com**


# ଭୋକିଲା ପେଟକୁ ଖାଦ୍ୟ

ବିନୟ କୁମାର ସାକ୍ସେନା

ଗାଁରେ ରହୁଥିବା ଗରିବଙ୍କ ପାଇଁ ୧୯୧୮ ମସିହାରୁ ହିଁ ମହାତ୍ମା ଗାନ୍ଧୀ ଖଦୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତେବେ ଖୁବ୍‌ଶୀଘ୍ର ସୂତା କାଟିବା ଓ ଲୁଗା ବୁଣିବା କାର୍ଯ୍ୟ ଆତ୍ମନିର୍ଭରଶୀଳତା ଓ ସ୍ୱଶାସନର ଏକ ବିଚାରଧାରା ପାଲଟିଗଲା। ଗାନ୍ଧିଜୀଙ୍କ ଡାକରାରେ ପ୍ରତ୍ୟେକ ଗାଁରେ ସୂତା ସକାଶେ ଚାଷ ଓ ଅମଳ ଆରମ୍ଭ ହେଲା। ସମସ୍ତ ନାରୀ ଓ ପୁରୁଷ ସୂତା କଟା ଓ ଲୁଗା ବୁଣା କାର୍ଯ୍ୟରେ ନିୟୋଜିତ ହେଲେ, ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ।

ଯେହେତୁ ଖଦୀ ପାଇଁ କୌଣସି ପୁଞ୍ଜିର ଆବଶ୍ୟକତା ନଥିଲା ଗାନ୍ଧିଜୀ ବିଦେଶୀ ବସ୍ତ୍ର ବିରୋଧରେ ଏହାକୁ ଏକ ଅସ୍ତ୍ର କଲେ। ସେ ଆହୁରି ଅନୁଭବ କଲେ ଯେ ଯେଉଁ ଦେଶରେ ଶାରିରୀକ ଶ୍ରମକୁ ହୀନ ଦୃଷ୍ଟିରେ ଦେଖାଯାଏ ସେଠାରେ ଖଦୀ ମାଧ୍ୟମରେ ଧନୀ, ଗରିବ ସମସ୍ତେ ଏକାକାର ହୋଇପାରିବେ। ଗାନ୍ଧିଜୀଙ୍କ ଖଦୀ ଆନ୍ଦୋଳନ ମୂଳରେ ରାଜନୈତିକ ଅପେକ୍ଷା ଆର୍ଥିକ ଓ ସାମାଜିକ ଉଦ୍ଦେଶ୍ୟ ନିହିତ ଥିଲା।

ଗାନ୍ଧିଜୀ କହୁଥିଲେ- "ଖଦୀ ଭୋକିଲା ପେଟକୁ ଖାଦ୍ୟ ଦିଏ ଓ ତୁମେ ଭଲପାଉଥିବା ବିଚାରଧାରାର ଏକ ଧ୍ୱଜା ଭାବେ କାମ କରେ।" ତାଙ୍କ ପାଇଁ ଖଦୀ ଥିଲା ସ୍ୱଦେଶୀର ଏକ ପ୍ରତୀକ। ଖଦୀ ମାଧ୍ୟମରେ ଜନସାଧାରଣ ମଧ୍ୟ ଦୂରରୁ ଆସୁଥିବା ବସ୍ତ୍ର ଅପେକ୍ଷା ନିଜ ହାତପାହାନ୍ତାରେ ମିଳୁଥିବା ଖଦୀ ବସ୍ତ୍ରକୁ ପ୍ରାଥମିକତା ଦେଲେ।



ଗାନ୍ଧିଜୀ ଜାଣିଥିଲେ ଯେ ଆର୍ଥିକ ଓ ଔଦ୍ୟୋଗିକ ଜୀବନରେ 'ସ୍ୱଦେଶୀ' ବିଚାରଧାରାର ଅନୁପସ୍ଥିତି ହିଁ ହେଉଛି ଦାରିଦ୍ର୍ୟ। ତେବେ ଏଥିରୁ ମୁକ୍ତି ପାଇଁ ଖଦୀ ବାଟ କଢ଼ାଇବାରେ ସଫଳ ହେଲା। 'ସ୍ୱଦେଶୀ'ର ଅର୍ଥ ହେଲା ଦେଶ ଭିତରେ ମିଳୁଥିବା ସମ୍ବଳରୁ ହିଁ ନିଜର ଆବଶ୍ୟକତା ପୂରଣ କରିବା। ଗାନ୍ଧିଜୀ ବିଦେଶୀ ବସ୍ତୁ ବର୍ଜନ ସପକ୍ଷରେ ମତ ଦେଉଥିଲେ। କୃଷି ଠାରୁ ଆରମ୍ଭ କରି ହସ୍ତଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପର୍ଯ୍ୟନ୍ତ ଗ୍ରାମୀଣମାନେ ସ୍ଥାନୀୟ ସ୍ତରରେ ଉପଲବ୍ଧ ଜିନିଷ ଉପରେ ନିର୍ଭର କରିବାକୁ ସେ ପରାମର୍ଶ ଦେଉଥିଲେ। ଦେଶ ଭିତରେ ନିର୍ମିତ ହୋଇପାରୁଥିବା ଜିନିଷ ବିଦେଶରୁ ଆମଦାନୀ କରାଯିବା ଉଚିତ୍ ନୁହଁ। କିନ୍ତୁ ବର୍ତ୍ତମାନ ଆମ ଅର୍ଥନୀତିର ଏକ ବଡ଼ ଭାଗ ହେଉଛି ରପ୍ତାନୀ। ଉଦାହରଣ ସ୍ୱରୂପ ଆବାହମାନକାଳରୁ ଭାରତରେ ଧୂପକାଠି କାରଖାନା ଗ୍ରାମୀଣ ଉଦ୍ୟୋଗ ଜଗତର କେନ୍ଦ୍ରବିନ୍ଦୁ ରହି ଆସିଥିଲା। କିନ୍ତୁ ଏଥିପାଇଁ ଆବଶ୍ୟକୀୟ କଞ୍ଚା ମାଲ୍, ବାଉଁଶ କାଠି ଓ ଅନ୍ୟାନ୍ୟ ସୁଗନ୍ଧିତ ପଦାର୍ଥର ଆମଦାନୀ ପାଇଁ ନୀତି କୋହଳ କରାଯିବା ଫଳରେ ଏହି ଶିଳ୍ପ ଗଭୀର ଭାବେ ପ୍ରଭାବିତ ହୋଇଛି। ତେବେ ଚଳିତବର୍ଷ ୨୯ ଅଗଷ୍ଟ ପରଠାରୁ ଏହିସବୁ ସାମଗ୍ରୀର ଆମଦାନୀ ଉପରେ କଟକଣା ଲାଗୁ ହୋଇଛି। ଉଲ୍ଲେଖନୀୟ ଯେ ଧୂପକାଠି ଉଦ୍ୟୋଗ ପାଇଁ କଞ୍ଚାମାଲ୍ ଯୋଗାଇବା ଓ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସମଗ୍ର ଦେଶରେ ଏକ ବାଉଁଶ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ହିଁ ଥିଲା ଗାନ୍ଧିଜୀଙ୍କ ସ୍ୱରାଜ ଓ ସ୍ୱଦେଶୀ ସ୍ୱପ୍ନର କେନ୍ଦ୍ରବିନ୍ଦୁ। ଖଦୀ ଓ ସ୍ୱଦେଶୀ, ଧନୀ ଓ ଗରିବ ମଧ୍ୟରେ ବ୍ୟବଧାନକୁ ସଙ୍କୁଚିତ କରିଥାଏ, ଯାହା ଗତ ୫ ଦଶନ୍ଧି ମଧ୍ୟରେ ସମଗ୍ର ବିଶ୍ୱରେ ଦୃଷ୍ଟିଗୋଚର ହୋଇଛି। ଏହି ସମୟାବଧି ମଧ୍ୟରେ ଧନୀ ଲୋକମାନଙ୍କ ଆୟ ୭ ଗୁଣ ବଢ଼ିଛି। ଜଗତୀକରଣର ସବୁଠୁ ବଡ଼ ବିପଦ ହେଉଛି ଯେ ଏହାଦ୍ୱାରା ଅର୍ଥନୀତି ଉପରେ ଦେଶର ନିୟନ୍ତ୍ରଣ ରହେନାହିଁ ଓ ସମସ୍ତ ଲାଭ ବିଦେଶକୁ ଚାଲିଯାଏ। ପୁନଶ୍ଚ କମ୍ପାନୀମାନଙ୍କର ସ୍ଥାନୀୟ ଦାୟିତ୍ୱବୋଧ ନଥାଏ। ଆମେ ଭୁଲିଯିବା ଉଚିତ୍ ନୁହଁ ଯେ ଭାରତର ୪୩% ବ୍ୟକ୍ତି ବର୍ତ୍ତମାନ ମଧ୍ୟ କୃଷି ଓ ମାଟିପାତ୍ର, ବଢ଼େଇ କାମ, ଚମଡ଼ା ଶିଳ୍ପ ଓ ହସ୍ତଶିଳ୍ପ ଭଳି କ୍ଷୁଦ୍ର ଉଦ୍ୟୋଗ ଉପରେ ନିର୍ଭର କରିଥାନ୍ତି। ଖଦୀ ଉତ୍ପାଦନ ଯାହା ୨୦୧୪-୧୫ରେ ୮୭୯.୯୮ କୋଟି ଟଙ୍କାରେ ଥିଲା ତାହା ୨୦୧୮-୧୯ ବେଳକୁ



୧୯୦୨ କୋଟି ଟଙ୍କାକୁ ବଢ଼ିଛି । ଏହାର ଅର୍ଥ ୧୦୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି । ସେହିଭଳି ୨୦୧୪-୧୫ରେ ଖଦୀର ବିକ୍ରୟ ମୂଲ୍ୟ ୧୩୧୦.୯ କୋଟି ଟଙ୍କା ଥିବାବେଳେ ତାହା ୨୦୧୮-୧୯ରେ ୩୨୧୫.୧୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଯାହା ହେଉଛି ୧୪୫ ପ୍ରତିଶତରୁ ଉର୍ଦ୍ଧ୍ୱ ଅଭିବୃଦ୍ଧି । ଖଦୀ ଓ ଗ୍ରାମଦ୍ୟୋଗ ଉତ୍ପାଦନର ବ୍ୟବସାୟ ୨୦୧୮-୧୯ରେ ୭୪୩୨୩ କୋଟି ଟଙ୍କାରେ ପହଞ୍ଚିସାରିଛି ।

କେବଳ ସେତିକି ନୁହଁ, ଗ୍ରାମଦ୍ୟୋଗର ବ୍ୟବସାୟ ପରିମାଣ ମଧ୍ୟ ୨୦୧୮-୧୯ରେ ୭୧୧୨୩.୬୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ୨୦୧୪-୧୫ରେ ଏହା ୩୧୯୬୫.୫୨ ଥିଲା । ଏହା ହେଉଛି ୧୨୩ ପ୍ରତିଶତ ଅଭିବୃଦ୍ଧି । ଗତ ୫ ବର୍ଷ ମଧ୍ୟରେ ଖଦୀ ଉତ୍ପାଦନ ୬୨% ବଢ଼ିଛି । ୨୦୧୪-୧୫ରେ ଏହା ୧୦୩.୨୨ ନିୟୁତ ବର୍ଗମିଟର ଥିବାବେଳେ ୨୦୧୮-୧୯ ବେଳକୁ ତାହା ୧୭୦.୮୦ ନିୟୁତ ବର୍ଗମିଟରକୁ ବୃଦ୍ଧିପାଇଛି । ୨୦୧୪-୧୫ରେ ସମଗ୍ର ବସ୍ତ୍ର ଉତ୍ପାଦନରେ ଖଦୀର ଅଂଶ ୪.୨୩% ଥିଲା । ୨୦୧୮-୧୯ ବେଳକୁ ତାହା ୮.୪୯% ହୋଇଛି । ଏହି ଅଭିବୃଦ୍ଧି ହେଉଛି ଗାନ୍ଧିଜୀଙ୍କ ସ୍ୱଦେଶୀ ଚିନ୍ତାଧାରାର ଏକ ଉତ୍କୃଷ୍ଟ ନିଦର୍ଶନ ।

ଗାନ୍ଧିଜୀ ଜାଣିଥିଲେ ଯେ ଆର୍ଥିକ ଓ ଔଦ୍ୟୋଗିକ ଜୀବନରେ 'ସ୍ୱଦେଶୀ' ବିଚାରଧାରାର ଅନୁପସ୍ଥିତି ହିଁ ହେଉଛି ଦାରିଦ୍ର୍ୟ । ତେବେ ଏଥିରୁ ମୁକ୍ତି ପାଇଁ ଖଦୀ ବାଟ କଢ଼ାଇବାରେ ସଫଳ ହେଲା । 'ସ୍ୱଦେଶୀ'ର ଅର୍ଥ ହେଲା ଦେଶ ଭିତରେ ମିଳୁଥିବା ସମ୍ବଳରୁ ହିଁ ନିଜର ଆବଶ୍ୟକତା ପୂରଣ କରିବା । ଗାନ୍ଧିଜୀ ବିଦେଶୀ ବସ୍ତୁ ବର୍ଜନ ସପକ୍ଷରେ ମତ ଦେଉଥିଲେ । କୃଷି ଠାରୁ ଆରମ୍ଭ କରି ହସ୍ତଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପର୍ଯ୍ୟନ୍ତ ଗ୍ରାମୀଣମାନେ ସ୍ଥାନୀୟ ସ୍ତରରେ ଉପଲବ୍ଧ ଜିନିଷ ଉପରେ ନିର୍ଭର କରିବାକୁ ସେ ପରାମର୍ଶ ଦେଉଥିଲେ । ଦେଶ ଭିତରେ ନିର୍ମିତ ହୋଇପାରୁଥିବା ଜିନିଷ ବିଦେଶରୁ ଆମଦାନୀ କରାଯିବା ଉଚିତ୍ ନୁହଁ । କିନ୍ତୁ ବର୍ତ୍ତମାନ ଆମ ଅର୍ଥନୀତିର ଏକ ବଡ଼ ଭାଗ ହେଉଛି ରପ୍ତାନୀ ।

ଗତ ୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ 'ଆର୍ଥିକ ପରିବର୍ତ୍ତନ ପାଇଁ ଖଦୀ' ଆହ୍ୱାନ ପରେ ଅନେକଗୁଡ଼ିଏ ଶିଳ୍ପିକୈନ୍ଦ୍ରିକ ପଦକ୍ଷେପ ନିଆଯାଇଛି । ଏହି ସମୟ ମଧ୍ୟରେ ଖଦୀ ଓ ଗ୍ରାମଦ୍ୟୋଗ ବିଭାଗ ତରଫରୁ ୩୨ ହଜାରରୁ ଉର୍ଦ୍ଧ୍ୱ ଆଦର୍ଶ ଚରଖା ଓ ୫୬୦୦ ଆଧୁନିକ ବସ୍ତ୍ରବୁଣା ମେସିନ୍ ଯୋଗାଇ ଦିଆଯାଇଛି । ଫଳସ୍ୱରୂପ ଖଦୀ ଉତ୍ପାଦନ ପର୍ଯ୍ୟାପ୍ତ ମାତ୍ରାରେ ବଢ଼ିଛି । ଏତଦ୍‌ବ୍ୟତୀତ ୪୦୦ ଖଦୀ ଅନୁଷ୍ଠାନ ଓ ୪୦ ହଜାର ଖଦୀ କାରିଗର ସୃଷ୍ଟି ହୋଇପାରିଛନ୍ତି । ପଶ୍ଚିମବଙ୍ଗର ସୁନ୍ଦରବନ, କାଜିରଙ୍ଗା ଜଙ୍ଗଲ, ଲେହ ଓ ଲଦାଖ ଆଦି ଦୂରବର୍ତ୍ତୀ ଅଞ୍ଚଳରେ ଖଦୀ ଓ ଗ୍ରାମଦ୍ୟୋଗ ବିଭାଗ ତରଫରୁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି । ପ୍ରଥମଥର ପାଇଁ ଖଦୀ ବିଭାଗ ଦ୍ୱାରା ଏହାର ବିପଣନ ସକାଶେ ବଡ଼ବଡ଼ ବସ୍ତ୍ର ଉଦ୍ୟୋଗଗୁଡ଼ିକୁ ନିୟୋଜିତ କରାଯାଇଛି । ଏହାଦ୍ୱାରା ଖଦୀର ବିକ୍ରି ବଢ଼ିଛି । ପୁନଶ୍ଚ ବଡ଼ବଡ଼ ସରକାରୀ ଉଦ୍ୟୋଗଗୁଡ଼ିକୁ ନିଜ ନିଜ କର୍ମଚାରୀଙ୍କ ପାଇଁ ଖଦୀ ଉପହାର କୁପନ୍ କିଣିବା ପାଇଁ ଆହ୍ୱାନ ଦିଆଯାଇଛି । ଏହାଫଳରେ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର

ହୋଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥା ମାଧ୍ୟମରେ ମଧ୍ୟ ଆଜିର ଯୁବପିଢ଼ୀ ମଧ୍ୟରେ ଖଦୀର ପ୍ରସାର କରାଯାଉଛି। ପୁନଶ୍ଚ ଆଧୁନିକ ରୁଚି ଅନୁଯାୟୀ ଉନ୍ନତ ସିଲେଇ ଓ ଡିଜାଇନ୍ ଯୋଗୁଁ ଖଦୀର ଆଦର ଆହୁରି ବୃଦ୍ଧିପାଇଛି।

ସମାଜର ଅତ୍ୟନ୍ତ ଗରିବ ଓ ଅବହେଳିତ ବ୍ୟକ୍ତିଙ୍କୁ ଆର୍ଥିକ ଭାବେ ସାହାଯ୍ୟ କରିବା ନିମନ୍ତେ ଗ୍ରାମ୍ୟ ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ଅନେକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗାନ୍ଧିଜୀଙ୍କ ସ୍ୱଦେଶୀ ନୀତି ଅନୁରୂପ ମହୁ ମିଶନ, କୁମ୍ଭାର ସଶକ୍ତିକରଣ ଯୋଜନା, ଚମଡ଼ା କାରିଗର ବିକାଶ ଯୋଜନା ଆଦି ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା କୃଷକ, ଅନୁସୂଚିତ ଜାତି/ ଜନଜାତି ଓ ଅନ୍ୟାନ୍ୟ ଅବହେଳିତ ବର୍ଗ ଉପକୃତ ହେବେ। ମହୁ ମିଶନ ଅଧୀନରେ କୃଷକ, ଆଦିବାସୀ ଓ ବେକାର ଯୁବକଯୁବତୀଙ୍କୁ ୧.୫ ଲକ୍ଷ ମହୁମାଛି ବାକ୍ସ ଯୋଗାଇ ଦିଆଯାଇଛି ଓ ୧୨ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି। ଜମ୍ମୁ-କାଶ୍ମୀରର କୁପୱାଡ଼ା ଠାରେ ଭାରତୀୟ ସେନା ସହାୟତାରେ ଖଦୀ ଗ୍ରାମଦ୍ୟୋଗ ବିଭାଗ ତରଫରୁ ଭ୍ରମିତ ଯୁବବର୍ଗ କ୍ଲାନ୍ତ ଶ୍ରମିକମାନଙ୍କ ପାଇଁ ଗୋଟିଏ ଦିନରେ ରେକର୍ଡସଂଖ୍ୟକ ୨୩୦୦ ମହୁମାଛି ବାକ୍ସ ବିତରିତ କରାଯାଇଛି। ସେହିଭଳି କୁମ୍ଭାର ସଶକ୍ତିକରଣ ଯୋଜନା ଅଧୀନରେ ସମଗ୍ର ଦେଶରେ କୁମ୍ଭକାରମାନଙ୍କୁ ୧୦ ହଜାର ବିଦ୍ୟୁତ୍‌ଚାଳିତ କୁମ୍ଭାର ଚକ ପ୍ରଦାନ କରାଯାଇ ୪୦ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି ଓ ସେମାନଙ୍କ ଆୟକୁ ଦୈନିକ ୧୫୦ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇପାରିଛି। ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ଆହୁରି ୩୦ ହଜାର ବିଦ୍ୟୁତ୍‌ଚାଳିତ କୁମ୍ଭାର ଚକ ବିତରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଦୈନିକ ୨ କୋଟି କୁହ୍ଲାଡ (ମାଟିପାତ୍ର) ଓ ଅନ୍ୟାନ୍ୟ ଟେରାକୋଟା



ପଦାର୍ଥ ତିଆରି କରାଯାଇପାରିବ ଓ ଏଗୁଡ଼ିକୁ ରେଳ ବିଭାଗର ଉପଯୋଗ ପାଇଁ ବିକ୍ରି କରିହେବ। ରେଳ ବିଭାଗ ତରଫରୁ ୪୦୦ ବୃହତ୍ ରେଳଷ୍ଟେସନ୍ ଗୁଡ଼ିକରେ ମାଟି ତିଆରି ବିଭିନ୍ନ ବସ୍ତୁର ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଛି।

ବାପୁ ସର୍ବଦା ଅବହେଳିତ ବର୍ଗଙ୍କୁ ଭଲ ପାଉଥିଲେ। ସେମାନଙ୍କୁ ସେ 'ହରିଜନ' (ଈଶ୍ୱରଙ୍କ ପ୍ରିୟ) ଭାବେ ଡାକୁଥିଲେ। ତାଙ୍କ ନୀତିରେ ଅନୁପ୍ରାଣିତ ହୋଇ ଏହିଭଳି ଏକ ବର୍ଗ- ମୋଚିମାନଙ୍କ ଉତ୍ଥାନ ପାଇଁ ଖଦୀ ଗ୍ରାମଦ୍ୟୋଗ ଆୟୋଗ ସେମାନଙ୍କୁ ଚର୍ମ ଚିକିତ୍ସକ ଭାବେ ପୁନଃନାମିତ କରିଛି ଓ ସେମାନଙ୍କୁ ୭୦ ହଜାର ଚମଡ଼ା ଟୁଲ୍‌କିଟ୍ ପ୍ରଦାନ କରିଛି ଓ ଏଗୁଡ଼ିକର ଦକ୍ଷ ଉପଯୋଗ ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଛି।

'ସ୍ୱଦେଶୀ'ର ମହାନ ସ୍ମୃତିକୁ ଉଦ୍‌ଜୀବିତ କରି ରଖିବା ପାଇଁ ଅନ୍ୟାନ୍ୟ ଅଭିନବ ପଦକ୍ଷେପମାନ ନିଆଯାଇଛି। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ୍-୩ ଠାରେ ବିଶ୍ୱର ସର୍ବବୃହତ୍ କାଠ ତିଆରି ଚରଖା ସ୍ଥାପିତ ହୋଇଛି। ଖଦୀ ଓ ଗ୍ରାମଦ୍ୟୋଗ ଆୟୋଗ ତରଫରୁ ଦିଲ୍ଲୀର କନଟ ପ୍ଲେସ୍‌ଠାରେ ବୃହତ୍ ଷ୍ଟିଲ୍ ନିର୍ମିତ ଚରଖା ସ୍ଥାପିତ ହୋଇଛି। ଏହିଭଳି ଚରଖା ଅହମ୍ମଦାବାଦ୍ ସାବରମତୀ ନଦୀ କୂଳରେ ଓ ଚମ୍ପାରଣର କେନ୍ଦ୍ରସ୍ଥଳରେ ମଧ୍ୟ ସ୍ଥାପନ କରାଯାଇଛି।

ଗାନ୍ଧିଜୀ ସବୁବେଳେ ସ୍ୱଚ୍ଛତା ପସନ୍ଦ କରୁଥିଲେ। ଏହି ପୃଷ୍ଠଭୂମିରେ ଆୟୋଗ ତରଫରୁ ପ୍ରଥମଥର ପାଇଁ ବ୍ୟବହୃତ ହୋଇ ସାରିଥିବା ପ୍ଲାଷ୍ଟିକ୍ ମିଶ୍ରିତ ହାତ ତିଆରି କାଗଜ ବ୍ୟାଗ୍ ତିଆରି କରାଯାଇଛି। ଏହାଦ୍ୱାରା ପରିମଳ ଓ ପ୍ଲାଷ୍ଟିକ୍ ସମସ୍ୟାରୁ ମୁକ୍ତି ପାଇବାର ବାଟ ଫିଟିଛି। ଗାନ୍ଧିଜୀଙ୍କ ସ୍ୱଦେଶୀ ବିଚାରଧାରାର ଅନ୍ୟ ଏକ ଦିଗ ଥିଲା ପରିବେଶ ସମତୁଲତା। ଏହି ଦୃଷ୍ଟିରୁ ଆୟୋଗ ତରଫରୁ ୪୬୫୦୦ ମୋରିଙ୍ଗା ଚାରାରୋପଣ କରାଯାଇଛି। ଏହା କୃଷକମାନଙ୍କ ପାଇଁ ଓ ମହୁ ମିଶନ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ।

ସମୟ ଆସିଛି ଆମକୁ ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ମଙ୍ଗଳ ମଧ୍ୟରେ ସମନ୍ୱୟ ସ୍ଥାପନ କରିବାକୁ ହେବ। ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ନୀତି ଅନୁଯାୟୀ ଆମର ନୀତି ଓ କାର୍ଯ୍ୟକ୍ରମର ରୂପରେଖ ତିଆରି ହେଲେ ଅବହେଳିତ ବର୍ଗ, କୃଷକ ଓ ଶ୍ରମଜୀବୀ ମହିଳାଙ୍କ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ସମସ୍ତେ ଖୁସିରେ ରୁହନ୍ତୁ, ସମସ୍ତେ ନିରୋଗୀ ହୁଅନ୍ତୁ।

**ଲେଖକ ହେଉଛନ୍ତି ଖଦୀ ଓ ଗ୍ରାମଦ୍ୟୋଗ ଆୟୋଗର ଅଧ୍ୟକ୍ଷ**

**Email ID: chairmankvic2015@gmail.com**

# ନାରୀ ଦୃଷ୍ଟିରେ ଗଠନମୂଳକ କାର୍ଯ୍ୟକ୍ରମ

ଅପର୍ଣ୍ଣା ବାସୁ

ଗାନ୍ଧିଜୀଙ୍କ ଅହିଂସା ଆଧାରିତ ସ୍ୱାଧୀନତା ଆନ୍ଦୋଳନର ଏକ ଅଭିନ୍ନ ଅଙ୍ଗ ଥିଲା 'ଗଠନମୂଳକ କାର୍ଯ୍ୟକ୍ରମ'। ଗାନ୍ଧିଜୀଙ୍କ ଦୃଷ୍ଟିରେ ବ୍ରିଟିଶ୍ ଶାସନରୁ ମୁକ୍ତି ଥିଲା ତାଙ୍କ ଆନ୍ଦୋଳନର କେବଳ ଗୋଟିଏ ଦିଗ। ସେ କହୁଥିଲେ ଯେ ଭାରତର ପ୍ରକୃତ ସ୍ୱରାଜ ହାସଲ କରିହେବ ଗଠନମୂଳକ କାର୍ଯ୍ୟକ୍ରମ ଦ୍ୱାରା। ସତ୍ୟ ଓ ଅହିଂସା ବଳରେ ପୂର୍ଣ୍ଣ ସ୍ୱରାଜ ହାସଲ କରିବା ଥିଲା ତାଙ୍କର ଲକ୍ଷ୍ୟ, ଯେଉଁଠି ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ପ୍ରତ୍ୟେକଟି ଏକକ ସ୍ୱାଧୀନ ହେବେ।

'ଗଠନମୂଳକ କାର୍ଯ୍ୟକ୍ରମ'ର ସଫଳ ରୂପାୟନରେ ମହିଳାମାନଙ୍କ ଅଂଶଗ୍ରହଣକୁ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ। କାରଣ ଏହା ଯୁଦ୍ଧ ଆଧାରିତ ରଣନୀତି ନଥିଲା ବରଂ ଏଭଳି ଏକ କାର୍ଯ୍ୟକ୍ରମ ଥିଲା ଯେଉଁଠି ସହନଶୀଳତା, ବଳିଦାନ, ତ୍ୟାଗ, ଅଧ୍ୟବସାୟ ଓ ତପ ଭଳି ଗୁଣାବଳୀଗୁଡ଼ିକର ଅଧିକ ଆବଶ୍ୟକତା ଥିଲା ଓ ଯେଉଁଗୁଡ଼ିକର ଅସଲି ମାଲିକ ହେଉଛନ୍ତି ମହିଳାମାନେ।

'ଗଠନମୂଳକ କାର୍ଯ୍ୟକ୍ରମ'ରେ ଥିବା ବିଷୟଗୁଡ଼ିକର କେନ୍ଦ୍ରରେ ଥିଲା ଖଦୀ। ଏହା ଥିଲା ଭାରତୀୟ ମନରେ ଆତ୍ମନିର୍ଭରଶୀଳତା ଓ ଜାତୀୟତାବୋଧ ଜାଗ୍ରତ କରିବାର ଏକ ପ୍ରତୀକ। ମହିଳାଙ୍କ ଆର୍ଥିକ ସ୍ଥିତିରେ ଉପନିବେଶବାଦୀ ଶାସନର କୁପ୍ରଭାବକୁ ନେଇ ଗାନ୍ଧିଜୀ ସଚେତନ ଥିଲେ। ଇଷ୍ଟଇଣ୍ଡିଆ କମ୍ପାନୀ ଭାରତର କୁଟୀରଶିଳ୍ପକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା ଏବଂ ଏଥିରେ ସର୍ବାଧିକ



କସ୍ତୁରବା (୧୯୧୫)

କ୍ଷତିଗ୍ରସ୍ତ ହୋଇଥିଲେ ମହିଳାମାନେ। ସେଇଥିପାଇଁ ସେ ଖଦୀ ଆନ୍ଦୋଳନକୁ ଆହୁରି ଦୃଢ଼ୀଭୂତ କରିଥିଲେ। ସ୍ୱଦେଶୀ ମାଧ୍ୟମରେ ନାରୀମାନଙ୍କୁ କାର୍ଯ୍ୟ ଯୋଗାଇଦେବା ଥିଲା ତାଙ୍କ ଉଦ୍ଦେଶ୍ୟ। ସେ ଚାହୁଁଥିଲେ ଯେ ଖଦୀ ଆନ୍ଦୋଳନରେ ମହିଳାମାନେ ଯୋଗ ଦେବା ଦ୍ୱାରା ପୁରୁଷମାନେ ମଧ୍ୟ ସ୍ୱଦେଶୀ ଆନ୍ଦୋଳନରେ ମହିଳାଙ୍କ ଯୋଗଦାନର ମହତ୍ୱକୁ ଉପଲବ୍ଧି କରିପାରିବେ। ଖଦୀ ବାସ୍ତବିକ ଥିଲା ଏକ ନାରୀକୈନ୍ଦ୍ରିକ ଆନ୍ଦୋଳନ। ଏହାଦ୍ୱାରା ନାରୀମାନେ ଜୀବନଯାପନ ପାଇଁ ଅର୍ଥ ଉପାର୍ଜନ କରିବା ସହିତ 'ପରଦା' ପ୍ରଥାରୁ ମଧ୍ୟ ମୁକ୍ତି ପାଇପାରିବେ। ଏହାଦ୍ୱାରା ଗାନ୍ଧିଜୀ ଆଉ ମଧ୍ୟ ସେହି ମଧ୍ୟବିତ୍ତବର୍ଗ ମାନସିକତାକୁ ପ୍ରତିହତ କରିଥିଲେ, ଯେଉଁଥିରେ ନାରୀମାନଙ୍କ ଉତ୍ପାଦନକ୍ଷମ କାର୍ଯ୍ୟରେ ଅଂଶଗ୍ରହଣକୁ ଭଲ ଦୃଷ୍ଟିରେ ଦେଖାଯାଉ ନଥିଲା। ତେଣୁ ସେ ଧନୀକବର୍ଗ ପରିବାରର ମହିଳାମାନଙ୍କୁ ଖଦୀ ଆନ୍ଦୋଳନରେ ସାମିଲ୍ ହେବା ପାଇଁ ଆହ୍ୱାନ ଦେଇଥିଲେ।

ଜାତୀୟତା ଆନ୍ଦୋଳନର ଏହା ଥିଲା ଏପରି ଏକ କାର୍ଯ୍ୟକ୍ରମ, ଯେଉଁଥିରେ ଅନେକ ମହିଳା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଲୁଗାବୁଣା କାର୍ଯ୍ୟରେ ତ ଆଉ କେତେକ ବିଦେଶୀ ବସ୍ତ୍ର ବିକ୍ରୟ କେନ୍ଦ୍ରରେ ପିକେଟିଂ କାର୍ଯ୍ୟରେ ଅଂଶଗ୍ରହଣ କରୁଥିଲେ। ମାଆ ଭାବରେ ନାରୀମାନେ ସେମାନଙ୍କ ପୁଅ-ଝିଅଙ୍କୁ ସରକାରୀ ଚାକିରି ଅପେକ୍ଷା ସ୍ୱାଧୀନ ଭାବରେ ସ୍ୱଦେଶୀ ବସ୍ତୁର ବିକ୍ରିବଟା କାର୍ଯ୍ୟ କରିବାକୁ ପ୍ରେରଣା ଦେଉଥିଲେ। ମହିଳା ଶିଳ୍ପ ମେଳାଗୁଡ଼ିକର ଆୟୋଜନ ହେଉଥିଲା। ଏହି ମେଳାଗୁଡ଼ିକର ଯଥେଷ୍ଟ ମାତ୍ରାରେ ଖଦୀ କପଡ଼ା ବିକ୍ରି ହେଉଥିଲା।

ଲାହୋର ଠାରେ ଖଦୀ ଶାଢ଼ୀ ପିନ୍ଧି ଏକ ଜନସଭାକୁ ସମ୍ବୋଧିତ କରିବାରେ ପ୍ରଥମ ମହିଳା ହେଉଛନ୍ତି ଶାରଳା ଦେବୀ ଚୌଧୁରାଣୀ। ପରେ ଅନେକ ମହିଳା ତାଙ୍କୁ ଅନୁସରଣ କରିଥିଲେ। ଖଦୀ ଓ ସୂତା କଟା କାର୍ଯ୍ୟର ପ୍ରସାର ପାଇଁ ସେ ଉତ୍ତର ଭାରତ ଭ୍ରମଣ କରିଥିଲେ। ଲାହୋର ଠାରେ ସେ ସୂତାକଟା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିଥିଲେ।

ଓଡ଼ିଶାରେ ଖଦୀ କାର୍ଯ୍ୟ କରୁଥିଲେ ସୁଭଦ୍ରା ମହତାବ, ଯିଏ ଗାନ୍ଧୀ କର୍ମ ମନ୍ଦିର ପ୍ରତିଷ୍ଠା କରିଥିଲେ। ରମାଦେବୀ ଚୌଧୁରୀ ଓ ଅନ୍ୟମାନଙ୍କ ସହ ମିଶି ସେ

ରାଜ୍ୟର ବିଭିନ୍ନ ସ୍ଥାନରେ ଖଦୀ ଓ ସ୍ୱଦେଶୀର ମହତ୍ୱ ଲୋକମାନଙ୍କୁ ବୁଝାଉଥିଲେ। ପଞ୍ଜାବ ଠାରେ ରାଜ୍‌କୁମାରୀ ଅମୃତ୍‌କୌର ସୂତା ବୁଣାଳୀ ସଂଘ ଆୟୋଜନ କରିଥିଲେ। ବମ୍ବେର ଭିଲେପାର୍ଲେ ଠାରେ ମଣିବେନ୍ ନାନାବତୀ ଓ ତାଙ୍କର ସହଯୋଗୀମାନେ ଖଦୀ ମନ୍ଦିର ପ୍ରତିଷ୍ଠା କରିଥିଲେ। ମଣିବେନ୍‌ଙ୍କୁ ଲୋକମାନେ ଖଦୀବେନ୍ ବୋଲି ସମ୍ବୋଧନ କରୁଥିଲେ। ମୁସ୍‌ଲିମ୍ ମହିଳାଙ୍କ ମଧ୍ୟରେ ବି. ଅମ୍ମନ ଖଦୀର ପ୍ରଚାର କରୁଥିଲେ। ବିହାରରେ ପ୍ରଭାବତୀ ଦେବୀ ପାଟଣା ଠାରେ ମହିଳା ଚରଖା ସଂଘ ପ୍ରତିଷ୍ଠା କରିଥିଲେ। 'ଗୃହଲକ୍ଷ୍ମୀ' ଓ 'ସ୍ତ୍ରୀ ଧର୍ମ' ଭଳି ମହିଳା ପତ୍ରିକାଗୁଡ଼ିକ ସ୍ୱଦେଶୀ, ଚରଖା ଓ ଖଦୀର ପ୍ରଚାର କରୁଥିଲେ।

'ଗଠନମୂଳକ କାର୍ଯ୍ୟକ୍ରମ'ର ଅନ୍ୟ ଏକ ପ୍ରମୁଖ ବିଷୟ ଥିଲା ଅସ୍ପୃଶ୍ୟତା ନିବାରଣ, ଯାହାକୁ ଗାନ୍ଧିଜୀ ଏକ ସାମାଜିକ କଳଙ୍କ ଭାବେ ଅଭିହିତ କରିଥିଲେ। ଏହାର ନିବାରଣରେ ମହିଳାଙ୍କ ଭୂମିକା ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ।

୧୯୩୪ ମସିହାରେ ସର୍ବଭାରତୀୟ ହରିଜନ ସେବକ ସଂଘର ଉପସଭାପତି ହୋଇଥିଲେ ରାମେଶ୍ୱରୀ ନେହରୁ। ନିଜକୁ ସେ ହରିଜନଙ୍କ ସେବାରେ ନିୟୋଜିତ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ମାଡ୍ରାସ୍ ବିଧାନସଭାରେ ହରିଜନମାନଙ୍କ ପାଇଁ ମନ୍ଦିର ପ୍ରବେଶ ବିଧେୟକ ପାରିତ ହୋଇଥିଲା। ରାମେଶ୍ୱରୀ ନେହରୁଙ୍କୁ ମାର୍ଗାରେଟ୍ କଜିନ୍ସ 'ହରିଜନ ସେବକ ସଂଘରେ ଗାନ୍ଧିଜୀଙ୍କ ଡାହାଣ ହାତ' ଭାବେ ବର୍ଣ୍ଣନା କରିଥିଲେ। ଓଡ଼ିଶାରେ ସ୍ୱାମୀଙ୍କ ସହ ମିଶି ରମାଦେବୀ ଚୌଧୁରୀ ଗଠନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ହରିଜନ ପିଲାଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ସେବା ନଗର ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେହିଭଳି କୋକିଳା ଦେବୀ ମଧ୍ୟ ହରିଜନ ପିଲାଙ୍କ ପାଇଁ ବାଲେଶ୍ୱର ଠାରେ ଆଶ୍ରମ ପ୍ରତିଷ୍ଠା କରିଥିଲେ।

୧୯୧୭ ମସିହାରେ ବିହାରର ଚମ୍ପାରଣ ଆନ୍ଦୋଳନ ସମୟରେ ସେଠିକାର ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଥିଲା। ପ୍ରଭାବତୀ ଦେବୀ, ରାଜବଂଶୀ ଦେବୀ ଓ ଭଗବତୀ ଦେବୀ ଆଦି ମହିଳା



ରାଜକୁମାରୀ ଅମୃତକୌର

'ପରଦା' ପ୍ରଥା ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିଥିଲେ। ଅସ୍ପୃଶ୍ୟତା ନିବାରଣ ପାଇଁ ପ୍ରଭାବତୀ ଦେବୀ କଠିନ ପରିଶ୍ରମ କରିଥିଲେ। ଅହମ୍ମଦାବାଦର କଳକାରଖାନା ଅଞ୍ଚଳରେ ହରିଜନ ପିଲାଙ୍କ ପାଇଁ ଅନସୂୟା ସରାଭାଇ ରାତ୍ରିକାଳୀନ ବିଦ୍ୟାଳୟ ପରିଚାଳନା କରୁଥିଲେ। ସେହିଠାରେ ବିଦ୍ୟାଗୌରୀ ନୀଳକଣ୍ଠ ମଧ୍ୟ ପଛୁଆ ଓ ଅବହେଳିତ ବର୍ଗର ପିଲାଙ୍କ ପାଇଁ କାର୍ଯ୍ୟ କରୁଥିଲେ। କଲିକତା ବସ୍ତି ଅଞ୍ଚଳ ପିଲାଙ୍କ ସକାଶେ ସୌଦାମିନୀ ମେହେଟ୍ଟା ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା କେନ୍ଦ୍ର ଖୋଲିଥିଲେ। ସେ ଥିଲେ ବେଙ୍ଗଲ ହରିଜନ ସେବକ ସଂଘର ଅଧକ୍ଷା।

ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମର ଏକ ପ୍ରମୁଖ ବିନ୍ଦୁ ଥିଲା ହିନ୍ଦୁ-ମୁସଲମାନ ଏକତା। ଏଥିପାଇଁ ସେ ମହିଳାମାନଙ୍କୁ ନିୟୋଜିତ କରିଥିଲେ। ହିନ୍ଦୁ-ମୁସଲିମ୍ ଏକତା ପାଇଁ ସରୋଜିନୀ ନାଇଡୁ ଅନେକ ଜନସଭାକୁ ସମ୍ବୋଧିତ କରିଥିଲେ। ସେ ଥରେ କହିଥିଲେ ଯେ ହିନ୍ଦୁ ଓ ମୁସଲମାନମାନେ ହେଉଛନ୍ତି ଏ ଜାତିର ଦୁଇ ଆଖି ସଦୃଶ ଏବଂ ଯଦି ଦୁଇଟିଯାକ ଆଖିରେ ସ୍ୱରାଜର ପ୍ରତିଛବିକୁ ଭଲ ଭାବେ ଦେଖାଯାଏ ତେବେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ହାସଲ କରିବା ବିଳମ୍ବ ହେବନାହିଁ।

ରାଜକୁମାରୀ ଅମୃତକୌର ସାମ୍ପ୍ରଦାୟିକ ଏକତା ସୃଷ୍ଟି ପାଇଁ ପଞ୍ଜାବର ବିଭିନ୍ନ ସ୍ଥାନରେ ଜନସଭାଗୁଡ଼ିକୁ ସମ୍ବୋଧନ କରିଥିଲେ। ସେହିଭଳି ଶାରଳାଦେବୀ ଚୌଧୁରାଣୀ ମଧ୍ୟ ପଞ୍ଜାବରେ ଅନୁରୂପ କାର୍ଯ୍ୟ କରୁଥିଲେ। ସାମ୍ପ୍ରଦାୟିକ ଦଙ୍ଗା ସମୟରେ ଶାନ୍ତି ସ୍ଥାପନ ପାଇଁ ମୃଦୁଳା ସରାଭାଇ ସକ୍ରିୟ କାର୍ଯ୍ୟ କରିଥିଲେ। ଯେତେବେଳେ ଅହମ୍ମଦାବାଦ ଠାରେ ୧୯୪୧ ମସିହାରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହେଲା, ସେତେବେଳେ ମୃଦୁଳା ବମ୍ବେରୁ ରାୟପୁରକୁ ଯାତ୍ରା କରି ସେଠାରେ ଥିବା ହିନ୍ଦୁମାନଙ୍କୁ ହିଂସାତ୍ମକ କାର୍ଯ୍ୟରୁ ବିରତ ହେବା ପାଇଁ ପ୍ରବର୍ତ୍ତାଇଥିଲେ। ଏହି ସମୟରେ ଗାନ୍ଧିଜୀ ଗଭୀର ଭାବରେ ମର୍ମାହତ ହୋଇଥିଲେ ଏବଂ କଂଗ୍ରେସ ସଦସ୍ୟମାନଙ୍କ ଅକର୍ମଣ୍ୟତାକୁ ନେଇ ଚିନ୍ତିତ ଥିଲେ। ତେବେ ସାମ୍ପ୍ରଦାୟିକ ଶାନ୍ତି ସ୍ଥାପନ ଦିଗରେ ସାହସିକ କାର୍ଯ୍ୟ କରିଥିବା ମୃଦୁଳା, ଇନ୍ଦୁମତୀ ଚିମନ୍‌ଲାଲ୍ ସେଠ୍ ଓ ପୁଷ୍ପାବେନ୍ ମେହେଟ୍ଟାଙ୍କୁ ସେ ପ୍ରଶଂସା କରିଥିଲେ। ସାମ୍ପ୍ରଦାୟିକ ସଦ୍‌ଭାବ ସ୍ଥାପନ ପାଇଁ ମୃଦୁଳା ଶାନ୍ତି ସେବକ ସଂଘ ପ୍ରତିଷ୍ଠା କରିଥିଲେ। ଏହାର ଅଧକ୍ଷ ଥିଲେ ମହାବୀର ଦେଶାଇ। ସେହିବର୍ଷ ଦ୍ୱିତୀୟ ଭାବରେ ଯେତେବେଳେ ପୁଣିଥରେ ଦଙ୍ଗା ସୃଷ୍ଟିହେଲା ମୃଦୁଳା ପୁଣି ଆଗଭର ହୋଇ ହିଂସାବ୍ୟାପ୍ତ ସ୍ଥାନକୁ ଯାଇ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ କରିଥିଲେ। ୧୯୪୬ ମସିହାରେ ମଧ୍ୟ ମିରଟ୍ଟ ଦଙ୍ଗା ସମୟରେ ସେ ଅସାଧାରଣ ସାହସର ପରିଚୟ ଦେଇଥିଲେ। ଦଙ୍ଗାକାରୀଙ୍କ ଭିତରକୁ ଯାଇ ସେ ହିଂସା ପରିତ୍ୟାଗ କରିବା ପାଇଁ ସେମାନଙ୍କୁ ବୁଝାଇଥିଲେ। ସେ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ଜୟ କହିବା ସହିତ ଯଦି ହିଂସାତ୍ମକ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରାଯାଏ ତେବେ ତାହା ଗାନ୍ଧିଜୀଙ୍କୁ ପଛରୁ ଛୁରୀକା ଘାତ ଭଳି ହେବ।

୧୯୪୭ ମସିହାରେ ବିହାର ଠାରେ ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ ମୃଦୁଳା ଗାନ୍ଧିଜୀଙ୍କ ସହ ମିଶି ଗାଁକୁ ଗାଁ ବୁଲି ସାମ୍ପ୍ରଦାୟିକ ସଦ୍‌ଭାବ ସ୍ଥାପନ ପାଇଁ ଲୋକମାନଙ୍କୁ ବୁଝାଇଥିଲେ। ମୃଦୁଳା ଆଉ ମଧ୍ୟ ଦେଶ ବିଭାଜନ ସମୟରେ ପାକିସ୍ତାନରୁ ହିନ୍ଦୁ ମହିଳା ଓ ଭାରତରୁ ମୁସ୍‌ଲିମ୍ ମହିଳାମାନଙ୍କୁ ମୁକ୍ତ କରିବାର କାର୍ଯ୍ୟ କରିଥିଲେ। ୧୯୭୦ ଜାନୁଆରୀ ମାସରେ

ଖାନ୍ ଅବ୍‌ଦୁଲ୍ ଗଫର୍ ଖାନ୍‌ଙ୍କ ନିର୍ଦ୍ଦେଶରେ ଖୁଦାଇ ଖିଦ୍‌ମତ୍‌ଗର ଭଳି ଏକ ସଂସ୍ଥା ପ୍ରତିଷ୍ଠା କରାଯାଇ ସାମ୍ପ୍ରଦାୟିକ ସଦ୍‌ଭାବ ସ୍ଥାପନ ସକାଶେ ପ୍ରଚେଷ୍ଟା କରାଯାଇଥିଲା। ଏହି ସଂସ୍ଥାର ନାମ ଥିଲା 'ଇନ୍‌ସାନୀ ବିରାଦରୀ' ଏବଂ ଏହାର ପ୍ରତିଷ୍ଠା ପାଇଁ ମୃଦୁଳା କଠିନ ପରିଶ୍ରମ କରିଥିଲେ।

ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମର ଅନ୍ୟ ଏକ ପ୍ରମୁଖ ବିନ୍ଦୁ ଥିଲା ନିଶା ନିବାରଣ। ଏଥିପାଇଁ ଗାନ୍ଧିଜୀଙ୍କ ଦୁଇଟି କାର୍ଯ୍ୟପନ୍ଥା ଥିଲା। ପ୍ରଥମ ମଦ୍ୟପାନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ଶିକ୍ଷିତ କରାଇବା ଏବା ଦ୍ୱିତୀୟ ମଦ ଦୋକାନ ବନ୍ଦ କରିବା। ଏ କ୍ଷେତ୍ରରେ ମଧ୍ୟ ଗାନ୍ଧିଜୀ ମହିଳାମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଉଥିଲେ। କାରଣ ମହିଳାମାନେ ହିଁ ଜାଣନ୍ତି ଯେ ସେମାନଙ୍କ ମଦ୍ୟପ ସ୍ୱାମୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଘର କିଭଳି ନଷ୍ଟ ହୋଇଥାଏ। ଅନେକ ମହିଳା ଗାନ୍ଧିଜୀଙ୍କ ଆହ୍ୱାନରେ ନିଶା ନିବାରଣ ପାଇଁ କାର୍ଯ୍ୟ କଲେ। ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ଅନେକ ମହିଳା ମଦ ଦୋକାନଗୁଡ଼ିକ ସମ୍ମୁଖରେ ପିକେଟିଂ କରିଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ହଂସା ମେହେଟ୍ଟା, ମଣିବେନ୍ ନାନାବତୀ, ମୃଦୁଳା ସରାଭାଇ, ଖୁର୍ସିଦ୍‌ବେନ୍ ନାରୋଜୀ, ମିଠୁବେନ୍ ପେଟିଟ୍ସ, ଅବୁଜମ୍ମାଲ୍, ମାଳତୀ ଦେବୀ ଆଦି।

ଗାନ୍ଧିଜୀ ଚାହୁଁଥିଲେ ଯେ ଉଭୟ ଘର ଭିତରେ ଓ ବାହାରେ ମହିଳାମାନଙ୍କ ସ୍ଥିତିରେ ଉନ୍ନତି ଘଟୁ। ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ତରରେ ସଶକ୍ତ ହେବା ପାଇଁ କମଳା ଦେବୀ ମହିଳାମାନଙ୍କୁ ପ୍ରେରଣା ଦେଉଥିଲେ। ଓଡ଼ିଶାରେ ସୁଭଦ୍ରା କୁମାରୀ ଚୌହାନ ଓ ଅନ୍ନପୂର୍ଣ୍ଣା ଦେବୀ, ବେଙ୍ଗଲରେ ହେମପ୍ରଭା ମଜୁମ୍‌ଦାର, ଆନ୍ଧ୍ରପ୍ରଦେଶରେ ଲକ୍ଷ୍ମୀ ଉନ୍ନାଭା ଏବଂ



*ଗାନ୍ଧିଜୀଙ୍କ ସହିତ ମିଦୃଳା ସରାଭାଇ (୧୯୪୬)*

ଗୁଜରାଟ, ମହାରାଷ୍ଟ୍ର, ପଞ୍ଜାବ ଓ ଅନ୍ୟାନ୍ୟ ସ୍ଥାନରେ ଅନେକ ମହିଳା ଶିକ୍ଷାନୁଷ୍ଠାନ ସ୍ଥାପନ କରି ବାଳିକା ଶିକ୍ଷାକୁ ଆଗେଇ ନେବାର କାର୍ଯ୍ୟ କରିଥିଲେ। ସେହିଭଳି ମୁଥୁଲକ୍ଷ୍ମୀ ରେଡ୍ଡୀ ଦେବଦାସୀ ପ୍ରଥା ବିଲୋପ ସକାଶେ ମାଡ୍ରାସ୍ ବିଧାନସଭାରେ ୧୯୩୦ ମସିହାରେ ଏକ ବିଧେୟକ ଆଣିଥିଲେ।

ଲିଙ୍ଗଗତ ଅସମାନତା ଏବଂ ଭେଦଭାବ ଦୂର କରିବା ପାଇଁ ମୃଦୁଳା ସରାଭାଇ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ୧୯୩୪ ମସିହାରେ ଅହମ୍ମଦାବାଦ୍ ଠାରେ ସେ 'ଜ୍ୟୋତି ସଂଘ' ନାମକ ଏକ ମହିଳା ସଂଗଠନ ପ୍ରତିଷ୍ଠା କରିଥିଲେ। ଏହା ମାଧ୍ୟମରେ ସେ ମହିଳାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ପ୍ରଶିକ୍ଷଣ ଦେଉଥିଲେ। ଏଥିରେ ତାଙ୍କୁ ଚାରୁମତୀ ଯୋଧା, ହେମଲତା ହେଗିଷ୍ଟେ, ପେରିନ୍ ମିସ୍ତ୍ରି, ଉଦୟପ୍ରଭା ମେହେଟ୍ଟା, ପୁଷ୍ପାବେନ୍ ମେହେଟ୍ଟା ଓ ବିଦ୍ୟାବେନ୍ ମେହେଟ୍ଟା ଆଦି ଉତ୍ସର୍ଗୀକୃତ ମହିଳାମାନେ ସହଯୋଗ କରୁଥିଲେ। ପ୍ରଥମଥର ପାଇଁ ସେମାନେ ପାରିବାରିକ ପରାମର୍ଶ କାର୍ଯ୍ୟକ୍ରମ ଆରମ୍ଭ କରି ବିପର୍ଯ୍ୟସ୍ତ ପରିବାରଗୁଡ଼ିକର ବାତାବରଣ ସଜାଡ଼ିବାରେ ଏକ ପ୍ରମୁଖ ଭୂମିକା ନେଇଥିଲେ। ଏହାଦ୍ୱାରା ଅନେକ ପରିବାର ଭାଙ୍ଗିଯିବାରୁ ବର୍ତ୍ତି ଯାଇଥିଲା।

କସ୍ତୁରବାଙ୍କ ସ୍ମୃତିରେ, ଯିଏ ୧୯୪୪ ମସିହା ଫେବ୍ରୁଆରୀ ୨୨ ତାରିଖ ଦିନ ପୁଣେର ଆଗା ଖାଁ ପ୍ୟାଲେସ୍‌ଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଗାନ୍ଧିଜୀଙ୍କ ୭୫ତମ ଜନ୍ମଦିବସ ଅବସରରେ କସ୍ତୁରବା ଗାନ୍ଧୀ ଜାତୀୟ ସ୍ମାରକୀ ନ୍ୟାସ ପ୍ରତିଷ୍ଠା ହୋଇଥିଲା। ଗ୍ରାମାଞ୍ଚଳ ମହିଳା ଓ ଶିଶୁମାନଙ୍କ ସକାଶେ କାର୍ଯ୍ୟ କରିବା ପାଇଁ ପ୍ରତିଷ୍ଠା ହୋଇଥିବା ଏହି ନ୍ୟାସର ଉଦ୍‌ଘାଟନ କରିଥିଲେ ସରୋଜିନୀ ନାଇଡୁ। ଗାନ୍ଧିଜୀ ଆଜୀବନ ଏହାର ଅଧ୍ୟକ୍ଷ ଥିଲେ। ସେ ଚାହୁଁଥିଲେ ଯେ ଗାଁଗୁଡ଼ିକରେ ହିଁ ଏ ସମ୍ପର୍କିତ କାର୍ଯ୍ୟ କରାଯିବା ଉଚିତ୍। କାରଣ ସେ କହିଥିଲେ- "ମୋ ସହଧର୍ମିଣୀ ଥିଲେ ଜଣେ ଅଶିକ୍ଷିତା ଗ୍ରାମୀଣ ମହିଳା।" ମହିଳାମାନେ ଗ୍ରାମଦ୍ୟୋଗ ପୁନରୁଦ୍ଧାର ପାଇଁ ମଧ୍ୟ କାର୍ଯ୍ୟ କରିଥିଲେ। ଏହା ସହିତ ସେମାନେ ଗ୍ରାମ୍ୟ ପରିମଳ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଉଥିଲେ। ତେଣୁ ମହିଳାମାନେ କେବଳ ରାଜନୈତିକ ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିନଥିଲେ, ଅପିତୁ ଗାନ୍ଧିଜୀଙ୍କ 'ଗଠନମୂଳକ କାର୍ଯ୍ୟକ୍ରମ'ର ସଫଳ ରୂପାୟନ ପାଇଁ ମଧ୍ୟ ପ୍ରଶଂସନୀୟ ଯୋଗଦାନ ଦେଇଥିଲେ।

ଲେଖିକା (ସ୍ୱର୍ଗତଃ) ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଜାତୀୟ ଗାନ୍ଧୀ ସଂଗ୍ରହାଳୟର ପୂର୍ବତନ ଅଧ୍ୟକ୍ଷା

# ଆମ ଦ୍ୱାରା ପ୍ରକାଶିତ ପୁସ୍ତକ

## ମହାତ୍ମା ଗାନ୍ଧୀ: ଏ ଲାଇଫ୍ ଥ୍ରୁ ଲେନ୍ସେସ୍

ଗାନ୍ଧିଜୀ ଆମ ଚତୁଃପାର୍ଶ୍ୱରେ ଅଛନ୍ତି। ପିଲାବେଳୁ ଆମକୁ ତାଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଶିକ୍ଷା ଦିଆଯାଏ। କିନ୍ତୁ ଆମ ଭିତରୁ ଅଳ୍ପ କେତେଜଣ ସେଗୁଡ଼ିକୁ ଚରିତାର୍ଥ କରିପାରନ୍ତି। ତଥାପି ଅନ୍ୟ କୌଣସି ବ୍ୟକ୍ତି ଅପେକ୍ଷା ଗାନ୍ଧିଜୀ ସାଧାରଣ ଭାରତୀୟଙ୍କ ଜୀବନ ଉପରେ ଅଧିକ ପ୍ରଭାବ ପକାଇଥାନ୍ତି। ଏହି ଆଲ୍‌ବମ୍‌ରେ ବାପୁଜୀଙ୍କ ପୈତୃକ ଗୃହ, ସେ ପାଠ ପଢ଼ିଥିବା ବିଦ୍ୟାଳୟ, ଲଣ୍ଡନରେ ତାଙ୍କ ଛାତ୍ର ଜୀବନ, ଦକ୍ଷିଣ ଆଫ୍ରିକାରେ ତାଙ୍କ ବୃତ୍ତିଗତ ଜୀବନ ଏବଂ ପ୍ରଥମେ ଦକ୍ଷିଣ ଆଫ୍ରିକା ଓ ପରେ ଭାରତରେ ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରାଯାଇଛି। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କରି ପ୍ରବେଶ ଦ୍ୱାରା ଏହା ଏକ ସୀମିତ ଆନ୍ଦୋଳନରୁ ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା। ପୁସ୍ତକର ଉପକ୍ରମଣିକାରେ ଗାନ୍ଧୀଙ୍କ ଜୀବନର ଏକ ଶାବ୍ଦିକ ବର୍ଣ୍ଣନା ରହିଛି ଓ ପରେ ତାଙ୍କ ମହନୀୟ ଜୀବନର ଚିତ୍ରିତ ଉପସ୍ଥାପନା ରହିଛି, ଯାହା ଦେଖିଲେ/ପଢ଼ିଲେ ଆମେ ଜାଣିବା ଯେ ଆମେ ତାଙ୍କ ବିଷୟରେ କେତେ କମ୍ ଜାଣିଛୁ।

ଏହି ଆଲ୍‌ବମ୍‌ଟି ପ୍ରଥମେ ୧୯୫୪ ମସିହାରେ ପ୍ରକାଶିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହାକୁ ପୁନରୁଦ୍ଧାର କରାଯାଇଛି। ୧୯୪୯ ମସିହାରେ ଗାନ୍ଧିଜୀଙ୍କ ତିରୋଧାନର ପ୍ରଥମ ବାର୍ଷିକୀ ଉପଲକ୍ଷେ ରାଜଘାଟ ଠାରେ ଆୟୋଜିତ ସର୍ବୋଦୟ ଦିବସ ପ୍ରଦର୍ଶନୀ ଓ ତା' ସହିତ ନୂଆଦିଲ୍ଲୀସ୍ଥିତ ଜାତୀୟ ଗାନ୍ଧୀ ସଂଗ୍ରହାଳୟରୁ ଆନିତ ଫଟୋ ଚିତ୍ରଗୁଡ଼ିକ ଏହି ଆଲ୍‌ବମ୍‌ରେ ସ୍ଥାନିତ ହୋଇଛି। ଏହା ପ୍ରତ୍ୟେକଙ୍କ ପାଇଁ ଏକ ଉପାଦେୟ ଆଲ୍‌ବମ୍। ଏହାର ହିନ୍ଦୀ ସଂସ୍କରଣ ମଧ୍ୟ ଉପଲବ୍ଧ।

**ମୂଲ୍ୟ: ୨୩୬୦ ଟଙ୍କା, ଆଇଏସ୍‌ବିଏନ୍: ୯୭୮-୮୧-୨୩୦-୩୦୩୩-୩**

## ସତ୍ୟାଗ୍ରହ ଗୀତା ଓ ଉତ୍ତର ସତ୍ୟାଗ୍ରହ ଗୀତା

'ସତ୍ୟାଗ୍ରହ ଗୀତା' ସର୍ବପ୍ରଥମେ ୧୯୩୨ ମସିହାରେ ପ୍ୟାରିସ୍ ଠାରେ ପ୍ରକାଶିତ ହୋଇଥିଲା। ଏହାର ଦ୍ୱିତୀୟ ଭାଗ 'ଉତ୍ତର ସତ୍ୟାଗ୍ରହ ଗୀତା' ୧୯୪୦ ଦଶକରେ ପ୍ରକାଶିତ ହେଲା। ଏ ଦୁଇଟି ପୁସ୍ତକର ଲେଖିକା ହେଉଛନ୍ତି ଗତ ଶତାବ୍ଦୀର ପ୍ରସିଦ୍ଧ ସଂସ୍କୃତ କବୟିତ୍ରୀ ପଣ୍ଡିତା କେ. ସାମାରାଓ। ପ୍ରଫେସର କେ. ଏମ୍. ପାଣିକରଙ୍କ ଭାଷାରେ ମହାକାବ୍ୟରେ ବ୍ୟବହୃତ ଅନୁଷ୍ଟୁପ ଛନ୍ଦରେ ଲେଖା ହୋଇଥିବା ଯୋଗୁଁ ଏହି ପୁସ୍ତକ ଦୁଇଟିରେ ଗାନ୍ଧିଜୀଙ୍କ ଜୀବନକୁ ସମ୍ମାନ, ସୌନ୍ଦର୍ଯ୍ୟ ଓ ପ୍ରଶାନ୍ତ ଭାବରେ ପ୍ରଦର୍ଶିତ କରାଯାଇପାରିଛି।

'ସତ୍ୟାଗ୍ରହ ଗୀତା'ରେ ଗାନ୍ଧୀ-ଇରୱିନ୍ ରାଜିନାମା ଘଟଣା ପର୍ଯ୍ୟନ୍ତ ଗାନ୍ଧୀଙ୍କ ଜୀବନ ସମ୍ପର୍କରେ ବର୍ଣ୍ଣନା ରହିଛି। ଅନ୍ୟପକ୍ଷରେ 'ଉତ୍ତର ସହତ୍ୟାଗ୍ରହ ଗୀତା'ରେ ସ୍ୱାଧୀନତା ସଂଗ୍ରାମ ଠାରୁ ଗାନ୍ଧିଜୀଙ୍କ ୭୫ତମ ଜନ୍ମ ଦିବସ ପର୍ଯ୍ୟନ୍ତ ଘଟଣାଗୁଡ଼ିକର ଚିତ୍ରଣ କରାଯାଇଛି। ଉଚ୍ଚତର ହିନ୍ଦୀ ଓ ଇଂରାଜୀ ଅନୁବାଦ ଦ୍ୱାରା ଏହି ପୁସ୍ତକ ଦୁଇଟିର ପୁନରୁଦ୍ଧାର କରାଯାଇଛି। ସୁନ୍ଦର ଭାବରେ ଡିଭିଡି ସେଟ୍‌ରେ ମଧ୍ୟ ଏହି ପୁସ୍ତକ ଦୁଇଟି ଉପଲବ୍ଧ।

## ୱିମେନ୍ ଇନ୍ ସତ୍ୟାଗ୍ରହ

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତର ସ୍ୱାଧୀନତା ସଂଗ୍ରାମର ଦୁଇଟି ବୈଶିଷ୍ଟ୍ୟ ରହିଛି- ପ୍ରଥମ, ଏହାଥିଲା ଅହିଂସା ଆଧାରିତ ଏକ ଜନ ଆନ୍ଦୋଳନ ଓ ଦ୍ୱିତୀୟ ଏଥିରେ ବହୁ ସଂଖ୍ୟକ ମହିଳା ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଶାନ୍ତିପୂର୍ଣ୍ଣ ସ୍ୱରାଜ ଆନ୍ଦୋଳନରେ ପୁରୁଷମାନଙ୍କୁ ମହିଳାମାନେ ପଛରେ ପକାଇ ଦେବେ। ଏହି ବିଶ୍ୱାସ ଯୋଗୁଁ ଗାନ୍ଧିଜୀ ନା କେବଳ ମହିଳାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସ୍ୱରାଜ ଆନ୍ଦୋଳନରେ ସାମିଲ୍ କରିପାରିଥିଲେ ବରଂ ସତ୍ୟାଗ୍ରହ ଆନ୍ଦୋଳନକୁ ନେତୃତ୍ୱ ଦେବାକୁ ମଧ୍ୟ ସେମାନଙ୍କୁ ସେ ପ୍ରୋତ୍ସାହିତ କରିଥିଲେ।

'ୱିମେନ୍ ଇନ୍ ସତ୍ୟାଗ୍ରହ' ପୁସ୍ତକଟି ବିଶିଷ୍ଟ ଗାନ୍ଧିବାଦୀ ଡକ୍ଟର ଅପର୍ଣ୍ଣା ବାସୁଙ୍କ ଦ୍ୱାରା ଲିଖିତ। ବିଶ୍ୱର ସର୍ବବୃହତ୍ ସାମ୍ରାଜ୍ୟ ଇଂରେଜ ସାମ୍ରାଜ୍ୟ ବିରୁଦ୍ଧରେ ଅହିଂସା ଉପାୟରେ ସଂଗ୍ରାମ କରିଥିବା ଅନେକ ମହିୟସୀ ମହିଳାଙ୍କ ସମ୍ପର୍କରେ ଏହି ପୁସ୍ତକରେ ବର୍ଣ୍ଣନା ରହିଛି। ଏମାନଙ୍କ ମଧ୍ୟରୁ ଅନେକ ମହିଳା ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ବିକାଶମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଏହି ପୁସ୍ତକରେ ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ପ୍ରବେଶ ପୂର୍ବ ଓ ପରବର୍ତ୍ତୀ ସମୟରେ ଜନଜୀବନରେ ପ୍ରଭାବ ପକାଇଥିବା ମହିଳାମାନଙ୍କ କାହାଣୀ ସ୍ଥାନିତ ହୋଇଛି। ଲେଖିକା କୁହନ୍ତି- ସ୍ୱାଧୀନତା ସଂଗ୍ରାମକୁ ଗାନ୍ଧିଜୀ ଏକ ନୂଆ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇଥିଲେ। ଏହି ପୁସ୍ତକଟି ଗୁଜରାଟୀ ଭାଷାରେ ମଧ୍ୟ ଉପଲବ୍ଧ।

**ମୂଲ୍ୟ: ୧୫୦ ଟଙ୍କା, ଆଇଏସ୍‌ବିଏନ୍: ୯୭୮-୮୧-୨୩୦-୨୮୦୭-୧**

## ଆପଣ ଜାଣନ୍ତି କି ?

# ଅନ୍ଧାର ଆକାଶରେ ପବିତ୍ର ଆଧ୍ୟାତ୍ମିକ ଆଲୋକ

ନିରନ୍ତର ଅଧ୍ୟୟନ ଓ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ସହ ମିଳାମିଶା କରି ଗାନ୍ଧିଜୀ ଜ୍ଞାନ ଆହରଣ କରିଥିଲେ । ସେମାନଙ୍କ ମଧ୍ୟରେ ଜଣେ ଥିଲେ ନୋବେଲ୍ ପୁରସ୍କାରପ୍ରାପ୍ତ ଫ୍ରାନ୍ସର ରୋମେନ୍ ରୋଲାଣ୍ଡ । ସେ ଥିଲେ ଜଣେ ଆଦର୍ଶବାଦୀ ଓ ଶାନ୍ତିକାମୀ ।

ଗାନ୍ଧିଜୀଙ୍କ ସହ ହୋଇଥିବା ତାଙ୍କ ପତ୍ର ବିନିମୟ ଓ ଅନ୍ୟାନ୍ୟ ଲେଖାରୁ ଜଣାପଡ଼େ ଯେ ଏହି ପ୍ରଖ୍ୟାତ ଫରାସୀ ମାନବବାଦୀ ଗାନ୍ଧିଜୀଙ୍କ ଦ୍ୱାରା ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ । ଆଉ ମଧ୍ୟ ଜଣାପଡ଼େ ଯେ ଯେଉଁ ସମୟରେ ଗାନ୍ଧିଜୀଙ୍କ ଅହିଂସା ନୀତିକୁ ବୁଝିବା ପାଇଁ ୟୁରୋପରେ ସ୍ୱଳ୍ପ ଅବକାଶ ହିଁ ଥିଲା ସେତେବେଳେ ସେ ନିଜେ ଜଣେ ପାଶ୍ଚାତ୍ୟ ନାଗରିକ ଭାବରେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାକୁ ପ୍ରସାର କରିଥିଲେ ।



ପ୍ରକାଶନ ବିଭାଗ ତରଫରୁ 'ରୋମେନ୍ ରୋଲାଣ୍ଡ୍ ଆଣ୍ଡ୍ ଗାନ୍ଧୀ କରେସ୍ପଣ୍ଡେନ୍ସ' ଶୀର୍ଷକ ପୁସ୍ତକ ପ୍ରକାଶିତ ହୋଇଛି । ମହାତ୍ମା ଗାନ୍ଧୀଙ୍କ ସହ ରୋମେନ୍ ରୋଲାଣ୍ଡଙ୍କ ପତ୍ର ବିନିମୟ, ଡାୟରୀ ଓ ଲେଖା ଆଦି ଉପରେ ଏହି ପୁସ୍ତକଟି ପର୍ଯ୍ୟବସିତ । ଏହି ପୁସ୍ତକର ୧୪୧ ପୃଷ୍ଠାରୁ ଆନୀତ କିୟଦଂଶ...

***ଗାନ୍ଧିଜୀଙ୍କ ଜନ୍ମଦିବସରେ ରୋମେନ୍ ରୋଲାଣ୍ଡଙ୍କ ବାର୍ତ୍ତା***

***ଭିଲେନିଉଭେ, ଲେକ୍ ଜିନିଭା***

***୧ ଅକ୍ଟୋବର ୧୯୩୦***

ଗାନ୍ଧିଜୀ ସ୍ୱାଧୀନତାକାମୀ ଜନତାଙ୍କର କେବଳ ଜଣେ ନାୟକ କିମ୍ବା ମାର୍ଗଦର୍ଶକ ନୁହଁନ୍ତି । ସେ ହେଉଛନ୍ତି ଆମ ସମୟର ଅନ୍ଧାର ଆକାଶରେ ଚମକୁଥିବା ଏକ ଦୃଢ଼ ନିଶ୍ଚିତ ପବିତ୍ର ଆଧ୍ୟାତ୍ମିକ ତାରକା । ସାମୁଦ୍ରିକ ଝଡ଼ର ପ୍ରକୋପରେ ଉଡ଼ିଯିବାକୁ ବସିଥିବା ଆମ ସଭ୍ୟତାର ଜାହାଜ ପାଇଁ ସେ ହିଁ ହେଉଛନ୍ତି ଦିଗ୍‌ଦର୍ଶନ ଦେଉଥିବା ଏକ ଉଜ୍ଜ୍ୱଳ ତାରକା- ଯେଉଁ ପଥ ହେଉଛି ମୋକ୍ଷର ପଥ ।

ଏହି ପଥ ଆମ ଭିତରେ ଅଛି । ତାହା ହେଉଛି ପରମ ଶକ୍ତି- ବୀରତ୍ୱର ସହ ଅଗ୍ରାହ୍ୟ କରିବାର ଶକ୍ତି । ଅନ୍ୟାୟ ଓ ହିଂସାକୁ ଅଗ୍ରାହ୍ୟ କରିବାର ଶକ୍ତି । ଏହା ହେଉଛି ଆତ୍ମାର ଆନ୍ଦୋଳନ । ଏହି ଆନ୍ଦୋଳନ ଦ୍ୱାରା ଜାତି, ଶ୍ରେଣୀ ଓ ଧର୍ମ ମଧ୍ୟରେ ବିଭେଦ ସୃଷ୍ଟି ହୋଇନଥାଏ ବରଂ ଏହା ସେମାନଙ୍କୁ ପରସ୍ପର ପ୍ରତି ଆକର୍ଷିତ କରେ । ଏହା ପ୍ରତ୍ୟେକ ମଣିଷ ଭିତରେ ସେହି ଗୋଟିଏ ଆତ୍ମାର ବହ୍ନି ପ୍ରଜ୍ୱଳିତ କରେ । ଯଦ୍ୱାରା ରିକ୍ତତା ଭିତରୁ ମାନବଜାତି ସୃଷ୍ଟି ହୁଏ । ନିଜର ମୂଢ଼ତା ଫଳରେ ସେହି ରିକ୍ତତାକୁ ଫେରିବାକୁ ମାନବ ବର୍ତ୍ତମାନ ଉଦ୍ୟତ । ଏହା ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କୁ ନିଜର ଧର୍ମ କିପରି ପାଳନ କରାଯିବ ତାହା ଶିକ୍ଷା ଦିଏ (ବର୍ତ୍ତମାନ ସେମାନେ କେବଳ ରୂପରେ ଖ୍ରୀଷ୍ଟିଆନ) । ଏହା ମୁକ୍ତ ଆତ୍ମାକୁ ମୁକ୍ତିର ପାଠ ପଢ଼ାଏ (ସେମାନେ ବର୍ତ୍ତମାନ କେବଳ ଭାଷଣରେ ହିଁ ମୁକ୍ତ) । ପ୍ରତ୍ୟେକ ମଣିଷ ଭିତରେ ଥିବା ସେହି ଗୋଟିଏ ପିତାର ପୁତ୍ରକୁ ସମ୍ମାନ ଦେବାକୁ ପ୍ରେରିତ କରେ ।

## କେନ୍ଦ୍ର ସରକାରଙ୍କ ୧୦୦ ଦିନ ସମ୍ପର୍କରେ ଶ୍ରୀ ପ୍ରକାଶ ଜାଭାଡେକରଙ୍କ ରିପୋର୍ଟ କାର୍ଡ

କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ୧୦୦ ଦିନରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମୟରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ସେ 'ଜନ୍ କନେକ୍ଟ' ଶୀର୍ଷକ ଏକ ପୁସ୍ତକ ବିମୋଚନ କରିଥିଲେ ଓ 'ଭାରତର ବିକାଶକୁ ଆଗେଇ ନେବା- ୧୦୦ ଦିନର ନିର୍ଭୀକ ପଦକ୍ଷେପ ଓ ନିର୍ଣ୍ଣାୟକ କାର୍ଯ୍ୟ' ଶୀର୍ଷକ ଏକ ପ୍ରଦର୍ଶନୀକୁ ମଧ୍ୟ ଉଦ୍‌ଘାଟନ କରିଥିଲେ।





*ସେପ୍ଟେମ୍ବର ୮, ୨୦୧୯ରେ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ଆୟୋଜିତ ପତ୍ର ବାର୍ତ୍ତାରେ କେନ୍ଦ୍ର ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର। ସାଥୀରେ ଅଛନ୍ତି ପତ୍ର ସୂଚନା ବିଭାଗର ପ୍ରଧାନ ମହାନିର୍ଦ୍ଦେଶକ ଶ୍ରୀ ସୀତାଂଶୁ ରଞ୍ଜନ କର।*

**'ଜନ୍ କନେକ୍ଟ'ରେ ଉଲ୍ଲେଖିତ କେତେକ ଉପଲବ୍ଧି-**


- ଜମ୍ମୁ-କଶ୍ମୀର ଓ ଲଦାଖର ଜନସାଧାରଣଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଧାରା ୩୭୦ ଓ ୩୫(ଏ)ର ଉଚ୍ଛେଦ।
- ଭାରତକୁ ୫ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ପଦକ୍ଷେପ।
- ସରକାରୀ ବ୍ୟାଙ୍କଗୁଡ଼ିକର ଐତିହାସିକ ମିଶ୍ରଣ ଓ ଏଗୁଡ଼ିକ ମାଧ୍ୟମରେ ଅଧିକ ଋଣ ପ୍ରଦାନ; ଅଣବ୍ୟାଙ୍କ୍ ଆର୍ଥିକ କମ୍ପାନୀ ଓ ଗୃହ ନିର୍ମାଣ କମ୍ପାନୀଗୁଡ଼ିକୁ ସାହାଯ୍ୟ, ରେପୋ ରେଟ୍ ସଂଯୁକ୍ତିକରଣ, ଗୃହ ନିର୍ମାଣ, ଯାନବାହନ ପାଇଁ ମାସିକ କିସ୍ତିରେ ହ୍ରାସ, ଭିତ୍ତିଭୂମି ପାଇଁ ଋଣ।
- ବ୍ୟବସାୟ କରିବାରେ ସୁବିଧା, ଟିକସ କ୍ଷେତ୍ରରେ ପାରଦର୍ଶିତା ଓ ଉତ୍ତରଦାୟିତ୍ୱ, ଦୀର୍ଘସୂତ୍ରୀ ଓ ସ୍ୱଳ୍ପ ଅବଧି ପୁଞ୍ଜିଗତ ଲାଭ ଉପରେ ନିଆଯାଉଥିବା ଉପକର ଦର ହ୍ରାସ, ଗ୍ରାହକ ସୁବିଧା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ବିଶେଷ ପଦକ୍ଷେପ।
- ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ପଦକ୍ଷେପ- ଟିକସ ସରଳୀକରଣ, ଶ୍ରମ ଆଇନ, ପରିବେଶ ମଞ୍ଜୁରୀ, ଭାରତରେ ବଣ୍ଡ ବଜାର ବିସ୍ତାର, ଭାରତୀୟ କମ୍ପାନୀ ପାଇଁ ବିଶ୍ୱ ବଜାର ପ୍ରବେଶ ସୁବିଧା, କର୍ପୋରେଟ୍ ଟିକସ ହ୍ରାସ, ବିଦେଶୀ ପୁଞ୍ଜିନିବେଶ ନୀତିର ସମୀକ୍ଷା, କମ୍ପାନୀ ସଂଶୋଧନ ଅଧିନିୟମ-୨୦୧୯, ବିଶେଷ ଆର୍ଥିକ ଜୋନ୍ (ସଂଶୋଧନ) ଅଧିନିୟମ-୨୦୧୯।
- ଯାନବାହନ କ୍ଷେତ୍ର ପାଇଁ ପ୍ରୋତ୍ସାହନ।
- ମଜୁରୀ ବିଧେୟକ ୨୦୧୯।
- ସମାଜର ସବୁ ବର୍ଗଙ୍କ ସକାଶେ ସାମାଜିକ ନ୍ୟାୟ ନିଶ୍ଚିତ କରିବା- ୩ ତଲାକ୍ ଉଚ୍ଛେଦ ପାଇଁ ଆଇନ, ପିଓସିଏସଓ ଅଧିନିୟମରେ ସଂଶୋଧନ ଇତ୍ୟାଦି।
- ଆଦିବାସୀ ଓ ସଂଖ୍ୟାଲଘୁଙ୍କ ମଙ୍ଗଳ ପାଇଁ ବିଭିନ୍ନ ପଦକ୍ଷେପ।
- ମଜୁରୀ ସୁରକ୍ଷା- ଲିଙ୍ଗଗତ ସମାନତା ପାଇଁ ମଜୁରୀ ବୋର୍ଡ ୨୦୧୯।
- କୃଷକ ଆୟ ଦ୍ୱିଗୁଣିତ କରିବା ପାଇଁ ପଦକ୍ଷେପ।
- ଜଳ ସୁରକ୍ଷା ପାଇଁ ଜଳଶକ୍ତି ମନ୍ତ୍ରଣାଳୟ ଗଠନ, ହର୍ ଘର୍ ବିଜ୍‌ଲୀ ଯୋଜନା, ଗ୍ୟାସ୍ ଯୋଜନା ପାଇଁ ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ, ଜନଭାଗିଦାରୀ ଆନ୍ଦୋଳନ, ଫିଟ୍ ଇଣ୍ଡିଆ ଓ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ ପାଇଁ ଅଭିଯାନ ଇତ୍ୟାଦି।
- ସୁଶାସନ ପାଇଁ ପଦକ୍ଷେପ।
- ବୈଜ୍ଞାନିକ ପ୍ରଚେଷ୍ଟା ଉପରେ ଗୁରୁତ୍ୱ।
- ସୁରକ୍ଷା ଓ ପ୍ରତିରକ୍ଷା।
- ବିଶ୍ୱ ଉପରେ ଭାରତର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ, ପଡ଼ୋଶୀ ପ୍ରଥମ ନୀତି।
- ଉତ୍ତର-ପୂର୍ବାଞ୍ଚଳ ସଶକ୍ତିକରଣ।

# ଦିଲ୍ଲୀ ପୁସ୍ତକ ମେଳାରେ ବିମୋଚିତ ପୁସ୍ତକ

## କସ୍ତୁରୀ ପରିମଲ୍ (ହିନ୍ଦୀ)-





ମୋହନ ନାମକ ବାଳକ ମହାତ୍ମା ଗାନ୍ଧୀରେ ପରିଣତ ହେବା ଯାତ୍ରାର ଏକ ସାକ୍ଷୀ ତଥା ଅଂଶ ଥିଲେ କସ୍ତୁରବା ଗାନ୍ଧୀ। ଏହି ପୁସ୍ତକ ହେଉଛି କସ୍ତୁରବାଙ୍କ ଏଭଳି ଏକ ଜୀବନୀ, ଯେଉଁଥିରେ ତାଙ୍କ ସଂଘର୍ଷ, ଗାନ୍ଧୀଙ୍କ ସହ ତାଙ୍କ କଥୋପକଥନ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଜଣେ ପ୍ରଖ୍ୟାତ ନାରିନେତ୍ରୀ ଭାବରେ ତାଙ୍କର ଆବିର୍ଭାବ ବିଷୟ ବର୍ଣ୍ଣିତ ହୋଇଛି। ଗାନ୍ଧିଜୀଙ୍କ ଗଠନମୂଳକ କାର୍ଯ୍ୟକ୍ରମ ଏବଂ ଆଶ୍ରମର ଅନ୍ୟାନ୍ୟ ଗୋଷ୍ଠୀ କାର୍ଯ୍ୟକଳାପରେ କସ୍ତୁରବାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ୍ୟ ଏଥିରେ ବର୍ଣ୍ଣନା କରାଯାଇଛି। ଏହି ପୁସ୍ତକର ରଚୟିତା ଡକ୍ଟର ବିଶ୍ୱାସ ପାଟିଲ୍ ହେଉଛନ୍ତି ମରାଠୀ ସାହିତ୍ୟର ଜଣେ ଜଣାଶୁଣା ନାମ।




## ୧୯୨୧ କେ ଅସହଯୋଗ ଆନ୍ଦୋଲନ୍ କି ଝଁକିୟାଁ (ହିନ୍ଦୀ)-


ଭାରତର ପୂର୍ବତନ ରାଷ୍ଟ୍ରପତି ଭି.ଭି. ଗିରି ଏହି ପୁସ୍ତକର ମୁଖବନ୍ଧ ଲେଖିଛନ୍ତି। ଡକ୍ଟର ତାରାଚାନ୍ଦ, ଶ୍ରୀ ପ୍ରକାଶ, କମଳାଦେବୀ ଚଟ୍ଟୋପାଧ୍ୟାୟ, କାକା କାଲେଲକର୍, ଆର୍. ଆର୍ ଦିୱାକର, ହରିବାବୁ ଉପାଧ୍ୟାୟ ଓ ଡକ୍ଟର ହରେକୃଷ୍ଣ ମେହେଟାଙ୍କ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ, ବୁଦ୍ଧିଜୀବୀ ଓ ସାମ୍ବାଦିକଙ୍କ ଲେଖା ଏଥିରେ ସ୍ଥାନିତ ହୋଇଛି।




## ଗାନ୍ଧୀ କଥା (ହିନ୍ଦୀ ଓ ଉର୍ଦ୍ଦୁ)-

ମହାତ୍ମା ଗାନ୍ଧୀଙ୍କ ଜୀବନ ଉପରେ ଏହା ଏକ ଚିତ୍ରିତ ଉପନ୍ୟାସ। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୁସ୍ତକର ଆଞ୍ଚଳିକ ସଂସ୍କରଣ ପ୍ରକାଶିତ କରିବା ପାଇଁ ପ୍ରକାଶନ ବିଭାଗ ଉଦ୍ୟମରତ।

## ସତ୍ୟାଗ୍ରହରେ ନାରୀ (ଗୁଜୁରାଟୀ)-




ଜାତୀୟ ଗାନ୍ଧୀ ସଂଗ୍ରହାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଅପର୍ଣ୍ଣା ବାସୁଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକଟି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ। ଇଂରାଜୀରେ ପ୍ରକାଶିତ ଏହି ପୁସ୍ତକର ଗୁଜୁରାଟୀ ଅନୁବାଦ କରିଛନ୍ତି ବିଶିଷ୍ଟ ଗାନ୍ଧିବାଦୀ ପ୍ରଫେସର ବର୍ଷା ଦାସ। ସତ୍ୟାଗ୍ରହ ଆନ୍ଦୋଳନରେ ଭାଗ ନେଇଥିବା ଅନେକ ବିଶିଷ୍ଟ ମହିଳାଙ୍କ ସମ୍ପର୍କରେ ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି।

## ମହାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି: ଆକାଶବାଣୀର ଶ୍ରଦ୍ଧାଞ୍ଜଳି (ତାମିଲ୍)-




୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ଗାନ୍ଧିଜୀଙ୍କ ତିରୋଧାନ ପରେ ଆକାଶବାଣୀରୁ ପ୍ରକାଶିତ ଶ୍ରଦ୍ଧାଞ୍ଜଳିକୁ ନେଇ ଏହି ପୁସ୍ତକଟି ପ୍ରଥମେ ଇଂରାଜୀରେ ଓ ପରେ ତାମିଲ୍ ଭାଷାରେ ଅନୁବାଦିତ ହୋଇଛି। ଏଥିରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାରେ ବଲ୍ଲଭଭାଇ ପଟେଲ୍ ଓ ପଣ୍ଡିତ ଜବାହରଲାଲ୍ ନେହରୁଙ୍କ ସମେତ ଲର୍ଡ ମାଉଣ୍ଟ୍ ବେଟେନ୍ଙ୍କ ପରି ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି ସ୍ଥାନ ପାଇଛି।


# ପୁସ୍ତକ ପ୍ରଦର୍ଶନୀ

## ୨୦୧୯ ଦିଲ୍ଲୀ ପୁସ୍ତକ ମେଳାରେ ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଗାନ୍ଧିଜୀଙ୍କ ଉପରେ ଆଧାରିତ ପୁସ୍ତକ ବିମୋଚିତ



ନୂଆଦିଲ୍ଲୀର ପ୍ରଗତି ମୈଦାନ ଠାରେ ୨୫ତମ ଦିଲ୍ଲୀ ପୁସ୍ତକ ମେଳାରେ ପ୍ରକାଶନ ବିଭାଗର ଷ୍ଟଲ୍‌କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଅମିତ୍ ଖାରେ ଉଦ୍‌ଘାଟନ କରିଥିଲେ। ବିଭାଗ ଦ୍ୱାରା ପ୍ରକାଶିତ ୫ଟି ପୁସ୍ତକକୁ ମଧ୍ୟ ସେ ବିମୋଚିତ କରିଥିଲେ। ଏହି ଅବସରରେ ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ ଏ. ଆନ୍ନାମଲ୍ଲାଇ ମଧ୍ୟ ଉପସ୍ଥିତ ଥିଲେ।

ହିନ୍ଦୀ, ଇଂରାଜୀ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରକାଶିତ ପୁସ୍ତକ ଦ୍ୱାରା ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଜନସାଧାରଣଙ୍କୁ ପରିଚିତ କରାଉଥିବାରୁ ପ୍ରକାଶନ ବିଭାଗକୁ ଶ୍ରୀ ଖାରେ ସାଧୁବାଦ ଦେଇଥିଲେ। ଆଜିର ଇଣ୍ଟରନେଟ୍ ଯୁଗରେ ପୁସ୍ତକ ସଂସ୍କୃତି ଉପରେ ଆଲୋକପାତ କରି ସେ କହିଥିଲେ ଯେ ଇଣ୍ଟରନେଟ୍ ସୂଚନାର ଏକ ଗନ୍ଥାଘର ହୋଇଥିବା ବେଳେ କେବଳ ପୁସ୍ତକ ହିଁ ଜ୍ଞାନ ବିତରଣ କରିଥାଏ।





ଏହି ପ୍ରଦର୍ଶନୀରେ ଜାତୀୟ ଗାନ୍ଧୀ ସଂଗ୍ରହାଳୟଙ୍କ ସହାୟତାରେ ଇଣ୍ଟର ଆକ୍ଟିଭ୍ ସ୍କ୍ରିନ୍ ସ୍ଥାପନ କରାଯାଇଥିଲା ଓ ଏଥିରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅନେକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

ପରେ ବିଶିଷ୍ଟ ଗାନ୍ଧିବାଦୀ ଶ୍ରୀ ଏ. ଆନ୍ନାମଲ୍ଲାଇଙ୍କ ଦ୍ୱାରା ‘୧୧ ସେପ୍ଟେମ୍ବର ୧୯୦୬- ସତ୍ୟାଗ୍ରହର ଜନ୍ମ’ ଶୀର୍ଷକ ବିଷୟ ଉପରେ ବକ୍ତୃତା ଦିଆଯାଇଥିଲା। ଶ୍ରୀ ଆନ୍ନାମଲ୍ଲାଇ ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଙ୍କ ପ୍ରାରମ୍ଭିକ ସଂଘର୍ଷ ଉପରେ ଆଲୋକପାତ କରି ଗାନ୍ଧିଜୀ କିପରି ସତ୍ୟାଗ୍ରହ ଶବ୍ଦଟିକୁ ରଚନା କରିଥିଲେ ସେ ସମ୍ପର୍କରେ ବୁଝାଇଥିଲେ। ଗାନ୍ଧିଜୀଙ୍କ ସତ୍ୟାଗ୍ରହର ମୂଲ୍ୟବୋଧ ଆହରଣ କରିବା ପାଇଁ ଯୁବପିଢ଼ୀଙ୍କୁ ସେ ଆହ୍ୱାନ ଦେଇଥିଲେ।

ଗାନ୍ଧିବାଦୀ ଚିନ୍ତାଧାରା ଉପରେ ପ୍ରକାଶନ ବିଭାଗ ଅନେକ ପୁସ୍ତକ ପ୍ରକାଶନ କରିଛି। ସେଥିମଧ୍ୟରୁ ଅନେକ ପୁସ୍ତକ ଓ ସେଗୁଡ଼ିକର ଇ-ସଂସ୍କରଣ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ ଇତିହାସ, ଐତିହ୍ୟ, ଶିଶୁ ସାହିତ୍ୟ, କଳା ଓ ସଂସ୍କୃତି, ଜାତୀୟ ସ୍ୱାଧୀନତା ଆନ୍ଦୋଳନ, ଜାତୀୟ ନେତୃବୃନ୍ଦଙ୍କ ଜୀବନୀ, ପଶୁପକ୍ଷୀ, ବିଜ୍ଞାନ, ଅର୍ଥନୀତି ଓ ରାଷ୍ଟ୍ରପତି ଭବନ ସିରିଜ୍ ଆଦି ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ପୁସ୍ତକମେଳା ୧୧ ସେପ୍ଟେମ୍ବରରୁ ୧୫ ସେପ୍ଟେମ୍ବର ୨୦୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଆଇଟିପିଓ ଏବଂ ଭାରତୀୟ ପ୍ରକାଶକ ସଂଘ ଦ୍ୱାରା ପ୍ରତିବର୍ଷ ଏହି ମେଳା ଆୟୋଜିତ ହୋଇଥାଏ।



# ଗାନ୍ଧୀ ସଂକଳ୍ପ ପଦଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ



କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗାନ୍ଧୀଙ୍କ ଜୀବନର ମୂଲ୍ୟବୋଧକୁ ଦେଶବାସୀ ଆପଣାଇବା ହିଁ ମହାତ୍ମା ଗାନ୍ଧୀଙ୍କୁ ଉଚିତ୍ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶ ତଥା ରାଜ୍ୟର କୋଣ ଅନୁକୋଣରେ ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେପି ପକ୍ଷରୁ ଓଡିଶାର ଐତିହାସିକ ସ୍ଥାନ ତଲେଙ୍ଗାନାପେଣ୍ଠରୁ ଗାନ୍ଧି ସଂକଳ୍ପ ପଦଯାତ୍ରା ଆୟୋଜନ ଅବସରରେ ସେ ଏହା କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାତ୍ମା ଗାନ୍ଧିଙ୍କ ସ୍ୱଚ୍ଛ ଭାରତ, ନିଶା ନିବାରଣ, ସ୍ୱଦେଶୀ ଅର୍ଥନୀତି, ନୈତିକତାଯୁକ୍ତ ଶିକ୍ଷା, ଗଣତନ୍ତ୍ରର ମୂଲ୍ୟବୋଧର ବାର୍ତା ଏବେ ମଧ୍ୟ ମହତ୍ୱ ରଖିଛି । ପ୍ଲାଷ୍ଟିକ୍ ମୁକ୍ତ ଭାରତ,

ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଜନସଂଖ୍ୟା ନିୟନ୍ତ୍ରଣ ମହାତ୍ମା ଗାନ୍ଧୀ ବିଚାରକୁ ଜନ ଆନ୍ଦୋଳନରେ ପରିଣତ କରିବା ଗାନ୍ଧୀଙ୍କ ଜନ୍ମଦିନର ଶ୍ରେଷ୍ଠ ଉପହାର ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସତ୍ୟନିଷ୍ଠା, ସାଧୁତା, କରୁଣା ତଥା ମାନବିକତାର ଅନନ୍ୟ ମୂର୍ତିମନ୍ତ ପ୍ରତୀକ ହେଉଛନ୍ତି ମହାତ୍ମାଗାନ୍ଧୀ, ଆମର ପ୍ରିୟ ବାପୁ । ଅହିଂସା ନୀତିରେ ଥିଲା ତାଙ୍କର ଅଖଣ୍ଡ ବିଶ୍ୱାସ । ଏହା କେବଳ ଆମର ଅସ୍ତିତ୍ୱର ଆଧାର ନୁହେଁ, ବରଂ ମାନବ ସମାଜ ଓ ଦେଶର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଅନିର୍ବାଯ୍ୟ ଆବଶ୍ୟକତା । ସମାଜର ଅନ୍ତିମ ପାହାଚରେ ଥିବା ବ୍ୟକ୍ତି ପାଖରେ ସମସ୍ତ ଯୋଜନାର ଲାଭ ପହଁଚାଇବା ଥିଲା ବାପୁଙ୍କ ବିଚାରର ଅନ୍ୟତମ ମୂଳମନ୍ତ୍ର। ଗାନ୍ଧୀ ବିଚାରର ଲକ୍ଷ୍ୟ- ସର୍ବୋଦୟ । ଏହି ସର୍ବୋଦୟ ହିଁ ନରେନ୍ଦ୍ର ମୋଦିଙ୍କ ଶାସନ ବ୍ୟବସ୍ଥାର ମୂଳବିନ୍ଦୁ । ଗରିବ ମା' ଘରେ ଉଜ୍ଜ୍ୱଳା ମାଧ୍ୟମରେ ସ୍ୱଚ୍ଛ ଇନ୍ଧନ ପହଁଚାଇ ତା ଆଖିର ଲୁହ ପୋଛିବା ହେଉ କି ସ୍ୱଚ୍ଛ ଭାରତ ଅଭିଯାନରେ ଗରିବ ଘରେ ପାଇଖାନା, ଗରିବଙ୍କ ମୁଣ୍ଡ ଉପରେ ପକ୍କା ଘର ଅଥବା ଆୟୁଷ୍ମାନ ଯୋଜନା ମାଧ୍ୟମରେ ଦରିଦ୍ର, ବଂଚିତ, ନିଷ୍ପେସିତ ଓ ଅବହେଳିତଙ୍କ ସ୍ୱାସ୍ଥ୍ୟସେବା ହେଉ, ସବୁଠି ବାପୁଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ମୋଦି ସରକାର ଅଙ୍ଗୀକାରବଦ୍ଧ। ବାପୁଙ୍କ ସ୍ୱାବଲମ୍ବନଶୀଳତାର ସ୍ୱରୂପ ହେଉଛି ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ । ଗାନ୍ଧୀଜୀଙ୍କ ଦର୍ଶନର ସମାହାର ହିଁ ମୋଦିଙ୍କ ମନ୍ତ୍ର- ସବ୍‌କା ସାଥ୍- ସବ୍‌କା ବିକାଶ- ସବ୍‌କା ବିଶ୍ୱାସ । ବାପୁଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି ମହାମାନବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନବଭାରତ ନିର୍ମାଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଭାରତକୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପ୍ରଭାବରୁ ମୁକ୍ତ କରିବା ତଥା ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବଦଳରେ କାଗଜ ଓ କପଡା ବ୍ୟାଗ୍ ବ୍ୟବହାର କରିବା, ଜଳ ସଂରକ୍ଷଣ ଓ ଜନସଂଖ୍ୟା ନିୟନ୍ତ୍ରଣ ବାର୍ତାର ପ୍ରଚାର ସହ ଡିଜିଟାଲ ପ୍ଲାଟ୍‌ଫର୍ମକୁ ଲୋକପ୍ରିୟ କରିବା ପାଇଁ ପ୍ରତ୍ୟେକ ଜନସାଧାରଣଙ୍କ ପାଖକୁ ଯିବା ପାଇଁ ଶ୍ରୀ ପ୍ରଧାନ ଶପଥ ପାଠ କରାଇବା ସହ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତା ଜନସାଧାରଣଙ୍କ ସହିତ ଭାଗୀଦାର ହୋଇ ଦେଶର ବିକାଶ ଓ ଗରିବ କଲ୍ୟାଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିବର୍ତନ କରିବା ପାଇଁ ସେ ଆହ୍ୱାନ କରିଥିଲେ।

## ସାମ୍ପ୍ରତିକୀ

# ଭାରତ ଉର୍ଜା ନ୍ୟାୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛି: ଧର୍ମେନ୍ଦ୍ର ପ୍ରଧାନ




ଭାରତରେ ଉର୍ଜା ନ୍ୟାୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଛନ୍ତି ବୋଲି ଆବୁଧାବୀରେ ଆନ୍ତର୍ଜାତୀୟ ଶକ୍ତି ଫୋରମର ୮ତମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଯୋଗ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ବୈଠକରେ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ ଏସିଆ ତଥା ବିଶ୍ୱର ବିକାଶ ପାଇଁ ଉର୍ଜା ସୁରକ୍ଷା ଏବଂ ଟିକ୍ନୋଲୋଜିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ପ୍ରଧାନ ଏହି ଅବସରରେ ୟୁଏଇ ଓ ଭିଏତନାମର ମନ୍ତ୍ରୀଗଣ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ପ୍ରମୁଖ ଅଧିକାରୀ, ଓପେକ୍‌ର ସାଧାରଣ ସଚିବ ଏବଂ ବିଭିନ୍ନ ବ୍ୟକ୍ତିବିଶେଷ ମାନଙ୍କୁ ଭେଟି ଭାରତ ଓ ୟୁଏଇ ସହ ଆର୍ଥିକ ଏବଂ ଅନ୍ୟାନ୍ୟ ସହଯୋଗ ଉପରେ ଫଳପ୍ରଦ ଆଲୋଚନା କରିଥିଲେ ।

ଶ୍ରୀ ପ୍ରଧାନ କହିଛନ୍ତି ଆଗାମୀ ଦୁଇ ଦଶନ୍ଧିରେ ବିଶ୍ୱ ଆର୍ଥିକ ବିକାଶର କେନ୍ଦ୍ର ଏସିଆ ହେବ ତଥା ଭାରତ ଓ ଚୀନ ଏହାର ୮୦ ଭାଗ ଅଂଶୀଦାର ହେବେ । ବିଶ୍ୱର ଶକ୍ତି ଚାହିଦା ବଢ଼ିବା ସହ ଅକ୍ଷୟ ଶକ୍ତିର ବ୍ୟବହାରରେ ଦ୍ରୁତ ପ୍ରଗତି ଘଟିବ । ୨୦୪୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତି ଯୋଗାଣ ଦୁଇ ତୃତୀୟାଂଶ ବୃଦ୍ଧି ପାଇବ ଏବଂ ଏହା କୋଇଲାକୁ ଆଗେଇ ଯାଇ ଭବିଷ୍ୟତରେ ଉର୍ଜା ମିଶ୍ରଣର ୩୦ ପ୍ରତିଶତରେ ପହଁଚିବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୁର୍ବଳ ଏବଂ ଅସନ୍ତୁଳିତ ଉର୍ଜା କାରଣରୁ ଏସୀଆରେ ୪୦୦ ମିଲିୟନରୁ ଉର୍ଦ୍ଧ୍ୱ ଲୋକ ବିଜୁଳି ପାଇବାରୁ ବଂଚିତ ଅଛନ୍ତି । ଏଥିପାଇଁ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଉର୍ଜା ପ୍ରଦାନ କରିବା ସବୁ ଦେଶର ସରକାରଙ୍କ ପାଇଁ ପ୍ରାଥମିକତା ରହିଛି । ଭାରତର ଉର୍ଜା ଦୃଷ୍ଟିକୋଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୪ଟି ସ୍ତମ୍ଭ ଯଥା ଉର୍ଜା ଉପଲବ୍ଧତା, ଉର୍ଜା ସୁରକ୍ଷା, ଉର୍ଜା ଦକ୍ଷତା ଏବଂ ଉର୍ଜା ସ୍ଥିରତା ଉପରେ ଆଧାରିତ । ବିଗତ ୫ ବର୍ଷରେ ଭାରତ ଉର୍ଜା ନ୍ୟାୟ ଏବଂ ଉର୍ଜାକୁ ସମସ୍ତଙ୍କ ପାଖରେ ପହଁଚାଇବା ଉପରେ ଅତ୍ୟଧିକ ଯୋର ଦେଇଛି ।

ବିଗତ ୫ ବର୍ଷରେ ଭାରତ ଦେଶର ୧.୩ ବିଲିୟନର ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଉର୍ଜା ନ୍ୟାୟ ସୁନିଶ୍ଚିତ କରିବା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି । ଉର୍ଜା ସୁରକ୍ଷା ଏବଂ ଉର୍ଜା ନ୍ୟାୟ ପ୍ରଦାନ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଥିଲେ ।

ଏହି ଅବସରରେ ୟୁଏଇର ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଏଚ.ଇ ସୁଏଲ ମହମ୍ମଦ ଅଲ୍ ମଜରୌଇଙ୍କ ସହ ଆଲୋଚନା କରିଥିଲେ ଶ୍ରୀ ପ୍ରଧାନ । ଭାରତ-ୟୁଏଇ ମଧ୍ୟରେ ବ୍ୟାପକ ରଣନୈତିକ ସହଯୋଗକୁ ଦୃଢ କରିବା ପାଇଁ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବିଶେଷ ଭାବରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ହାଇଡ୍ରୋକାର୍ବନ କ୍ଷେତ୍ରର କାର୍ଯ୍ୟକୁ ଆହୁରି ମଜବୁତ କରିବା ଦିଗରେ ରାସ୍ତା ବାହାର କରିବା ପାଇଁ ଆଲୋଚନା କରାଯାଇଛି । ଏହାବ୍ୟତିତ ଶ୍ରୀ ପ୍ରଧାନ ୟୁଏଇର ମନ୍ତ୍ରୀଙ୍କ ସହ ଇସ୍ପାତ୍ ରପ୍ତାନୀ ଚାହିଦାକୁ ବୃଦ୍ଧି କରିବା ଉପରେ ମଧ୍ୟ ଆଲୋକପାତ କରିଥିଲେ ।

## ସାମ୍ପ୍ରତିକୀ

ଓଡିଶାର ଚଣ୍ଡିଖୋଲ ଏବଂ କର୍ଣ୍ଣାଟକର ପାଦୁର ଠାରେ ହେବାକୁ ଥିବା ଭାରତର ରଣନୈତିକ ପେଟ୍ରୋଲିୟମ ଭଣ୍ଡାର କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ୟୁଏଇ ପୁନର୍ବାର ଅଂଶଗ୍ରହଣ କରିବାକୁ ଶ୍ରୀ ପ୍ରଧାନ ୟୁଏଇ ମନ୍ତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଆଲୋଚନା କାଳରେ ଶ୍ରୀ ପ୍ରଧାନ ଷ୍ଟ୍ରେଟ୍ ଅଫ୍ ହରମୁଜରେ ଦେଖାଯାଇଥିବା ବିଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିବା ସହ ଉତ୍ପାଦନର ହ୍ରାସକୁ ଓପେକର ସଦସ୍ୟମାନେ ସମର୍ଥନ କରିବା ଦ୍ୱାରା ପ୍ରତିକୂଳ ଭାବରେ ଏହି ନିଷ୍ପତି ଭାରତୀୟ ଉପଭୋକ୍ତାଙ୍କ ଉପରେ ପ୍ରଭାବ ପକାଉଛି ବୋଲି ସେ କହିଥିଲେ ।

ସେହିପରି ୮ତମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଅବସରରେ ଶ୍ରୀ ପ୍ରଧାନ ଓପେକର ସାଧାରଣ ସଚିବ ଏଚଇ ମହମ୍ମଦ ସାନୁସି ବାର୍କିଣ୍ଡୋଙ୍କ ସହ ସାକ୍ଷାତ କରିଥିଲେ । ସଂପ୍ରତି ଭୂ-ରାଜନୈତିକ ବିକାଶ ଦ୍ୱାରା ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟର ସ୍ଥିରତା ଏବଂ ଏହାର ରପ୍ତାନୀ ଉପରେ ପଡିଥିବା ପ୍ରଭାବ ସମ୍ବନ୍ଧରେ ମଧ୍ୟ ଉଭୟ ଆଲୋଚନା କରିଥିଲେ ।

ବିଶ୍ୱସ୍ତରର ଅଶୋଧିତ ତୈଳର ସନ୍ତୁଳନ ଏବଂ ହାରାହାରି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଦୁଇ ଦେଶର ମଜବୁତ ପ୍ରାଥମିକତାକୁ ଗୁରୁତ୍ୱ ଦିଆଯାଇଥିଲା । ଏସଜି ବାର୍କିଣ୍ଡୋ ଆଲୋଚନା କାଳରେ କହିଥିଲେ ଯେ ପରବର୍ତୀ ଓପେକ୍ ପ୍ଲସ କମିଟି ବୈଠକରେ ଅଶୋଧିତ ତୈଳର ଉତ୍ପାଦନକୁ ହ୍ରାସ କରିବାର କୌଣସି ପ୍ରସ୍ତାବ ନାହିଁ ।

ଓପେକର ସାଧାରଣ ସଚିବ ଏସଜି ବାର୍କିଣ୍ଡୋ ଭାରତ ଏବଂ ଓପେକ୍ ମଧ୍ୟରେ ଆଗାମୀ ଉଚ୍ଚସ୍ତରୀୟ ବୈଠକ ଚଳିତବର୍ଷର ଶେଷ ଆଡକୁ ଆୟୋଜନ କରିବା ପାଇଁ ଇଚ୍ଛା ପରିପ୍ରକାଶ କରିଥିଲେ । ଓପେକ୍ ଭାରତ ପାଇଁ ଏକ ମହତ୍ୱପୂର୍ଣ୍ଣ ଉର୍ଜା ସହଯୋଗୀ ଅଟେ । ଭାରତ ଏବଂ ଓପେକ୍ ମଧ୍ୟରେ ସହଯୋଗ ବୃଦ୍ଧି ଓ ଉର୍ଜା ସୁରକ୍ଷା ଏବଂ ଉର୍ଜା ସମସ୍ୟାର ସମାଧାନ ପାଇଁ ଉଭୟ ମିଳିତ ଭାବେ କାମ କରିବା ନେଇ ସମ୍ମତି ଜଣାଇଥିଲେ ।

ସେହିପରି ଶ୍ରୀ ପ୍ରଧାନ ଭିଏତନାମର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଏଚଇ ଟ୍ରାନ୍ ଟ୍ୱାନ୍ ଆନହାଙ୍କ ସହ ୮ତମ ଏସୀୟ ଶକ୍ତି ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ଅବସରରେ ଭେଟିବା ସହ ଭାରତ ଏବଂ ଭିଏତନାମ ମଧ୍ୟରେ ହାଇଡ୍ରୋକାର୍ବନ କ୍ଷେତ୍ରରେ ସହଯୋଗ ଏବଂ ମଜବୁତ ପାଇଁ ଆଲୋଚନା କରିଥିଲେ ।


# Rates for Subscription of Journals


| S. No. | Name of the Journal | Subscription Price Per Copy Rs | Subscription for 1 Year Rs | Subscription for 2 Year Rs | Subscription for 3 Year Rs | Subscription for Special Issue Rs |
|---|---|---|---|---|---|---|
| **1.** | **Yojana*** | **22** | **230** | **430** | **610** | **30** |
| **2.** | **Kurukshetra*** | **22** | **230** | **430** | **610** | **30** |
| **3** | **Ajkal*** | **22** | **230** | **430** | **610** | **30** |
| **4.** | **Bal Bharti*** | **15** | **160** | **300** | **420** | **20** |
| **5.** | **Employment News#** | **12** | **530** | **1000** | **1400** | **NA** |


# ରିପବ୍ଲିକାନ୍ ଏଥିକ୍ 'ଭଲ୍ୟୁମ୍-୨' ଏବଂ 'ଲୋକ୍‌ତନ୍ତ୍ର କେ ସ୍ୱର (ଖଣ୍ଡ-୨)' ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କୁ ଅର୍ପଣ



*କେନ୍ଦ୍ର ପର୍ଯ୍ୟାବରଣ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର ଗତ ସେପ୍ଟେମ୍ବର ୬ ତାରିଖ ଦିନ ରାଷ୍ଟ୍ରପତି ଭବନ ଠାରେ ମାନନୀୟ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କୁ ଭେଟି ତାଙ୍କୁ 'ଦ ରିପବ୍ଲିକାନ୍ ଏଥିକ୍ (ଭଲ୍ୟୁମ୍-୨)' ଏବଂ 'ଲୋକ୍‌ତନ୍ତ୍ର କେ ସ୍ୱର (ଖଣ୍ଡ-୨)' ପୁସ୍ତକ ଅର୍ପଣ କରିଥିଲେ। ବାମ- ଶ୍ରୀ ଅମିତ୍ ଖାରେ, ସଚିବ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଡାହାଣ- ପ୍ରକାଶନ ବିଭାଗର ପ୍ରଧାନ ମହାନିର୍ଦ୍ଦେଶକ ଡକ୍ଟର ସାଧନା ରାଉତ।*

---




କେନ୍ଦ୍ର ପର୍ଯ୍ୟାବରଣ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ପ୍ରକାଶ ଜାଭାଡେକର ଗତ ସେପ୍ଟେମ୍ବର ୬ ତାରିଖ ଦିନ ରାଷ୍ଟ୍ରପତି ଭବନ ଠାରେ ମାନନୀୟ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କୁ ଭେଟି ତାଙ୍କୁ 'ଦ ରିପବ୍ଲିକାନ୍ ଏଥିକ୍ (ଭଲ୍ୟୁମ୍-୨)' ଏବଂ 'ଲୋକ୍‌ତନ୍ତ୍ର କେ ସ୍ୱର (ଖଣ୍ଡ-୨)' ପୁସ୍ତକ ଦୁଇଟି ପ୍ରଦାନ କରିଥିଲେ। ସେହି ସମୟରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଅମିତ୍ ଖାରେ ଏବଂ ପ୍ରକାଶନ ବିଭାଗର ପ୍ରଧାନ ମହାନିର୍ଦ୍ଦେଶକ ଡକ୍ଟର ସାଧନା ରାଉତ ମଧ୍ୟ ଉପସ୍ଥିତ ଥିଲେ।

ସୁନ୍ଦର ଓ ସମୟବଦ୍ଧ ଭାବରେ ପୁସ୍ତକ ଦୁଇଟିର ପ୍ରକାଶନ କରିଥିବା ଯୋଗୁଁ ରାଷ୍ଟ୍ରପତି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗକୁ ସାଧୁବାଦ ଦେଇଥିଲେ। ଏହି ଅବସରରେ ଶ୍ରୀ ଜାଭାଡେକର ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ ଯେ ଏହି ପୁସ୍ତକଗୁଡ଼ିକ ଯୁବପୀଢ଼ିର ପାଠକଙ୍କ ସୁବିଧା ସକାଶେ ଆମାଜନ୍ ଏବଂ ଗୁଗଲ୍ ପ୍ଲେ ଭଳି ଇ-ପ୍ଲାଟ୍‌ଫର୍ମ ମାଧ୍ୟମରେ ଉପଲବ୍ଧ କରାଯାଉଛି।

ଏହି ପୁସ୍ତକ ଦୁଇଟି ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳର ଦ୍ୱିତୀୟ ବର୍ଷରେ ତାଙ୍କ ଦ୍ୱାରା ଦିଆଯାଇଥିବା ଅଭିଭାଷଣର ଚୟନିତ କେତେକ ଭାଷଣକୁ ନେଇ ପ୍ରସ୍ତୁତ। ଏହି ଉଭୟ ଖଣ୍ଡରେ ରାଷ୍ଟ୍ରପତିଙ୍କର ୯୫ଟି ଲେଖାଏଁ ଭାଷଣକୁ ସାମିଲ୍ କରାଯାଇଛି ଏବଂ ସେଗୁଡ଼ିକୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ଏତଦ୍‌ବ୍ୟତୀତ ଏହି ପୁସ୍ତକରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଏକ ବିଶେଷ ଅଧ୍ୟାୟ ମଧ୍ୟ ସାମିଲ୍ ହୋଇଛି। ଏହି ୮ଟି ଭାଗଗୁଡ଼ିକ ହେଉଛି- ଆଡ୍ରେସିଂ ଦ ନେସନ୍, ୱିଣ୍ଡୋଜ୍ ଅଫ୍ ଦ ୱାର୍ଲ୍ଡ, ଏଜୁକେଟିଂ ଇଣ୍ଡିଆ, ଇକ୍ୟୁଟି ଇଣ୍ଡିଆ, ଧର୍ମ ଅଫ୍ ପବ୍ଲିକ୍ ସର୍ଭିସ୍, ଅନରିଂ ଆୱାର ସେଣ୍ଟିନେଲ୍ସ, ସ୍ପିରିଟ୍ ଅଫ୍ କନ୍‌ଷ୍ଟିଚ୍ୟୁସନ ଆଣ୍ଡ୍ ଲ', 'ଆକ୍ନଲେଜିଂ ଏକ୍ସଲେନ୍ସ' ଆଦି।

ଏହି ଦୁଇଟି ପୁସ୍ତକରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ଭାଷାରେ ଭାରତର ପ୍ରଜ୍ଞା, ଅନ୍ତର୍ନିହିତ ତତ୍ତ୍ୱ, ବିବିଧତା ଓ ଆଶା ଆକାଂକ୍ଷା ଆଦି ପ୍ରତିଫଳିତ ହୋଇଛି। ମାନନୀୟ ରାଷ୍ଟ୍ରପତିଙ୍କ ଚୟନିତ ଭାଷଣ ପ୍ରକାଶିତ କରିବାର ସୌଭାଗ୍ୟ ପ୍ରକାଶନ ବିଭାଗକୁ ମିଳିଥିବାରୁ ବିଭାଗ ଏଥିପାଇଁ ଗର୍ବିତ। ପୂର୍ବରୁ ବିଭାଗ ତରଫରୁ ଏହି ଦୁଇଟି ପୁସ୍ତକର ପ୍ରଥମ ଖଣ୍ଡ ପ୍ରକାଶିତ କରାଯାଇସାରିଛି।

ପୁସ୍ତକ ଦୁଇଟି ବୁକ୍ ଗ୍ୟାଲେରୀ, ପ୍ରକାଶନ ବିଭାଗ, ସୂଚନା ଭବନ, ସିଜିଓ କମ୍ପ୍ଲେକ୍ସ, ନୂଆଦିଲ୍ଲୀ ଏବଂ ଅନ୍‌ଲାଇନ୍ ମାଧ୍ୟମ ଯଥା- www.publicationsdivision.nic.in ଏବଂ www.bharatkosh.gov.inରେ ଉପଲବ୍ଧ। ଆଉ ମଧ୍ୟ ଏହି ପୁସ୍ତକଗୁଡ଼ିକର ଇ-ସଂସ୍କରଣ ଆମାଜନ୍ ଏବଂ ଗୁଗଲ୍ ପ୍ଲେରେ ଉପଲବ୍ଧ।

YOJANA (Odia) : Monthly | October 2019 | RNI No. 57203/93

ISSN 0971-8346 | Total Number of Pages (76)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ। ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ।

## ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା

## "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

## ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Pirincipal Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: M/s MGK Printing Works Pvt. Ltd. MGK House, 14, Rama Road, Nazafgarh Road Industrial Area, New Delhi-110015 Editor : Dr. Girish Chandra Dash